# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୨/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, February 12/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 80 | ମୂଲ୍ୟ₹୭/-




## ଅନିମେଶଙ୍କୁ ୨୦୦ ମିଟରରେ ସ୍ୱର୍ଣ୍ଣ

ଓଡ଼ିଶା ସ୍ପ୍ରିଣ୍ଟର ଅନିମେଶ କୁଜୁର ଜାତୀୟ କ୍ରୀଡ଼ା ପୁରୁଷ ୨୦୦ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୪

୦୨

## ଆଇଏଏସ୍ ଅଫିସର ହେବାକୁ ଚାହୁଁଥିଲେ ୟାମି

ଛାତ୍ରୀ ଥିବା ସମୟରେ ଆଇଏଏସ୍ ଅଧିକାରୀ ହେବାକୁ ସ୍ୱପ୍ନ ଦେଖିଥିଲେ ବୋଲି ଏକ ସାକ୍ଷାତ୍କାରରେ ଅଭିନେତ୍ରୀ ୟାମି ଗୌତମ କହିଛନ୍ତି।



## ଭକ୍ତ ଦାସ ଓଡ଼ିଶା ପିସିସି ସଭାପତି



ଭୁବନେଶ୍ୱର,୧୧।୨(ସୁନୀତ୍ ମିଶ୍ର)

ଦୀର୍ଘଦିନର ଅପେକ୍ଷା ପରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସଙ୍କୁ ନିଯୁକ୍ତି ମିଳିଛି। ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅନୁମୋଦନ କ୍ରମେ ମଙ୍ଗଳବାର ଭକ୍ତଙ୍କୁ ସଭାପତି କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୪ ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏଆଇସିସି ପକ୍ଷରୁ କଂଗ୍ରେସର ସବୁ କମିଟିକୁ ରଦ୍ଦ କରି ଦିଆଯାଇଥିଲା। ଏହାସହ ସଭାପତି ପଦରୁ ଶରତ ପଟ୍ଟନାୟକଙ୍କୁ ମଧ୍ୟ କଢ଼ାଯାଇଥିଲା। ଏହାପରଠାରୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

୮୦+୧୪

# କୋଟା: ମରୁଛନ୍ତି ପିଲା ପରେ ପିଲା

କୋଟା,୧୧।୨

ଦେଶର ଅନ୍ୟତମ ଶିକ୍ଷା ନଗରୀ ଭାବେ ପରିଚିତ ରାଜସ୍ଥାନର କୋଟାରେ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍ଇଇଟି) ପାଇଁ ପ୍ରସ୍ତୁତ ହେଉଥିବା ଜଣେ ୧୮ ବର୍ଷୀୟ ଛାତ୍ର ମଙ୍ଗଳବାର ନିଜ ହଷ୍ଟେଲ ରୁମ୍ରେ ଆତ୍ମହତ୍ୟା କରିଛନ୍ତି। ସୱାଇ ମାଧୋପୁର ଜିଲାର ଛାତ୍ର ଅଙ୍କୁଶ ମୀନା ଏଭଳି ଚରମ ନିଷ୍ପତ୍ତି ନେବା ପୂର୍ବରୁ କୌଣସି ସୁଇସାଇଡ୍ ନୋଟ ଛାଡ଼ିଯାଇ ନ ଥିଲେ ମଧ୍ୟ ପ୍ରେମ ବ୍ୟାପାରରୁ ସେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଚଳିତବର୍ଷ କୋଟାରେ ଏହା ହେଉଛି ସପ୍ତମ ଛାତ୍ରଙ୍କ ଆତ୍ମହତ୍ୟା। ଏହା ପୂର୍ବରୁ ୧୭ ଜାନୁଆରୀରେ ମୟୂରଭଞ୍ଜ ଜିଲାର ଅଭିଜିତ ନାମକ ଜଣେ ଛାତ୍ର ହଷ୍ଟେଲ ରୁମ୍ ଫ୍ୟାନ୍ରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ମେଡିକାଲ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଜଣେ ପରେ ଜଣେ ଛାତ୍ରୀଛାତ୍ର ପାଠପଢ଼ା ଚାପ ଯୋଗୁ ମରୁଛନ୍ତି। ଏହି କ୍ରମରେ ୨୦୨୩ରେ ୧୭ ଏବଂ ୨୦୨୪ରେ ୨୩ ଜଣ ଛାତ୍ରୀଛାତ୍ର କୋଟାରେ ଆତ୍ମହତ୍ୟା କରିଥିଲେ। ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ଯୋଗୁ ପାଠ୍ୟକ୍ରମ ଚାପ ଓ ଉତ୍ତୀର୍ଣ୍ଣ ନ ହେବାର ଆଶଙ୍କାରେ କୋଚିଂ ସେଣ୍ଟରଗୁଡ଼ିକରେ ପଢୁଥିବା ପିଲାଙ୍କ ମଧ୍ୟରେ ଏଭଳି ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇବା ଦେଶର ଶୈକ୍ଷିକ ବିବେକକୁ ଦୋହଲାଇ ଦେଉଛି।

କୋଟାର କୋଚିଂ ସେଣ୍ଟରଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ଥମୁନାହିଁ, ବରଂ ଲମ୍ବି ଚାଲିଛି। ସବୁ ପିଲାଙ୍କ ପରି ଅଙ୍କୁଶ ମୀନାଙ୍କ ସ୍ୱପ୍ନ ଥିଲା ଅନେକ। ଭଲ ପାଠ ପଢ଼ି ଏକ ସୁରକ୍ଷିତ ଭବିଷ୍ୟତ ଗଢ଼ିବା ପାଇଁ ସେ ରାଜସ୍ଥାନ କୋଟାର ଏକ କୋଚିଂ ସେଣ୍ଟରରେ ଏନ୍ଇଇଟି ସକାଶେ ପ୍ରସ୍ତୁତି ଚଳାଇଥିଲେ। କିନ୍ତୁ ମଙ୍ଗଳବାର ସକାଳେ ପ୍ରତାପନଗରସ୍ଥିତ ହଷ୍ଟେଲ ରୁମ୍ରୁ ଅଙ୍କୁଶଙ୍କ ମୃତଦେହ ମିଳିବା ପରେ ତାଙ୍କ ମା'ବାପାଙ୍କ ସ୍ୱପ୍ନ ଧୂଳିସାତ୍ ହୋଇଯାଇଛି। ସେହି ଅଞ୍ଚଳରେ ରହୁଥିବା ଅଙ୍କୁଶଙ୍କ ଜଣେ ସମ୍ପର୍କୀୟ ଭାଇ ତାଙ୍କ ହଷ୍ଟେଲକୁ ଯାଇ ପଙ୍ଖାରେ ମୃତଦେହ ଝୁଲୁଥିବା ଦେଖିବାକୁ ପାଇବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଅଙ୍କୁଶ ପ୍ରେମ ବ୍ୟାପାର ଯୋଗୁ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଅନ୍ୟପକ୍ଷେ ପରିବାର ଲୋକେ ଅଙ୍କୁଶଙ୍କ କୌଣସି ଝିଅ ସହ ସମ୍ପର୍କ ବିଷୟକୁ ଖଣ୍ଡନ କରିଛନ୍ତି। ପ୍ରକାଶ ଯେ, ୪୨ ଦିନ ଭିତରେ ଏହା ହେଉଛି ସପ୍ତମ ଆତ୍ମହତ୍ୟା। ଏହା ପୂର୍ବରୁ ଗତ ଜାନୁଆରୀ ୭ରେ ଜେଇଇ ପାଇଁ ପ୍ରସ୍ତୁତ ହେଉଥିବା ହରିୟାଣା ମହେନ୍ଦ୍ରଗଡ଼ର ନୀରଜ ଜାଟ ନିଜ ହଷ୍ଟେଲ ରୁମ୍ ପଙ୍ଖାରେ ଝୁଲି ପଡ଼ିଥିଲେ। ଏହାର ଦିନକ ପରେ ମଧ୍ୟପ୍ରଦେଶ ଗୁନାର ଛାତ୍ର ଅଭିଷେକ ଅନୁରୂପ ଭାବେ ଆତ୍ମହତ୍ୟା କରିଥିଲେ। ସେହିମାସ ୧୬ ତାରିଖରେ ମୟୂରଭଞ୍ଜର ମେଧାବୀ ଛାତ୍ର ଅଭିଜିତ ଗିରି ଆତ୍ମହତ୍ୟା କରିଥିଲେ। ଏହାର ଦିନକ ପରେ ରାଜସ୍ଥାନ ବୁନ୍ଦିର ଜଣେ ଛାତ୍ର କୋଟାର ଏକ ହଷ୍ଟେଲ ରୁମ୍ ଝରକାରୁ ଡେଇଁ ଜୀବନ ହାରିଥିଲେ। ୨୨ ତାରିଖରେ ଏନ୍ଇଇଟି ପାଇଁ ପ୍ରସ୍ତୁତ ହେଉଥିବା ଗୁଜରାଟ ଅହମଦାବାଦର ଜଣେ ଛାତ୍ର ହଷ୍ଟେଲ ରୁମ୍ରେ ଆତ୍ମହତ୍ୟା କରିଥିଲେ। ବାରମ୍ବାର ଏଭଳି ଘଟଣା ଘଟିଚାଲିଥିଲେ ହେଁ ପୋଲିସ ପ୍ରଶାସନ ହଷ୍ଟେଲଗୁଡ଼ିକରେ ଉପଯୁକ୍ତ ମାପଦଣ୍ଡର ଅନୁପାଳନ ଯାଞ୍ଚ କରୁ ନ ଥିବା ଅଭିଯୋଗ ହେଉଛି।

### ୪୨ ଦିନରେ ୭ମ ଆତ୍ମହତ୍ୟା



## ପ୍ରକାଶ ପାଇଲା ଜେଇଇ ମେନ୍ ରେଜଲ୍ଟ ସେସନ-୧

### ୨୬ତମ ସ୍ଥାନରେ ଓଡ଼ିଶାର ନବନୀତ ପ୍ରିୟଦର୍ଶୀ

ଭୁବନେଶ୍ୱର,୧୧।୨(ସୁଚିସ୍ମିତା ସାହୁ)

ଜାତୀୟ ଟେଷ୍ଟିଂ ଏଜେନ୍ସି (ଏନ୍ଟିଏ) ପକ୍ଷରୁ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ମେନ୍-୨୦୨୫ ପ୍ରଥମ ସେସନ୍ର ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ୧୪ ଜଣ ଛାତ୍ରୀଛାତ୍ର ଶତପ୍ରତିଶତ ମାର୍କ ରଖିଛନ୍ତି। ସେମାନଙ୍କ ମଧ୍ୟରେ ୧୩ ପୁଅ ଓ ଜଣେ ଝିଅ ରହିଛନ୍ତି। ରାଜସ୍ଥାନର ଆୟୁଷ ସିଂଘଲ ପ୍ରଥମ, କର୍ନାଟକର କୁଶାଗ୍ର ଗୁପ୍ତା ଦ୍ୱିତୀୟ ଏବଂ ଦିଲ୍ଲୀର ଦକ୍ଷ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଶତପ୍ରତିଶତ ମାର୍କ ପାଇଥିବା ୧୪ଜଣଙ୍କ ମଧ୍ୟରେ ☞ପୃଷ୍ଠା-୪



ନବନୀତ ପ୍ରିୟଦର୍ଶୀ


SIKSHA 'O' ANUSANDHAN

SAAT-2025

Empowering students for a brighter future

EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in







## ଝିଅ ଜନ୍ମ ହେଲେ ମିଳିବ ୧୨ ହଜାର, ପୁଅ ପାଇଁ ୧୦ ହଜାର

ଭୁବନେଶ୍ୱର,୧୧।୨ (ଅନୁରାଧା ମହାରଣା)

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମମତା ଯୋଜନା ସହିତ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ଏଣିକି ମିଳିତ ଭାବେ କାର୍ଯ୍ୟକାରୀ କରାଯିବ। ଏଥିରେ କନ୍ୟା ସନ୍ତାନ ଜନ୍ମ ପାଇଁ ଗର୍ଭବତୀମାନଙ୍କୁ ଅଧିକ ୨ ହଜାର ଟଙ୍କା ପ୍ରଦାନ କରାଯିବ। ଗର୍ଭବତୀ, ପ୍ରସୂତି ମହିଳାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ତଥା କନ୍ୟା ସନ୍ତାନ ଜନ୍ମକୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ଯୋଜନାରେ ପୁତ୍ର ସନ୍ତାନ ଜନ୍ମ କ୍ଷେତ୍ରରେ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ତେବେ କନ୍ୟା ସନ୍ତାନ ☞ପୃଷ୍ଠା-୪

## ସର୍ବୋଚ୍ଚ ସ୍ତରରେ ସୁନାଦର

| କ୍ୟାରେଟ୍ | ଟଙ୍କା |
|---|---|
| ୨୪ | ୮୭,୨୯୦ |
| ୨୨ | ୮୦,୧୦୦ |

ଭୁବନେଶ୍ୱର,୧୧।୨(ଅଭୟ ଦାଶ)

କ୍ରମାଗତ ଭାବେ ଓଡ଼ିଶା ବଜାରରେ ସୁନା ଦର ବଢ଼ି ଚାଲିଥିଲାବେଳେ ରୁପା ଦର ଓ ଅନ୍ୟାନ୍ୟ ମୂଲ୍ୟବାନ୍ ଧାତୁର ଦର ମଧ୍ୟ ସମ ପରିମାଣରେ ବୃଦ୍ଧି ଘଟି ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଗୋଟିଏ ପଟରେ ଦର ବୃଦ୍ଧି ଯୋଗୁ ବ୍ୟବସାୟ ମାନ୍ଦା ରହିଥିଲାବେଳେ ଅପରପକ୍ଷରେ ବିବାହ ଓ ଅନ୍ୟାନ୍ୟ ଶୁଭକାର୍ଯ୍ୟ ପାଇଁ ସବୁବର୍ଗର ଗ୍ରାହକ ଅତିରିକ୍ତ ଖର୍ଚ୍ଚାନ୍ତ ସହ ଉଚ୍ଚା ଦରରେ ସୁନା ଓ ଅନ୍ୟାନ୍ୟ ମୂଲ୍ୟବାନ୍ ଧାତୁ କ୍ରୟ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ଭୁବନେଶ୍ୱରରେ ପ୍ରତି ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୮୭,୨୯୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ୮୦,୧୦୦ ☞ପୃଷ୍ଠା-୪




## ସଂକ୍ଷେପରେ

### ଦୁର୍ଘଟଣାରେ ମହାକୁମ୍ଭରୁ ଫେରୁଥିବା ୯ ଜଣଙ୍କ ମୃତ୍ୟୁ

ଜବଲପୁର, ୧୧।୨

ମଧ୍ୟପ୍ରଦେଶର ଜବଲପୁର ଏବଂ ମୈହାର ଜିଲାରେ ୨ଟି ପୃଥକ ସଡ଼କ ଦୁର୍ଘଟଣା ଘଟି ୯ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୭ ଜଣ ଆହତ ହୋଇଛନ୍ତି। ମଙ୍ଗଳବାର ସକାଳେ ଜବଲପୁର ଜିଲା ସିହୋରା ନିକଟରେ ଏକ ଟ୍ରକ୍ ଗୋଟିଏ ମିନି ବସ୍‌କୁ ଧକ୍କା ଦେଇଥିଲା। ଉକ୍ତ ମିନି ବସ୍‌ରେ ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରୁ ଆନ୍ଧ୍ରପ୍ରଦେଶର କେତେଜଣ ଯାତ୍ରୀ ଫେରୁଥିଲେ। ଘଟଣାସ୍ଥଳରେ ୭ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଯାଇଥିବା ଜବଲପୁର ଜିଲାପାଳ ଦୀପକ କୁମାର ସକ୍ସେନା କହିଛନ୍ତି। ସେହିପରି ୨ ଆହତଙ୍କୁ ଉଦ୍ଧାର କରାଯାଇ ଜବଲପୁର ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ସେହିପରି ମୈହାର ଜିଲା କାଞ୍ଚନପୁର ଗ୍ରାମ ନିକଟ ଜାତୀୟ ରାଜପଥ-୩୦ରେ ୨ଟି କାର୍ ମଧ୍ୟରେ ଧକ୍କା ଘଟି ମହାକୁମ୍ଭରୁ ଫେରୁଥିବା ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଆହତ ହୋଇଛନ୍ତି।

### ଦଳାଚକଟା ମୃତ୍ୟୁର ଚୂଡ଼ାନ୍ତ ସଂଖ୍ୟା ପ୍ରକାଶ କରାଯାଉ ନାହିଁ କାହିଁକି

**ଲୋକ ସଭାରେ ପ୍ରଶ୍ନ ଉଠାଇଲେ ଅଖିଳେଶ**

ନୂଆଦିଲ୍ଲୀ,୧୧।୨(ପି.ଟି.)

ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ପରିଚାଳନାଗତ ତ୍ରୁଟିକୁ ନେଇ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ମଙ୍ଗଳବାର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଡିଜିଟାଇଜେଶନ ନେଇ ସରକାର ଜୋର୍‌ଦାର ପ୍ରଚାର କରୁଥିବାବେଳେ କୁମ୍ଭମେଳା ଦଳାଚକଟା ମୃତ୍ୟୁର ଚୂଡ଼ାନ୍ତ ସଂଖ୍ୟା ପ୍ରକାଶ କରାଯାଉ ନାହିଁ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଉତ୍ତରପ୍ରଦେଶ ସରକାରଙ୍କୁ ଏଥିପାଇଁ କନୌଜ ଏମ୍‌ପି କଡ଼ା ସମାଲୋଚନା କରିବା ସହ ଡବଲ ଇଞ୍ଜିନ୍ ସରକାର ଡବଲ ଭୁଲ୍ କରୁଥିବା କହିଛନ୍ତି। ପ୍ରଥମ ଥର ପାଇଁ କୁମ୍ଭମେଳା ଶ୍ରଦ୍ଧାଳୁମାନେ ୩୦୦ କିଲୋମିଟର ଦୀର୍ଘ ଟ୍ରାଫିକ୍ ଜାମ୍‌ରେ ଫସିଯିବା, ସୀମାଗୁଡ଼ିକ ବନ୍ଦ କରିଦିଆଯିବା, 'ବିକଶିତ ଭାରତ'ର ଛବି କି ବୋଲି ଅଖିଳେଶ ପ୍ରଶ୍ନ କରଛନ୍ତି। ପୃଥିବୀରେ ସମସ୍ୟାଗୁଡ଼ିକର ସମାଧାନ କରିପାରୁ ନ ଥିବାବେଳେ ଚନ୍ଦ୍ରକୁ ଯିବାର ମାନେ କ'ଣ ବୋଲି ସେ ସରକାରଙ୍କୁ ପଚାରିଛନ୍ତି। କୁମ୍ଭମେଳାର ଡିଜିଟାଇଜେଶନ ସମ୍ପର୍କରେ ବହୁସଂଖ୍ୟାରେ ବିଜ୍ଞାପନ ଦିଆଯାଇଥିଲା। ଏହି ମେଳା ଉପରେ ନଜର ରଖିବା ଡ୍ରୋନ୍ ନିୟୋଜିତ ହୋଇଥିଲା। ତେବେ କୁମ୍ଭମେଳାରେ ମରିଥିବା ଓ ନିଖୋଜ ହୋଇଥିବା ଲୋକଙ୍କ ସଂଖ୍ୟା ଦେବାକୁ ସେମାନେ ସକ୍ଷମ ହେଉନାହାନ୍ତି କାହିଁକି ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ଗତ ମାସ ୨୯ ତାରିଖ ମୌନୀ ଅମାବାସ୍ୟା ଦିନ ମହାକୁମ୍ଭ ଅମୃତ ସ୍ନାନ ବେଳେ ଦଳାଚକଟା ଘଟି ବହୁ ଲୋକଙ୍କ ମୃତ୍ୟୁ ଘଟିଥିଲା।

### ଆତଙ୍କବାଦୀ ଖଞ୍ଜିଥିବା ବୋମା ବିସ୍ଫୋରଣରେ ୨ ଯବାନଙ୍କ ମୃତ୍ୟୁ

ଶ୍ରୀନଗର,୧୧।୨

ଜମ୍ମୁ-କଶ୍ମୀରର ଅଖନୁର ସେକ୍ଟରରେ ଆତଙ୍କବାଦୀମାନେ ଖଞ୍ଜିଥବା ଆଇଇଡି ବିସ୍ଫୋରଣ ହେବାରୁ କର୍ତ୍ତବ୍ୟରତ ୨ ଯବାନଙ୍କ ମୃତ୍ୟୁ ଘଟିଛି। ସେନାର ହ୍ୱାଇଟ୍ ନାଇଟ୍ କର୍ପସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଯବାନମାନେ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ପାଟ୍ରୋଲିଂ କରୁଥିବାବେଳେ ଆଇଇଡି ବିସ୍ଫୋରଣ ହୋଇଥିଲା। ସୁରକ୍ଷା ବଳ ପକ୍ଷରୁ ଉକ୍ତ ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଛି। ସୋମବାର ରାଜୌରୀ ଜିଲା ଅନ୍ତର୍ଗତ ଏଲ୍‌ଓସିରେ ଗୁଳିମାଡ଼ ହେବାରୁ ଜଣେ ଯବାନ ଗୁରୁତର ହୋଇଥିଲେ। ଏଲ୍‌ଓସି ଅପରପାର୍ଶ୍ୱରୁ ଏହି ଗୁଳି ଆସିଥିବା ସୂଚନା ମିଳିଛି। ଗତ ୮ ତରିଖରେ କେରି ସେକ୍ଟର ଅନ୍ତର୍ଗତ ଏଲ୍‌ଓସିରେ ସେନା ପାଟ୍ରୋଲିଂ ବେଳେ ଅନୁପ୍ରବେଶ ପାଇଁ ସୁଯୋଗ ଅପେକ୍ଷାରେ ଥିବା ଆତଙ୍କବାଦୀମାନେ ଗୁଳି ଚଳାଇଥିଲେ। ସେନା ଏହାର ଜବାବ ଦେବା ସହ ସେମାନଙ୍କ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଥିଲା।

# ଇସ୍ପାତ, ଆଲୁମିନିୟମ ଟାରିଫ୍ ବଢ଼ାଇଲେ ଟ୍ରମ୍ପ

## ମୁକାବିଲା କରିବ ୟୁରୋପୀୟ ସଂଘ

ୱାଶିଂଟନ/ବ୍ରସେଲ୍ସ,୧୧।୨

ବିଦେଶରୁ ଆମଦାନୀ ହେଉଥିବା ଇସ୍ପାତ ଓ ଆଲୁମିନିୟମ୍ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଛନ୍ତି। ମାର୍ଚ୍ଚ ୧୨ରୁ ଏହି ନୂଆ ଟାରିଫ୍ ଲାଗୁ ହେବାକୁ ଯାଉଛି। ୟୁରୋପ ଏବଂ ଚାଇନାର ଚେତାବନୀ ସତ୍ତ୍ୱେ ଏହା ବାଣିଜ୍ୟ ଯୁଦ୍ଧ ବଢ଼ିବ ବୋଲି କୁହାଯାଉଛି। ଟ୍ରମ୍ପଙ୍କ ଟାରିଫ୍‌କୁ ୟୁରୋପୀୟ ସଂଘ ଦୃଢ଼ ଭାବେ ଏବଂ ଉପଯୁକ୍ତ ପଦକ୍ଷେପ ସହ ପ୍ରତିରୋଧ କରିବ ବୋଲି ପ୍ରତିଜ୍ଞା କରିଛି।

ଟ୍ରମ୍ପ୍ ସ୍ୱାକ୍ଷର କରିଥିବା ଏକ୍‌ଜିକ୍ୟୁଟିଭ୍ ଅର୍ଡର ଅନୁଯାୟୀ, ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, କାନାଡା, ମେକ୍ସିକୋ, ୟୁରୋପୀୟ ୟୁନିୟନ ଦେଶ ଏବଂ ବ୍ରିଟେନ୍‌ରୁ ଆସୁଥିବା ଆଲୁମିନିୟମ ସାମଗ୍ରୀ ଉପରେ ଅତିରିକ୍ତ ଓ ମୂଲ୍ୟ ଅନୁଯାୟୀ ଟାରିଫ୍ ଲାଗୁ ହେବ। ଉପରୋକ୍ତ ଦେଶ ସମେତ ବ୍ରାଜିଲ, ଜାପାନ ଓ ଦକ୍ଷିଣ କୋରିଆରୁ ଆସୁଥିବା



ଡୋନାଲ୍ଡ ଟ୍ରମ୍ପ୍



ଉର୍ସୁଲା ଭନ୍ ଡେର୍ ଲେୟେନ

ସମସ୍ତ ଇସ୍ପାତ ସାମଗ୍ରୀ ଉପରେ ଏହି ଅତିରିକ୍ତ ଶୁଳ୍କ ଲାଗୁ ହେବ ବୋଲି ଟ୍ରମ୍ପ୍ ଅନ୍ୟ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଆମରେିକାର ସ୍ୱାର୍ଥରକ୍ଷା ନାଁରେ ଟ୍ରମ୍ପ୍ ଗୋଟିଏ ପରେ ଗୋଟିଏ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଚାଲିଛନ୍ତି। ବିଭିନ୍ନ ଦେଶରୁ ଆମେରିକା ଆମଦାନୀ କରୁଥିବା ସାମଗ୍ରୀ ଉପରେ ଅଧିକ ଶୁଳ୍କ ଲାଗୁ ହେଲେ ରପ୍ତାନିକାରୀ ଦେଶଗୁଡ଼ିକ କ୍ଷତିଗ୍ରସ୍ତ ହେବେ। ଭାରତ ମଧ୍ୟ ଅନ୍ୟତମ ବୃହତ୍ ଲୌହ ଓ ଇସ୍ପାତ ସାମଗ୍ରୀ ରପ୍ତାନିକାରୀ ଦେଶ। ଟ୍ରମ୍ପ୍ ତାଙ୍କ ପ୍ରଥମ ପାଳି ସରକାରରେ ଏଭଳି ଟାରିଫ୍ ଲଗାଇବାରୁ ଭାରତୀୟ ରପ୍ତାନି ପ୍ରଭାବିତ ହୋଇଥିଲା। ତେଣୁ ତାଙ୍କ ନୂଆ ଟାରିଫ୍ ଭାରତ ପାଇଁ ଅଡୁଆ ସ୍ଥିତି ଉପୁଜାଇପାରେ ବୋଲି ବଜାର ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ୟୁରୋପୀୟ ସଂଘ ମୁଖ୍ୟ ଉର୍ସୁଲା ଭନ୍ ଡେର୍ ଲେୟେନ ମଙ୍ଗଳବାର କହିଛନ୍ତି, ଇସ୍ପାତ ଓ ଆଲୁମିନିୟମ୍ ଉପରେ ଆମେରିକା ଟାରିଫ୍ ଲଗାଇଲେ, ଆମେ ଚୁପ୍ ବସିବୁ ନାହିଁ। ଇୟୁର ୨୭ଟି ଦେଶ ଏହା ମୁକାବିଲା ପାଇଁ କଡ଼ା ପଦକ୍ଷେପ ନେବାକୁ ବାଧ ହେବେ। ୟୁରୋପୀୟ ସଂଘ ଏହାର ଅର୍ଥନୈତିକ ସ୍ୱାର୍ଥର ସୁରକ୍ଷା ପାଇଁ କାର୍ଯ୍ୟ କରିବ ବୋଲି ଲେୟେନ୍ କହିଛନ୍ତି। ଟାରିଫ୍ ହେଉଛି ଟିକସ, ଯାହା ବ୍ୟବସାୟ ପାଇଁ ଖରାପ ଏବଂ ଉପଭୋକ୍ତାମାନଙ୍କ ଲାଗିଆହୁରି ଖରାପ ହୋଇଥାଏ। ଇୟୁ ଉପରେ ଅଯଥା ଟାରିଫ୍‌ର ଜବାବ ଦିଆଯିବ। ଇୟୁର ସର୍ବବୃହତ୍ ଅର୍ଥନୀତି ଜର୍ମାନୀର ଚାନ୍‌ସେଲର ଓଲଫ୍ ସ୍କୋଲ୍‌ଜ ପାର୍ଲାମେଣ୍ଟରେ କହିଛନ୍ତି, ଯଦି ଆମେରିକା ଆମ ପାଇଁ ଅନ୍ୟ କୌଣସି ବିକଳ୍ପ ନ ଛାଡ଼େ ତେବେ ସଂଘ ମିଳିତ ଭାବେ ପଦକ୍ଷେପ ନେବ। ଶେଷରେ ବାଣିଜ୍ୟ ଯୁଦ୍ଧ ସବୁବେଳେ ଉଭୟ ପକ୍ଷର କ୍ଷତି କରିବ ବୋଲି ସେ ମତ ଦେଇଛନ୍ତି। ୨୦୧୮ରେ ଟ୍ରମ୍ପ୍ ଇସ୍ପାତ ଉପରେ ଟାରିଫ୍ ଲାଗୁ କରିବାରୁ ଇୟୁ ଆମେରିକା ନିର୍ମିତ ମୋଟରସାଇକେଲ, ବୋର୍‌ବନ୍, ପିନଟ୍ ବଟର ଏବଂ ଜିନ୍ସ ଆଦି ବିଭିନ୍ନ ସାମଗ୍ରୀ ଉପରେ ଅନୁରୂପ ଟାରିଫ୍ ଲାଗୁ କରିଥିଲା। ଇୟୁ କମିଶନ୍‌ର ଉପାଧ୍ୟକ୍ଷ ମାରୋସ୍ ସେଫ୍‌କୋଭିକ୍ କହିଛନ୍ତି, ଟାରିଫ୍ ହେଉଛି ଅର୍ଥନୈତିକ ଦୃଷ୍ଟିରୁ ଉତ୍ପାଦନ ବିରୋଧୀ। ଆମେ ଆମ କର୍ମଚାରୀ, ବ୍ୟବସାୟ ଏବଂ ଉପଭୋକ୍ତାମାନଙ୍କ ସୁରକ୍ଷା କରିବୁ ବୋଲି ସେଫ୍‌କୋଭିକ୍ କହିଛନ୍ତି।

ସୂଚନାଯୋଗ୍ୟ, ମେକ୍ସିକୋ, କାନାଡା, ଚାଇନା ସାମଗ୍ରୀ ଉପରେ ଟ୍ରମ୍ପ୍ ଉଚ୍ଚ ଟାରିଫ୍ ଘୋଷଣା କରିଥିଲେ। ମେକ୍ସିକୋ ଓ କାନାଡା ସୀମାରେ ସୁରକ୍ଷା କଡ଼ାକଡ଼ି କରିବା ସହ ଅନୁପ୍ରବେଶ ଓ ବେଆଇନ ଡ୍ରଗ୍ସ ଚାଲାଣ ବନ୍ଦ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଟ୍ରମ୍ପ୍ ପ୍ରଶାସନ ଟାରିଫ୍ ନିଷ୍ପତ୍ତିକୁ ମାସକ ପାଇଁ ସ୍ଥଗିତ ରଖିଛି। ଅନ୍ୟପକ୍ଷରେ ଚାଇନା ଟ୍ରମ୍ପଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଛି।

### ଇଭିଏମ୍ ଯାଞ୍ଚ ଆବେଦନ ଉପରେ ଇସିଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ତଥ୍ୟ ନ ହଟାଇବାକୁ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୧୧।୨

ଭୋଟ ଶେଷ ହେବା ପରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର କ'ଣ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ବାଚନ କମିଶନ (ଇସି)ଙ୍କୁ ଜବାବ ମାଗିଛନ୍ତି। ଭୋଟଗଣତି ଶେଷ ହେବା ପରେ ମଧ୍ୟ ମେଶିନ୍‌ରୁ ତଥ୍ୟ ଲିଭା ନ ଯିବାକୁ ହୋଇଥିବା ଏକ ଆବେଦନ ଉପରେ ସର୍ବୋଚ୍ଚ ଅଦାଲତ ଉପରୋକ୍ତ ଜବାବ ମାଗିବା ସହ ଇଭିଏମ୍‌ରୁ ବର୍ତ୍ତମାନ ପାଇଁ କୌଣସି ତଥ୍ୟ ନ ହଟାଇବା କିମ୍ବା ପୁନର୍ବାର ନ ଭରିବା ପାଇଁ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଇସିଙ୍କୁ କହିଛନ୍ତି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ ଇଭିଏମ୍‌ର ବର୍ନଟ୍ ମେମୋରି ଏବଂ ସିମ୍ବଲ ଲୋଡିଂ ୟୁନିଟ୍ ଯାଞ୍ଚ ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲା।



ମହାକୁମ୍ଭ ଅବସରରେ ମାଘ ପୂର୍ଣ୍ଣିମା ପୂର୍ବ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବା ପରେ ପୂଜାର୍ଚ୍ଚନା କରୁଛନ୍ତି।

## ବ୍ରିଟେନ୍ ଟାର୍ଗେଟରେ ଭାରତୀୟ ରେଷ୍ଟୁରାଣ୍ଟ

**ଗିରଫ ହେଲେଣି ବହୁ ବେଆଇନ ଆପ୍ରବାସୀ**

ନୂଆଦିଲ୍ଲୀ,୧୧।୨(ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ଦେଶରୁ ବେଆଇନ ଆପ୍ରବାସୀଙ୍କୁ ବିଦା କରିବା ପାଇଁ କଠୋର ପଦକ୍ଷେପ ନେଇଥିବାବେଳେ ବ୍ରିଟେନ ଏବେ ଅନୁରୂପ ପଦକ୍ଷେପ ଗ୍ରହଣ କରିଛି। ସେଠାରେ ଥିବା ଅନେକ ଭାରତୀୟ ରେଷ୍ଟୁରାଣ୍ଟକୁ ଟାର୍ଗେଟ କରାଯାଇ ଜୋର୍‌ଦାର ଚଢ଼ାଉ ହେଉଛି। ଜାନୁଆରୀ ମାସରୁ ବ୍ରିଟେନ୍‌ର ଲେବର ପାର୍ଟି ସରକାର ଦେଶରେ ବେଆଇନ ଭାବେ ରହି କାର୍ଯ୍ୟ କରୁଥିବା ବିଦେଶୀମାନଙ୍କୁ ବିଦା କରିବା ପାଇଁ ଚଢ଼ାଉ ଜାରି ରଖିଛନ୍ତି। ନୂଆ ସରକାର ଆସିବା ପରେ ବର୍ତ୍ତମାନ ସୁଦ୍ଧା ସେଠାରୁ ପ୍ରାୟ ୧୯,୦୦୦ ବିଦେଶୀ ଅପରାଧୀ ଏବଂ ବେଆଇନ ପ୍ରବାସୀ ବିତାଡ଼ିତ ହେଲେଣି। ଆପ୍ରବାସୀ ଶ୍ରମିକମାନେ କାର୍ଯ୍ୟ କରୁଥିବା ଭାରତୀୟ ରେଷ୍ଟୁରାଣ୍ଟ, ନେଲ୍ ବାର୍, ସୁଲଭ ଦୋକାନ ଏବଂ କାର୍ ୱାଶ୍‌ଗୁଡ଼ିକରେ ଚଢ଼ାଉ ହେଉଛି। ବ୍ରିଟିଶ ଗୃହ ସଚିବ ବ୍ୟକ୍ତିଗତ ଭାବେ ଏହି କାର୍ଯ୍ୟାନୁଷ୍ଠାନକୁ ଅନୁଧ୍ୟାନ କରୁଛନ୍ତି। ଜାନୁଆରୀରେ ସର୍ବାଧିକ ୮୨୮ଟି ସ୍ଥାନରେ ଚଢ଼ାଉ ହୋଇଛି, ଯାହାକି ପୂର୍ବବର୍ଷ ଜାନୁଆରୀ ତୁଳନାରେ ୪୮ ପ୍ରତିଶତ ଅଧିକ। ଚଢ଼ାଉ ବେଳେ ୬୦୯ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଲୋକମାନେ ଚ୍ୟାନେଲ ଅତିକ୍ରମ କରି ଏବଂ ଏକାଧିକ ରାସ୍ତା ବଦଳାଇ ବ୍ରିଟେନରେ ପ୍ରବେଶ କରିଥିଲେ। କେତେଜଣଙ୍କର ବୈଧ ଭିଜା ସମୟ ଅତିକ୍ରମ କରିବା ପରେ ମଧ୍ୟ ସେମାନେ ବ୍ରିଟେନରେ ରହିଯାଇଥିଲେ। ଉତ୍ତର ଲଣ୍ଡନ୍‌ର ହମ୍ବେରସାଇଡ୍‌ସ୍ଥିତ ଭାରତୀୟ ରେଷ୍ଟୁରାଣ୍ଟରେ ଚଢ଼ାଉ କରାଯାଇ ୭ ଜଣଙ୍କୁ ଗିରଫ କରାଯିବା ସହ ୪ ଜଣଙ୍କୁ ଅଟକ ରଖାଯାଇଛି।

## ଏଆଇରେ ସ୍ୱଚ୍ଛତା ବଢ଼ାଇବା ପାଇଁ ବୈଶ୍ୱିକ ଢାଞ୍ଚା ପ୍ରସ୍ତୁତ ହେଉ: ମୋଦି

ପ୍ୟାରିସ୍,୧୧।୨(ପି.ଟି.)

ମୁକ୍ତ ଉତ୍ସ ଆଧାରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପାଇଁ ଏକ ବୈଶ୍ୱିକ ଢାଞ୍ଚା ପ୍ରସ୍ତୁତ କରିବା ଦିଗରେ ସାମୂହିକ ଉଦ୍ୟମ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାବି କରିଛନ୍ତି। ଏହା ଏଆଇରେ ବିଶ୍ୱାସ ଏବଂ ସ୍ୱଚ୍ଛତା ବଢ଼ାଇବା ସହ ଏହାକୁ ପକ୍ଷପାତ ମୁକ୍ତ କରିବ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁଙ୍କ ସହ ଏକାଠି ଏଆଇ ଆକ୍ସନ ସମିଟ୍‌ରେ ଅଧ୍ୟକ୍ଷତା କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ଏଆଇ ସଂଗଠିତ ସମାଜ, ଅର୍ଥନୀତି, ସୁରକ୍ଷାରେ ପରିବର୍ତ୍ତନ ଆଣିବା ସହ ଚଳିତ ଶତାବ୍ଦୀରେ ମାନବତା ପାଇଁ ସଂହିତା ଲେଖୁଛି। ଆମର ମିଳିତ ମୂଲ୍ୟବୋଧକୁ କାଏମ ରଖିବା ସହ ଆଶଙ୍କା ଦୂର କରିବା ଏବଂ ବିଶ୍ୱାସ ବଢ଼ାଇବା ପାଇଁ



ନରେନ୍ଦ୍ର ମୋଦି

ନିୟମାବଳୀ ଓ ଗୁଣବତ୍ତା ପ୍ରତିଷ୍ଠା ଦିଗରେ ସାମୂହିକ ବୈଶ୍ୱିକ ଉଦ୍ୟମ ଆବଶ୍ୟକ।

ଲୋକଙ୍କ ଦୈନନ୍ଦିନ ଜୀବନରେ କୃତ୍ରିମ ବୁଦ୍ଧିମତ୍ତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହାର ସୁବିଧା ସମସ୍ତଙ୍କ ପାଖରେ ବିଶେଷ କରି ଗ୍ଲୋବାଲ ସାଉଥ୍ ପାଖରେ ପହଞ୍ଚିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏଆଇରେ ପକ୍ଷପାତିକୁ ନେଇ ସେ ସତର୍କ କରାଇଦେବା ସହ ଏହା ଦ୍ୱାରା ନିଯୁକ୍ତି ହ୍ରାସ ପାଉଥିବାରୁ ଏହାକୁ କିପରି ମୁକାବିଲା କରାଯିବ, ତାହା ଉପରେ ମୋଦି ଗୁରୁତ୍ୱାରୋପ କରିଛନ୍ତି।

# ରଣବୀର, ସମୟଙ୍କୁ ଏନ୍‌ସିଡବ୍ଲ୍ୟୁ ସମନ

ନୂଆଦିଲ୍ଲୀ/ମୁମ୍ବାଇ, ୧୧।୨

ୟୁଟ୍ୟୁବ୍ ରିଆଲିଟି ଶୋ' 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ର ଏକ ଏପିଶୋଡ୍‌ରେ ଲୋକପ୍ରିୟ ୟୁଟ୍ୟୁବର୍ ରଣବୀର ଆହ୍ଲାବାଦିଆ ଗେଷ୍ଟ ପାନେଲିଷ୍ଟ ଭାବେ ଯୋଗଦେଇ ମା'ବାପାଙ୍କୁ ନେଇ ଅଶ୍ଳୀଳ ମନ୍ତବ୍ୟ ଦେଇଥିଲେ, ଯାହାକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଘଟଣାକୁ ନେଇ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ରଣବୀର ଏବଂ ଷ୍ଟାଣ୍ଡଅପ୍ କମେଡିଆନ ସମୟ ରୈନାଙ୍କ ସହ 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ' ଶୋ' ସହ ଜଡ଼ିତ ଅନ୍ୟମାନଙ୍କୁ ମଙ୍ଗଳବାର ସମନ ଜାରି କରିଛି। ଶୁଣାଣି ପାଇଁ ଆସନ୍ତା ୧୭ରେ ନୂଆଦିଲ୍ଲୀସ୍ଥିତ ଏନ୍‌ସିଡବ୍ଲ୍ୟୁ କାର୍ଯ୍ୟାଳୟରେ ହାଜର ହେବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ନିର୍ଦ୍ଦେଶ ପରେ 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ' ଶୋ'ରେ ରଣବୀର ଗେଷ୍ଟ ପାନେଲିଷ୍ଟ ଭାବେ ଯୋଗ ଦେଇଥିବା ସମ୍ପୂର୍ଣ୍ଣ ଏପିଶୋଡ୍‌କୁ ମଙ୍ଗଳବାର ୟୁଟ୍ୟୁବ୍ ହଟାଇ ଦେଇଛି। ସୋମବାର ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ସଦସ୍ୟ ପ୍ରିୟଙ୍କ କାନୁନଗୋ ଉକ୍ତ ବିବାଦୀୟ ଭିଡିଓକୁ ସମ୍ପୂର୍ଣ୍ଣ ଭାବେ ହଟାଇବା ପାଇଁ ୟୁଟ୍ୟୁବ୍‌କୁ ଅନୁରୋଧ କରିଥିଲେ।

ଅନ୍ୟପକ୍ଷରେ ରଣବୀରଙ୍କ ଅଶ୍ଳୀଳ ମନ୍ତବ୍ୟ ମାମଲା ମଙ୍ଗଳବାର ସଂସଦରେ ପହଞ୍ଚିଛି। ସଂସଦରେ ଅନେକ ଏମ୍‌ପି ରଣବୀରଙ୍କୁ ସମାଲୋଚନା କରିଛନ୍ତି। ତେଣୁ ଏମ୍‌ପିମାନଙ୍କ ଅଭିଯୋଗ ଆଧାରରେ ରଣବୀରଙ୍କୁ ସମନ ଜାରି କରିବା ପାଇଁ ସଂସଦୀୟ ଆଇଟି ପାନେଲ ଚିନ୍ତା କରୁଛି। ଏହି ବିବାଦ ସମ୍ବନ୍ଧିତ କିଛି ପ୍ରଶ୍ନର ଉତ୍ତର ରଖିବା ପାଇଁ ସୂଚନା ଓ ପ୍ରଯୁକ୍ତିବିଦ୍ୟାକୁ ନେଇ ଗଠିତ ସଂସଦୀୟ ପାନେଲ ଖବ୍‌ଶୀଘ୍ର ରଣବୀରଙ୍କୁ ସମନ ପଠାଇପାରେ। ଘଟଣାକୁ ନେଇ ଅଧିକ ତଦନ୍ତ ପାଇଁ ମୁମ୍ବାଇ ପୋଲିସର ଏକ ଟିମ୍ ମଙ୍ଗଳବାର ରଣବୀରଙ୍କ ଘରେ ପହଞ୍ଚିଛି। ପ୍ରକାଶ ଯେ, ସୋମବାର ମହାରାଷ୍ଟ୍ର ମହିଳା କମିଶନଙ୍କ ଅଭିଯୋଗ ଆଧାରରେ ମୁମ୍ବାଇ ପୋଲିସ ରଣବୀର ଓ ସମୟଙ୍କ ସମେତ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଅପୂର୍ବା ମୁଖିଜା ଏବଂ 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ର ଆୟୋଜକଙ୍କ ବିରୋଧରେ ମାମଲା ରୁଜୁ କରିଥିଲା।

**'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ର ବିବାଦୀୟ ଏପିସୋଡ୍‌କୁ ହଟାଇଲା ୟୁଟ୍ୟୁବ୍**




ରଣବୀର ଆହ୍ଲାବାଦୀଆ ଓ ସମୟ ରୈନା।

## ଫୁରସତ୍

### ତେଲଙ୍ଗାନାରେ ନିଲାମ ହେଉଛି ସରପଞ୍ଚ ପଦ

ହାଇଦ୍ରାବାଦ

ତେଲଙ୍ଗାନା ରାଜ୍ୟ ନିର୍ବାଚନ ଆୟୋଗ (ଟିଜିଏସ୍‌ଇସି) ଦ୍ୱାରା ଖୁବ୍‌ଶୀଘ୍ର ରାଜ୍ୟର ଗ୍ରାମ ପଞ୍ଚାୟତ ନିର୍ବାଚନ ନେଇ ଘୋଷଣା କରାଯିବ। ତେବେ ଗ୍ରାମଗୁଡ଼ିକରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସହ ନିର୍ବାଚନ ଖର୍ଚ୍ଚ ବଞ୍ଚାଇବା ଉଦ୍ଦେଶ୍ୟରେ ସରପଞ୍ଚ ପଦ ପାଇଁ ସର୍ବସମ୍ମତି ନିର୍ବାଚନକୁ ତେଲଙ୍ଗାନା ରାଜ୍ୟ ସରକାର ଆର୍ଥିକ ପ୍ରୋତ୍ସାହନ ଦେଇ ଆସୁଛନ୍ତି। ୫ ହଜାରରୁ ଅଧିକ ଜନସଂଖ୍ୟା ଥିବା ପଞ୍ଚାୟତ ପାଇଁ ୧୫ ଲକ୍ଷ ଟଙ୍କା ଏବଂ ୫ ହଜାରରୁ କମ୍ ଜନସଂଖ୍ୟା ଥିବା ପଞ୍ଚାୟତ ପାଇଁ ୧୦ ଲକ୍ଷ ଟଙ୍କାର ନଗଦ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଇଥାଏ। ଆର୍ଥିକ ପ୍ରୋତ୍ସାହନକୁ ଦୃଷ୍ଟିରେ ରଖି କେତେକ ଗ୍ରାମରେ ସରପଞ୍ଚ ପଦ ନିଲାମ ହୋଇଥିବାର ଖବର ସାମ୍ନାକୁ ଆସିଛି।

ରବିବାର ରାଜ୍ୟର ଜୋଗୁଲମ୍ବା-ଗୋଡ଼ୱାଲ ଜିଲା ମନୋପାଡୁ ବ୍ଲକ୍‌ସ୍ଥିତ ଗୋକୁଲପାଡୁ ଗ୍ରାମରେ ସର୍ବସମ୍ମତି କ୍ରମେ ସରପଞ୍ଚ ଚୟନ ପାଇଁ ଗ୍ରାମର ବୟସ୍କ ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ୧୨ ଜଣ




ଅଂଶଗ୍ରହଣକାରୀ ଏହି ନିଲାମରେ ଭାଗ ନେଇଥିଲେ। ୨୭.୫୦ ଲକ୍ଷ ଟଙ୍କାରେ ଗୋକୁଲପାଡୁ ସରପଞ୍ଚ ପଦ ନିଲାମ ହୋଇଥିଲା। ସର୍ବସମ୍ମତି କ୍ରମେ ସରପଞ୍ଚ ମନୋନୀତ ହୋଇଥିବା ବ୍ୟକ୍ତି ସମ୍ପୃକ୍ତ ପଞ୍ଚାୟତକୁ ନିଲାମ ରାଶି ପ୍ରଦାନ କରିବାକୁ ସହମତ ହୋଇଛନ୍ତି। ଏହି ଗ୍ରାମରେ ୫୫୦ ଜଣ ମତଦାତା ରହିଥିବାବେଳେ ନିଲାମ ରାଶି ଗାଁର ମନ୍ଦିର ନିର୍ମାଣ ଏବଂ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟରେ ବିନିଯୋଗ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ତେବେ ନିଲାମ ନେଇ ଗ୍ରାମବାସୀ ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲୁନାହାନ୍ତି। କେବଳ ଗୋକୁଲପାଡୁ ଗ୍ରାମରେ ନୁହେଁ, ନାଲ୍‌ଗୋଣ୍ଡା, କରିମନଗର, ଆଦିଲାବାଦ ଆଦି ଜିଲାର ବିଭିନ୍ନ ଗ୍ରାମରେ ସରପଞ୍ଚ ପଦ ପାଇଁ ସର୍ବସମ୍ମତି ପ୍ରାର୍ଥୀ ବାଛିବା ଉଦ୍ଦେଶ୍ୟରେ ନିଲାମ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଘୋଷଣା ହେବା ପରେ ନିଲାମରେ ସର୍ବାଧିକ ଟଙ୍କା ଲଗାଇଥିବା ବ୍ୟକ୍ତି ହିଁ ଯେପରି ପ୍ରାର୍ଥୀ ହେବେ ଏବଂ ଅନ୍ୟମାନେ ପ୍ରାର୍ଥୀପତ୍ର ଦାଖଲ କରିବେ ନାହିଁ ସେନେଇ ଗ୍ରାମର ମୁରବୀମାନେ ନିଷ୍ପତ୍ତି ନେଇଥାନ୍ତି। ରାଜନୈତିକ ଦଳଗୁଡ଼ିକ ଏଥିରେ ଆପତ୍ତି ପ୍ରକାଶ କରନ୍ତି ନାହିଁ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ଗତ ତେଲଙ୍ଗାନ ଗ୍ରାମପଞ୍ଚାୟତ ନିର୍ବାଚନରେ ମଧ୍ୟ ସର୍ବସମ୍ମତିକ୍ରମେ ନିର୍ବାଚନ ହୋଇଥିଲା, ଯେଉଁଥିରେ ୧୦ରୁ ୨୦ ଲକ୍ଷ ଟଙ୍କା ମଧ୍ୟରେ ସରପଞ୍ଚ ପଦ ହୋଇଥିଲା ବୋଲି ରାଜ୍ୟ ପଞ୍ଚାୟତିରାଜ ବିଭାଗର ଜଣେ ପୂର୍ବତନ ଅଧିକାରୀ କହିଛନ୍ତି। ସାଧାରଣତଃ ହାଇଦ୍ରାବାଦଠାରୁ ଦୂରଦୂରାନ୍ତର ପଞ୍ଚାୟତରେ ଏହି ପ୍ରକାର ନିଲାମକୁ ବିରୋଧ କରାଯାଏ ନାହିଁ ବୋଲି ସେ କହିଛନ୍ତି। ତେବେ ରାଜ୍ୟରେ ସରପଞ୍ଚ ପଦ ପାଇଁ ବଢ଼ି ଚାଲିଥିବା ନିଲାମ ଜନିତ ମାମଲାକୁ ଦୃଷ୍ଟିରେ ରଖି ଏହା ଉପରେ ନଜର ରଖିବାକୁ ସମସ୍ତ ଜିଲାପାଳଙ୍କୁ ରାଜ୍ୟ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶ ଦେଇଛି।

### ଆଇଏଏସ୍ ଅଫିସର ହେବାକୁ ଚାହୁଁଥିଲେ ୟାମି

ମୁମ୍ବାଇ

ଦମ୍‌ଦାର ଅଭିନୟ ଦ୍ୱାରା ଅଭିନେତ୍ରୀ ୟାମି ଗୌତମ ବଲିଉଡ୍ ଇଣ୍ଡଷ୍ଟ୍ରିରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ସମ୍ପ୍ରତି ସେ ତାଙ୍କର ଆଗାମୀ ଫିଲ୍ମ 'ଧୁମ୍‌ଧାମ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏକ ବିବାହିତ ଦମ୍ପତିଙ୍କ କାହାଣୀକୁ ନେଇ ଆଧାରିତ ଏହି ଫିଲ୍ମରେ ୟାମି ଅଭିନେତା ପ୍ରତୀକ ଗାନ୍ଧୀଙ୍କ ସହ ନଜରକୁ ଆସିବେ। ଏହି ଫିଲ୍ମ ଆସନ୍ତା ୧୪ ତାରିଖରୁ ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେବ। ୟାମି ଗତ କିଛି ଦିନ ଧରି 'ଧୁମ୍‌ଧାମ୍'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଏହି ଅବସରରେ ମଙ୍ଗଳବାର ସେ ଏକ ସାକ୍ଷାତ୍କାର ଦେଇଛନ୍ତି। ସେ ଛାତ୍ରୀ ଥିବା ସମୟରେ ଅଭିନେତ୍ରୀ ହେବାକୁ ନୁହେଁ ବରଂ ଆଇଏଏସ୍ ଅଧିକାରୀ ହେବାକୁ ଚାହୁଁଥିଲେ ବୋଲି ୟାମି ଏହି ସାକ୍ଷାତ୍କାରରେ କହିଛନ୍ତି। ଛାତ୍ରୀ ଥିବା ସମୟରେ ସେ ଅଧ୍ୟୟନରେ ଉତ୍କୃଷ୍ଟ ଥିଲେ। ସେ ପଢ଼ିବାକୁ ଏବଂ ଲେଖିବାକୁ ଖୁବ୍ ଭଲ ପାଉଥିବା ୟାମି କହିଛନ୍ତି। ସେତେବେଳେ ସେ ଜଣେ ଆଇଏଏସ୍ ଅଧିକାରୀ ହେବେ ବୋଲି ସ୍ୱପ୍ନ ଦେଖୁଥିଲେ। କିନ୍ତୁ ଭାଗ୍ୟର କିଛି ଅଲଗା ଇଚ୍ଛା ଥିଲା ବୋଲି ୟାମି କହିଛନ୍ତି। କଲେଜ ପଢ଼ା ପରେ ତାଙ୍କୁ ମଡେଲିଂ ଦୁନିଆରେ ପାଦ ଥାପିବାକୁ ସୁଯୋଗ ମିଳିଥିଲା। ମଡେଲିଂରେ ସଫଳତା ପାଇବା ପରେ ତାଙ୍କୁ ଛୋଟ ପରଦାରେ ସୁଯୋଗ ମିଳିଥିଲା। ସେ 'ଚାନ୍ଦ୍ କେ ପାର୍ ଚଲୋ' ଏବଂ 'ୟେ ପ୍ୟାର୍ ନା ହୋଗା କମ୍' ପରି ଧାରାବାହିକରେ ଅଭିନୟ କରି ଦର୍ଶକଙ୍କ ବହୁ ପ୍ରଶଂସା ସାଉଁଟିଥିଲେ। ୨୦୧୨ରେ ରିଲିଜ୍ ହୋଇଥିବା 'ଭିକି ଡୋନର' ଫିଲ୍ମ ସହ ୟାମି ବଲିଉଡ୍‌ରେ ଡେବ୍ୟୁ କରିଥିଲେ।



ୟାମି ଗୌତମ

# କ୍ଲବ୍‌ଫୁଟ୍ ଅଭିଯାନ ଆଉ ୨ବର୍ଷ ସମ୍ପ୍ରସାରିତ

ଭୁବନେଶ୍ୱର, ୧୧।୨ (ବନ୍ଦନା ସେଠୀ)

କ୍ଲବ୍‌ଫୁଟ୍ (ନବଜାତ ଶିଶୁଙ୍କ ପାଦବଙ୍କା) କ୍ଷେତ୍ରରେ ପ୍ରାରମ୍ଭିକ ଚିକିତ୍ସା ଅର୍ଥାତ ପ୍ରଥମ ୧/୨ମାସ ନବଜାତଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନବଜାତ ଶିଶୁ କ୍ଲବଫୁଟ୍‌ରେ ଆକ୍ରାନ୍ତ ହୋଇଥିବା ଜାଣିବା କ୍ଷଣି ମାତାପିତାମାନେ ତୁରନ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ ସହଯୋଗୀଙ୍କ ସହାୟତା ନେଲେ ଏହି ରୋଗକୁ ସମ୍ପୂର୍ଣ୍ଣ ପରାହତ କରାଯାଇପାରିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ କହିଛନ୍ତି। ଏହି କ୍ରମରେ ମଙ୍ଗଳବାର ରାଜ୍ୟ ସରକାର କିଓର ଇଣ୍ଡିଆ ଟ୍ରଷ୍ଟ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରି କ୍ଲବଫୁଟ୍ ଅଭିଯାନକୁ ଆଉ ୨ବର୍ଷ ସମ୍ପ୍ରସାରଣ କରିଛନ୍ତି। କ୍ଲବଫୁଟ୍ ଦ୍ୱାରା ପ୍ରଭାବିତ ହେଉଥିବା ନବଜାତ ଶିଶୁମାନଙ୍କ ସମ୍ପୂର୍ଣ୍ଣ ମାଗଣା ଓ ଉତ୍ତମ ଚିକିତ୍ସା ଏହି ଚୁକ୍ତିନାମାର ପ୍ରଧାନ ଆଭିମୁଖ୍ୟ। ସେହିପରି କିଓର ଇଣ୍ଡିଆ ଟ୍ରଷ୍ଟ ବିନା ଦେୟରେ ସେବା ଯୋଗାଉଥିବାରୁ ରାଜ୍ୟବାସୀ ଏହି ଚିକିତ୍ସା

## କ୍ଲବଫୁଟ୍ କ୍ଷେତ୍ରରେ ତ୍ୱରିତ ଚିକିତ୍ସା ଗୁରୁତ୍ୱପୂର୍ଣ୍ଣ: ସ୍ୱାସ୍ଥ୍ୟମନ୍ତ୍ରୀ

ସୁଯୋଗକୁ ପୂର୍ଣ୍ଣମାତ୍ରାରେ ବ୍ୟବହାର କରିବା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି।

କ୍ଲବ୍‌ଫୁଟ୍‌ର ଚିକିତ୍ସା ପାଇଁ ଅସ୍ତ୍ରୋପଚାରର ବିଶେଷ ଆବଶ୍ୟକତା ନାହିଁ। ଟ୍ରଷ୍ଟ ଏହାର ଉପଚାର ପାଇଁ ୨୨ଟି ଆକାରର ସ୍ୱତନ୍ତ୍ର ଜୋତା ପ୍ରସ୍ତୁତ କରିଛି, ଯାହାକୁ ଶିଶୁମାନେ ରାତିରେ ଶୋଇବା ବେଳେ ବ୍ୟବହାର କରିପାରିବେ। ବର୍ତ୍ତମାନ କ୍ଲବଫୁଟ୍ ଚିକିତ୍ସାର ସଫଳତା ହାର ପାଖାପାଖି ୫୦%। ସରକାରଙ୍କ ନିରନ୍ତର ସହଯୋଗ ଦ୍ୱାରା ଆସନ୍ତା କିଛି ବର୍ଷ ମଧ୍ୟରେ ସଫଳତା ହାରକୁ ଶତପ୍ରତିଶତରେ ପହଞ୍ଚାଯାଇପାରିବ ବୋଲି ଟ୍ରଷ୍ଟ ନିର୍ଦ୍ଦେଶକ ଡା. ସନ୍ତୋଷ ଜର୍ଜ କହିଛନ୍ତି। ସମଗ୍ର ରାଜ୍ୟରେ ଚିକିତ୍ସା ସୁବିଧା ଯୋଗାଇଦେବା, ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ, ମାଗଣା ଚିକିତ୍ସା ସୁବିଧା, ସଫଳ କରିବା ଆଦି ଏହି ଚୁକ୍ତିନାମାର ମୁଖ୍ୟ ବୈଶିଷ୍ଟ୍ୟ। ଏହି ଚୁକ୍ତିନାମା ୨୦୨୫ ଜାନୁଆରୀ ୧୬ରୁ ୨୦୨୭ ଜାନୁଆରୀ ୧୫ ପର୍ଯ୍ୟନ୍ତ ବଳବତ୍ତର ରହିବ। ଅଭିଯାନର ପ୍ରମୁଖ ଅଂଶୀଦାର ଭାବେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ମହିଳା ଏବଂ ଶିଶୁ ବିକାଶ ବିଭାଗ ଓ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏହି ଅଭିଯାନକୁ ସଫଳତାର ସହ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବେ। ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ବିଭାଗୀୟ ଯୁଗ୍ମ ଶାସନ ସଚିବ ଜସ୍ମିନ ପଟ୍ଟନାୟକ, କିଓର ଇଣ୍ଡିଆ ଟ୍ରଷ୍ଟର ରାଷ୍ଟ୍ରୀୟ ସଂଯୋଜକ ଡା. ଅତୁଲା ଜମିର ଏବଂ ରାଜ୍ୟ ସଂଯୋଜକ ଉପାସନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**DISTRIBUTORS REQUIRED**
ଦୁର୍ଗା ଘିଅ
Require Financial Sound Distributors for unrepresented areas of Odisha for DURGA GHEE (Fresh & Pure) of DURGA DAIRY, Vijayawada.
Contact: 7377061717
e-mail: jmdjatni@gmail.com
We also Require Sales Force/Sales Officer for Various Locations of Odisha
Mail your C.V.: ddl.sales22@gmail.com, Mob.: 7008583427

# ଝାରସୁଗୁଡ଼ା ପୂର୍ବତନ ଉପଜିଲାପାଳଙ୍କ ୩.୧୦ କୋଟିର ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

ଭୁବନେଶ୍ୱର, ୧୧।୨ (ସତ୍ୟଜିତ୍ ରାଉତ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଝାରସୁଗୁଡ଼ାର ପୂର୍ବତନ ଉପଜିଲାପାଳ ପ୍ରଦୀପ କୁମାର ବାରିକଙ୍କ ୩କୋଟି ୧୦ ଲକ୍ଷ ୮୨ ହଜାର ୮୧୫ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ହେବ। ଏନେଇ ମଙ୍ଗଳବାର ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ପ୍ରାଧିକୃତ ଅଧିକାରୀ ଆଶାପୂର୍ଣ୍ଣା ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ବାଜ୍ୟାପ୍ତି ହେବାକୁ ଥିବା ପ୍ରଦୀପଙ୍କ ସମ୍ପତ୍ତିରେ ଭୁବନେଶ୍ୱରର ଗୋଟିଏ ବହୁତଳ ପ୍ରାସାଦ ଓ ୨ଟି ପ୍ଲଟ୍ ସମେତ ଅଳଙ୍କାର ଏବଂ ନଗଦ ଟଙ୍କା ଆଦି ରହିଛି। ଏହି ନିର୍ଦ୍ଦେଶ ପରେ ସମ୍ପତ୍ତି ବାଜ୍ୟାପ୍ତି କରିବାକୁ ଭିଜିଲାନ୍ସ ପ୍ରକ୍ରିୟା ଆରମ୍ଭ କରିଛି। ତେବେ ପୂର୍ବରୁ ପ୍ରଦୀପଙ୍କଠାରୁ ଠାବ ହୋଇଥିବା ୬୬.୫୪ ଲକ୍ଷ ଆୟ ବହିର୍ଭୂତ ସମ୍ପତ୍ତିକୁ ବାଜ୍ୟାପ୍ତି ପାଇଁ ଆବେଦନ କରାଯାଇଥିବା ବେଳେ ପ୍ରାଧିକୃତ ଅଧିକାରୀ ତର୍ଜମା କରି ଏହି ସମ୍ପତ୍ତିର ବର୍ତ୍ତମାନର ବଜାର ମୂଲ୍ୟ ୩.୧୦ କୋଟି ଟଙ୍କା ବୋଲି ସ୍ଥିର କରିଥିଲେ। ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ମାନସ ରଞ୍ଜନ ମିଶ୍ର ଏହି ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୨୦୧୨ ନଭେମ୍ବର ୫ରେ ଭିଜିଲାନ୍ସ ପକ୍ଷରୁ ପ୍ରଦୀପଙ୍କ ଝାରସୁଗୁଡ଼ାସ୍ଥିତ ଅଫିସ ଚାମ୍ବର, ଘର ଆଦି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚ ସମୟରେ ତାଙ୍କର କୋଠା, ପ୍ଲଟ୍, ୪ଟି ଦାମୀ କାର୍, ସୁନା ଓ ରୁପା ଅଳଙ୍କାର ଏବଂ ଅନ୍ୟାନ୍ୟ ସମ୍ପତ୍ତି ଠାବ ହୋଇଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ପ୍ରଦୀପଙ୍କୁ ଗିରଫ କରାଯାଇଥିଲା। ପ୍ରଦୀପ ୬୬ ଲକ୍ଷ ୫୪ ହଜାର ୩୦୧ ଟଙ୍କା ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ପକ୍ଷରୁ ଚାର୍ଜଶିଟ୍‌ରେ ଦର୍ଶାଯାଇଥିଲା। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଚାର୍ଜଶିଟ୍ ଦାଖଲ ପରେ ଶୁଣାଣି ଚାଲିଥିଲା। ଭୁବନେଶ୍ୱର ଭିଜିଲାନ୍ସ କୋର୍ଟ ଗତବର୍ଷ ସେପ୍ଟେମ୍ବର ୨୩ରେ ରାୟ ପ୍ରକାଶ କରି ପ୍ରଦୀପଙ୍କୁ ୨ବର୍ଷ ଜେଲଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ସମ୍ପତ୍ତି ବାଜ୍ୟାପ୍ତି କରିବାକୁ ଭିଜିଲାନ୍ସ ପକ୍ଷରୁ ଆବେଦନ କରାଯାଇଥିଲା।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

# ଭିଜିଲାନ୍ସ ଜାଲରେ ରେମୁଣା ତହସିଲଦାର

- ୩ ବହୁମୂଲ୍ୟ ଫ୍ଲାଟ୍, ୨ ପ୍ଲଟ୍, ବିଭିନ୍ନ ସୁନା ଅଳଙ୍କାର ଠାବ
- ପୋଷ୍ଟାଲରେ ସନ୍ଦେହଜନକ ଜମା ୧ କୋଟିର ଯାଞ୍ଚ

ଭୁବନେଶ୍ୱର/ବାଲେଶ୍ୱର, ୧୧।୨ (ସତ୍ୟଜିତ୍ ରାଉତ/ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରେମୁଣା ତହସିଲଦାର ବିଦ୍ୟାଧର ପତି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବିଦ୍ୟାଧରଙ୍କ ଘର ସମେତ ବାଲେଶ୍ୱର ଓ ଭୁବନେଶ୍ୱରର ୭ଟି ସ୍ଥାନରେ ମଙ୍ଗଳବାର ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ଯାଞ୍ଚ ହେଉଥିବା ସ୍ଥାନଗୁଡ଼ିକ ମଧ୍ୟରେ ବିଦ୍ୟାଧରଙ୍କ ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ଅଇଁରି ଗ୍ରାମସ୍ଥିତ ପୈତୃକ ଘର, ରେମୁଣାସ୍ଥିତ କାର୍ଯ୍ୟାଳୟ, ଭୁବନେଶ୍ୱର ଡୁମୁଡୁମା ପଞ୍ଚସଖା ନଗରରେ ଥିବା ଜଣେ ସମ୍ପର୍କୀୟଙ୍କ ଘର ଆଦି ରହିଛି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଅଧିକାରୀମାନେ ବିଦ୍ୟାଧରଙ୍କ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛନ୍ତି। ଭିଜିଲାନ୍ସ ସୂଚନା ଅନୁଯାୟୀ, ବିଦ୍ୟାଧରଙ୍କର ଭୁବନେଶ୍ୱର ଶୈଳଶ୍ରୀ ବିହାରସ୍ଥିତ ଏକ ଆପାର୍ଟମେଣ୍ଟରେ ୧ କୋଟି ଟଙ୍କାର ଗୋଟିଏ ୩ ବିଏଚ୍‌କେ ଫ୍ଲାଟ୍, ରୁଦ୍ରପୁରରେ ୧.୫ କୋଟି ଟଙ୍କାର ଆଉ ଏକ ଫ୍ଲାଟ୍ ଓ ବାଲେଶ୍ୱର କୁରୁଡାରେ ଏକ ୩ ବିଏଚ୍‌କେ ଫ୍ଲାଟ୍ ଠାବ ହୋଇଛି। ଏଥିସହ ତାଙ୍କର ଭୁବନେଶ୍ୱର ବାଲିଅନ୍ତା ଓ ବାଲେଶ୍ୱରରେ ଗୋଟିଏ ଲେଖାଏ ଦୁଇଟି ପ୍ଲଟ୍ ମଧ୍ୟ ରହିଛି। ପ୍ଲଟ୍ ଓ କୋଠାର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍‌ନିକାଲ ଉଇଙ୍ଗ୍ ହିସାବ କରୁଛି। ବିଦ୍ୟାଧରଙ୍କ ଘରୁ ଯାଞ୍ଚ ବେଳେ ୯୧୭ ଗ୍ରାମର ସୁନା ଅଳଙ୍କାର ମିଳିଛି। ପୋଷ୍ଟାଲ ଜମା ୧ କୋଟି ଥିବାବେଳେ ପୋଷ୍ଟାଲ ଆକାଉଣ୍ଟରେ ୨୦ ଲକ୍ଷ ଟଙ୍କା କାରବାର ହୋଇଥିବା ଜଣାପଡିଛି। ଏହି ସନ୍ଦେହଜନକ କାରବାର ସଂକ୍ରାନ୍ତରେ ଭିଜିଲାନ୍ସ ଅଧିକ ଯାଞ୍ଚ ଜାରି ରଖିଛି। ବ୍ୟାଙ୍କରେ ବିଦ୍ୟାଧରଙ୍କ ୨୨ ଲକ୍ଷ ଜମା ଥିବା ବେଳେ ଅନ୍ୟାନ୍ୟ ଜମା ସଂକ୍ରାନ୍ତରେ ଭିଜିଲାନ୍ସ ଅଧିକାରୀମାନେ ଯାଞ୍ଚ ଚଳାଇଛନ୍ତି। ଭୁବନେଶ୍ୱର ନୀଳାଦ୍ରିବିହାରସ୍ଥିତ ୟୁକୋ ବ୍ୟାଙ୍କ ବ୍ରାଞ୍ଚରେ ବିଦ୍ୟାଧରଙ୍କ ଗୋଟିଏ ଲକର୍ ଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି। ଏଥିସହ ତାଙ୍କର ଗୋଟିଏ ଚାରିଚକିଆ ଯାନ (ହୁଣ୍ଡାଇ ଆଇ-୨୦) ଓ ଦୁଇଟି ଦୁଇଚକିଆ ଯାନ ଠାବ ହୋଇଛି। ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ଅଧିକ ହୋଇପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।


ବିଦ୍ୟାଧର ପତି



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏନ୍ଏମ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଏକାଡେମିକ୍ ବ୍ଲକ, ଗ୍ରାଉଣ୍ଡ ଫ୍ଲୋର, ଇନ୍ଷ୍ଟିଚ୍ୟୁଟ୍ ପରିସର, ସମୟ: ସକାଳ ୯ଟା ୩୦।
- ମତ୍ସ୍ୟ ପ୍ରାଣୀ ସମାବେଶ, ସ୍ଥାନ: ଭେଟେରିନାରୀ କଲେଜ, ଓୟୁଏଟି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଫେସର ଡା. ନାରାୟଣ ରାଓଙ୍କ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ: ଲୋହିଆ ଏକାଡେମୀ, ୟୁନିଟ୍-୯, ସମୟ: ଅପରାହ୍ନ ୫ଟା ୩୦।
- ସଞ୍ଚାରୀ ଟ୍ରଷ୍ଟ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ନାଟକ 'ଦେବଦାସୀ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ଶ୍ରୀ ବାବା ବାଲୁଙ୍କେଶ୍ୱର ଓ ମା' ତାରିଣୀ ମନ୍ଦିରର ୧୯ତମ ବାର୍ଷିକୋତ୍ସବର ପୂର୍ଣ୍ଣାହୁତି, ସ୍ଥାନ: ବାଲିଆପଟା, ଜିଜିପି, ରସୁଲଗଡ଼, ସମୟ: ସନ୍ଧ୍ୟା ୭ଟା।

## କଟକ

- ପଞ୍ଚାୟତ ସମିତି ସାଧାରଣ ସଭା, ସ୍ଥାନ: ତିଗିରଆ ସମିତି ପରିସର ସଦଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ଶ୍ରୀମଦ୍ ଭଗବତ ଗୀତା ଓ ବେଦ ପରିଷଦ ଗଠନ ଓ ରକ୍ତଦାନ ଶିବିର, ସ୍ଥାନ: ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ସମୟ: ସକାଳ ୯ଟା।
- ମହାପୁରୁଷ ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ଶ୍ରୀରାମଚନ୍ଦ୍ରପୁର ଶାସନ, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୫ଟା।
- ଜାଗେଶ୍ୱରୀଙ୍କ ପୀଠରେ ବିଶ୍ୱଶାନ୍ତି ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ସେବକ ସାହି, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ତ୍ରିନାଥ ବଜାର, ଉଚ୍ଛୁପୁର, ବଲଙ୍ଗା, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ବ୍ଲକସ୍ତରୀୟ ଆଇନ ସଚେତନତା କର୍ମଶାଳା, ସ୍ଥାନ: ଗୌରୀ କଲ୍ୟାଣମଣ୍ଡପ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବାଖରାବାଦ ଖେଳ ପଡ଼ିଆ, ଗୁପସା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ଲେଭଲ କାଉନସେଲିଂ କ୍ୟାମ୍ପ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: ବାଖରାବାଦ ଖେଳ ପଡ଼ିଆ, ଗୁପସା, ସମୟ: ପୂର୍ବାହ୍ନ ୧୧ଟା।
- ଡ. ରବୀନ୍ଦ୍ର ମୋହନ ଦାସଙ୍କ ୧୧୪ତମ ଜୟନ୍ତୀ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।
- ୟୁଥ୍ କ୍ଲବର ଚତୁର୍ଥ ବାର୍ଷିକ ମହୋତ୍ସବ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ବାଖରାବାଦ ଖେଳପଡ଼ିଆ, ଗୁପସା, ସମୟ: ସନ୍ଧ୍ୟା ୬ଟା।
- ୧୪ତମ ବାର୍ଷିକ ଗୁପସା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ପୋଡ଼ାଡିହା ମହୋତ୍ସବ ପଡ଼ିଆ, ଗୁପସା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଅନ୍ତର୍ଜାତୀୟ ଟିଲୋ କପ୍, ସ୍ଥାନ: ହନୁମାନଜୀଉ ମିନି ଷ୍ଟାଡିୟମ, ବନ୍ତ, ସମୟ: ସକାଳ ୯ଟା।
- ଅଟଳ ବିହାରୀ ହାଇସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ତରାଗୋ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ତରାଗୋ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଗରପଡ଼ା କଲେଜର ବାର୍ଷିକୋତ୍ସବ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- କୃଷକ ସଚେତନତା ଶିବିର ଓ ମତ୍ସ୍ୟଜୀବୀ ସମ୍ମିଳନୀ, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସଭା, ସ୍ଥାନ: ପୋଡାପାଟଣା, ବନ୍ତ, ସମୟ: ଅପରାହ୍ନ ୨ଟା ୩୦।
- ଜିଲା ମହୋତ୍ସବ 'ଭଦ୍ରାୟଣୀ' ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍ଭାବନା ସଭାଗୃହ, ଭଦ୍ରକ, ସମୟ: ଅପରାହ୍ନ ୪ଟା ୩୦।

## କେନ୍ଦୁଝର

- ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ଗୀତାପାଠ, ଚଣ୍ଡୀପାଠ, ବେଦପାଠ, ସ୍ଥାନ ଶାସଙ୍ଗ, ଛେନାପଦି, ସମୟ ସକାଳ ୮ଟା।
- ମାଘେ ପରବ ଉଦ୍ଘାଟନ, ସ୍ଥାନ: କାଶିବେଢ଼ା ମୁଣ୍ଡାସାହି, ଢେଙ୍କିକୋଟ, ସମୟ: ଅପରାହ୍ନ ୩ଟା।
- ବିଶ୍ୱଶାନ୍ତି ଗୀତା ଯଜ୍ଞ ପୂର୍ଣ୍ଣାହୁତି, ନାମ କୀର୍ତ୍ତନ, ସ୍ଥାନ :ସୋସୋ, ହାଟଡିହୀ, ସମୟ : ଅପରାହ୍ନ ୩ଟା।
- ବିଭିନ୍ନ ଅଞ୍ଚଳରେ ଅଗ୍ନି ଉତ୍ସବ, ସ୍ଥାନ :ହାଟଡିହୀ ବ୍ଲକ, ସମୟ:ସନ୍ଧ୍ୟା ୬ଟା।
- ମା' ତାରିଣୀ କଳାକାର ପରିଷଦ ବାର୍ଷିକ ଉତ୍ସବରେ ପାଲା ପରିବେଷଣ, ସ୍ଥାନ: ଚମାରତିରା, ହାଟଡିହୀ, ସମୟ: ସନ୍ଧ୍ୟା ୭ଟା।
- ମା' ମଙ୍ଗଳାଙ୍କ ମନ୍ଦିରର ବାର୍ଷିକୋତ୍ସବ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ଯୋଡ଼ା, ସମୟ: ସକାଳ ୭ଟା ୩୦।

## ମୟୂରଭଞ୍ଜ

- ଡିଆରକେ(ଏ) ସହିତ ରାଇରଙ୍ଗପୁର କ୍ରିକେଟ ମ୍ୟାଚ,ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୯ଟା।
- ୧୩୭ ତମ ହରିହାଟ ମହୋତ୍ସବ, ସ୍ଥାନ: ମାଧପୁର ଶାସନ, ବଡ଼ସାହି ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା।
- ଜୟ ସନ୍ଥ ଜୟ ସମାଜ ଦିବସ ପାଳନ,ସ୍ଥାନ: ମଧୁବନ ଉନ୍ନୟନ ପରିଷଦ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଆଇନଗତ ସଚେତନତା କାର୍ଯ୍ୟକ୍ରମ,ସ୍ଥାନ: ବଡ଼ସାହି ବ୍ଲକ୍ କାର୍ଯ୍ୟାଳୟ ପରିସର,ସମୟ:ପୂର୍ବାହ୍ନ ୧୧ଟା।
- ୪୭ତମ ବାର୍ଷିକ ଉତ୍ସବ, ସ୍ଥାନ: ମହିଳା ମହାବିଦ୍ୟାଳୟ ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଐତିହାସିକ ସରସ୍ୱତୀ ମେଳା ଶୁଭାରମ୍ଭ,ସ୍ଥାନ:ଉଦଳା ହାଇସ୍କୁଲ ପଡ଼ିଆ,ସମୟ:ସନ୍ଧ୍ୟା ୬ଟା।
- ଭଜନ ସନ୍ଧ୍ୟା, ସ୍ଥାନ: ମାଧପୁର ଶାସନ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ୩ ରାସ୍ତାର ଶିଳାନ୍ୟାସ, ସ୍ଥାନ: ପାତ୍ରପୁର ବ୍ଲକ ଆଙ୍କୁଲି ଓ ତଡକାସାହି, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସ୍କିଲ ମେଳା, ସ୍ଥାନ: ପାତ୍ରପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- ବନଜ୍ୟୋତ୍ସ୍ନା ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ଉଦ୍ଘାଟନ,ସ୍ଥାନ: ଫୁଲବାଣୀ କରୋନେଶନ ପଡିଆ, ସମୟ:ସନ୍ଧ୍ୟା ୭ଟା।

## ଢେଙ୍କାନାଳ

- ସିନର୍ଜି ଇଞ୍ଜିନିୟରିଂ କଲେଜଲେ ଆଲୁମିନି ମିଟ୍, ସ୍ଥାନ: ସିନର୍ଜି କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍ସିଂହପୁର

- ସର୍ବଭାରତୀୟ ବୃହତ୍ବନ୍ଦର ଫୁଟ୍ବଲ ଟୁର୍ନାମେଣ୍ଟ ଉଦ୍ଘାଟନୀ ସମାରୋହ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୩ଟା।
- ଉଦ୍ୟୋଗୀ ଭାଗୀରଥି ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ମୃତିଚାରଣ ସଭା, ସ୍ଥାନ: ନିଉ କଲ୍ୟାଣ ମଣ୍ଡପ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଦିବ୍ୟ ଜୀବନ ସଂଘ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ମା' ବନ୍ଧମଙ୍ଗଳାଙ୍କ ଜନ୍ମ ବାର୍ଷିକ ଉତ୍ସବ, ସ୍ଥାନ: ରାମନଗରପାଟଣା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ସିଦ୍ଧବଟ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଘୁଙ୍ଗୁରାବଟ, ଜମଧର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଅନ୍ଧବର ଲୋକମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବଙ୍ଗାରୀ, ଗରଦପୁର, ସମୟ: ସକାଳ ୬ଟା।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ରାମିଆଗଞ୍ଜ, ମାର୍ଶାଘାଇ, ସମୟ: ସକାଳ ୭ଟା।
- ବ୍ଲକସ୍ତରୀୟ କର୍ମନିଯୁକ୍ତି ମେଳା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ ଓ ଦୀନବନ୍ଧୁ ସାହୁ ସ୍ମୃତି ସମ୍ମାନ ସମାରୋହ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୧ଟା।
- ତୁଳସୀ କ୍ଷେତ୍ରାଧିପତିଙ୍କ କନ୍ଦରାସୁର ବଧ ବେଶ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

## ଯାଜପୁର

- ବ୍ୟାସ ସରୋବର ମହୋତ୍ସବର ୫ର୍ଥ ଦିବସ, ସ୍ଥାନ : ବ୍ୟାସ ସରୋବର ପରିସର, ସମୟ : ଅପରାହ୍ନ ୫ଟା।
- ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଯଯାତି ମହୋତ୍ସବ-୨୦୨୫ ଓ ପଲ୍ଲୀଶ୍ରୀ ମେଳା, ସ୍ଥାନ: ଯାଜପୁର ପ୍ରଶାସନିକ ଭବନ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ତ୍ରିନାଥ ଦେବଙ୍କ ବିଗ୍ରହ ପ୍ରତିଷ୍ଠା, ସ୍ଥାନ: କଣ୍ଟିଲୋ ଫକିର ଅତବୁଦ୍ଧି ପାଟଣା, ସମୟ: ସକାଳ ୭ଟା।
- ବାର୍ଷିକ ଉତ୍ସବ, ସ୍ଥାନ:କଣ୍ଟିଲୋ କୁଞ୍ଜ ବିହାରୀ ବାଳିକା ନୋଡାଲ ବିଦ୍ୟାଳୟ, ସମୟ: ସକାଳ ୭ଟା ୩୦।
- ୮୩ ତମ ବିଶ୍ୱ ଶାନ୍ତି ଶୈବଯଜ୍ଞ ଓ ୩୯ତମ ବାର୍ଷିକ ସପ୍ତଶମ୍ଭୁ ମିଳନ ମହୋତ୍ସବର ଷଷ୍ଠ ଦିବସ, ସ୍ଥାନ: ଓଡ଼ଗାଁ ଜାମୁପାଟଣାସ୍ଥ ଶ୍ରୀଦୃତିକେଶ୍ୱର ମହାଦେବ ମନ୍ଦିର, ସମୟ:ସକାଳ ୭ଟା୪୬।
- ସପ୍ତାଙ୍ଗ କାର୍ଯ୍ୟକ୍ରମର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଜଗନ୍ନାଥପ୍ରସାଦ ମହିଷାଷୁଣୀ ପୀଠ, ସମୟ: ସକାଳ ୮ଟା।
- ମହିଳା ଆତ୍ମ ସୁରକ୍ଷା ଦକ୍ଷତା କର୍ମଶାଳାର ୩ୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳ ଲଡୁବାବାଙ୍କ ମହାଶିବରାତ୍ରୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଶରଣକୁଳ, ସମୟ:ଅପରାହ୍ନ ୩ଟା୩୦।
- ପଠାଣୀ ସାମନ୍ତ ଫୁଟବଲ ଟୁର୍ନାମେଣ୍ଟ ୪ର୍ଥ ଦିବସରେ ପ୍ରକାଶ ୧୧ ଶରଣକୁଳ ବନାମ ଇଟାମାଟି, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା୩୦।
- ମାଘମେଳା ମହୋତ୍ସବର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ମାଘମେଳା ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ମାଘ ମେଳା ଅଲେଖ ମହିମା ବ୍ରହ୍ମ ଯଜ୍ଞ ଅବସରରେ ଆଧୁନିକ ନାଟ୍ୟ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗା ପାଡ୍ଡୁ, ରାୟଗଡା, ସମୟ: ସନ୍ଧ୍ୟା ୬ଟା।
- ରାମ ଚରିତ ମାନସ ଜ୍ଞାନ ଯଜ୍ଞ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ:ସନ୍ଧ୍ୟା ୭ରୁ ୮ଟା ୩୦।

## ନବରଙ୍ଗପୁର

- ଶ୍ରମିକ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲା ଶ୍ରମ ବିଭାଗ କାର୍ଯ୍ୟାଳୟ, ସମୟ: ୧୦ଟା ୩୦।
- ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: ଉମରକୋଟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ସେମିଳିଗୁଡା ମହାବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: କଲେଜ କ୍ୟାମ୍ପସ, ସେମିଳିଗୁଡା, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟ ବାର୍ଷିକ ଉତ୍ସବ,ସ୍ଥାନ: ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଦଶମନ୍ତପୁର, ସମୟ: ପୂର୍ବାହ୍ନ ୧୧ଟା।
- ଆରଏସ୍ଏସ୍ ଏକଲବ୍ୟ ବ୍ୟବସାୟୀ ସଂଘ ବାର୍ଷିକ ଉତ୍ସବ, ସ୍ଥାନ : ପୂଜାରୀପୁଟ କଲ୍ୟାଣ ମଣ୍ଡପ, କୋରାପୁଟ, ସମୟ: ଅପରାହ୍ନ ୩ଟା ୩୦।
- ଉତ୍ତାର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରସର, ସମୟ : ସକାଳ ୬ଟା।
- ଗାନ୍ଧୀ ସ୍ପୋର୍ଟ କ୍ଲବ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଭତରା ଗ୍ରାମ, ସମୟ : ଅପରାହ୍ନ ୨ଟା।
- ଶ୍ରୀ ଶ୍ରୀବ୍ରହ୍ମ ପଣ୍ଡିତ ମହାସଭା, ଜିଲା ବ୍ରାହ୍ମଣ ମହାସଭା, ବ୍ରାହ୍ମଣ ମହିଳା ପ୍ରକୋଷ୍ଠ ଓ ପର୍ଶୁରାମ ଯୁବକ ସଂଘ ପକ୍ଷରୁ ମହାନଦୀ ଆଳତୀ କାର୍ଯ୍ୟକ୍ରମ, ସ୍ଥାନ : ଅଯୋଧ୍ୟା ସରୋବର ଘାଟ, ସମୟ : ଅପରାହ୍ନ ୫ଟା।

## ରାଉରକେଲା

- ଇସ୍କନ ପକ୍ଷରୁ ନଗର ସଙ୍କୀର୍ତ୍ତନ, ସ୍ଥାନ: କଳିଙ୍ଗ ବିହାର, ଛେଣ୍ଡ, ସମୟ: ସକାଳ ୬ଟା ୩୦।
- ଗାୟତ୍ରୀ ଶକ୍ତିପୀଠରେ ମାଘ ପୂର୍ଣ୍ଣିମା ଉତ୍ସବ, ସ୍ଥାନ: ଗାୟତ୍ରୀ ଶକ୍ତି ପୀଠ, ସେକ୍ଟର-୨, ସମୟ: ସକାଳ ୮ଟା।
- ବାର୍ଷିକ ବସନ୍ତ ଉତ୍ସବ, ସ୍ଥାନ: ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ପାନପୋଷ, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ସରକାରୀ ସ୍ୱୟଂଶାସିତ କଲେଜ ପକ୍ଷରୁ ବାର୍ଷିକ ବସନ୍ତ ଉତ୍ସବ, ସ୍ଥାନ: ପାନପୋଷ, ସମୟ: ପୂର୍ବାହ୍ନ ୧୦ଟା।
- ବେଦବ୍ୟାସ ସଂସ୍କୃତ କଲଜରେ ଆଧାତ୍ମିକ କର୍ମଶାଳା, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ବ୍ଲକ୍ସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: ଦାଣ୍ଡଜମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର, ବଡ଼ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼

- ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ଦୁର୍ଗା ମନ୍ଦିର ପରିସର, ତୋରା, ବରଗଡ଼,ସମୟ: ସକାଳ ୮ଟା।
- ବରଗଡ଼ ଟାଉନ ପ୍ରିମିୟର ଲିଗ୍, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସକାଳ ୯ଟା।

## କଳାହାଣ୍ଡି

- ଦୁଇଦିନିଆ ବ୍ୟାଡ୍ମିଣ୍ଟନ ପ୍ରତିଯୋଗିତା ଉଦ୍ଯାପନ, ସ୍ଥାନ: ଜୁନାଗଡ଼ ବିଜୁ ପଟ୍ଟନାୟକ ଇଣ୍ଡୋର ହଲ, ସମୟ: ଅପରାହ୍ନ ୫ଟା।
- ବିଶ୍ୱବିଦ୍ୟାଳୟ ସ୍ତରୀୟ ଯୁବ ନେତୃତ୍ୱ ତାଲିମ ଶିବିର ଉଦ୍ଯାପନ, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ମହିଳାଙ୍କ ଆଇନ ଉପରେ ଆଲୋଚନା ଚକ୍ର, ସ୍ଥାନ: ଧର୍ମଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱିତୀୟ ଭବାନୀପାଟଣା କ୍ରିକେଟ ପ୍ରିମିୟର ଲିଗ୍ ଉଦ୍ଯାପନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ଅଷ୍ଟପ୍ରହର ନାମଯଜ୍ଞ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ:ପୁରୁଣାକଟକ ଦୁର୍ଗା ପୂଜା ମଣ୍ଡପ, ପୁରୁଣାକଟକ, ହରଭଙ୍ଗା, ସମୟ: ସକାଳ ୯ଟା।
- ଚତୁର୍ଥ ବାଉଁଶୁଣୀ ଲୋକମହୋତ୍ସବ ଉଦଯାପନ ଉତ୍ସବ,ସ୍ଥାନ:ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ବୌଦ୍ଧ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ସମୟ: ସକାଳ ୭ଟା।
- ବଜରଙ୍ଗ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ନାଳ ପଡ଼ିଆ, ଦେବଗଡ଼, ସମୟ: ଅପରାହ୍ନ ୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଭାଗବତ ପୁରାଣ ଉଦ୍ଯାପିତ, ସ୍ଥାନ: ମଠସାହି ଭାଗବତ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପୁରାଣ ଉଦ୍ଯାପିତ ଅବସରରେ ଖିରି ଓ ଅର୍ଣ୍ଣ ପ୍ରସାଦ ଭୋଗ ବଣ୍ଟନ, ସ୍ଥାନ: ମଠସାହି ଛକ, ସମୟ: ରାତି ୮ଟା।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟୋକା ଟାକରା, ଟଟୁ ଘୋଡ଼ା, ଖାଆନ୍ତି ବହୁତ କାମ ଥୋଡ଼ା।**

ଟଟୁ ଘୋଡ଼ା ଯେଉଁ ପରିମାଣରେ ଖାଦ୍ୟ ଖାଆନ୍ତି, ସେଇ ପରିମାଣରେ କାମ କରି ପାରି ନ ଥାନ୍ତି। ପରୋକ୍ଷରେ କୌଣସି କାମଧନ୍ଦା ନ କରି ଘରେ ଖାଇପିଇ ଆରାମ କରିବା ସହ ବାହାରେ ବୁଲି ସମୟ ନଷ୍ଟ କରୁଥିବା ଭେଣ୍ଡିଆ ଟୋକା ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

**ଟଙ୍କା ଯାହାର, ମାମଲା ତାହାର।**

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ଅର୍ଥ ବଳରେ ବ୍ୟକ୍ତି ସବୁକିଛି ଅନାୟାସରେ ହାସଲ କରିପାରେ, ନିଜ ଇଚ୍ଛାମୁତାବକ ଜୀବନ ବିତାଇପାରେ। ଧନିକ ଶ୍ରେଣୀର ବ୍ୟକ୍ତି ଅର୍ଥବଳରେ ଆଇନକାନୁନ ବା ନ୍ୟାୟ ନିଶାପକୁ ନିଜ ହାତମୁଠାକୁ ଆଣିବାରେ ସକ୍ଷମ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ପ୍ରଥମ ପୃଷ୍ଠାରୁ...

## ଭକ୍ତ ଦାସ...

ପିସିସି ସଭାପତି ଚୟନକୁ ନେଇ ନାନା କଳ୍ପନାଜଳ୍ପନା ଲାଗି ରହିଥିଲା। ସଭାପତି ଚୟନରେ ଅନେକ ବିଳମ୍ବ ହୋଇଥିବାବେଳେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ଭକ୍ତ ଦାସ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ଏବଂ କୋରାପୁଟ ଏମ୍ପି ସପ୍ତଗିରି ଉଲାକା ସଭାପତି ଦୌଡ଼ରେ ରହିଥିବା ନେଇ ଚର୍ଚ୍ଚା ହୋଇଥିଲା। ମାତ୍ର ସବୁ ବିଳମ୍ବର ଅନ୍ତ ଘଟାଇ ଭକ୍ତଙ୍କ ଉପରେ ଏଆଇସିସି ନିଜର ଭରସା ଦେଖାଇଛି। ପୂର୍ବରୁ ଅନେକବାର ପିସିସି ସଭାପତି ଚୟନବେଳେ ଭକ୍ତଙ୍କ ନାଁ ଚର୍ଚ୍ଚାରେ ରହିଥାଏ।

ଓଡ଼ିଶା ରାଜନୀତିରେ ଭକ୍ତ ଦାସ ଜଣେ ବରିଷ୍ଠ ନେତା। ସେ ଜନତା ପାର୍ଟି ଟିକେଟ୍ରେ ୧୯୮୫ରେ ଭବାନୀପାଟଣା ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୮୯ରେ କଳାହାଣ୍ଡି ଆସନରେ ଜନତା ଦଳ ଟିକେଟ୍ରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ଏହାସହ ୧୯୯୬ରେ ଲୋକ ସଭାକୁ, ୨୦୦୦ ଏବଂ ୨୦୦୯ରେ କଳାହାଣ୍ଡି ଆସନରୁ ଲୋକସଭାକୁ ତୃତୀୟ ଥର ପାଇଁ ନିର୍ବାଚିତ ହୋଇଥିଲେ। ୨୦୧୪, ୨୦୧୯ ଏବଂ ୨୦୨୪ରେ ନିର୍ବାଚନ ଲଢ଼ି ପରାସ୍ତ ହୋଇଛନ୍ତି। ତେବେ ତାଙ୍କ ପୁଅ ସାଗର ଚରଣ ଦାସ ୨୦୨୪ରେ ଭବାନୀପାଟଣା ଆସନରୁ ଲଢ଼ି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି।

୨୦୨୪ ଲୋକ ସଭା ନିର୍ବାଚନରେ ମେଣ୍ଟରେ କଂଗ୍ରେସ ୧୪ଟି ଆସନ ବିଧାନସଭାରେ ଦଖଲ କରିପାରିଛି। ସବୁଠାରୁ ବଡ଼ କଥା ହେଉଛି, ଭାଜପା ରାଜ୍ୟରେ ପ୍ରଥମ କରି ସରକାର କରିଥିବାବେଳେ, ୨୪ବର୍ଷ ଧରି ଶାସନ କରୁଥିବା ବିଜେଡି ମୁଖ୍ୟ ବିରୋଧୀ ଦଳ ଭୂମିକାକୁ ଖସି ଆସିଛି। ଏଭଳି ସ୍ଥିତିରେ ଭକ୍ତଙ୍କ ନେତୃତ୍ୱରେ କଂଗ୍ରେସ କିପରି ନିଜର ସ୍ଥିତିକୁ ମଜଭୁତ କରି ଆଗକୁ ବଢି ପାରିବ, ତାହା ରାଜନୀତି ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଦାୟିତ୍ୱ ପାଇବା ପରେ ଭକ୍ତ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବିଗତ ଦିନରେ ଦଳର ବିଭିନ୍ନ ପଦବୀରେ ରହି ଦାୟିତ୍ୱ ତୁଲାଇଛି। ଦଳର ବିଭିନ୍ନ ନେତାଙ୍କ ସହ ମୋର ବ୍ୟକ୍ତିଗତ ସମ୍ପର୍କ ରହିଛି। ରାଜନୀତିରେ ମୁଁ କାହାକୁ ଶତ୍ରୁ ଭାବେନି। ପୂର୍ବରୁ ମୁଁ ସମସ୍ତ ପିସିସି ସଭାପତିମାନଙ୍କୁ ସମର୍ଥନ କରିଛି। ତେଣୁ ମତେ ବି ସମସ୍ତେ ସହଯୋଗ କରିବେ ବୋଲି ଆଶା ରଖିଛି। ଦଳରେ ବହୁ ସାନ ଓ ବଡ଼ ଭାଇମାନେ ଅଛନ୍ତି। କଂଗ୍ରେସ ଆନ୍ଦୋଳନ ଜରିଆରେ ଘରେଘରେ ପହଞ୍ଚିବ। ଦଳ ପାଇଁ ଲୋକଙ୍କ ପାଖକୁ ଯାଇ ଶହେ ଟଙ୍କା ଲେଖାଏଁ ମାଗି ଦଳର ସମ୍ବଳ ବଢାଇବି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଦୀର୍ଘଦିନ ହେବ କଂଗ୍ରେସର ସଭାପତି ପଦ ଖାଲି ପଡ଼ିବା ଯୋଗୁ ସମସ୍ତ ନେତାଙ୍କ ଭିତରେ ଏକପ୍ରକାର ଅସନ୍ତୋଷ ବଢ଼ିଥିଲା। ଦଳର ପରିଚାଳନା ପାଇଁ ଏଆଇସିସି ସ୍କ୍ରିନିଂ କମିଟି ଗଠନ କରିଥିବାସତ୍ତ୍ୱେ ଦଳର ପରିଚାଳନା ଠିକ୍ଭାବେ ହେଉ ନ ଥିଲା। କେତେକ ସମୟରେ କେବଳ ଯୁବଛାତ୍ରମାନେ ବିଭିନ୍ନ ପ୍ରସଙ୍ଗରେ ପ୍ରତିବାଦ ଓ ଆନ୍ଦୋଳନ କରୁଥିଲେ। ପୂର୍ବତନ ପିସିସି ସଭପତି ଶରତ ପଟ୍ଟନାୟକ ଦାୟିତ୍ୱରୁ ହଟିବା ପରେ ତାଙ୍କର ଆଉ ଦେଖା ଦର୍ଶନ ମିଳୁ ନ ଥିଲା। ବିଗତ ଦିନ ଭଳି କଂଗ୍ରେସରେ ପଦବୀକୁ ନେଇ ଚାଲି ଆସୁଥିବା ଗୋଷ୍ଠୀ କନ୍ଦଳକୁ ଭକ୍ତ କିପରି ସମ୍ଭାଳୁଛନ୍ତି ତାହା ଏବେ ରାଜନୈତିକ ମହଲର ଚର୍ଚ୍ଚାର ବିଷୟ ପାଲଟିଛି।

## ପ୍ରକାଶ ପାଇଲା...

ଆନ୍ଧ୍ରପ୍ରଦେଶର ସାଇମନୋସ୍ମା ଗୁଥିକୋଣ୍ଡା ରହିଥିବାବେଳେ ଓଡ଼ିଶାର କୌଣସି ଛାତ୍ରୀଛାତ୍ର ସ୍ଥାନ ପାଇପାରିନାହାନ୍ତି। ତେବେ ଓଡ଼ିଶାର ନବନୀତ ପ୍ରିୟଦର୍ଶୀ ୯୯.୯୮ ପ୍ରତିଶତ ମାର୍କ ରଖି ୨୬ତମ ସ୍ଥାନ ହାସଲ କରିଛନ୍ତି। ଦୁଇଜଣ ଟ୍ରାନ୍ସଜେଣ୍ଡର ମଧ୍ୟ ଏହି ପରୀକ୍ଷା ଦେଇଥିଲେ। ପରୀକ୍ଷାର୍ଥୀମାନେ ଏବେ ଅଫିସିଆଲ ୱେବ୍ସାଇଟ୍ ଯାଇ ସେମାନଙ୍କ ଫଳାଫଳ ଯାଞ୍ଚ କରିବା ସହ ସ୍କୋରକାର୍ଡ ଡାଉନ୍ଲୋଡ୍ କରିପାରିବେ।

ସୂଚନା ଅନୁଯାୟୀ, ସେସନ-୧ ପରୀକ୍ଷା ପାଇଁ ମୋଟ ୧୩ଲକ୍ଷ ୧୧ ହଜାର ୫୪୪ ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରେ ୪ଲକ୍ଷ ୪୩ ହଜାର ୬୨୨ ଜଣ ଛାତ୍ରୀ ଏବଂ ୮ଲକ୍ଷ ୬୭ ହଜାର ୯୨୦ ଜଣ ଛାତ୍ର ରହିଥିଲେ। ସେମାନଙ୍କ ମଧ୍ୟରୁ ୧୨ ଲକ୍ଷ ୫୮ ହଜାର ୧୩୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ପଛୁଆ ବର୍ଗର ସର୍ବାଧିକ ୪ଲକ୍ଷ ୯୦ ହଜାର ୨୭୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସାଧାରଣ ବର୍ଗରେ ୪ଲକ୍ଷ ୬୬ ହଜାର ୩୫୮, ଅର୍ଥନୈତିକ ଦୁର୍ବଳ ବର୍ଗରେ ୧ ଲକ୍ଷ ୩୮ ହଜାର ୬୯୯, ଅନୁସୂଚିତ ଜାତି ବର୍ଗରେ ୧ଲକ୍ଷ ୨୨ହଜାର ୮୪୫, ଜନଜାତି ବର୍ଗରେ ୩୯ ହଜାର ୯୫୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

## ଝିଅ ଜନ୍ମ ହେଲେ...

ପାଇଁ ପୂର୍ବରୁ ୧୦ ହଜାର ଟଙ୍କା ଦିଆଯାଉଥିବାବେଳେ ମିଳିତ ଯୋଜନାରେ ୧୨ ହଜାର ଟଙ୍କା ଦିଆଯିବ। ସର୍ବାଧିକ ଦୁଇଟି ସନ୍ତାନ ଜନ୍ମକ୍ଷେତ୍ରରେ ଏହି ସହାୟତା ମିଳିବ। ତେବେ ପିଭିଟିଜିମାନଙ୍କ କ୍ଷେତ୍ରରେ ଦୁଇଟି ସନ୍ତାନ ସୀମା ଲାଗୁ ହେବନାହିଁ। ଏଥିରେ ସହାୟତା କରୁଥିବା ଅଙ୍ଗନୱାଡ଼ି କର୍ମୀମାନଙ୍କୁ ୨୦୦ ଟଙ୍କା ବଦଳରେ ୨୫୦ ଟଙ୍କା, ଏବଂ ଅଙ୍ଗନୱାଡ଼ି ସହାୟକମାନଙ୍କୁ ୫୦ ଟଙ୍କା ପରିବର୍ତ୍ତେ ୧୫୦ ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ଏହି ଉଭୟ ଯୋଜନାର ସମ୍ମିଳିତ କାର୍ଯ୍ୟକାରିତା ପାଇଁ ଆସନ୍ତା ଆର୍ଥିକ ବର୍ଷରେ ପ୍ରାୟ ୫୧୧ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଏଥିପାଇଁ କେନ୍ଦ୍ର ସରକାର ୧୧୫.୯୭ କୋଟି ଟଙ୍କା ପ୍ରଦାନ କରିଥିବାବେଳେ ରାଜ୍ୟ ସରକାର ୩୯୫.୭୫ କୋଟି ଟଙ୍କା ଯୋଗାଇଦେବେ। ଏହାଦ୍ୱାରା ପ୍ରାୟ ୪ ଲକ୍ଷ ୫୦ ହଜାର ଗର୍ଭବତୀ ଓ ପ୍ରସୂତି ମହିଳା ଉପକୃତ ହେବାର ସମ୍ଭାବନା ରହିଛି।

## ସର୍ବୋଚ୍ଚ ସ୍ତରରେ...

ଟଙ୍କାରେ ପହଞ୍ଚିଛି। ଏପରିକି ୧୮କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ୬୫,୫୪୦ ଟଙ୍କାରେ କାରବାର ହେଉଥିଲାବେଳେ ରୁପା ଦର ପ୍ରତି କିଲୋଗ୍ରାମ ପିଛା ୧,୦୭,୦୦୦ ଟଙ୍କାରେ କାରବାର ହେଉଛି। ସେହିପରି ରାଜ୍ୟର ପ୍ରମୁଖ ସହର କଟକ, ବ୍ରହ୍ମପୁର, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା, ଢେଙ୍କାନାଳ, ଅନୁଗୋଳ, ପୁରୀ, ବାଲେଶ୍ୱର ଏବଂ ଭଦ୍ରକ ଭଳି ସହରରେ ମଧ୍ୟ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୭,୫୦୦ ରୁ ୮୮,୦୦୦ ଟଙ୍କାରେ କାରବାର ହେଉଥିଲାବେଳେ ଉପରୋକ୍ତ ସହରଗୁଡ଼ିକରେ ୨୨ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୦,୧୦୦ରୁ ୮୦,୨୦୦ ଟଙ୍କାରେ ବିକ୍ରି ହେଉଛି। ଅପରପକ୍ଷରେ ଏହି ସହରଗୁଡ଼ିକରେ ରୁପା ଦର ପ୍ରତି କିଲୋଗ୍ରାମ (କେଜି) ପିଛା ୧,୦୭.୦୦୦ରୁ ୧,୦୯,୦୦୦ ଟଙ୍କାରେ କାରବାର ହେଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସନ୍ତାନଙ୍କ ସକାଶେ କୌଣସି ସମ୍ପର୍କକୁ କେନ୍ଦ୍ରକରି ମାନସିକ ଅସ୍ଥିରତା ସୃଷ୍ଟି ହେବ। କର୍ମ କ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। କୃତ୍ତିକା ନକ୍ଷତ୍ରର ଅର୍ଥ ଲାଭ, ଶାରିରିକ ସୁସ୍ଥତା ବନ୍ଧୁଙ୍କ ପରାମର୍ଶ ପାଇବା ଯୋଗୁ ମନ ଖୁସି ରହିପାରେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ପ୍ରଶଂସିତ ହେବେ।

**ବୃଷ**
ପିଲାଙ୍କ ବିବାହକୁ କେନ୍ଦ୍ରକରି ପରିବାରରେ କଥା କଟାକଟି ଲାଗିପାରେ। ରୋହିଣୀ ନକ୍ଷତ୍ରର ଆଶା କରୁଥିବା ଧନ ସକାଶେ କଳହ ସୃଷ୍ଟିର ସୂଚନା ରହିଛି। ଉପରିସ୍ଥ କର୍ମଚାରୀଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିପାରନ୍ତି। ବାଧ୍ୟବାଧକତାବଶତଃ ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ମିଥୁନ**
ଆଜି ପରିସ୍ଥିତିରେ ମିଥ୍ୟା ପ୍ରତିଶ୍ରୁତି ଦେଇ ପଶ୍ଚାତେ ସମାଲୋଚିତ ହୋଇପାରନ୍ତି। ଅସ୍ଥିରତା ଲାଗି ରହିବା କାରଣରୁ ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବେ। ମୃଗଶିରା ନକ୍ଷତ୍ର ଯାନବାହନ ଚାଳନାରେ ସତର୍କ ରୁହନ୍ତୁ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକ ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**କର୍କଟ**
ଆଜି ଆବଶ୍ୟକତାରୁ ଅଧିକ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ବାଧ ହେବେ। ନୂତନ ଉଦ୍ୟୋଗ କିମ୍ବା ପ୍ରକଳ୍ପ କାମରେ ବିଭିନ୍ନ ଯୋଜନା କରିବାରେ ମନ ଦେବେ। ସଭାସମିତିର ଆଲୋଚନାରେ ଦ୍ୱନ୍ଦ୍ୱରେ ପଡ଼ି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ପୁନର୍ବସୁ ନକ୍ଷତ୍ର ବନ୍ଧୁଙ୍କ ଜରିଆରେ ଶୁଭ ଖବର ଶୁଣି ଖୁସି ହେବେ।

**ସିଂହ**
ମାନସିକ ଅସୁସ୍ଥତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ସମସ୍ୟା ଲାଗି ରହିବ। ଆର୍ଥିକ ଅନଟନ, ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ତଥାପି ଉତ୍ତରାଫାଲ୍ଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିପାରନ୍ତି। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ ଦିନଟି ବିତିଯିବ।

**କନ୍ୟା**
ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଚିତ୍ରା ନକ୍ଷତ୍ର ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ କଳହ ସୃଷ୍ଟି କରିପାରନ୍ତି। ଘର ଲୋକଙ୍କୁ ଉପେକ୍ଷା କରି ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରିପାରନ୍ତି।

**ତୁଳା**
ସ୍ୱାତୀ ନକ୍ଷତ୍ର ସକାଶେ ପଡ଼ୋଶୀଙ୍କ ହସ୍ତକ୍ଷେପ ଫଳରେ ବିବାଦର ସମାଧାନ ହୋଇପାରେ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାର ଆପୋସ ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା**
ଭୁଲ୍ ନିଷ୍ପତ୍ତି ପରିପ୍ରେକ୍ଷୀରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ପରିବାରର ଆବଶ୍ୟକତା ତୁଲାଇବା ସକାଶେ ଧାରକରଜ କରି ଆବଶ୍ୟକତା ଚଳାଇ ନେବେ। ଅନୁରାଧା ନକ୍ଷତ୍ର ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ। ବନ୍ଧୁଙ୍କ ପ୍ରେରଣାରେ କାମ ହାସଲ ସକାଶେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ବାଧ ହେବେ।

**ଧନୁ**
ଆଜି ପ୍ରତ୍ୟେକ କାମ ମନ୍ଥର ଗତିରେ ହେବାରୁ କୌଣସି ବ୍ୟକ୍ତି କଡ଼ା କଥା ଶୁଣାଇ ପାରନ୍ତି। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପ୍ରସଙ୍ଗକ୍ରମେ କଠୋର କଥା ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ମୂଳା ନକ୍ଷତ୍ର ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମକର**
ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ସାମାଜିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଶ୍ରବଣା ନକ୍ଷତ୍ର ଉପରିସ୍ଥଙ୍କ ଆଦେଶାନୁକ୍ରମେ ଦୂରଯାତ୍ରାର ସୁଯୋଗ ପାଇବେ। ଶିଳ୍ପ, ବାଣିଜ୍ୟ, ନିର୍ମାଣ, ପ୍ରଶାସନ ଓ କଚେରି ମାମଲା କ୍ଷେତ୍ରରେ ସୁଫଳ ପାଇବେ।

**କୁମ୍ଭ**
ଆଜି ଯେଉଁ କାମରେ ହାତ ଦେବେ ତାହା ସହଜରେ ସମ୍ପନ୍ନ ହୋଇଯିବ। ଶତଭିଷା ନକ୍ଷତ୍ର ପାଇଁ ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ବନ୍ଧୁମାନେ ଅସହଯୋଗ କଲେ ମଧ୍ୟ ଆପଣଙ୍କ କୌଣସି କାମ ଅଟକିବ ନାହିଁ। ଦୀର୍ଘ ଦିନର ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ**
ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ,ଫଳରେ ଭୁଲ୍ ବୁଝାମଣାରୁ ଅଶାନ୍ତି ସୃଷ୍ଟି ହେବ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ଶେୟାର ବଜାର ଓ ପରିବହନରେ ଲାଭବାନ ହେବେ। ଉତ୍ତରଭାଦ୍ର ନକ୍ଷତ୍ର ସ୍ୱାସ୍ଥ୍ୟ ହାନି କାରଣରୁ ଦୁଶ୍ଚିନ୍ତାଗ୍ରସ୍ତ ରହିପାରନ୍ତି।

ଆଜି ଫେବୃଆରୀ ୧୨ ତାରିଖ, କୁମ୍ଭସଂକ୍ରାନ୍ତି, ଅଗ୍ନିଉତ୍ସବ, ମାଘ ପୂର୍ଣ୍ଣିମା ବୁଧବାର, ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଗଜ ଉଦ୍ଧାରଣ ବେଶ, ପ୍ରୟାଗତୀର୍ଥେ ମହାକୁମ୍ଭ ସ୍ନାନ, ମାଘବ୍ରତ ସମାପନ, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୦ମି. ଗତେ ଘ.୦୭.୫୧ମି. ମଧ୍ୟେ, ଘ.୧୦.୩୫ମି. ଗତେ ଘ.୧୧.୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨.୦୦ମି. ଗତେ ଘ.୦୧.୨୫ମି. ମଧ୍ୟରେ ରାହୁ କାଳ।




# ପଞ୍ଜିକାରେ ତ୍ରୁଟି ଥିଲେ ହେବ କାର୍ଯ୍ୟାନୁଷ୍ଠାନ

## ପଞ୍ଜିକା ସମୀକରଣ ବୈଠକ

**ପୁରୀ,୧୧।୨ (ଅଜିତ୍ କୁମାର ମହାନ୍ତି)**

ପଞ୍ଜିକା ସମୀକରଣ ବୈଠକ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପୂର୍ବାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କିଛି ବର୍ଷ ହେବ ପଞ୍ଜିକାରେ ତ୍ରୁଟି ପରିଲକ୍ଷିତ ହେଉଥିବା ନେଇ ଭକ୍ତଙ୍କଠାରୁ ଆରମ୍ଭ କରି ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଥିଲେ। ତେଣୁ ୨୦୨୫-୨୬ ବର୍ଷରେ ଆଉ ପଞ୍ଜିକାଗୁଡ଼ିକରେ ଶ୍ରୀମନ୍ଦିର ପର୍ବପର୍ବାଣିରେ ଯେପରି ତ୍ରୁଟି କି ଦ୍ୱନ୍ଦ୍ୱ ରହିବ ନାହିଁ, ସେ ନେଇ ଗୁରୁତ୍ୱ ଦିଆଯାଇଛି। ଶ୍ରୀମନ୍ଦିରର ଯାନିଯାତ୍ରା ଓ ପର୍ବପର୍ବାଣି ତାଲିକାକୁ ସମସ୍ତ ପାଞ୍ଜି ଛାପିବେ ଓ ସେହି ଅନୁସାରେ ଲୋକେ ସେହିଦିନ ତିଥି, ବାର ପାଳିବେ ବୋଲି ଅନୁଷ୍ଠିତ ପଞ୍ଜିକା ସମୀକରଣ ବୈଠକରେ ନିଷ୍ପତ୍ତି ହୋଇଛି। ଆଉ ଯିଏ ବି କେହି ତ୍ରୁଟି କରି ପ୍ରକାଶ କରିବେ ସେମାନଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସୂଚନା ଦେଇଛନ୍ତି। ଏଥର ଅକ୍ଟୋବର ୨୦ରେ ଦୀପାବଳି ଅମାବାସ୍ୟା ଓ ଅକ୍ଟୋବର ୨୧ରେ ଶ୍ରୀମନ୍ଦିରର ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ରହିଛି। ତେଣୁ ଏଥିରେ ଦ୍ୱନ୍ଦ୍ୱର ଆଶଙ୍କା ରହିଥିବା ବେଳେ ୨୦୨୬ରେ ରାମନବମୀ ତିଥିକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ରହିବ। ଶ୍ରୀମନ୍ଦିର ପ୍ରଶାସନ ନିକଟରେ ପଞ୍ଜିକାରମାନେ ସେମାନଙ୍କ ପାଣ୍ଡୁଲିପି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ୫ ଜଣ ପଞ୍ଜିକାର ସେମାନଙ୍କ ପାଣ୍ଡୁଲିପି ମୁକ୍ତିମଣ୍ଡପ ନିକଟରେ ଦାଖଲ କରିଥିଲେ। ପରେ ସେଥିରେ ସଂଶୋଧନ କରି ୫ଟି ପଞ୍ଜିକାରଙ୍କୁ ମୁକ୍ତିମଣ୍ଡପ ସ୍ୱୀକୃତି ଓ ଶ୍ରୀମନ୍ଦିର ପ୍ରଶାସନ ଅନୁମୋଦନ ଦେଇଛି।

ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିରର ବାର୍ଷିକ ପର୍ବପର୍ବାଣିଦ୍ ଓ ଯାନିଯାତ୍ରା ତାଲିକା ସମ୍ପର୍କରେ ଏକ ବୈଠକ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଭୁଲ ଓ ଠିକ୍ ପଞ୍ଜିକା ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ବୈଠକରେ ୫ ଗୋଟି ପଞ୍ଜିକାର ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ପର୍ବପର୍ବାଣିକୁ ପଞ୍ଜିକାରମାନେ ସେମାନଙ୍କ ପାଞ୍ଜିରେ ନିର୍ଭୁଲ ଭାବେ ପ୍ରକାଶ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯଦି କିଛି ଭୁଲ୍ ରହିବ ତେବେ ସେମାନଙ୍କ ଉପରେ ଶ୍ରୀମନ୍ଦିର ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପଞ୍ଜିକାରେ ସମୀକରଣ ଆଣିବା ପାଇଁ କିଛିବର୍ଷ ହେବ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏକ ସବ୍‌କମିଟି ଗଠନ କରାଯାଇଛି। ସେହି ପ୍ରକ୍ରିୟା ଅନୁଯାୟୀ ଆଲୋଚନା କରାଯାଇଛି। ଏନେଇ ପୂଜାପଣ୍ଡା ନିଯୋଗର ମାଧବ ପୂଜାପଣ୍ଡା କହିଛନ୍ତି, ବୈଠକରେ ପଞ୍ଜିକା ଉପରେ ଆଲୋଚନା କରାଯାଇଛି। ପଞ୍ଜିକାରେ ଶ୍ରୀମନ୍ଦିରର ପର୍ବପର୍ବାଣିରେ ସାମାନ୍ୟ ପରିବର୍ତ୍ତନ ଦେଖିବାକୁ ମିଳିବ, କାରଣ ଶ୍ରୀମନ୍ଦିର ସ୍ୱତ୍ୱଲିପି ଓ ଶାସ୍ତ୍ରୀୟ ଆଧାରରେ କିଛି ନୀତିକାନ୍ତି ରହିଥିବାରୁ ଏଥିରେ ବ୍ୟତିକ୍ରମ ରହିଥାଏ। ଶ୍ରୀମନ୍ଦିରର ଏହି ନୀତିକୁ ପଞ୍ଜିକାରମାନେ ସେମାନଙ୍କ ପାଞ୍ଜିରେ ସ୍ପଷ୍ଟ କରିବେ ବୋଲି କୁହାଯାଇଛି। ବୈଠକରେ ଶୁଦ୍ଧ ସୁଆର ନିଯୋଗ, ପୂଜାପଣ୍ଡା ନିଯୋଗ, ଶ୍ରୀମନ୍ଦିର କମାଣ୍ଡର୍, ତଢ଼ଉକରଣ, ଦେଉଳକରଣ, ଶ୍ରୀନ୍ଦିର ନୀତି ପ୍ରଶାସକ ଓ ମୁକ୍ତିମଣ୍ଡପ ପଣ୍ଡିତ ସଭା ଉପସଭାପତିଙ୍କ ସମେତ ୫ ଜଣ ପଞ୍ଜିକାର ପ୍ରକାଶକ ଉପସ୍ଥିତ ଥିଲେ।

# ଓମାନରେ ଫସିଛନ୍ତି ୧୨ ଶ୍ରମିକ

**ଛତ୍ରପୁର/ଗଞ୍ଜାମ,୧୧।୨ (ଦିଲ୍ଲୀପ ସାମଲ/ସନ୍ତୋଷ ପାଢୀ/ବିଦ୍ୟାଧର ସାହୁ)**


ଓମାନରେ ଫସି ରହିଥିବା ଯୁବକ

ସୁଦୂର ଓମାନରେ ୧୨ ଜଣ ଶ୍ରମିକ ଫସି ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରି ଭାରତ ଫେରାଇ ଆଣିବା ଲାଗି ଏହି ଶ୍ରମିକ ଓ ତାଙ୍କ ପରିବାର ଭାରତ ସରକାର ଓ ରାଜ୍ୟ ସରକାରଙ୍କୁ ଏକ ଭିଡିଓ ବାର୍ତ୍ତାରେ ନିବେଦନ କରିଛନ୍ତି। ଜାରି ଭିଡିଓ ବାର୍ତ୍ତା ଭାଇରଲ ହେବା ପରେ ଏହା ପଦାକୁ ଆସିଛି। ଫଶି ରହିଥିବା ଶ୍ରମିକଙ୍କ ମଧ୍ୟରେ ଗଞ୍ଜାମ ଜିଲାର ଜଣେ ଶ୍ରମିକ ରହିଛନ୍ତି। ସେ ହେଲେ ରମ୍ଭା ଥାନା ଅନ୍ତର୍ଗତ ତାରିଣୀପଲ୍ଲି ଗ୍ରାମର ବସନ୍ତ ସେଠୀ। ତାଙ୍କ ପୁଅକୁ ସେଠାରୁ ନିରାପଦରେ ଦେଶ ଓ ରାଜ୍ୟକୁ ଫେରାଇ ଆଣିବା ଲାଗି ବସନ୍ତଙ୍କ ମା' ଇନ୍ଦିରା ନିବେଦନ କରିଛନ୍ତି। ଛତ୍ରପୁରସ୍ଥିତ ଜିଲା ଶ୍ରମ ଅଧିକାରୀ ବର୍ଷାରାଣୀ ଜେନାଙ୍କୁ ଭେଟି ମଙ୍ଗଳବାର ଘଟଣା ସମ୍ପର୍କରେ ଜଣାଇ ଇନ୍ଦିରା ପୁଅକୁ ଫେରାଇ ଆଣିବାକୁ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ, ତାଙ୍କ ପୁଅ ବସନ୍ତ ୫ମାସ ହେଲା ଓମାନ ଯାଇଥିଲା। ସେଠାରେ ସେ ବେଲ୍‌କୋ କମ୍ପାନୀ (ବ୍ରାଉନ ଆର୍ଥ ଟ୍ରେଡିଂ ଆଣ୍ଡ କଣ୍ଟ୍ରାକ୍ଟିଂ ଏଲ୍‌ଏଲ୍‌ସି କମ୍ପାନୀ)ରେ କାର୍ଯ୍ୟ କରୁଥିଲା। ସେଠାରେ ପୁଅକୁ କୌଣସି ପାରିଶ୍ରମିକ ପ୍ରଦାନ କରାଯାଉନାହିଁ। ମୁହଁ ଖୋଲିଲେ ମାରିଦେବାକୁ ଧମକ ମିଳୁଛି ବୋଲି ଇନ୍ଦିରା ଅଭିଯୋଗ କରିଛନ୍ତି। ପାରିଶ୍ରମିକ ନ ମିଳିବାରୁ ପୁଅ ପ୍ରତିବାଦ କରିବାରୁ ତାକୁ କମ୍ପାନୀରୁ ବାହାର କରାଯାଇଛି। ତାର ପାସପୋର୍ଟ ଏବଂ ଆବଶ୍ୟକ କାଗଜପତ୍ର କମ୍ପାନୀ ଛଡାଇ ନେଇଥିବାରୁ ସେ ସେଠାରୁ ମୁକୁଳି ସ୍ୱଦେଶ ଫେରିପାରୁନାହିଁ ବୋଲି ଇନ୍ଦିରା ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

## ମାତୃପିତୃହୀନ ଶିଶୁପୁତ୍ରକୁ ଆଦରି ନେଲେ ଇଟାଲୀୟ ଦମ୍ପତି

**ପାରଳାଖେମୁଣ୍ଡି,୧୧।୨(ଗିରିଧାରୀ ପରିଛା)**

ଗଜପତି ଜିଲା ପାରଳାଖେମୁଣ୍ଡିରୁ ଏକ ପିତୃମାତୃହୀନ ଶିଶୁପୁତ୍ରକୁ ଇଟାଲିର ଏକ ଦମ୍ପତି ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିଛନ୍ତି। ଶିଶୁପୁତ୍ରଟିର ବୟସ ୧୧ ବର୍ଷ ହୋଇଥିବା ବେଳେ ଏନେଇ ଦମ୍ପତି ଦାଖଲ କରିଥିବା ସମସ୍ତ ରେକର୍ଡପତ୍ର ଯାଞ୍ଚ କରିବା ପରେ ମଙ୍ଗଳବାର ଜିଲାପାଳ ବିଜୟ କୁମାର ଦାଶ ଶିଶୁଟିକୁ


ପ୍ରଶାସନ ପକ୍ଷରୁ ଇଟାଲୀୟ ଦମ୍ପତିଙ୍କୁ ଶିଶୁପୁତ୍ର ହସ୍ତାନ୍ତର କରାଯାଉଛି।

ଇଟାଲୀୟ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ପିତୃମାତୃହୀନ ଏହି ଶିଶୁପୁତ୍ରକୁ ଶିଶୁ ମଙ୍ଗଳ ସମିତି ନିର୍ଦ୍ଦେଶରେ ଯତ୍ନ ଓ ସୁରକ୍ଷା ଲାଗି ଗୁମ୍ମାସ୍ଥିତ ନିଶାନ ସାଲୋମ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଥିଲା। ପରେ ଶିଶୁ ମଙ୍ଗଳ ସମିତି ଶିଶୁଟିକୁ ଆଇନତଃମୁକ୍ତ ଭାବେ ଘୋଷଣା କରି ତା'ର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲରେ ଅପ୍‌ଲୋଡ଼ କରିଥିଲେ। ଏହା ଦେଖି ଇଟାଲୀୟ ଦମ୍ପତି ଶିଶୁଟିକୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିବାକୁ ଗଜପତି ଜିଲା ପ୍ରଶାସନକୁ ଆବେଦନ କରି ସମସ୍ତ କାଗଜପତ୍ର ଦାଖଲ କରିଥିଲେ। ୩ବର୍ଷ ଅପେକ୍ଷା ପରେ ଉକ୍ତ ଦମ୍ପତିଙ୍କ ଆବେଦନକୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ପରେ ଦମ୍ପତି ଶିଶୁଟିକୁ ଦେଖି ପସନ୍ଦ କରିଥିଲେ।

## ପାଳ କୁଡ଼ିଆରେ ନିଆଁଲାଗି ୨ ଶିଶୁ ଜୀବନ୍ତ ଦଗ୍ଧ

**ଲାଞ୍ଜିଗଡ଼, ୧୧।୨(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଖବାହାଲି ପଞ୍ଚାୟତ ତାଳବୋରା ଗାଁରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଚାଷ ଜମିରେ ଥିବା ଏକ ପାଳ କୁଡ଼ିଆରେ ନିଆଁଲାଗି ୨ ଜଣ ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସୂଚନାନୁସାରେ ତାଳବୋରା ଗାଁର ବଡ଼ ବିଶି ମାଝୀ ଓ ସୁଶାରୀ ମାଝୀଙ୍କ ୫ ବର୍ଷର ପୁଅ ଓ ୪ ବର୍ଷର ଝିଅ ମଙ୍ଗଳବାର ସକାଳେ ସେମାନଙ୍କ ଚାଷଜମିରେ ତିଆରି ହୋଇଥିବା ପାଳ କୁଡ଼ିଆରେ ବସି ଖେଳୁଥିଲେ। କୁଡ଼ିଆରେ ଥିବା ମା' ସୁଶାରୀ ସେମାନଙ୍କୁ ଛାଡି ପାଖ ଜଙ୍ଗଲରେ କାଠ ସଂଗ୍ରହ କରୁଥିଲେ। ଏହି ସମୟରେ କୌଣସି କାରଣରୁ ହଠାତ୍ କୁଡିଆରେ ନିଆଁ ଲାଗିଯିବାରୁ ଦୁଇ ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ସେମାନଙ୍କ ଚିତ୍କାର ଶୁଣି ସୁଶାରୀ ଆସିବା ବେଳକୁ ସବୁକିଛି ସରିଯାଇଥିଲା। ଦୁଇଶିଶୁଙ୍କ ମୃତ୍ୟୁ ପରେ ପରିବାର ଉପରେ ଦୁଃଖର ସତେଯେପରି ପାହାଡ଼ ମାଡିବସିଛି। ଝିଅପୁଅଙ୍କ ମୃତ୍ୟୁରେ ସ୍ୱାମୀ ଓ ସ୍ତ୍ରୀ ଭାଙ୍ଗି ପଡିଛନ୍ତି। ଗାଁ ମଶାଣିରେ ଏକ ଶୋକାକୁଳ ପରିବେଶରେ ଉଭୟ ଶିଶୁଙ୍କ ମୃତଦେହ ସତ୍କାର କରାଯାଇଛି। ସରକାରୀ ନିୟମକାନୁନ ବିଷୟରେ ସେମାନେ ଅଜ୍ଞ ଥିବା ହେତୁ ପୋଲିସ ପ୍ରଶାସନକୁ ସୂଚନା ଦେଇନାହାନ୍ତି। ଏହି ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

## ନବମ, ଦଶମ ଶ୍ରେଣୀ ପିଲାଙ୍କୁ ମିଳିବ ମଧ୍ୟାହ୍ନଭୋଜନ

**ଭୁବନେଶ୍ୱର,୧୧।୨(ସୁସ୍ମିତା ସାହୁ)**

ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନଭୋଜନ ମିଳିବ। ମଙ୍ଗଳବାର କଟକରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏନେଇ ଘୋଷଣା କରିଛନ୍ତି। ପୂର୍ବରୁ ବିଦ୍ୟାଳୟରେ କେବଳ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ମିଳୁଥିଲା। ଛାତ୍ରୀଛାତ୍ରମାନେ ଯେଭଳି ପାଠପଢ଼ା ପ୍ରତି ଅଧିକ ଧ୍ୟାନ ଦେବେ ଏବଂ ଶିକ୍ଷାଗ୍ରହଣ ସମୟରେ ଭୋକରେ ନ ରହିବେ ସେଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଉଛନ୍ତି। ସେହିପରି ଖାଦ୍ୟଭାବ ଯୋଗୁ ପିଲାଙ୍କ ପାଠପଢ଼ାରେ ଯେପରି କୌଣସି ଅସୁବିଧା ନ ହୁଏ ସେନେଇ ସରକାର ଏହି ବ୍ୟବସ୍ଥା ଲାଗୁ ପାଇଁ ଯୋଜନା କରିଛନ୍ତି।

## ଦୁର୍ଘଟଣାରେ ଦୁଇ ମୃତ, ୨ ଗୁରୁତର

**ବାରିପଦା,୧୧।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠ ମଞ୍ଚାବନ୍ଧା ଅଞ୍ଚଳ ୧୮ନଂ. ଜାତୀୟ ରାଜପଥରେ ମଙ୍ଗଳବାର ପୂର୍ବାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ମାଲ୍ ବୋଝେଇ ଅଟୋକୁ ପଛପଟୁ ସ୍କର୍ପିଓ ଧକ୍କା ଦେବାରୁ ଅଟୋରେ ବସିଥିବା ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍କର୍ପିଓରେ ବସିଥିବା ୨ ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଛନ୍ତି। ମୃତକ ହେଲେ ଶୁଳିଆପଦା ଥାନା ବାଲିଆସାହି ଗ୍ରାମର ଉତ୍କଳ ଥୟାଲ ଓ ବଡ଼ଶଳ ଗ୍ରାମର ଗଙ୍ଗବନ୍ଧୁ ସି। ଆହତ ଦ୍ୱୟଙ୍କ ପରିଚୟ ମିଳିପାରି ନାହିଁ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ମୁମ୍ବାଇରେ ଓଡ଼ିଆ ଶ୍ରମିକ ମୃତ

**ମୋହନା,୧୧।୨ (ମନ୍ମଥ ମିଶ୍ର)**

ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ତଳ ଦାମାଦୁଆ ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ମୁମ୍ବାଇରେ ଟ୍ରେନ ଧକ୍କାରେ ମୃତ୍ୟୁ ହୋଇଛି। ସେ ହେଲେ ଫିରୋଜ ମଳିକ। ଘରେ ଅଭାବ ଅନଟନ ଲାଗି ରହିଥିବାରୁ ଫିରୋଜ ଘରେ ସ୍ତ୍ରୀ, ବୁଢ଼ୀ ମା,' ଓ ପିଲାଙ୍କୁ ଛାଡି ଦାଦନ ଖଟିବାକୁ ଗତମାସ ଜାନୁୟାରୀ ୬ରେ ମୁମ୍ବାଇ ଯାଇଥିଲେ। ସୋମବାର ୧୦ ତାରିଖରେ ସେଠାରେ ଏକ ଟ୍ରେନ ଧକ୍କାରେ ଫିରୋଜଙ୍କ ମୃତ୍ୟୁ ହୋଇଥିବା ମୁମ୍ବାଇ ପୋଲିସ ଫୋନ କରି ପରିବାର ଲୋକଙ୍କୁ ଜଣାଇଛି। ଫଳରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଫିରୋଜଙ୍କ ପରିବାର ଅତି ଗରିବ ହୋଇଥିବାରୁ ଗ୍ରାମବାସୀ ଚାନ୍ଦା ଆଦାୟ କରି ମୃତଦେହ ଆଣିବାକୁ ମୁମ୍ବାଇ ଯାଇଥିବା ଜଣାପଡିଛି। ସରକାର ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।






"କ୍ରମବିକାଶର ଶେଷ ହୋଇନାହିଁ। ପ୍ରକୃତିର ଶେଷକଥା ମଧ୍ୟ ମନୁଷ୍ୟର ବୌଦ୍ଧିକ ମନନଶୀଳତା ନୁହେଁ। ପଶୁ ଭିତରୁ ଯେପରି ମଣିଷ ଉଠି ଆସିଛି- ସେହିପରି ମଧ୍ୟ ମଣିଷ ଭିତରୁ ଅତିମାନବ ଉଠିଆସୁଛି। -ଶ୍ରୀଅରବିନ୍ଦ

-କୁମ୍ଭ ସଂକ୍ରାନ୍ତି, ମାଘ ପୂର୍ଣ୍ଣିମା, ଅଗ୍ନି ଉତ୍ସବ, ମାଘ ବ୍ରତ ସମାପନ ଓ ହଳ ନିଷେଧ



# ୮୦+୧୪

ବ୍ରିଟିଶ ଶାସନ ସମୟରେ ଅର୍ଥାତ୍ ୧୮୭୨ରେ ଆରମ୍ଭ ହୋଇଥିବା ଭାରତର ଜନଗଣନା ୨୦୧୧ରେ ଶେଷଥର ପାଇଁ ହୋଇଥିଲା। ଏହାର ପରବର୍ତ୍ତୀ ଗଣନା ୨୦୨୧ରେ ହୋଇଥାଆନ୍ତା। କୋଭିଡ୍ ମହାମାରୀ ଯୋଗୁ ଏହା ବନ୍ଦ କରାଯାଇଥିବା ସରକାରୀ ଭାବେ କୁହାଗଲା। ହେଲେ ମହାମାରୀ ଯିବାର ୩ବର୍ଷରୁ ଅଧିକ ସମୟ ବିତିଯିବା ପରେ ମଧ୍ୟ ଏଥିରେ ଶିଥିଳତା ପରିଲକ୍ଷିତ ହୋଇଛି। ଦେଖିବାକୁ ଗଲେ ୨୦୨୦ ମାର୍ଚ୍ଚ ପରେ ବିଶ୍ୱର ୧୪୩ଟି ଦେଶ ଜନଗଣନା କରିଥିବାବେଳେ ଭାରତରେ ତାହା ହୋଇପାରିନାହିଁ। ସଂଘର୍ଷ ଓ ଆର୍ଥିକ ବିପର୍ଯ୍ୟୟ ମଧ୍ୟରେ ରହି ଜନଗଣନା କରିପାରି ନ ଥିବା ୟେମେନ, ଆଫଗାନିସ୍ତାନ, ସିରିଆ, ୟୁକ୍ରେନ ଏବଂ ଶ୍ରୀଲଙ୍କା ଭଳି ଦେଶଗୁଡ଼ିକ ସହ ତାଲିକାଭୁକ୍ତ ହୋଇଛି ଭାରତ। ନିକଟରେ କେନ୍ଦ୍ର ସରକାର ଚଳିତ ବର୍ଷ ଜନଗଣନା ଆରମ୍ଭ କରି ୨୦୨୬ରେ ଶେଷ କରିବାକୁ କହିଛନ୍ତି। ଏହା ସହ ୨୦୨୮ ସୁଦ୍ଧା ଲୋକ ସଭା ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଶେଷ କରିବାକୁ ଆଶା ରଖିଛନ୍ତି। ଏଥିରୁ ସନ୍ଦେହ ସୃଷ୍ଟି ହେଉଛି ଯେ, ୨୦୨୬ ଭାରତୀୟ ଜନଗଣନା ପଛରେ ଲୋକ ସଭା ଆସନ ସଂଖ୍ୟା ଓ ସୀମା ନିର୍ଦ୍ଧାରଣ ପଛରେ ମନ୍ଦ ରାଜନୈତିକ ଉଦ୍ଦେଶ୍ୟ ରହିଛି। ଏଭଳି ପରିସ୍ଥିତିରେ ହେବାକୁ ଥିବା ଜନଗଣନା, ଜନ୍ମପୂର୍ବରୁ, ରୋଗାକ୍ରାନ୍ତ ହୋଇସାରିଲାଣି। ଏହି କ୍ରମରେ ଜନଗଣନା ଶୀଘ୍ର ଶେଷ କରିବା ପାଇଁ ଫେବୃଆରୀ ୧୦ ତାରିଖରେ ରାଜ୍ୟ ସଭାରେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସରକାରଙ୍କୁ କହିଛନ୍ତି। ସେ ଅଭିଯୋଗ ଆଣିଛନ୍ତି ଯେ ୨୦୧୧ ଜଣଗଣନା ଅନୁଯାୟୀ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ହିତାଧିକାରୀଙ୍କୁ ଚିହ୍ନଟ କରାଯାଉଛି ଓ ଦେଶର ପ୍ରାୟ ୧୪ କୋଟି ଲୋକ ଏହି ଆଇନରେ ଖାଦ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଅର୍ଥାତ୍ ସୋନିଆଙ୍କ କହିବା ଅନୁଯାୟୀ, ଏବେ ପାଉଥିବା ୮୦ କୋଟିଙ୍କ ସହିତ ଆହୁରି ଅଧିକ ୧୪ କୋଟି ଯୋଡ଼ା ହେବେ, ଯାହାର ଅର୍ଥ ହେଲା ଜାତିସଂଘ କହିବା ଅନୁଯାୟୀ ମୋଟ ଭାରତର ଜନସଂଖ୍ୟା ୧୪୨ କୋଟିରୁ ପ୍ରାୟ ୯୪ କୋଟି ଦାରିଦ୍ର୍ୟ ସୀମାରେଖା ତଳେ ବଞ୍ଚୁଛନ୍ତି। ସେଭଳି ବଞ୍ଚିବା ବି କି ପ୍ରକାର ବଞ୍ଚିବା! ସୋନିଆଙ୍କ ଦାବିକୁ ଯଦି ଦେଖାଯାଏ ସରକାର ତାହାକୁ ଖଣ୍ଡନ କରିବାକୁ ଯେଉଁ ତଥ୍ୟ ଦରକାର ତାହା ତାଙ୍କ ପାଖରେ ଅନୁପସ୍ଥିତ।

**ଜନଗଣନାରେ ବିଳମ୍ବ ଯୋଗୁ ସରକାରୀ ସଂସ୍ଥାଗୁଡ଼ିକ ଦ୍ୱାରା କରାଯାଉଥିବା ସର୍ଭେ ଭରସାଯୋଗ୍ୟ ହୋଇପାରୁନାହିଁ। ଏହାସହ ଭାରତରେ ଜନଗଣନାର ଦୀର୍ଘ ବିଳମ୍ବ ହେତୁ ସହର ବିକାଶଠାରୁ ଆରମ୍ଭ କରି ପରିବେଶ ପରିଚାଳନା ମଧ୍ୟ ଠିକ୍ ଭାବେ ହୋଇପାରୁନାହିଁ। ଏଣୁ ତଥ୍ୟ ସଂଗ୍ରହରେ ବିଳମ୍ବ ଯୋଗୁ ପୁରୁଣା ଓ ଅନୁପଯୁକ୍ତ ତଥ୍ୟକୁ ଆଧାର କରି ନୀତି ନିର୍ଦ୍ଧାରଣ ରାଜନେତାଙ୍କ ଧାରଣା ଏବଂ ବିଚାରଧାରା ଉପରେ କରାଯାଉଥିବା ଲକ୍ଷ୍ୟ କରାଯାଉଛି। ଫଳରେ ଯୋଜନାରେ ସଫଳତା ହାର କମୁଛି।**

୨୦୧୧ ଜଣଗଣନା ଅନୁଯାୟୀ ଭାରତର ଲୋକସଂଖ୍ୟା ପାଖାପାଖି ୧୨୧ କୋଟି ରହିଥିଲା। ଜାତିସଂଘ ତଥ୍ୟ ଅନୁଯାୟୀ, ଏବେ ଏହି ସଂଖ୍ୟା ୧୪୨ କୋଟିରୁ ଊର୍ଦ୍ଧ୍ୱରେ ପହଞ୍ଚି ଚାଇନାକୁ ଟପିଗଲାଣି। ପ୍ରକୃତ କଥା ହେଉଛି, ଜନଗଣନା ମାଧ୍ୟମରେ ଅର୍ଥ ବ୍ୟବସ୍ଥା ଓ ସମାଜର ବ୍ୟାପକ ପରିସଂଖ୍ୟାନଗତ ଅଧ୍ୟୟନ କରାଯାଏ ଏବଂ ବିରାଟ ବିଶ୍ୱସନୀୟ ତଥ୍ୟ ମିଳେ। ଏହିସବୁ ତଥ୍ୟ ସାର୍ବଜନୀନ ନୀତି ପ୍ରଣୟନ ନିମନ୍ତେ ଅତ୍ୟାବଶ୍ୟକ ଆଧାର ହୋଇଥାଏ। ଦେଶରେ ଦୀର୍ଘବର୍ଷ ହେଲା ତଥ୍ୟ ଅଭାବ ଯୋଗୁ ଅନେକ ସମସ୍ୟା ଦେଖାଦେଇଛି। ଏହା ଦେଶର ଆର୍ଥିକ, ସାମାଜିକ, ରାଜନୈତିକ ଏବଂ ବିକାଶକୁ ପ୍ରଭାବିତ କରୁଛି। ବିଶେଷକରି ଆର୍ଥିକ ତଥ୍ୟ ନ ରହିବା ଦ୍ୱାରା ଜିଡିପି, ନିଯୁକ୍ତି ହାର ଓ ମୁଦ୍ରାସ୍ଫୀତି ଭଳି ଆକଳନ ସମ୍ପର୍କରେ ଯେତେ ତଥ୍ୟ ଓ ସଂଖ୍ୟା ପ୍ରକାଶ ପାଉଛି ତାହା ସବୁ ମନଗଢ଼ା ବୋଲି କହିହେବ। ଉଦାହରଣ ସ୍ୱରୂପ, ଜନଗଣନା ବିଳମ୍ବ ହେତୁ ନ୍ୟାଶନାଲ କଞ୍ଜମ୍ପସନ ଏକ୍ସପେଣ୍ଡିଚର ସୂଚକାଙ୍କ ସର୍ଭେ ପାଇଁ ପୁରୁଣା ଅର୍ଥାତ୍ ୨୦୧୧-୧୨ ତଥ୍ୟ ଉପରେ ନିର୍ଭର କରିବାକୁ ପଡ଼ୁଛି। ଜନଗଣନା ତଥ୍ୟ ମଧ୍ୟ ସଂସାଧନ ସମବଣ୍ଟନ ପାଇଁ ଅପରିହାର୍ଯ୍ୟ। ଏହାର ଅଭାବରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ କଲ୍ୟାଣ ଯୋଜନାଗୁଡ଼ିକ ଭଳି ଅତ୍ୟାବଶ୍ୟକ କାର୍ଯ୍ୟରେ ଅସମାନତା ପରିଲକ୍ଷିତ ହେଉଛି। ଜନସାଂଖ୍ୟିକ ତଥ୍ୟ ମଧ୍ୟ ଗୃହ, ପରିବହନ ଓ ସାର୍ବଜନୀନ ସେବାର ଭିତ୍ତିଭୂମି ଯୋଜନା ପାଇଁ ଜରୁରୀ। ଏଣୁ ଏହିସବୁ ତଥ୍ୟ ଅଭାବରୁ ଲୋକମାନଙ୍କ ଆବଶ୍ୟକତା ପୂରଣ ହୋଇପାରୁ ନାହିଁ ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଦେଶର ଅସାମର୍ଥ୍ୟତା ପ୍ରକାଶ ପାଉଛି। ଜନଗଣନାରେ ବିଳମ୍ବ ଯୋଗୁ ସରକାରୀ ସଂସ୍ଥାଗୁଡ଼ିକ ଦ୍ୱାରା କରାଯାଉଥିବା ସର୍ଭେ ଭରସାଯୋଗ୍ୟ ହୋଇପାରୁନାହିଁ। ଏହାସହ ଭାରତରେ ଜନଗଣନାର ଦୀର୍ଘ ବିଳମ୍ବ ହେତୁ ସହର ବିକାଶଠାରୁ ଆରମ୍ଭ କରି ପରିବେଶ ପରିଚାଳନା ମଧ୍ୟ ଠିକ୍ ଭାବେ ହୋଇପାରୁନାହିଁ। ଏହା ସହ ତଥ୍ୟ ସଂଗ୍ରହରେ ବିଳମ୍ବ ଯୋଗୁ ପୁରୁଣା ଓ ଅନୁପଯୁକ୍ତ ତଥ୍ୟକୁ ଆଧାର କରି ନୀତି ନିର୍ଦ୍ଧାରଣ ରାଜନେତାଙ୍କ ଧାରଣା ଏବଂ ବିଚାରଧାରା ଉପରେ କରାଯାଉଥିବା ଲକ୍ଷ୍ୟ କରାଯାଉଛି। ଫଳରେ ଯୋଜନାରେ ସଫଳତା ହାର କମୁଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 3 | 2 | | | | 1 | | |
| | | | 7 | | | | 8 | |
| 7 | | | 1 | | | 5 | | 3 |
| | | 5 | 9 | | | | | |
| | 7 | | 5 | | | | 9 | |
| | 4 | | | 8 | | | | |
| 6 | | | | | | 9 | | 8 |
| | | | | 9 | | 2 | | |
| 5 | | 4 | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 7 | 3 | 9 | 1 | 8 | 4 | 2 |
| 3 | 2 | 8 | 4 | 5 | 6 | 7 | 9 | 1 |
| 9 | 1 | 4 | 7 | 2 | 8 | 6 | 3 | 5 |
| 5 | 7 | 6 | 8 | 4 | 2 | 3 | 1 | 9 |
| 8 | 4 | 3 | 9 | 1 | 5 | 2 | 6 | 7 |
| 2 | 9 | 1 | 6 | 7 | 3 | 4 | 5 | 8 |
| 7 | 3 | 9 | 5 | 8 | 4 | 1 | 2 | 6 |
| 4 | 8 | 2 | 1 | 6 | 9 | 5 | 7 | 3 |
| 1 | 6 | 5 | 2 | 3 | 7 | 9 | 8 | 4 |

ଗତକାଲିର ଉତ୍ତର

# ପ୍ରତିଭା ବଞ୍ଚିରହୁ



ଅକ୍ଷୟ କୁମାର ମିଶ୍ର

ଏହା ସତ୍ୟ ଯେ ପ୍ରତ୍ୟେକ ଶିଶୁ କିଛି ନା କିଛି ସ୍ୱତନ୍ତ୍ର ପ୍ରତିଭାର ଅଧିକାରୀ। ଏହାର ଉନ୍ମେଷ ହେବା ଜରୁରୀ। ସମ୍ପ୍ରତି ସମାଜ ଏ ଦିଗରେ ବେଶ୍ ସଚେତନ ଏବଂ ତତ୍ପର ମଧ୍ୟ। ଅତୀତରେ ଏହା ଅତ୍ୟନ୍ତ ସୀମିତ ଥିଲା। ଅଳିଆରୁ ଗଜା ହେବା ଭଳି କିଛି ପ୍ରତିଭା ଅଙ୍କୁରିତ ହେଉଥିଲା ଏବଂ ଏହାର ବାସ୍ନା ଚତୁର୍ଦ୍ଦିଗକୁ ବିଚ୍ଛୁରିତ ହେଉଥିଲା। ମାତ୍ର ଅଧିକାଂଶ ପ୍ରତିଭା ବଣର ମଲ୍ଲି ବଣରେ ଫୁଟି ଝଡ଼ି ପଡ଼ିବା ଭଳି ଝଡ଼ି ପଡୁଥିଲା। ଲୋକଲୋଚନକୁ ଆସୁ ନ ଥିଲା। କାରଣ ସେମିତି ସୁବିଧାସୁଯୋଗ ନ ଥିଲା। ସୃଷ୍ଟିକୁ ଚିହ୍ନିବା ପାଇଁ ସ୍ରଷ୍ଟା ପାଖରେ ସଚେତନତାର ଅଭାବ ଥିଲା। ସମୟ ବଦଳିଛି। ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ଜୋର୍ କଦମରେ ଚାଲିଛି। ଉନ୍ମେଷ ପାଇଁ ମଧ୍ୟ ଅନେକ ସୁଯୋଗ ସୃଷ୍ଟି ହୋଇଛି। କେବଳ ସରକାରୀ ସ୍ତରରେ ନୁହେଁ ବେସରକାରୀ ସ୍ତରରେ ମଧ୍ୟ ବହୁ ଉଦ୍ୟମ ହେଉଛି। ପଲ୍ଲୀରୁ ଦିଲ୍ଲୀ ସବୁଠି ପିଲାମାନେ ସେମାନଙ୍କର ପ୍ରତିଭାକୁ ପ୍ରଦର୍ଶନ କରିବାର ବ୍ୟବସ୍ଥା ରହିଛି। ବିଦ୍ୟାଳୟମାନଙ୍କରେ ସହ-ପାଠ୍ୟକ୍ରମ ନାମରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ବିଦ୍ୟାଳୟ ସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରୁଛନ୍ତି ବହୁ ସଂସ୍ଥା। ମେଳା, ମହୋତ୍ସବରେ ବି ହେଉଛି ପ୍ରତିଭା ଚୟନ। ଶିଶୁସୁରଭି, ଶିଶୁମେଳା, ଶିଶୁ ଦରବାର ଏମିତି ବହୁ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ସବୁରି ମୂଳରେ ଗୋଟିଏ ଲକ୍ଷ୍ୟ ଶିଶୁର ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟାଇବା। ଶିଶୁମାନଙ୍କୁ ଉତ୍ସାହିତ କରିବା, ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇବା।

ସରକାରୀ ହେଉ ଅଥବା ବେସରକାରୀ ସଂସ୍ଥା ହେଉ ଏମାନଙ୍କର ପ୍ରୟାସ ଫଳରେ ବହୁ ଶିଶୁ ଯେ ନିଜେ ନିଜକୁ ଚିହ୍ନି ପାରିଛନ୍ତି ଏଥିରେ ଆଦୌ ସନ୍ଦେହ ନାହିଁ। କିଏ ଗୀତରେ, କିଏ ନୃତ୍ୟରେ, କିଏ ଖେଳ କସରତରେ ଅଥବା କିଏ ଚିତ୍ରାଙ୍କନରେ ନିଜକୁ ଅନନ୍ୟ କରି ଗଢ଼ିବାର ସୁଯୋଗ ପାଉଛନ୍ତି। ଶ୍ରେଷ୍ଠ ଗାଳ୍ପିକଟିଏ ଅଥବା କବିଟିଏ ହେବାରେ ଏମାନଙ୍କର ଅବଦାନକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଅଧିକାଂଶ ସିନେତାରକା ଏବଂ ମଞ୍ଚ ଅଭିନେତାଙ୍କ କଳାର ଅନ୍ତୁଡ଼ିଶାଳ ହେଉଛି ଏହି ଅନୁଷ୍ଠାନଗୁଡ଼ିକ ଦ୍ୱାରା ଆୟୋଜିତ ପ୍ରତିଯୋଗିତା ମଞ୍ଚ। ମୋଟାମୋଟି ଅନ୍ତର୍ନିହିତ ପ୍ରତିଭା ବିକାଶର କ୍ଷେତ୍ର ଆଜି ସୁବିସ୍ତୃତ, ସୁଦୀର୍ଘ ଏବଂ ହାତ ପାହାନ୍ତାରେ। ଏହା ସତ୍ତ୍ୱେ ଯେ ସବୁ ପ୍ରତିଭା ଲୋକଲୋଚନକୁ ଆସୁଛି ଏ କଥା କୁହାଯାଇପାରିବ ନାହିଁ।

ମାତ୍ର ବିକଶିତ ପ୍ରତିଭା ଯଦି ଦେଶଦଶ ପାଇଁ ଉପଯୋଗ ନ ହେଲା ତେବେ ତାହା ସମ୍ବଳ ନ ହୋଇ



ଏକ ବୋଝ ପାଲଟିଯିବ। ଆଜି ସମାଜରେ ଅନେକ କ୍ଷେତ୍ରରେ ତାହା ହିଁ ଘଟୁଛି। ଅନ୍ତର୍ନିହିତ ପ୍ରତିଭା ବିକଶିତ ହେବା ପରେ ସେହି ବ୍ୟକ୍ତିମାନେ ଏ ସମାଜର ବିଭିନ୍ନ କ୍ଷେତ୍ରରେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହେଉଛନ୍ତି। ତା'ପରେ ପଦବୀକୁ ବ୍ୟବହାର କରି ଅନେକେ ନିଜର ବ୍ୟକ୍ତିଗତ ଫାଇଦା ହାସଲରେ ଲାଗି ପଡ଼ୁଛନ୍ତି। କ୍ଷମତାର ଅପବ୍ୟବହାର କରି ଅନାୟାସରେ ଅନ୍ୟାୟ, ଅନୀତି, ଦୁର୍ନୀତି କରି ଚାଲିଛନ୍ତି। ଅମାପ ଧନ ସମ୍ପତ୍ତିର ମାଲିକ ହେବା, ଶୀତତାପ ନିୟନ୍ତ୍ରିତ ନଭଶ୍ଚୁମ୍ବୀ ଅଟ୍ଟାଳିକା ଭିତରେ ସୌଖୀନ ଜୀବନ ବିତାଇବାର ନିଶାରେ ଯେକୌଣସି ମନ୍ଦ କାର୍ଯ୍ୟ କରିବାକୁ ତିଳେମାତ୍ର କୁଣ୍ଠାବୋଧ କରୁନାହାନ୍ତି। ମାଆ, ମାଟି, ମଣିଷ ଏମାନଙ୍କ ନିକଟରେ ତୁଚ୍ଛ। ସ୍ୱାର୍ଥ ସିଦ୍ଧି ପାଇଁ ଏମାନେ ଦେଶମାତୃକା ସହିତ ବିଶ୍ୱାସଘାତକତା କରିବାକୁ ପଛାଉ ନାହାନ୍ତି। ଏହା ଦେଖି ଲୋକେ କହିବା ଆରମ୍ଭ କଲେଣି "ଉଚ୍ଚ ପଦବୀରେ ଅଧିଷ୍ଠିତ ସମସ୍ତ ବ୍ୟକ୍ତି ହୁଏତ ଦୁର୍ନୀତିଗ୍ରସ୍ତ ନୁହନ୍ତି, କିନ୍ତୁ ସମସ୍ତ ଦୁର୍ନୀତି ମୂଳରେ ହାତ ଥିବା ବ୍ୟକ୍ତିଟି ନିଶ୍ଚୟ ଉଚ୍ଚ ପଦବୀଧାରୀ ଏବଂ ଉଚ୍ଚ ଶିକ୍ଷିତ।" ଏହି ମନ୍ତବ୍ୟ ଆଦୌ ଅସମୀଚୀନ ନୁହେଁ। ଏହାର ଯଥାର୍ଥତା ପ୍ରମାଣିତ ହୋଇଯାଏ, ଲାଞ୍ଚ ନେଇ ଧରାପଡୁଥିବା ଅଫିସର, ଦୁର୍ନୀତିରେ ଧରାପଡ଼ି ଜେଲ୍ ଯାଉଥିବା ବିଭିନ୍ନ ଅଧିକାରୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନାମରେ ଅଭିଯୁକ୍ତ ହୋଇ ଗିରଫ ହେଉଥିବା ତଥାକଥିତ ବଡ଼ବାବୁମାନଙ୍କୁ ଦେଖିଲେ। କେବଳ ଦେଶ ସହିତ ନୁହେଁ ପରିବାର ସହିତ, ନିଜ ମାତାପିତାଙ୍କ ସହିତ ଚରମ ବିଶ୍ୱାସଘାତକତା ଶିକ୍ଷା ଓ ଦୀକ୍ଷା ଉପରୁ ଆସ୍ଥା ତୁଟାଇ ଦେବାକୁ ବାଧ୍ୟ କରୁଛି ଅନେକ ସାଧାରଣ ମଣିଷଙ୍କୁ।

କିଛିବର୍ଷ ତଳେ ଜଣେ ଉଚ୍ଚ ପଦାଧିକାରୀ କେମିତି ନିଜ ପରିବାରର ସମସ୍ତଙ୍କୁ ଗୁଳିକରି ହତ୍ୟା କଲେ ଏବଂ ନିଜେ ଆତ୍ମହତ୍ୟା କଲେ ଆମେ ଦେଖିଛେ। ଚତୁର୍ଦ୍ଦିଗରୁ ପ୍ରତିଦିନ ଖବର ଆସୁଛି ସମାଜର ବହୁ ପ୍ରତିଷ୍ଠିତ ବ୍ୟକ୍ତି କେମିତି ନିଜ ସ୍ୱାର୍ଥ ସାଧନ ପାଇଁ କେତେ କୁତ୍ସିତ, କଦର୍ଯ୍ୟ କାମମାନ କରୁଛନ୍ତି। ସ୍ୱଚକ୍ଷୁରେ ଆମେ ଦେଖୁଛେ ଉଚ୍ଚ ଶିକ୍ଷିତ ଲୋକମାନେ କେମିତି ନିଜ ମାତାପିତାଙ୍କ ପ୍ରତି ଥିବା କର୍ତ୍ତବ୍ୟକୁ ଅଣଦେଖା କରୁଛନ୍ତି। ଏମାନେ ସମସ୍ତେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ। ମାତ୍ର ଏମାନଙ୍କର ଆପତ୍ତିଜନକ ଆଚରଣ ଅନେକଙ୍କୁ ବ୍ୟଥିତ କରୁଛି। ଏହାପରେ ମନରେ ଏକ ନକାରାତ୍ମକ ଭାବନା ଜାତ ହେଉଛି। ବିଦ୍ରୋହୀ ମନଟା କହିବାକୁ ବାଧ୍ୟ ହେଉଛି, "ପ୍ରତିଭା ବିକଶିତ ହେଲା ପରେ ଯଦି ଚରମ ସ୍ୱାର୍ଥପର ପାଲଟି ଗଲା ତେବେ ସେ ପ୍ରତିଭା ବିକଶିତ ନ ହେବା ବରଂ ଭଲ।"

ଏସବୁକୁ ଅନୁଧ୍ୟାନ କଲେ ଆମେ ଏହା ହିଁ କହିବା, ପ୍ରତିଭାକୁ ଅନ୍ୱେଷଣ କରି କେବଳ ବିକଶିତ କଲେ ହେବ ନାହିଁ ତାକୁ ସୁରକ୍ଷିତ ରଖିବାର ଆବଶ୍ୟକତା ଅଛି। ତେବେ ପ୍ରଶ୍ନ ଉଠୁଛି ପ୍ରତିଭା ଅସୁରକ୍ଷିତ କାହିଁକି ? ଏହାର କାରଣ ସୌଖୀନ ବ୍ୟକ୍ତିଗତ ଜୀବନ ପ୍ରତି ଅହେତୁକ ଆକର୍ଷଣ, ଜାତୀୟ ଜୀବନ ପ୍ରତି ବୀତସ୍ପୃହ। ଆପେ ବଞ୍ଚିଲେ ବାପର ନାମ - ଜୀବନର ଭି ପାଲଟି ଯାଉଛି। ଯେଉଁ ବୟସରେ ପିଲାମାନେ ଗାନ୍ଧୀ, ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନୀ ଶୁଣି ମାନବବାଦ ପ୍ରତି ଆକୃଷ୍ଟ ହୁଅନ୍ତେ ସେହି ବୟସରେ ସେମାନଙ୍କ ମନରେ ଭର୍ତ୍ତି କରାଯାଉଛି ବଡ଼ ହେବାର ଫର୍ମୁଲା- ଅର୍ଥ ଉପାର୍ଜନର କୌଶଳ। କୋଟିପତି ହେବାର ଅଫିମ ଖୁଆଇ ନିଶାଗ୍ରସ୍ତ କରାଇ ସାରିବା ପରେ ଦୟା, କ୍ଷମା, ସହନଶୀଳତା, ସମବେଦନା, ସହଯୋଗିତା, ସହଭାଗିତା, ଉଦାରତା, ନିଃସ୍ୱାର୍ଥପରତା ଆଦି ମାନବୀୟ ଗୁଣ ଖୋଜିଲେ ମିଳିବ ବା କୁଆଡୁ ? ମନେରଖିବା ଉଚିତ ମଣିଷର ଶୈଶବ ଓ କୈଶୋର ଅବସ୍ଥା ହେଉଛି ସବୁଠାରୁ ସମ୍ବେଦନଶୀଳ ଅବସ୍ଥା ଯେଉଁ ଅବସ୍ଥାରେ ସେ ବଡ଼ମାନଙ୍କ କଥାକୁ ନୀରବରେ ଶୁଣେ ଓ କାମକୁ ଚୁପ୍‌ଚାପ୍ ନିରୀକ୍ଷଣ କରେ। ଏଣୁ ଏହି ସମୟରେ ଏହି ଅମୂଲ୍ୟ ମାନବ ସମ୍ବଳଗୁଡ଼ିକୁ ଜାତୀୟ ସମ୍ବଳରେ ପରିଣତ କରିବାକୁ ହେଲେ ପ୍ରତିଭାର ବିକାଶ ସହିତ ମାନବୀୟ ଚେତନାର ବିକାଶ ଘଟାଇବା ଆବଶ୍ୟକ। ଏଥିପାଇଁ ପ୍ରଥମେ ବଡ଼ମାନେ ନିଜକୁ ସଂଶୋଧନ କରିବା ଉଚିତ।

ଅପରପକ୍ଷେ ଭଲ ମଣିଷ ହେବାର ଆହ୍ୱାନ ସବୁଠି ଶୁଣିବାକୁ ମିଳୁଛି। ଶ୍ରେଣୀକକ୍ଷରେ ଶିକ୍ଷକମାନେ, ସଭାସମିତିରେ ବକ୍ତାମାନେ, ପ୍ରବଚନ ଦେବାବେଳେ ପ୍ରବଚକମାନେ, ଧର୍ମସଭାର ଆଧ୍ୟାତ୍ମିକ ଗୁରୁମାନେ ସଭିଏଁ ଉଦ୍‌ବେଗ ପ୍ରକାଶ କରିବା ସହିତ ଭଲ ମଣିଷ ହେବା ପାଇଁ ଉପଦେଶ ଦେଉଛନ୍ତି। ଅଥଚ ଦିନକୁ ଦିନ ସମାଜରେ ହିଂସା, ଦ୍ୱେଷ, ବ୍ୟଭିଚାର ବଢ଼ିବାରେ ଲାଗିଛି। ତେବେ କ'ଣ ଆମେ କହିବା ଉପଦେଶ ଗ୍ରହଣ କରିବାକୁ ସଭିଏଁ କୁଣ୍ଠିତ ? ହଁ, ଅନେକ କ୍ଷେତ୍ରରେ ଉପଦେଶ ପାଣିଫୋଟକା ପରି ମିଳେଇ ଯାଉଛି। ଏହାର ପ୍ରମୁଖ କାରଣ ହେଉଛି ଉପଦେଶ ଦେଉଥିବା ବ୍ୟକ୍ତିମାନେ ଉଦାହରଣ ହୋଇପାରୁନାହାନ୍ତି। ଉପଦେଶ ସେତିକି ବେଳେ ପ୍ରଭାବ ପକାଇବ ଯେତେବେଳେ ଉପଦେଶ ଦେଉଥିବା ବ୍ୟକ୍ତିଟି ନିଜେ ଏକ ଉଦାହରଣ ପାଲଟିଯିବେ।

ସଭାପତି, ଓଷ୍ଟା
ମୋ: ୯୯୩୮୭୬୩୨୩୭

# ସଫା ଓ ସାଫା



ଡ. ଦ୍ୱିତୀଚନ୍ଦ୍ର ସାହୁ

ଯେଉଁଠି ରହିବା ସେଇଠି ସଫା ରହିବା ଉଚିତ। ଆମ ଚାରିପଟ ସଫାସୁତରା ରହିଲେ ପରିବେଶ ସୁସ୍ଥ ରହିବ। ଚାରିପଟର ଅର୍ଥ ଆମ ଘର ଓ ବାହାର ଅନ୍ତତଃ ସଫା ରଖିବା ଆମ ଦାୟିତ୍ୱ ଓ କର୍ତ୍ତବ୍ୟ। ଏଥିପାଇଁ ନିରନ୍ତର ପ୍ରୟାସ ରହିବା ବି ଲୋଡ଼ା। ନିଜେ ହେଉ ଅବା କାହା ଦ୍ୱାରା ହେଉ ସେସବୁ ସଫା ରଖିବା ଉଚିତ। ଏଥିପାଇଁ ବ୍ୟବସ୍ଥା ବି ରହିଛି। ଏଇ ଯେମିତି ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ଆମ ଦାଣ୍ଡ,ଗଳି, ନର୍ଦ୍ଦମା ସଫା ସହ ଅଳିଆ ଆବର୍ଜନାକୁ ବୋହିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ସକାଳୁ କର୍ମଚାରୀ ଆସି ଏହି କାମକୁ ତୁଲାଇଥାନ୍ତି। ଆମ ଘରେ ମାଆ କିମ୍ବା ଘରର ସ୍ତ୍ରୀଲୋକ ପ୍ରାୟତଃ ସକାଳୁ ସକାଳୁ ଝାଡୁମାରି ଘର ଓଳେଇ ସଫାକରନ୍ତି। ମଝିରେ ମଝିରେ ଚଟାଣ ଧୋଇ ଏବଂ ଅଳନ୍ଧୁ ସଫାକରି ଘର ପରିବେଶକୁ ସଫାରଖନ୍ତି। ମଇଳା ଲୁଗା, ବିଛଣା, ବାସନକୁସନ ଆଦିକୁ ଖୁବ୍ ସଫାରଖନ୍ତି ଘରର ସ୍ତ୍ରୀଲୋକମାନେ। ଏସବୁ ଆମ ଭିତରେ ଏକ ସକାରାତ୍ମକ ମନୋଭାବ ସୃଷ୍ଟିକରେ ଓ ଶରୀରକୁ ସୁସ୍ଥ ରଖେ। ଘର ଓ ଘର ପାଖ ପରିବେଶ ଅପରିଚ୍ଛନ୍ନ ରହିଲେ ନିଜକୁ ଅସ୍ୱାଭାବିକ ଲାଗେ। ମନରେ ସରସତା ଆସେନି। ସେଥିପାଇଁ ଅନେକେ ଘରକୁ ସଜାଇଥାନ୍ତି। ବହୁ ଦାମୀ ଜିନିଷ କିଣି ପରିବେଶକୁ ଆକର୍ଷିତ କରିବାକୁ ଚେଷ୍ଟା କରିଥାନ୍ତି। ବାହାରେ ଛୋଟିଆ ବଗିଚା ବି କରିବାକୁ ପସନ୍ଦ କରିଥାନ୍ତି।

କିନ୍ତୁ ଆପଣ ଯଦି କୌଣସି ସରକାରୀ ଦପ୍ତରକୁ ଯିବେ ସେଠି କିଛି ଅଲଗା ରୂପ ଦେଖିବେ। ପୁରୁଣାକାଳିଆ ଆଲମାରୀ କିମ୍ବା ର୍‍ୟାକ୍‌ରେ ଥୁଆ ହୋଇଥିବ ଗଦା ଗଦା ଫାଇଲ ଓ କାଗଜ। ତା'ଉପରେ ଏକ ମଇଳାର ସ୍ତର ଲାଗିଥିବ। ନିୟମିତ ଝାଡୁହେଉ ନ ଥିବ। ମୋଡାଣିର କାନ୍ଥ କୋଣରେ ପାନ ଓ ଗୁଟ୍‌ଖାର ଚିହ୍ନସବୁ ଥିବ। ଭଙ୍ଗା ଦାନ୍ତ ଭଳି ପାହାଚଗୁଡିକ ଦାନ୍ତ ନିକୁଟି ଥିବେ। ଛାତରୁ ପଲସ୍ତରା ଖସିଥିବ କିମ୍ବା ପାଣି ଗଳୁଥିବ। ଅତି କଦର୍ଯ୍ୟ ଅବସ୍ଥାରେ ଥିବ କିଛି ଅଫିସ। ଯଦି ଏ ସମ୍ପର୍କରେ କାହାକୁ କିଛି ପଚାରିବେ ନିତି ଅନେକ ଲୋକଙ୍କ ଯାତାୟାତ ଯୋଗୁ ସବୁବେଳେ ସଫା ରଖିବା ସମ୍ଭବ ନୁହେଁ ବୋଲି ଉତ୍ତର ମିଳିବ। ଏସବୁ ସତ୍ତ୍ୱେ କିଛି ଅଫିସର ଓ କର୍ମଚାରୀ ନିଜ ଚାରିପଟକୁ ସୁସ୍ଥ ଓ ସୁନ୍ଦର ରଖିବାକୁ ସକ୍ଷମ ଅଛନ୍ତି। ଅଫିସର ବାହାର ପରିବେଶରେ ବି ସୁନ୍ଦର ବଗିଚା ତିଆରି କରି ଆକର୍ଷଣୀୟ କରି ପାରିଛନ୍ତି। କର୍ପୋରେଟ ଅଫିସକୁ ଗଲେ ଲାଗିବ ଏକ ଅଦ୍ଭୁତ ଦୁନିଆ ଭିତରକୁ ପ୍ରବେଶ କଲି।

ତାରି ଭିତରେ ମଝିରେ ମଝିରେ ଖବର ଆସେ ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଗିରଫ ହେବା କଥା। ସାଧାରଣ କର୍ମଚାରୀ କୋଟିପତି ହେବାର ଖବର ଟିଭି ପରଦାରେ ଦିଶିବ। ଏକାଧିକ ଘର, ଗାଡି, ଫ୍ଲାଟ ସହ ଗଚ୍ଛିତ ଟଙ୍କା ଗଣିବାକୁ ଭିଜିଲାନ୍ସ ମେଶିନ ଲଗେଇବାକୁ ବାଧ୍ୟ ହେଉଥିବ। ଏସବୁ ଖବର ପଢ଼ିଲା ବେଳେ କିମ୍ବା ଦେଖିଲା ବେଳେ ହଠାତ୍ ଆମ ପାଟିରୁ ଶବ୍ଦ ଖସେ ସଫା କରିଦେଲା ବିଭାଗକୁ। କେତେକ ଅଞ୍ଚଳରେ ଏହାକୁ କହନ୍ତି ସାଫା। ଏହାର ଅର୍ଥ ମୂଳପୋଛ କରି ଲୁଟି ଖାଇବା, ସବୁ ସଫାସଫି



କରି ଚଳୁ କରିବା। ସଫାକୁ ବ୍ୟଙ୍ଗାତ୍ମକ ଭାବରେ ଆଞ୍ଚଳିକ ସ୍ତରରେ ସାଧାରଣରେ ସାଫା କୁହାଯାଏ। ଏବେ ସରକାରୀ ସ୍ତରରେ ପ୍ରାୟ ସେଇ ଅବସ୍ଥା। ଯିଏ ଯେଉଁଠି ଅବସ୍ଥାପିତ ହେବେ ସେଥିରୁ ଅଧିକାଂଶ କର୍ମଚାରୀ ଓ ଅଧିକାରୀ ନିଜ ବିଭାଗ ଓ ପରିବେଶକୁ ସଫାରଖିବା ଅପେକ୍ଷା ସାଫା କରିବାକୁ ଅଧିକ ବ୍ୟଗ୍ର। ନିଜ ଅଫିସ ଚାରିପଟେ ସଫାସୁତରା ରଖି ଲୋକଙ୍କ ସେବା ଯୋଗାଇବାର ମାନସିକତା ଅପେକ୍ଷା ସେଇ ଅଫିସକୁ ବା ବିଭାଗକୁ କେଉଁ କେଉଁ ଦିଗରୁ ଅର୍ଥ ଆସୁଛି ସେ ସବୁକୁ ପହିଲେ ତର୍ଜମା ହେବ। ସେ ସବୁକୁ କିଭଳି ସତ୍ ଉପାୟରେ ସଫାକରି ହେବ ତା'ର ଗଳାବାଟକୁ ଖୋଜା ଚାଲିବ। ଅଫିସର ଓ ଅଧସ୍ତନ ମିଶି ନକ୍ସା ପ୍ରସ୍ତୁତ କରିବେ। ତେଣିକି ଆରମ୍ଭ ହେବ ସଫେଇ ପ୍ରକ୍ରିୟା। ସୁଚିନ୍ତିତ ଉପାୟରେ ସଫେଇ ଚାଲିବ ଭିତରେ ଭିତରେ। ନିର୍ମଳ ଭାବରେ ଅର୍ଥ ସଫେଇରେ ଆଦୌ ହେଳାହେବନି। ନଡିଆକୁ ଯେପରି କୋରାକୋରି କରି ସବୁ ମିଠା ଅଂଶ ବାହାରକଲା ପରେ ଟାଣ ଷଢେଇକୁ ଛାଡି ଦିଆଯାଏ ସେଇ ଅବସ୍ଥାକୁ ଆସିଲେ ପୁଣି ନୂଆ ଅର୍ଥର ସ୍ରୋତକୁ ଅପେକ୍ଷା ରହିବ। ପରିବେଶ ସଫା କଲେ ସମସ୍ତେ ଜାଣିବେ। ଏଥିରେ ଅନ୍ୟମାନେ ଭାଗୀଦାରି ରହିବେ। ମିଳିମିଶି ଅଫିସ ପରିବେଶକୁ ସଫା ରଖିହେବ। ଖବରକାଗଜରେ ଫଟୋ ସହ ସ୍ୱଚ୍ଛ ଭାରତ ଅଭିଯାନର ଖବର ପ୍ରକାଶିତ ହେବ। ସାଫା କଲେ ବି କେତେକ ସ୍ଥାନରେ ଖବର ଅବଶ୍ୟ ଜୋରକରି ପ୍ରଘଟିତ ହୁଏ। ଏହି ଅଭିଯାନରେ କିନ୍ତୁ ପଣେ ନୁହେଁ ଜଣେ ଥାଏ। କିଭଳି ସାଫା କରିହୁଏ ତାହା କାନକୁ କାନ କଥା ଯାଇପାରେନା। ନିଜେ କିମ୍ବା ନିଜର ଏକାନ୍ତ ଅନୁଗତଙ୍କୁ ନେଇ ଏଇ ଅଦ୍ଭୁତ ସଫେଇ ଅଭିଯାନ ଚାଲେ। ଏହି ସଫେଇ ଅଭିଯାନ ଆରମ୍ଭରୁ ଶେଷ ପର୍ଯ୍ୟାୟ ଭିତରେ ହୁଏତ ଖବର ପ୍ରଘଟ ହୁଏ। କେବେ କେବେ ତାହା ପୁରୁଣା ଫାଇଲ ଉପରେ ମଇଳା ବସିଯିବା ଭଳି ଚାପିହୋଇ ରହିଯାଏ। ଯେଉଁଠି ହୁଏ କ୍ୱଚିତ ହୁଏ, କଥାଟା ଟିଭି ପରଦାକୁ ଆସିଯାଏ। ତେଣିକି ସାଫା ପ୍ରକ୍ରିୟାର ଗୁମର ଖୋଲିଯାଏ।

ସଫା ରଖିବା ଏକ ସ୍ୱାଭାବିକ ପ୍ରକ୍ରିୟା। ଚାଳଘରେ ରହୁଥିବା ମଣିଷ ବି ମାଟି ଲେସି, ଗୋବର ଓ ଗେରୁମାଟିରେ ନିଜ ଘରକୁ ସଫାସୁତରା ରଖେ। ସୁରମ୍ୟ ବଙ୍ଗଳାରେ ରହୁଥିବା ମଣିଷ ଅନ୍ୟମାନଙ୍କ ସହାୟତାରେ ମେଶିନ ଲଗାଇ ନିଜ ଚାରିପାଖକୁ ସଫାରଖନ୍ତି। କିନ୍ତୁ କିଛି ମଣିଷଙ୍କ ଭିତରେ ଅତ୍ୟଧିକ ସଫେଇ ପ୍ରବଣତା ଜାଗ୍ରତ ହେବା ରୋଗର ଲକ୍ଷଣ ବୋଲି ବି ଡାକ୍ତରୀ ବିଦ୍ୟାରେ କୁହାଯାଏ। ଭାରତୀୟ ଗଣତନ୍ତ୍ରରେ ସାଫା କରିବା ଏକ ରୋଗ। ଏହାର ନିପାତ ଲାଗି ବହୁ ବ୍ୟବସ୍ଥା ହେଉଛି। ଅଥଚ ଏଯାବତ ତା'ର ନିରାକରଣ ସମ୍ଭବ ହୋଇପାରିନି। ସଫା ଓ ସାଫା ଏକା ପ୍ରକ୍ରିୟା ହେଲେ ମଧ୍ୟ ଦୁଇଟି ଭିତରେ ଅନେକ ଫରକ। ଗୋଟିଏ ସମାଜର ବୃହତ୍ତର ସ୍ୱାର୍ଥ ରକ୍ଷାରେ ସହାୟକ ହୁଏ। ସମାଜ ଉପରେ ଅନୁକୂଳ ପ୍ରଭାବ ପକାଏ ଓ ସମାଜକୁ ସୁସ୍ଥ ରଖେ। ମଣିଷଙ୍କ ଅଭ୍ୟାସ ପରିବର୍ତ୍ତନରେ ବିଶେଷ ଯୋଗଦାନ ରହେ। ଅନ୍ୟଟି ନିଜସ୍ୱ ସ୍ୱାର୍ଥ ପୂରଣରେ ପ୍ରୟୋଗ ହୁଏ। ସମାଜର ପ୍ରଭୂତ ନଷ୍ଟ ହୁଏ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା
ମୋ: ୯୪୩୭୯୦୯୬୭୧

## ଏଇ ଭାରତରେ

ମାନବ ସେବା ହିଁ ମାଧବ ସେବା, ଏ କଥା ମର୍ମେ ମର୍ମେ ଅନୁଭବ କରିଛନ୍ତି ଦୁଇ ବନ୍ଧୁ ହାମରାଜ ଜୋଶୀ ଓ ସମୀର ଶେଖ। ସେମାନେ ଗୃହହୀନ ଅର୍ଥାତ୍ ରାସ୍ତାକଡ଼ରେ ରହୁଥିବା ଲୋକଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଉଛନ୍ତି। ଦେଖାଯାଏ ରାସ୍ତାକଡ଼ରେ ରହୁଥିବା ଲୋକମାନେ ବହୁ ସମୟରେ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହୋଇଥାନ୍ତି, ଏପରି କି ସେମାନଙ୍କର ଏହି କାରଣରୁ ମୃତ୍ୟୁ ବି ହୋଇଥାଏ। ହେଲେ ହାମରାଜ ଓ ସମୀର ଏଭଳି ଅସହାୟଙ୍କ ଜୀବନ ବଞ୍ଚାଇ ସେମାନଙ୍କ ପାଇଁ ଦେବଦୂତ ପାଲଟିଯାଇଛନ୍ତି। ପୀଡ଼ିତଙ୍କୁ ରାସ୍ତାକଡ଼ରୁ ନେଇ ମେଡିକାଲରେ ପହଞ୍ଚାଇବା ଲାଗି ବାଇକ୍ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରିଛନ୍ତି। ଏବେ ସୁଦ୍ଧା ସେମାନେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରିସାରିଲେଣି। ସେମାନଙ୍କ କାର୍ଯ୍ୟ ଏତିକିରେ ସୀମିତ ରହିନାହିଁ, ବରଂ ଦୁଇ ବନ୍ଧୁ ୧୦ ଜଣ ଅଚିହ୍ନା ଓ ଅଜଣା ଲୋକଙ୍କ ଶବଦାହ କରିସାରିଛନ୍ତି। ଅସହାୟ ପିଲାମାନଙ୍କୁ ମଧ୍ୟ ଖାଦ୍ୟ ଓ ବହି ଯୋଗାଉଛନ୍ତି। ପ୍ରତ୍ୟେକ ବସ୍‌ଷ୍ଟପ୍‌ର ୫୦ କି.ମି. ବ୍ୟବଧାନରେ ବାଇକ ଆମ୍ବୁଲାନ୍ସ ସେବା ରହିଲେ ଗରିବ ଲୋକେ ମେଡିକାଲରେ ଶୀଘ୍ର ପହଞ୍ଚିପାରନ୍ତେ ବୋଲି କହନ୍ତି ସମୀର। ହେଲେ ଏଭଳି ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ଗୃହହୀନଙ୍କ ପାଇଁ ସେମାନେ ଏହି ସେବା ଜାରି ରଖିବେ ବୋଲି କହିଛନ୍ତି ହାମରାଜ।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ଫେବୃଆରୀ ୧୯୭୬

- ତାମିଲନାଡୁର ଦୁଇ କଂଗ୍ରେସ ଦଳ ମଧ୍ୟରେ ଆନୁଷ୍ଠାନିକ ଭାବେ ପୁନଃ ମିଶ୍ରଣ ହୋଇଛି।
- ଭାରତ-ଶ୍ରୀଲଙ୍କା ମଧ୍ୟରେ ବ୍ୟାପକ ସାହାଯ୍ୟ ଓ ସହଯୋଗ ବୃଦ୍ଧି ନେଇ ୪ଟି ରାଜିନାମା ସ୍ୱାକ୍ଷରି
- ବାଂଲାଦେଶର ମୁଖ୍ୟ ସାମରିକ ଆଇନ ପ୍ରଶାସକ ବାଂଲାଦେଶକୁ ୮ଟି ଜୋନରେ ବିଭକ୍ତ କରି ଜୋନାଲ ସାମରିକ ଆଇନ ପ୍ରଶାସକ ନିଯୁକ୍ତ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ବୋର୍‌ୱେଲ୍‌ରେ ଦୁର୍ଘଟଣା

ମହାଶୟ,

ସମଗ୍ର ଦେଶରେ ପ୍ରତିବର୍ଷ ଅର୍ଦ୍ଧ ଖନନ ବା ପରିତ୍ୟକ୍ତ ବୋର୍‌ୱେଲକୁ ଖୋଲାମେଲା ବେପରୁଆ ଭାବେ ଜମି ମାଲିକ କି ଠିକାଦାର ଘୋଡ଼ଣି ନ ପକାଇ ଛାଡ଼ିଯିବା ଯୋଗୁ ଶିଶୁ, ବାଳକ ଏପରିକି ଯୁବତୀ ପ୍ରାଣ ହରାଇବା ଖବର ମିଳୁଛି। ଏହି ଖନନ ପାଇଁ ଋଣ ଦେଉଥିବା ବ୍ୟାଙ୍କ, ବିଜୁଳି ସଂଯୋଗ ଓ ଉଠାଜଳସେଚନ ମଞ୍ଜୁର ଦେଇଥିବାବେଳେ ଅସଫଳ ବୋର୍‌ୱେଲରେ ନିରାପତ୍ତା ପାଇଁ କୌଣସି ବ୍ୟବସ୍ଥା କରୁନାହାନ୍ତି। ଏସବୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଏକ ନିର୍ଦ୍ଦେଶନାମା ଜାରି କରିବାର ଆବଶ୍ୟକତା ଅନୁଭବ କରାଯାଉଛି। ଜିଲାପାଳମାନଙ୍କୁ ଖନନ ନିମନ୍ତେ ଅନୁମତିପତ୍ର ଦେବା ପାଇଁ କ୍ଷମତା ଦିଆଯାଉ। ଏହି ସମୟରେ କର୍ତ୍ତାଙ୍କଠାରୁ ଏକ ଅଙ୍ଗୀକାରନାମାରେ ଦାୟିତ୍ୱହୀନ ଭାବେ ଅର୍ଦ୍ଧ ଖନନ ବା ପରିତ୍ୟକ୍ତ ବୋର୍‌ୱେଲ୍‌ରେ ପଡ଼ି କ୍ଷତବିକ୍ଷତ ବା ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କୁ ଯଥେଷ୍ଟ କ୍ଷତିପୂରଣ ଦେବା ନିମନ୍ତେ ବ୍ୟବସ୍ଥା ରହୁ। ଏହାଦ୍ୱାରା ଦୁର୍ଘଟଣାଜନିତ ମୃତ୍ୟୁ ବା ଶାରୀରିକ କ୍ଷତି ନିୟନ୍ତ୍ରଣ କରାଯାଇପାରିବ।

-ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

## ଚିରନ୍ତନୀ

ନୟନର ଜଳ ପୋଛ ଗୋ ନୟନୁ
ବଦନେ ବିକାଶେ ହାସ
ଭୁବନ ଡାକିଛି ପବନ ଡାକିଛି
ଚଳିବି ପରବାସ।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବଲାଙ୍ଗୀର: ଆଳୁ ସ୍ୱାବଲମ୍ବନର ପରୀକ୍ଷାଗାର

- ବଲାଙ୍ଗୀର ଜିଲାରେ ବଢ଼ୁଛି ଆଳୁ ଚାଷର ଚାହିଦା
- ଜିଲାରେ ୬୯୫ ହେକ୍ଟର ଜମିରେ ଆଳୁ ଚାଷ
- ଗୋଷ୍ଠୀ ଚାଷ ପ୍ରଣାଳୀରେ ଆଳୁଚାଷ ଚାଷୀଙ୍କ ଭିତରେ ଭରିଛି ନୂଆ ଉତ୍ସାହ

**ବଲାଙ୍ଗୀର,୧୧।୨(ବୀରେନ୍ଦ୍ର କୁମାର ଝାଙ୍କର)**

କିଛି ମାସ ପୂର୍ବରୁ ରାଜ୍ୟରେ ଆଳୁ ସଙ୍କଟ ପ୍ରସଙ୍ଗ ପ୍ରମୁଖ ଚର୍ଚ୍ଚାର ବିଷୟ ହୋଇଥିଲା। ଆଳୁ କେଜି ପ୍ରତି ଦର ୫୦ ଟଙ୍କାକୁ ଟପି ଯାଇଥିଲା। ଆଳୁ ମହଙ୍ଗା ମାଡ଼ରେ ପ୍ରତି ଘର ରୋଷେଇ ପ୍ରଭାବିତ ହୋଇଥିଲା। ଏବେ ଆଳୁ ଦର ସାମାନ୍ୟ କମିଛି। କେଜି ପ୍ରତି ଦର ପାଖାପାଖି ୩୦ ଟଙ୍କା ରହିଛି। ଆଳୁ ସଙ୍କଟ ସମୟରେ ସ୍ୱାବଲମ୍ବୀ ହେବାକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲା ଏବେ ଆଳୁ ସ୍ୱାବଲମ୍ବନର ଏକ ପରୀକ୍ଷାଗାର ପାଲଟିଥିବା ଦେଖାଯାଉଛି। ବଲାଙ୍ଗୀର ଜିଲା ଉଦ୍ୟାନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଜିଲାରେ ଚଳିତବର୍ଷ ୬୯୫ ହେକ୍ଟରରୁ ଅଧିକ ଜମିରେ ଆଳୁଚାଷ କରାଯାଇଛି। ଜିଲାର ବ୍ଲକ ପିଛା ୫୦ ହେକ୍ଟର ଜମିରେ ଆଳୁ ଚାଷ ଲକ୍ଷ୍ୟ ରଖାଯାଇ ଚାଷୀଙ୍କୁ ଉତ୍ସାହିତ କରାଯାଇଛି। ଏବେ ଜିଲାରେ ଆଳୁ ଅମଳ ହେବା ଆରମ୍ଭ ହୋଇଯାଇଛି। ବଲାଙ୍ଗୀର ଜିଲାର ଉତ୍ସାହଜନକ ଆଳୁ ଚାଷ ଆଗାମୀ ଦିନରେ ରାଜ୍ୟକୁ ଭିନ୍ନ ବାର୍ତ୍ତା ଦେବ ବୋଲି ଆଶା କରାଯାଉଛି।

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଜାମୁଟ ଗ୍ରାମପଞ୍ଚାୟତ ଅନ୍ତର୍ଗତ ରେହେନ୍‌ମାଲ ଗାଁର ଚାଷୀ ତୀର୍ଥ ରଣା କହିଛନ୍ତି, ରାଜ୍ୟରେ ଆଳୁ ସଙ୍କଟଜନିତ ସମସ୍ୟାକୁ ଆଖି ଆଗରେ ରଖି ସେ ଆଳୁଚାଷ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ଠିକଣା ସମୟରେ ଆଳୁ ଅମଳ ହୋଇପାରିଲେ ସେ ବେଶ ଲାଭବାନ ହେବେ ବୋଲି ଆଶା କରିଛନ୍ତି। ଉଦ୍ୟାନ ବିଭାଗ ପକ୍ଷରୁ ଉଚିତ ପରାମର୍ଶ ମିଳିଛି। ଚଳିତବର୍ଷ ସମନ୍ୱିତ ପ୍ରଣାଳୀରେ ଆଳୁ ଚାଷ କରାଯାଇଛି। ଗାଁର ୪ଜଣ ଚାଷୀ ମିଳିତ ଭାବେ ଆଳୁ ଚାଷ କରିଛୁ। ୨୦ ପ୍ୟାକେଟ୍ ଆଳୁ ଚାଷ କରାଯାଇଛି। ଗତବର୍ଷ (୨୦୨୩-୨୪) ପ୍ରଥମ ଥର ପାଇଁ ସେ ଆଳୁ ଚାଷ କରିଥିଲେ। ମାତ୍ର ଯେତିକି ଲାଭ ପାଇବେ ବୋଲି ଆଶା କରିଥିଲେ ସେତିକି ମିଳି ନ ଥିଲା। ଗତବର୍ଷ ସେ ୭୫ ହଜାର ଟଙ୍କାର ଆଳୁ ବିକ୍ରି କରିଥିଲେ। ଚଳିତବର୍ଷ ସମନ୍ୱିତ ଚାଷ ଯୋଗୁ ଅଧିକ ଲାଭବାନ ହେବେ ବୋଲି ସେ ଆଶା ରଖିଥିବା କହିଛନ୍ତି। ଉଦ୍ୟାନ କୃଷି ଯୁଗ୍ମ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଭଞ୍ଜ କହିଛନ୍ତି, ଉଦ୍ୟାନ ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲାରେ ଅଧିକ ଆଳୁଚାଷ ପାଇଁ ଚାଷୀଙ୍କୁ ଉତ୍ସାହିତ କରାଯାଇଛି। ଜିଲାରେ ସରକାରୀ ସହାୟତାରେ ୬୯୫ ହେକ୍ଟର ଜମିରେ ଆଳୁ ଚାଷ ହୋଇଛି। ଚାଷୀଙ୍କୁ ରିହାତି ଦରରେ ଆଳୁ ବିହନ ଯୋଗାଇ ଦିଆଯାଇଛି। ଗୋଟିଏ କିଲୋ ଆଳୁ ବିହନ ଦର ୪୨.୮୩ ଟଙ୍କା ଥିବାବେଳେ ଚାଷୀଙ୍କୁ ରହିତି ଦର ୨୦ ଟଙ୍କାରେ ବିହନ ଦିଆଯାଉଛି। ଏହାବାଦ ଆଳୁ ଅମଳ ହେଲା ପରେ ଆହୁରି ୧୦ ଟଙ୍କା ଚାଷୀଙ୍କୁ ଫେରାଇ ଦିଆଯିବା ବ୍ୟବସ୍ଥା ରହିଛି। ଏଗ୍ରିକଲଚର ପ୍ରଡକସନ୍ କ୍ଲଷ୍ଟର (ଏପିସି) ଗଠନ କରାଯାଇଛି। ଏହାଛଡା ଏନ୍‌ଜିଓ ମଧ୍ୟ ଆଳୁଚାଷୀଙ୍କୁ ଆନୁସଙ୍ଗିକ ସହାୟତା ଯୋଗାଉଛନ୍ତି। ଚଳିତବର୍ଷ ଜିଲାରେ ଯେତିକି ଆଳୁ ଚାଷ ହୋଇଛି ଜିଲାବାସୀଙ୍କ ଆଳୁ ଚାହିଦାକୁ ମେଣ୍ଟାଇବ ଏବଂ ଅନ୍ୟ ଚାଷୀଙ୍କୁ ଆଳୁ ଚାଷ କରିବା ଦିଗରେ ଉତ୍ସାହିତ କରିବ ବୋଲି ସେ କହିଛନ୍ତି। ସହକାରୀ ଉଦ୍ୟାନ ଅଧିକାରୀ ଗୀତିକ୍ରିଷ୍ଣା ନାଏକ କହିଛନ୍ତି, କେବଳ ଗୁଡଭେଲା ବ୍ଲକରେ ୪୩୦ ଜଣ ଚାଷୀ ୫୦ ହେକ୍ଟରରେ ଆଳୁ ଚାଷ କରିଛନ୍ତି। ଗୋଷ୍ଠୀ ଚାଷ ପ୍ରଣାଳୀରେ ଆଳୁଚାଷ ଏବେ ଚାଷୀଙ୍କ ଭିତରେ ନୂଆ ଉତ୍ସାହ ଭରିଛି। ଆଳୁଚାଷୀ ବେଣୁଧର ରଣା କହିଛନ୍ତି, ଚାଷୀଙ୍କ ଅମଳ ହୋଇଥିବା ଆଳୁକୁ ବଜାରରେ ପହଞ୍ଚାଇବା ଏବଂ ସଂରକ୍ଷଣ ବ୍ୟବସ୍ଥା ହେଲେ ଚାଷୀମାନେ ଅଧିକ ମାତ୍ରାରେ ଲାଭବାନ ହେବେ।


ଗୁଡଭେଲା ବ୍ଲକ ରେହେନମାଲ ଗାଁର ଏକ ଆଳୁ କିଆରିରେ ଆଳୁଚାଷୀଙ୍କ ସହ ଉଦ୍ୟାନ କୃଷି ଅଧିକାରୀ।

## ରେଳ ଫାଟକ ଷ୍ଟ୍ରିଟ୍ ଲାଇଟ ଜଳୁନି


ହରିଶଙ୍କର ରୋଡ ରେଳ ଫାଟକ ଠାରେ ଥିବା ଅଚଳ ଷ୍ଟ୍ରିଟ ଲାଇଟ।

**ଲାଠୋର,୧୧।୨(ଭୁବନେଶ୍ୱର ବାରିକ)**

### ରାତିବେଳା ଲୋକେ ହଇରାଣ

ବଲାଙ୍ଗୀର ଜିଲା ହରିଶଙ୍କର ରୋଡ ରେଳ ଫାଟକଠାରେ ଲାଗିଥିବା ଷ୍ଟ୍ରିଟ ଲାଇଟ ଖରାପ ହୋଇ ଜଳୁନାହିଁ। ଅଞ୍ଚଳବାସୀ ଏହାର ମରାମତି ପାଇଁ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ଜନସାଧାରଣ ନା ନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ରେଳ ଫାଟକର ଉଭୟ ପାର୍ଶରେ ଦୁଇ ଗୋଟି ଲେଖାଏ ଷ୍ଟ୍ରିଟ ଲାଇଟ ଲାଗିଛି। ପ୍ରାୟ ୬ ମାସରୁ ଊର୍ଦ୍ଧ୍ୱ ହେବ ଫାଟକର ମାର୍କେଟ ପାର୍ଶ୍ୱକୁ ଲାଗିଥିବା ଦୁଇ ଗୋଟି ଲାଇଟ ଖରାପ ହୋଇ ଜଳୁନାହିଁ। ରାତିରେ ଫାଟକ ବନ୍ଦ ଥିବା ବେଳେ ଅନ୍ଧାରରେ ଯାନବାହନ ଜମା ହୋଇ ରହିବା ବେଳକୁ ସାଧାରଣ ଲୋକ ଅସୁବିଧା ଭୋଗୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଦେଓଗାଁ ପଞ୍ଚାୟତ ହାଇସ୍କୁଲର ବାର୍ଷିକୋତ୍ସବ ପାଳିତ


ଉତ୍ସବରେ ଯୋଗ ଦେଇଥିବା ଅତିଥି ଗଣ।

**ଦେଓଗାଁ,୧୧।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଓଗାଁ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅମ୍ବରୀଶ ଭୋଇଙ୍କ ସଭାପତିତ୍ୱ ଓ ଶିକ୍ଷକ ପ୍ରତାପ କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ପୀତାବାସ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ କୁମାର ଷାଣ୍ଡ, ଆଲୁମିନା କମିଟି ସଭାପତି ବସନ୍ତ କୁମାର ଅଗ୍ରୱାଲ ,ଉନ୍ନୟନ କମିଟି ସଭାପତି ଭକ୍ତଚରଣ ସାହୁ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଏବଂ ସହନଶୀଳ ହୋଇ ମନ ଲଗାଇ ପାଠ ପଢିଲେ ସୁନାଗରିକ ହୋଇ ନିଜ ପରିଚୟ ସୃଷ୍ଟି କରିପାରିବେ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ପଞ୍ଚମନ ସାହୁ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସଂକ୍ଷେପରେ

### ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକୋତ୍ସବ ପାଳିତ

**ଟିଟିଲାଗଡ଼,୧୧।୨(ଶରତ ମିଶ୍ର )**

ଟିଟିଲାଗଡ଼ ବ୍ଲକ ଖୋଲାନ ସରସ୍ୱତୀ ଶିଶୁ ମନ୍ଦିରର ୨୧ତମ ବାର୍ଷିକ ଉତ୍ସବ ସୋମବାର ଦିନ ଶିଶୁମନ୍ଦିର ପରିସରଠାରେ ଅନୁଷ୍ଠିତ ହୋଇଯାଇଛି। ଶିଶୁମନ୍ଦିରର ପରିଚାଳନା କମିଟି ସଭାପତି ଅଲେଖ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପା ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା ଯୋଗଦେଇ ଶିଶୁମନ୍ଦିରର ଶିକ୍ଷା ପଦ୍ଧତି ଉପରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଖୋଲାନ ସରପଞ୍ଚ ନରେଶ ଅଗ୍ରୱାଲ, ପ୍ରଶାନ୍ତ ଷଡ଼ଙ୍ଗୀ, ଟିଟିଲାଗଡ଼ ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ୟାମ ସୁନ୍ଦର ମହାପାତ୍ର, ପରିଚାଳନା କମିଟି ସମ୍ପାଦକ କେଶବ ଆଡ଼ୁଆଡ ଯୋଗଦେଇ ବାର୍ଷିକ ଉତ୍ସବ ଦ୍ୱାରା ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା ଓ ବ୍ୟକ୍ତିତ୍ୱର ବିକାଶ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବ୍ୟଙ୍ଗ କୋଶଳୀ କବି ଟିକେଲାଲ ବେହେରା ଯୋଗଦେଇ ପ୍ରତ୍ୟେକ ଶିଶୁ ଗଛ ଲଗାଇ ଆଗାମୀ ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ କହିଥିଲେ। ଆଚାର୍ଯ୍ୟ ସୁଶାନ୍ତ ପଣ୍ଡା ବାର୍ଷିକ ବିବରଣୀ ପଠନ ଓ ଜଗବନ୍ଧୁ ଆଡ଼ୁଆଡ଼ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ରକ୍ଷାବନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିଶୁମନ୍ଦିରର ଗୁରୁମା ଓ ଗୁରୁଜୀମାନଙ୍କ ସହଯୋଗରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇ ଥିଲା।

### ମାର୍ଚ୍ଚ ୩୦ରେ ଟିଟିଲାଗଡ଼ ବ୍ରାହ୍ମଣ ସମାଜର ସାମୂହିକ ବ୍ରତୋପନୟନ

**ଟିଟିଲାଗଡ଼,୧୧।୨(ସନ୍ତୋଷ ପଟ୍ଟନାୟକ)**

ଟିଟିଲାଗଡ଼ ବ୍ରାହ୍ମଣ ସମାଜ ପକ୍ଷରୁ ପ୍ରତିବର୍ଷ ଆୟୋଜିତ ହେଉଥିବା ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଚଳିତବର୍ଷ ମାର୍ଚ୍ଚ ମାସ ୩୦ ଓ ୩୧ ତାରିଖରେ ଅନୁଷ୍ଠିତ ହେବ ବୋଲି ଏହି ସମାଜର ସମ୍ପାଦକ ଜଣାଇଛନ୍ତି। ସମସ୍ତ ବୈଦିକ ରୀତିନୀତି କର୍ମକାଣ୍ଡ ଅନୁଯାୟୀ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ବ୍ରାହ୍ମଣ ବାଳକମାନଙ୍କୁ ବ୍ରତ କରାଯାଇଥାଏ। ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି, ନୂଆପଡା ସମେତ ଛତିଶଗଡ଼ ରାଜ୍ୟରୁ ଅଭିଭାବକମାନେ ଆସି ନିଜ ପୁତ୍ରର ବ୍ରତ କରାଇଥାନ୍ତି। ଚଳିତବର୍ଷ ୩୦ ତାରିଖରେ ଚାରିକର୍ମ ଏବଂ ୩୧ ତାରିଖରେ ବ୍ରତୋପନୟନ କାର୍ଯ୍ୟ ହେବ। ଏଣୁ ଇଚ୍ଛୁକ ଅଭିଭାବକମାନେ ଆସନ୍ତା ୨୮ ତାରିଖ ସୁଦ୍ଧା ଏହି ସମାଜର ସଭାପତି ସୁବୋଧ ଚନ୍ଦ୍ର ଦାଶ କିମ୍ବା ସମ୍ପାଦକ ସତ୍ୟବ୍ରତ ପଣ୍ଡାଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।


ଦ୍ୱିତୀୟ ଦିନ ମ୍ୟାଚ୍‌ରେ ଉଭୟ ଦଳ ଖେଳାଳିଙ୍କ ସହ ଅତିଥି।

## ମୟୂରଭଞ୍ଜ ସ୍ପୋର୍ଟ ହଷ୍ଟେଲକୁ ହରାଇ ଦୋସ୍ତି ବ୍ରଦର୍ସ ସୁନ୍ଦରଗଡ଼ ସେମିରେ

**ବଲାଙ୍ଗୀର,୧୧।୨(ବୀରେନ୍ଦ୍ର କୁମାର ଝାଙ୍କର)**

### ଫ୍ରେଣ୍ଡସ କ୍ଲବ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ

ବଲାଙ୍ଗୀର ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ଆୟୋଜିତ ଦ୍ୱିତୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ମଙ୍ଗଳବାର ସୁନ୍ଦରଗଡ ଦୋସ୍ତି ବ୍ରଦର୍ସ ଦଳ ଓ ମୟୁରଭଞ୍ଜ ସ୍ପୋର୍ଟସ୍ ହଷ୍ଟେଲ ଦଳ ମୁହାଁମୁହିଁ ହୋଇଥିଲେ। ଖେଳର ପ୍ରଥମାର୍ଦ୍ଧରେ ଦୋସ୍ତି ବ୍ରଦର୍ସ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ୩ଟି ଗୋଲ ସ୍କୋର କରି ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମୟୁରଭଞ୍ଜ ସ୍ପୋର୍ଟସ୍ ହଷ୍ଟେଲ ଦଳ ଉନ୍ନତ ଖେଳ ପ୍ରଦର୍ଶନ କରି ଦୋସ୍ତି ବ୍ରଦର୍ସ ଦଳକୁ ୨ଟି ଗୋଲ ପରିଶୋଧ କରିଥିଲେ। ମାତ୍ର ଖେଳ ଶେଷ ହେବା ସୁଦ୍ଧା ଦୋସ୍ତି ବ୍ରଦର୍ସ ଦଳ ପ୍ରତିରୋଧାତ୍ମକ ଖେଳ ପ୍ରଦର୍ଶନ କରି ୩-୨ ଗୋଲରେ ବିଜୟୀ ହୋଇଥିଲା। ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ କ୍ଲବ ସଭାପତି ଲୋଟସ ଷଡଙ୍ଗୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା କୋଶଲବାଦୀ ନେତା ପ୍ରମୋଦ କୁମାର ମିଶ୍ର, ପୁଇଁତଲା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ, ଜିଲା ଚିକିତ୍ସା ଅଧିକାରୀ ଡା. ରମେଶ ଚନ୍ଦ୍ର ସାହୁ, ଯୁବ ସଙ୍ଗଠକ ଚିତ୍ତ ରଞ୍ଜନ ରାଉଳଙ୍କ ସମେତ ସମ୍ପାଦକ ଜଗନ୍ନାଥ ମିଶ୍ର ଓ ରଞ୍ଜିତ ବେହେରା ମଞ୍ଚାସୀନ ଥିଲେ। ଅତିଥିମାନଙ୍କୁ ଅନୁଷ୍ଠାନରେ କର୍ମକର୍ତା ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଦ୍ୱିତୀୟ ଦିନରେ ଜଣାଶୁଣା ଫୁଟବଲ ଖେଳାଳି ଟିଟିଲାଗଡ଼ର ସଦାନନ୍ଦ ନାଏକ ଓ ଖଲିଲ ଉର ରେହେମାନଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ମ୍ୟାଚ କମିଶନର ଭାବେ ଶରତ କୁମାର ନନ୍ଦ ଦାୟିତ୍ୱ ତୁଲାଇଥିଲେ। ଦେବାଶିଷ ବାଗ, ନର୍ସିଙ୍ଗ ସ୍ୱାମୀ ନାଇଡୁ, ସୁଶାନ୍ତ ନାଗ, ସଞ୍ଜୟ କୁଦାଇ, ରାଜକୁମାର ପାଣିଗ୍ରାହୀ ଖେଳ ପରିଚଳନା କରିଥିଲେ। ଆଜିର ଭାଗ୍ୟଶାଳୀ ଦର୍ଶକ ଭାବେ ଭୀମ ସୁନା ଲଟେରି କୁପନ ମାଧ୍ୟମରେ ଏକ ମୋବାଇଲ ପୁରସ୍କାର ପାଇଥିଲେ। ସ୍ୱେଚ୍ଛାସେବୀ ଧର୍ମେନ୍ଦ୍ର କୁମ୍ଭାର ଓ ରବୀନ୍ଦ୍ର କର୍ମୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ବୁଧବାର ପ୍ରଥମ ସେମିଫାଇନାଲରେ ବରଗଡ ଜିଲା କଦଳୀପାଲି ଦଳ ବନାମ ସୁନ୍ଦରଗଡ ଦୋସ୍ତି ବ୍ରଦର୍ସ ଦଳ ଭେଟ ହେବେ।

## ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଲୋଇସିଂହା,୧୧।୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଖାରମୁଣ୍ଡା ଆଦର୍ଶ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଆଶୀର୍ବାଦ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷା ଡ. ଜ୍ୟୋତିର୍ମୟୀ ପଧାନ ଅଧ୍ୟକ୍ଷତା କରିଥିଲେ। ଆଞ୍ଚଳିକ ହାଇସ୍କୁଲର ପ୍ରଧାନ ଶିକ୍ଷକ କପିଳେଶ୍ୱର କୁମ୍ଭାର ମୁଖ୍ୟଅତିଥି, ଶିକ୍ଷାବିତ୍ କାହ୍ନୁଚରଣ ଦର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଉତ୍ତମ ବିଦ୍ୟାର୍ଥୀର ଲକ୍ଷଣ ଓ ଆଗାମୀ ବାର୍ଷିକ ପରୀକ୍ଷାରେ କିପରି କୃତକାର୍ଯ୍ୟ ହେବେ ସେଥିପାଇଁ ପରାମର୍ଶ ଦେବା ସହିତ ସମୟର ସଦୁପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଦଶମ ଶ୍ରେଣୀ ବିଦାୟୀ ଛାତ୍ରୀଛାତ୍ର ସ୍କୁଲର ଅନୁଭୂତି ପ୍ରକାଶ କରିଥିଲେ।

## ଏଡ୍‌ସ ସଚେତନତା ରାଲି



ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ।

**ଦେଓଗାଁ,୧୧।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରେଡ୍ ରିବନ କ୍ଲବ ଦ୍ୱାରା ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ୟୁଥ ରେଡକ୍ରସ କାଉନସେଲର ପ୍ରାଧ୍ୟାପକ ଦୁର୍ବାଦଳ ଘିବେଲାଙ୍କ ତତ୍ତ୍ୱାବଧାନରେ ରେଡ ରିବନ କ୍ଲବ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରମାନେ ଜରାସିଂହା ଗ୍ରାମ ପରିକ୍ରମା କରି ଏଡ୍‌ସ ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ଏବଂ ପ୍ରଚାର ପତ୍ର ବଣ୍ଟନ କରି ସଚେତନତା ବାର୍ତ୍ତା ଦେଇଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ଗୋବିନ୍ଦ ମେହେର, ପ୍ରାଧ୍ୟାପକ ଧୋବାଇ ଚରଣ ପଟେଲ, ପ୍ରାଧ୍ୟାପକ ଡ.ରଞ୍ଜନ କୁମାର ପାଣିଗ୍ରାହୀ, ଅଧ୍ୟାପିକା ଶୁଭଶ୍ରୀ ସାହୁଙ୍କ ସମେତ ବିଦ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

## ଆଇନ ସଚେତନତା କାର୍ଯ୍ୟକ୍ରମ

**ଲୋଇସିଂହା,୧୧।୨(ସୁଶାନ୍ତ ବାରିକ)**

ମଙ୍ଗଳବାର ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ ଜିଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଆନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ସେଠୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ସୁଷମା ମାହାପାତ୍ର, ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋବିନ୍ଦଚନ୍ଦ୍ର ସାହୁ, ଆଇନ ପରାମର୍ଶଦାତା ପ୍ରଶାନ୍ତ ବେହେରା ସମ୍ମାନିତ ଅତିଥି ଓ ଆଇନଜୀବୀ ଦିଲୀପ କୁମାର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଶିବିରରେ ନାରୀ ନିର୍ଯାତନା ଓ ଏହାର ନିରାକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାଛଡା ପୂର୍ବ ଗର୍ଭଧାରଣ ଏବଂ ଗର୍ଭାବସ୍ଥାରେ ଲିଙ୍ଗ ନିରୂପଣ ନିଷେଧ ଆଇନ, ବାଲ୍ୟ ବିବାହ ଆଇନ, ଯୌତୁକ ପ୍ରଥା ଆଇନ ଏବଂ ଶିଶୁମାନଙ୍କ ଯୌନ ନିର୍ଯାତନା ଆଇନ ବିଷୟରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଛାତ୍ରୀମାନଙ୍କ ସହିତ ପ୍ରଶ୍ନୋତ୍ତର ପର୍ଯ୍ୟାୟକୁ ଆଗଲପୁର ସିଡିପିଓ ଶୁଭଶ୍ରୀ ମିଶ୍ର ପରିଚାଳନା କରିଥିଲେ। ସଭା କାର୍ଯ୍ୟ ଦେଓଗାଁ ସିଡିପିଓ ମିନତୀ ମିଶ୍ର ପରିଚାଳନା କରିଥିଲେ। ସୁରକ୍ଷା ଅଧିକାରିଣୀ ସୁଜାତା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର , ଅଧ୍ୟାପିକା ଅଧ୍ୟାପକ, ମମତା ଯୋଜନା ଜିଲା ସଂଯୋଜିକା ଶିବାନୀ ଠାକୁର, ଜିଲା ପରାମର୍ଶଦାତା ସନ୍ଧ୍ୟାରାଣୀ ପତି, ଅଙ୍ଗନବାଡି କର୍ମୀ, ବିଏଲଏଫ, ବଲାଙ୍ଗୀର ସଖି କେନ୍ଦ୍ର , ସ୍ୱାଧାର କେନ୍ଦ୍ର କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଶିବିରରେ ଯୋଗ ଦେଇଥିବା ଅତିଥି।

## ମାଙ୍ଗାନିଜ ଓ ବକ୍ସାଇଟ ଉତ୍ତୋଳନ ପ୍ରସ୍ତାବକୁ ବିରୋଧ


ବୈଠକରେ ଯୋଗ ଦେଇଥିବା ଗ୍ରାମବାସୀ।

**ପାଟଣାଗଡ,୧୧।୨(ସଚ୍ଚିଦାନନ୍ଦ ମହାକୁର)**

### ଖଣିଖନନ କଲେ ଆଗକୁ ଜୋର୍‌ଦାର ଆନ୍ଦୋଳନ

ବଲାଙ୍ଗୀର ଜିଲା ପାଟଣଗଡ ବ୍ଲକ ଅଧୀନ ୬ ଗୋଟି ଗ୍ରାମ ପଞ୍ଚାୟତର ୨୧ ଖଣ୍ଡ ଗ୍ରାମରେ ମାଙ୍ଗାନିଜ ଓ ବକ୍ସାଇଟ ଉତ୍ତୋଳନ ପ୍ରସ୍ତାବକୁ ନେଇ ଏମସିଏଲ ପକ୍ଷରୁ ଏକ ଚିଠି ସୋସିଆଲ ମିଡିଆରେ ଭାଇରାଲ ହେଉଥିବାର ଅଭିଯୋଗ ହେଉଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ଭୟ ସୃଷ୍ଟି ହେଉଛି। ଏହାର ପ୍ରତିବାଦରେ ସୋମବାର ଯୁବନେତା ଗିରିରାଜା ଭୋଇଙ୍କ ନେତୃତ୍ୱରେ ୨୧ଟି ଗ୍ରାମର ଶତାଧିକ ମହିଳା ଓ ପୁରୁଷଙ୍କୁ ନେଇ ଉକ୍ତ ବ୍ଲକ ଅନ୍ତର୍ଗତ ଚକାମାଲ ଗାଁର ପତ୍ରଫଡି ନିକଟ ଏକ ଆମ୍ବବଗିଚାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କିପରି ନିଜର ଭିଟାମାଟିକୁ ରକ୍ଷାକରିବେ ସେନେଇ ଏହି ବୈଠକରେ ଆଲୋଚନା ହୋଇଥିଲା। ସରକାର ଏ ଦିଗରେ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ବୈଠକରେ ଅର୍ଜୁନ ସାହୁ ସଭାପତିତ୍ୱ କରିଥିଲେ। ଭୁବନେଶ୍ୱର କୁଅଁର, ବାଲିପଟା ସରପଞ୍ଚ ପ୍ରଶାନ୍ତ କୁମାର ପୁରୋହିତ, ସୋଲବନ୍ଦ ସରପଞ୍ଚ ଗିତା ପାଣ୍ଡେ, ବଥର୍ଲା ସରପଞ୍ଚ କବିତାଞ୍ଜଳି ସାହୁ, ସାଲେପାଲି ସରପଞ୍ଚ ଡିଲେଶ୍ୱରୀ ଭୋଇ, ପୂର୍ବତନ ସରପଞ୍ଚ ଧ୍ରୁବଲେଶ୍ୱର ଭୋଇ, ସୁବାସ ସିଂ, ଗନ୍ଧମାର୍ଦ୍ଦନ ଯୁବ ପରିଷଦ ସଭ୍ୟ ସନ୍ତୋଷ ପଧାନ, ମହେଶ ବରିହା, ଜଳଧର ସାହୁ, ଯୁଧିଷ୍ଠିର ମିର୍ଦ୍ଧା, ପଦ୍ମନ ମେହେର, ଗନ୍ଧର୍ବ ସୁନା, ହୃଷୀକେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ପାନୀୟ ଜଳ ବ୍ୟବସ୍ଥା ସୁନିଶ୍ଚିତ କର

## ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି

ସୋନପୁର,୧୧।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ସତର୍କତାମୂଳକ ପଦକ୍ଷେପ ସମ୍ପର୍କିତ ଏକ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଜିଲାପାଳ ଅନ୍ୟା ଦାସ ଅଧ୍ୟକ୍ଷତା କରିଥିଲେ। ଗ୍ରୀଷ୍ମ ପ୍ରବାହଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀମାନେ ସଜାଗ ରହିବା ସହିତ କ୍ଷେତ୍ର କର୍ମଚାରୀଙ୍କୁ ଏ ସମ୍ପର୍କରେ ସୂଚିତ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ଅଂଶୁଘାତଜନିତ ମୃତ୍ୟୁସଂଖ୍ୟା ଶୂନ କରିବା ନିମନ୍ତେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ମୁଖ୍ୟତଃ ଜଳ କ୍ଲିଷ୍ଟ ଅଞ୍ଚଳଗୁଡିକୁ ଚିହ୍ନଟ କରି ପାନୀୟ ଜଳର ସୁବନ୍ଦୋବସ୍ତ କରିବା, ପାନୀୟ ଜଳର ସମସ୍ୟା ସମ୍ପର୍କରେ ଅଭିଯୋଗ ପାଇବା ମାତ୍ରେ ତୁରନ୍ତ ସମାଧାନ କରିବାକୁ ଜନସ୍ୱାସ୍ଥ୍ୟ ଓ ଗ୍ରାମ୍ୟ ପାନୀୟ ଜଳ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତୃଣମୂଳ ସ୍ତରରେ ପଞ୍ଚାୟତିରାଜ



ଜିଲାସ୍ତରୀୟ ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ଲୋକପ୍ରତିନିଧି, ଗ୍ରାମ୍ୟସ୍ତରୀୟ ପାନୀୟ ଜଳ ଓ ପରିମଳ ପରିଚାଳନା କମିଟି ସହିତ ବୈଠକ କରି ଆବଶ୍ୟକ ପାନୀୟ ଜଳ ପରିଚାଳନା ଉପରେ ବିଡ଼ିଓ ଏବଂ ଆରଡବ୍ଲ୍ୟୁଏସଏସ ଅଧିକାରୀ ପଦକ୍ଷେପ ନେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଓ ପାନୀୟ ଜଳ ଯୋଗାଣ କେନ୍ଦ୍ରଗୁଡିକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ଚାଲୁ ରଖିବା ଉପରେ ଆଲୋଚନା ହୋଇଥଲା। ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତର ମୁକାବିଲା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଔଷଧ ତଥା ଅନ୍ୟାନ୍ୟ ବ୍ୟବସ୍ଥା ଗ୍ରହଣ କରିବାକୁ ସିଡ଼ିଏମଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲାର ପ୍ରତ୍ୟେକ ବ୍ଲକ, ତହସିଲରେ କଣ୍ଟ୍ରୋଲ ରୁମ ଖୋଲିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି।

ଜିଲାରେ ୮୮୫୦ଟି ନଳକୂପ ଅଛି। ଅଚଳ ହୋଇଥିବା ନଳକୂପଗୁଡିକୁ ତୁରନ୍ତ ସଚଳ କରିବା, ଜଳ ଉତ୍ସଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର ନଳକୂପ ଖନନକୁ ପୁନଃ ଅନୁମତି ଦେଇଥିବାରୁ ଆବଶ୍ୟକ ଥିବା ଅଞ୍ଚଳରେ ନଳକୂପ ଖୋଳିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପୌରାଞ୍ଚଳ, ଏନଏସି, ବ୍ଲକ ଓ ପଞ୍ଚାୟତ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଜନଗହଳି ସ୍ଥାନ, ବସ୍‌ଷ୍ଟାଣ୍ଡ ମାନଙ୍କରେ ଜଳଛତ୍ର ଖୋଲିବା, ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦେବା ଉପରେ ଆଲୋଚନା ହୋଇଥଲା। ଯାତ୍ରୀବାହୀ ବସ ତଥା ଅନ୍ୟାନ୍ୟ ଯାତ୍ରୀବାହୀ ଯାନବାହନ ଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ ଜଳ, ଓଆର୍‌ଏସ ପ୍ୟାକେଟ ରଖିବା ଓ ଗୋରୁଙ୍କ ପିଇବା ପାଣିର ବ୍ୟବସ୍ଥା ପାଇଁ ବିଡ଼ିଓ ଏବଂ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବୈଠକରେ ସୋନପୁର ଉପଜିଲାପାଳ ସୌମ୍ୟାରୂପା ରଥ, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ପଲ୍ଲବୀରାଣୀ ରାଜଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର, କାର୍ଯ୍ୟନିର୍ବାହୀ ବିଭାଗ ଅଧିକାରୀଙ୍କ ସହ ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲା ଜରୁରୀ ଶାଖା ଦ୍ୱାରା ଆହୂତ ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।

## ବୌଦ୍ଧରେ ଭାଜପାର ସମର୍ପଣ ଦିବସ



କାର୍ଯ୍ୟକ୍ରମରେ ଜିଲା ସଭାପତି ଓ ଅନ୍ୟମାନେ।

ବୌଦ୍ଧ୧୧।୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଭାଜପା ପକ୍ଷରୁ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିକୁ ସମର୍ପଣ ଦିବସ ଭାବରେ ମଙ୍ଗଳବାର ପାଳନ କରାଯାଇଛି। ଜିଲା ଭାଜପା କାର୍ଯ୍ୟାଳୟଠାରେ ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ଶ୍ରୀମିଶ୍ର ଏବଂ ପୂର୍ବତନ ଜିଲା ସଭାପତି ବିପ୍ରଚରଣ ମହାନ୍ତିଙ୍କ ସମେତ ଉପସ୍ଥିତ ବରିଷ୍ଠ ନେତୃବୃନ୍ଦ ବକ୍ତବ୍ୟ ଦେଇ ଏକାନ୍ତ ମାନବ ବାଦର ସ୍ରଷ୍ଟା ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ରାଷ୍ଟ୍ର ନିର୍ମାଣ, ଦାର୍ଶନିକ ତତ୍ତ୍ୱ, ବିକଶିତ ଭାରତ, ବୈଚାରିକ ଚିନ୍ତା, ବ୍ୟକ୍ତିଗତ ସ୍ୱଚ୍ଛତା ଓ ସମାଜରେ ଥିବା ଗରିବଶ୍ରେଣୀଙ୍କ ସର୍ବବିଧ ଉନ୍ନତି ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ତାପସ କୁମାର ପଟ୍ଟନାୟକ, ଶ୍ୟାମସୁନ୍ଦର ପୁରୋହିତ, ସତ୍ୟାନନ୍ଦ ପାଣ୍ଡେ, ବ୍ୟୋମାକେଶ ମହାପାତ୍ର, ମନୋରଞ୍ଜନ ଦାଶ, ରାଜକୁମାର ମେହେର, ଜେନ୍ଦ୍ର ସାହୁ, ଦେବଦତ୍ତ ପୁରୋହିତ, ରବୀନ୍ଦ୍ର କୁମାର ଦେଓ,ଅରୁଣ ସେଠୀ,ରଶ୍ମିତା ହୋତା ଓ ନମିତାରାଣୀ ଦାଶଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଘଣ୍ଟାପଡା ମଣ୍ଡଳଠାରେ ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଟାମାଳ ବିଧାୟକ କହ୍ନାଇଁ ଚରଣ ଡାଙ୍ଗ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବାବେଳେ ବାଉଁଶୁଣୀ ଓ ମୁଣ୍ଡାପଡାଠାରେ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ।

## ଆଜି କ’ଣ କେଉଁଠି

## ଭତ୍ତା ବୃଦ୍ଧି ପାଇଁ ବିଡିଓଙ୍କୁ ଦାବିପତ୍ର

ବିନିକା,୧୧।୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଜନ କଲ୍ୟାଣ ଭିନ୍ନକ୍ଷମ ସଂଘ ଭତ୍ତା ବୃଦ୍ଧି କରିବାକୁ ଦାବି କରିଛି। ମଙ୍ଗଳବାର ଏ ନେଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ଭାଜପା ନିର୍ବାଚନ ପୂର୍ବରୁ ସମସ୍ତ ହିତାଧିକାରୀଙ୍କୁ ମାସିକ ୩ ହଜାର ଓ ୮୦ବର୍ଷରୁ ଊର୍ଦ୍ଧ୍ୱ ଏବଂ ୮୦ ପ୍ରତିଶତ ଭିନ୍ନକ୍ଷମମାନଙ୍କୁ ୩୫୦୦ ଟଙ୍କା ଭତ୍ତା ଦେବା ପାଇଁ ଘୋଷଣା କରିଥିଲା। ହେଲେ ଗତ ମାସ ୩ତାରିଖରେ କେବଳ ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତ ଭିନ୍ନକ୍ଷମ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ପ୍ରଦାନ ପାଇଁ ସରକାରୀ ଭାବରେ ପ୍ରକାଶ କରାଯାଇଛି। ହେଲେ ୮୦ ବର୍ଷରୁ କମ୍ ବୃଦ୍ଧାବୃଦ୍ଧ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ହିତାଧିକାରୀଙ୍କ କହିବା ଅନୁସାରେ ସରକାର ଦେଉଥିବା ଏକ ହଜାର ଟଙ୍କାରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଏଣୁ ସମସ୍ତ ହିତାଧିକାରୀଙ୍କୁ ୩ ହଜାର ଟଙ୍କା ଭତ୍ତା ପ୍ରଦାନ ପାଇଁ ଦାବି କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଅନୁପସ୍ଥିତରେ ମୁଖ୍ୟ କିରାଣିଙ୍କୁ ପ୍ରଦାନ କରିଥିଲେ। ତେବେ ଚଳିତ ମାସରେ ସମସ୍ତଙ୍କୁ ୩ ହଜାର ଭତ୍ତା ପ୍ରଦାନ କରାନ ଗଲେ ଆନ୍ଦୋଳନତ୍ମକ ପନ୍ଥା ଗ୍ରହଣ କରାଯିବା ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି ।

## ଲୁଡୁରପଙ୍କ ଆୟୁର୍ବେଦିକ ଚିକିତ୍ସାଳୟରେ ଯୋଗଦେଲେ ସ୍ଥାୟୀ ଡାକ୍ତର

ଅମରପାଲି,୧୧।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁଡୁରପଙ୍କ ଆୟୁର୍ବେଦିକ ଚିକିତ୍ସାଳୟରେ ମଙ୍ଗଳବାର ଚିକିତ୍ସକ ଭାବେ ଯୋଗଦେଇଛନ୍ତି ଡ.ଅର୍ଚ୍ଚନା ପାଢ଼ୀ। ସେ ତାଙ୍କ ଚାକିରି ଜୀବନର ପ୍ରଥମ କରି ଏଠାରେ ଯୋଗଦାନ କରିଛନ୍ତି। ଏହି ଅବସରରେ ଡ. ପାଢ଼ୀଙ୍କୁ ଗ୍ରାମର ଜୟ ଜଗନ୍ନାଥ ସ୍ପୋର୍ଟସ କ୍ଲବ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କ୍ଲବ ଉପଦେଷ୍ଟା ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ନନ୍ଦ, ଡ.ମଧୁସ୍ମିତା ପତି, କ୍ଲବର ପୂର୍ବତନ ସଭାପତି ସୁଧୀର ପ୍ରଧାନ, ଗ୍ରାମ୍ୟ ପରିଚାଳନା କମିଟି ସମ୍ପାଦକ ସନାତନ ମହାକୁର, ଉପସଭାପତି ଟୁଟୁ ମହାକୁର, ସହ ସମ୍ପାଦକ ଆଶିଷ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ସଦସ୍ୟମାନେ ଡ.ପାଢ଼ୀଙ୍କୁ ଚିକିତ୍ସାଳୟର ଭିତ୍ତିଭୂମିର ବିକାଶ ସହିତ ଅନ୍ୟାନ୍ୟ ସମସ୍ୟା ସମାଧାନ କରିବାକୁ ଅନୁରୋଧ କରିଥିଲେ। ଲୁଡୁରପଙ୍କ ଆୟୁର୍ବେଦିକ ଚିକିତ୍ସାଳୟ ୧୯୮୫ ମସିହାରେ ସ୍ଥାପନ ହୋଇଥିବା ବେଳେ ସ୍ଥାୟୀ ଡାକ୍ତର ନିଯୁକ୍ତି ହେଉ ନ ଥିଲେ। ଡ.ଅର୍ଚ୍ଚନା ପାଢ଼ୀ ମଧ୍ୟ ଜଣେ ଲୋକପ୍ରିୟ ସମ୍ବଲପୁରୀ ଗାୟିକା ।



ଡ.ଅର୍ଚ୍ଚନା ପାଢ଼ୀ।





ମଙ୍ଗଳବାର ବୀରମହାରାଜପୁର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

ଅମରପାଲି,୧୧।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡାଙ୍କ ଅଧ୍ୟକ୍ଷତା ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବୀରମହାରାଜପୁର ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀ ସଞ୍ଜୟ ମହାପାତ୍ର, ବୀରମହାରାଜପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼କ୍ଟର ହିମାଂଶୁ ଶେଖର ପାଢ଼ୀ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଆଶୁତୋଷ ହୋତା, ଜିଲା ଶିଶୁ ସୁରକ୍ଷା ବିଭାଗ ଅଧିକାରୀ ବିଜୟ ବିଶ୍ୱାଳ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତ ଧରୁଆ ଯୋଗ ଦେଇଥିଲେ। ଏକ୍ସନଏଡ଼ର ରାଜ୍ୟ ସଂଯୋଜକ ତଥା ସାଧନା କର୍ମୀ ଘାସିରାମ ପଣ୍ଡା ସମାଜରେ ଲିଙ୍ଗଗତ ବୈଷମ୍ୟ ଓ ଭେଦଭାବ କାରଣରୁ ହେଉଥିବା ବିଭିନ୍ନ ପ୍ରକାରର ହିଂସା, ଏହାର କାରଣ ଓ ନିରାକରଣ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସାଧନା କର୍ମୀ ଜିଲା ଜୁଭେନାଇଲ ଜଷ୍ଟିସ ବୋର୍ଡ ସଭ୍ୟ ତଥା ଆଇନଜୀବୀ ରଞ୍ଜିତା ସାହୁ ମହିଳା ମାନଙ୍କ ପାଇଁ ରହିଥିବା ବିଭିନ୍ନ ଆଇନ ଏବଂ ସାହାଯ୍ୟକାରୀ ଅନୁଷ୍ଠାନ ଉପରେ ବକ୍ତବ୍ୟ ପ୍ରଦାନ ପୂର୍ବକ ଉପସ୍ଥିତ ସଦସ୍ୟା, ସଦସ୍ୟ, ଆଶା, ଅଙ୍ଗନବାଡି କର୍ମୀ, କଲେଜ ଛାତ୍ରୀମାନଙ୍କୁ ସଚେତନ କରିଥିଲେ । ପ୍ରୋଗ୍ରାମ ଅଫିସର ଅନିତା ଗୁରୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବୀରମହାରାଜପୁର ସିଡ଼ିପିଓ ମଞ୍ଜୁଲତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଞ୍ଜୀବ କୁମାର ମିଶ୍ର, ପ୍ରତାପ ପଧାନ, ଅକ୍ଷୟ କୁମାର ସିଂହ, ବିକାଶ ପଣ୍ଡା, ଶାନ୍ତନୁ କୁମାର ମେହେର, ରଶ୍ମିତା ଷଡ଼ଙ୍ଗୀ, ପ୍ରଦୀପ ଦାଶ, ଲିଙ୍ଗରାଜ ବିଶି, ମନୋଜ ରାଜହଂସ ପ୍ରମୁଖ ସହଯୋଗ କରିଥିଲେ।

## ଆଇନସେବା ପ୍ରାଧିକରଣର ସଚେତନତା ଶିବିର

ବୌଦ୍ଧ,୧୧।୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଖୁଣ୍ଟବନ୍ଧ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ପ୍ରବାସୀ ଶ୍ରମିକ ଏବଂ କିନ୍ନରମାନଙ୍କ ବିଭିନ୍ନ ସମସ୍ୟା ଏବଂ ସୁବିଧା ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରତାପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଓ ସଚୀବ ସାସ୍ୱତି ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଥିଲା। କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଧିଷ୍ଠିର ମେହେର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଦାମ ସାମଲ, ଶ୍ରମ ଅଧିକାରୀ କନ୍ୟା କୁମାରୀ ସାହୁ ଏବଂ ଖୁଣ୍ଟବନ୍ଧ ଗ୍ରାମ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଏବଂ ଜିଲାର କିନ୍ନରମାନେ ଯୋଗଦେଇଥିଲେ । ଅଧିକାରୀମାନେ ସମସ୍ତଙ୍କୁ ପ୍ରବାସୀ ଶ୍ରମିକ ଏବଂ କିନ୍ନର ମାନଙ୍କ ବିଭିନ୍ନ ସମସ୍ୟା, ସମାଧାନ ଓ ସରକାରଙ୍କ ଦ୍ୱାରା ସେମାନଙ୍କ ପାଇଁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଭାବରେ ଆଲୋକପାତ କରିଥିଲେ।

## ମୌଳିକ ଭାଷା, ସଂଖ୍ୟାଜ୍ଞାନର ବିକାଶ ପାଇଁ ଶପଥ ପାଠ



ନିପୁଣ ମେଳାର ଶପଥ ନେଉଛନ୍ତି ଛାତ୍ର ଛାତ୍ରୀ।

ହରଭଙ୍ଗା,୧୧।୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ହରଭଙ୍ଗା ବ୍ଲକର ବୀରନରସିଂହପୁର ପଞ୍ଚାୟତର ନୂଆପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଓଡ଼ିଆ ନିପୁଣ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ମକରନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାରେ ଅତିଥିଭାବେ ସାମ୍ପୋଚ ଉଚ୍ଚବିଦ୍ୟାଳୟର ପ୍ରଧାନ ରଜନୀକାନ୍ତ ପ୍ରଧାନ, ସାମ୍ପୋଚ ସରପଞ୍ଚ କଲ୍ୟାଣୀ ପ୍ରଧାନ, ସରସରା ସାଧନ କେନ୍ଦ୍ର ସଂଯୋଜକ ଶ୍ରୀବନ୍ତ ନାଏକ ଯୋଗ ଦେଇଥିଲେ। ସିଆର୍‌ସିସି ନିଳାଚଳ ବିହାରୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ବିଜୟ କୁମାର ସାହୁ ସଂଯୋଜନା କରିଥିଲେ। ମୌଳିକ ଭାଷା ବିକାଶ, ସଂଖ୍ୟାଜ୍ଞାନର ବିକାଶ ପାଇଁ ଶିକ୍ଷକ ଓ ଅଭିଭାବକମାନେ ଶପଥ ପାଠ କରିଥିଲେ। ୧୧ଟି ବିଦ୍ୟାଳୟର ୧୦ଜଣ ଛାତ୍ରୀଛାତ୍ର, ୧୦ ଜଣ ଅଭିଭାବକ, ସହାୟକ ଶିକ୍ଷକ ଯୋଗ ଦେଇଥିଲେ। ଶିକ୍ଷକ ଦୋଳଗୋବିନ୍ଦ ବେହେରା, ରାଜନ୍ଦ୍ରେ ମଲିକ, ଗୀତାଞ୍ଜଳୀ ମହାପାତ୍ର, ଶ୍ୱେତରୁପା ସାହୁ, କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସୁବର୍ଣ୍ଣଗ୍ରାହୀ ପୂଜା ଅବସରରେ କଳସଯାତ୍ରା

ଖୁଣ୍ଟିଗୋରା,୧୧।୨(ମକ ରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ଜୋନସ୍ତରୀୟ ଶୌଣ୍ଡିକ ସମାଜ ପକ୍ଷରୁ ତାଙ୍କର ଇଷ୍ଟଦେବି ସୁବର୍ଣ୍ଣଗ୍ରାହୀ ପୂଜା ଅବସରରେ ଅଷ୍ଟପ୍ରହରୀ ନାମଯଜ୍ଞର କଳସ ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କଳସ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ନିକଟସ୍ଥ ପଖୋରୀରୁ ପୂଜା ଅର୍ଚ୍ଚନା କରି ଗ୍ରାମ ପରିକ୍ରମା କରିବା ପରେ ପୂଜା ମଣ୍ଡପରେ ପବିତ୍ର ଜଳ ସ୍ଥାପନ କରାଯାଇଥିଲା। ଇଷ୍ଟଦେବୀ ସୁବର୍ଣ୍ଣଗ୍ରାହୀ ପୁଜାର୍ଚ୍ଚନା କରିବା ସହ ଶୌଣ୍ଡିକ ସମାଜର ମଙ୍ଗଳ କାମନା କରିଥିଲେ।ବୁଧବାର ହେବାକୁଥିବା ଅଷ୍ଟ ପ୍ରହରୀ ନାମ ଯଜ୍ଞର ଅଧିବାସ ପୂଜାର୍ଚ୍ଚନା କରିଥିଲେ, ମଙ୍ଗଳବାର କଳସ ଯାତ୍ରା ଏବଂ ଅଧିବାସର ମୁଖ୍ୟଅତିଥି କଣ୍ଟାମାଳ ବିଧାୟକ କହ୍ନେଇଚରଣ ଡାଙ୍ଗ ଯୋଗଦାନ କରିଥିଲେ। ଦିଗାମ୍ବର ସାହୁ ଏବଂ ତାଙ୍କର ସ୍ତ୍ରୀ ଭୂଲେଶ୍ୱରୀ ସାହୁ କର୍ତ୍ତା ଦାୟୀତ୍ୱ ତୁଲାଇ ଥିବା ବେଳେ ପଣ୍ଡିତ ଜୟରାମ ପାଣି ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଘଣ୍ଟ, ଶଙ୍ଖ, ହରିବୋଲ ହୁଳହୁଳି ଧ୍ୱନିରେ ଖୁଣ୍ଟି ଗୋରା ଗ୍ରାମରେ ଏକ ଭକ୍ତି ମୟ ପରିବେଶ ସୃଷ୍ଟି ହୋଇଥିଲା। ଏଥିରେ ନାଗର ଚରଣ ସାହୁ, ଫକୀର ସାହୁ,କେଦାର ସାହୁ, ସୁନିଲ କୁମାର ସାହୁ, ଲମ୍ବୋଦର ବେହେରା, ଗିତିବନ୍ତ ସାହୁ, ଶଙ୍କର୍ଷଣ ସାହୁ, ସୁବୋଧ ସାହୁ, ନିରୋଜ ସାହୁ, ଗୋପିନାଥ ସାହୁ, ଆଶିଷ ସାହୁ ଏବଂ ଶୌଣ୍ଡିକ ସମାଜର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିବାସହ ପ୍ରଦୋଷ ଗୁରୁ ରୋଷିଆ ଦାୟିତ୍ୱ ତୁଲାଇଥିଲେ।



ଶ୍ରଦ୍ଧାଳୁମାନଙ୍କ କଳସ ଶୋଭାଯାତ୍ରା।

## ଅଷ୍ଟ ପ୍ରହର ନାମଯଜ୍ଞ

ସୋନପୁର,୧୧।୨(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ମଲ୍ଲିକମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଦେଉଳି ଗ୍ରାମରେ ଅଷ୍ଟ ପ୍ରହର ନାମଯଜ୍ଞ ମଙ୍ଗଳବାର ସକାଳଠାରୁ ଆରମ୍ଭ ହୋଇଛି । ଗ୍ରାମବାସୀ, ସଂକୀର୍ତ୍ତନ୍ୟ ମଣ୍ଡଳୀ ଓ ମୁଖ୍ୟ କର୍ତ୍ତାଭାବେ ପାଣ୍ଡବ ବେହେରା ଓ ତାଙ୍କ ଧର୍ମପତ୍ନୀ ଦମୟନ୍ତୀ, ପୂଜକ ସ୍ୱାଗତ ମିଶ୍ର, ପୁରୁଷୋତ୍ତମ ମିଶ୍ର, ପ୍ରଫୁଲ୍ଲ ମିଶ୍ର ପୂଜାବିଧି କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ନାମ ଯଜ୍ଞରେ ମୋଟ ୮ଟି କୀର୍ତ୍ତନ୍ୟ ଦଳ ଯୋଗ ଦେଇଛନ୍ତି । ବୁଧବାର ସକାଳ ୯ ଟାରେ ପୂର୍ଣ୍ଣାହୂତି ହେବ। ମଧ୍ୟାହ୍ନରେ ଅରକ୍ଷିତ ପାଢ଼ୀ ଏବଂ ପଦ୍ମିନୀ ଶବରଙ୍କ ମଧ୍ୟରେ ବୈଠକୀ କୀର୍ତ୍ତନ ହେବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ନାମଯଜ୍ଞରେ ଗ୍ରାମର ସମାରୁ ବାଘ, କୁନ୍ଦନ ପୋଢ, ଶତ୍ରୁଘ୍ନ ପାଣ୍ଡେ, କୁଞ୍ଜବନ ପୋଢ, ଗୁରୁ ବାଘ, ଲୋଚନ ବେହେରା, ରଘୁନାଥ ବେହେରା, ବନମାଳୀ ପାଣ୍ଡେ, ରମଣ ପାଣ୍ଡେ ଓ ରବିନ୍ଦ୍ର ବାଘଙ୍କ ସମେତ ଭକ୍ତ ଓ ଗ୍ରାମବାସୀ ସହଯୋଗ କରିଛନ୍ତି।

## ବାଳକ ହାଇସ୍କୁଲରେ ପୁରସ୍କାର ବିତରଣୀ ଉତ୍ସବ

ଅମରପାଲି,୧୧।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଆଲବର୍ଟ ଆଇନଷ୍ଟାଇନ ଗଣିତ ଓ ବିଜ୍ଞାନ କ୍ଲବର ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଧର୍ମ କୁମାର ଶତପଥୀ ଯୋଗଦେଇ କୁହୁକ ଗଣିତ ଉପରେ ଆଲୋଚନା କରିଥିଲେ। ସେ ଗଣିତ ଓ ବିଜ୍ଞାନ ଶିକ୍ଷା କିପରି ଆନନ୍ଦଦାୟକ ହୋଇ ପାରିବ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ବର୍ଷସାରା ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ଲବର ସଂଯୋଜିକା ଜ୍ୟୋତିର୍ମୟୀ ମିଶ୍ର ପରିଚାଳନା କରିଥିଲେ।

## ହୃଷୀକେଶଙ୍କ ଶ୍ରାଦ୍ଧବାର୍ଷିକୀରେ ଚିତ୍ରକଳା, ହସ୍ତକଳା ପ୍ରଦର୍ଶନ

ଡୁଙ୍ଗୁରିପାଲି,୧୧।୨ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସ୍ଥିତ ସହଲା ଗ୍ରାମପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁଡାରିକଟାଠାରେ ହୃଷୀକେଶ ମହାନନ୍ଦ ମେମୋରିଆଲ ପକ୍ଷରୁ ଚିତ୍ରକଳା ଓ ହସ୍ତକଳା ମଙ୍ଗଳବାର ପ୍ରଦର୍ଶିତ ହୋଇଯାଇଛି। ବିଦ୍ୟାଳୟର ପ୍ରାକ୍ତନ ସଭାପତି ତଥା ଜନ ନେତା ହୃଷୀକେଶ ମହାନନ୍ଦଙ୍କ ଦ୍ୱାଦଶତମ ଶ୍ରାଦ୍ଧ ବାର୍ଷିକରେ ପ୍ରଦର୍ଶନୀ ସହିତ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଶାନ ଯୋଗ ଦେଇଥିଲେ।

ସମ୍ମାନିତ ଅତିଥିଭାବେ ଏବିଇଓ ବଟକୃଷ୍ଣ ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁର୍ଯ୍ୟୋଧନ ଜୁଆଡ଼ି, ଗୀତିକାର ତଥା କଳାକାର ଶ୍ରୀମତ ଦୀପ ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ଦୀନବନ୍ଧୁ ସୁନା ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଥବିର ଦୋରା ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟର ଶ୍ରେଣୀଗୃହରେ ବରପାଲି କଳାଭୂମି ଚିତ୍ରକଳା ଅନୁଷ୍ଠାନର ଚିତ୍ରଶିଳ୍ପୀମାନଙ୍କ ପଟଚିତ୍ର ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ ଓ ଶିକ୍ଷକ ରମେଶ କୁମାର ଭୋଇ ସ୍ୱର୍ଗତ ମହାନନ୍ଦଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଚିତ୍ରଶିଳ୍ପୀ ପ୍ରଶନ୍ନ କୁମାର ତାଣ୍ଡି, ପ୍ରଜ୍ଞା ବାଗ, ମହାଦେବ ଗଡ଼ତ୍ୟାଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ସ୍ମୃତି ସଭାରେ ସ୍ୱର୍ଗତ ମହାନନ୍ଦଙ୍କ ଧର୍ମପତ୍ନୀ ହୀରା ମହାନନ୍ଦ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ର ମାନଙ୍କ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥଲା ।





ଶ୍ରାଦ୍ଧସଭାରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

**ବଡ଼ଗାଁ,୧୧।୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ ଇଲେକ୍ଟ୍ରି ଅଫିସ ପଡ଼ାରେ ରହୁଥିବା ଜଣେ ମହିଳା ମଙ୍ଗଳବାର ବେକରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଭୂମିସୂତା ସେନ୍ (୩୨)। ବଡ଼ଗାଁ ଥାନା ଏଏସଆଇ ଅରୂପାନନ୍ଦ ଦାସ ଓ ଗୋପୀନାଥ ଓଝା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମଙ୍ଗଳବାର ଇଲେକ୍ଟ୍ରି ଅଫିସ ପଡ଼ାର କିଶୋର ସେନ୍‌ଙ୍କ ପତ୍ନୀ ଭୂମିସୂତାଙ୍କ ୧୦ ବର୍ଷର ଝିଅ ଓ ୫ ବର୍ଷର ପୁଅ ସ୍କୁଲ ଯାଇଥିଲେ। ତାଙ୍କ ସ୍ୱାମୀ ବାହାରେ କାମ କରୁଥିବା ବେଳେ ଭୂମିସୂତା ଘରେ ଏକୁଟିଆ ଥିଲେ। ମଧ୍ୟାହ୍ନ ସାଢ଼େ ୧୨ଟାରେ ସେ କୌଣସି କାରଣରୁ ଘରେ ନିଜ ଶାଢ଼ି ବେକରେ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଘରୋଇ କଳହ ଯୋଗୁ ଏଭଳି ଘଟଣା ଘଟିଥିବା ଆଲୋଚନା ହେଉଛି।

### ବାଇବାଇ ଗାଁରେ ରାହାସଯାତ୍ରା ସମ୍ପନ୍ନ

**ବଡ଼ଗାଁ,୧୧।୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ତୁଡାଲଗା ପଞ୍ଚାୟତର ବାଇବାଇ ଗାଁରେ ସୋମବାର ରାତିରେ ରାହାସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜ୍ୟୋତିର୍ମୟୀ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଯାତ୍ରା ପାଇଁ ଗୌନ୍ତିଆ ପଡ଼ାରୁ କିଷାନପଡା ପର୍ଯ୍ୟନ୍ତ ରାଧାକୃଷ୍ଣଙ୍କୁ ଶୋଭାଯାତ୍ରାରେ ଅଣାଯାଇଥିଲା। ପରେ ପାରମ୍ପରିକ ରୀତିନୀତିରେ ରାହାସ ଯାତ୍ରା ହୋଇଥିଲା। ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଯୁଧିଷ୍ଠିର ବାଡ଼ା, ଯାତ୍ରା ପରିଚାଳନା କମିଟି ସଭାପତି ଯାଦବ ସା, ମିନକେତନ ପ୍ରଧାନ, ପ୍ରଫୁଲ୍ଲ ଭୋଲ ପ୍ରମୁଖ ବ୍ୟକ୍ତି ଯୋଗ ଦେଇଥିଲେ। ସଦସ୍ୟ ଶିଶିର ରାଉତରାୟ ବିବରଣୀ ପାଠ କରିଥିଲେ। ସୁରେନ୍ଦ୍ର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। କଳାକାର ଅଶୋକ ରାଜ ସଭା ପରିଚାଳନା କରିଥିଲେ।



ସୁନ୍ଦରଗଡ଼ ଜିଲା କନିକାଠାରୁ ହେମଗିର ରାସ୍ତାପାର୍ଶ୍ୱରେ ଗଦା ହୋଇଥିବା କୋଇଲା ଜଳୁଥିବା ଯୋଗୁ ସ୍ଥାନୀୟ ଅଞ୍ଚଳର ପରିବେଶ ପ୍ରଦୂଷିତ ହେଉଛି। (ଫଟୋ: ଚୈତନ୍ୟ)

# ପର୍ଯ୍ୟଟନସ୍ଥଳୀର ବିକାଶ, ଜଙ୍ଗଲ ନିଆଁ ପ୍ରତିରୋଧକୁ ଗୁରୁତ୍ୱ

**ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ବଣାଇଁ ବନଖଣ୍ଡ ଗସ୍ତ**

**ବଣାଇଁ/ବଡ଼ଗାଁ,୧୧।୨ (ପ୍ରଦୀପ ତ୍ରିପାଠୀ/ଅଶୋକ ଷଡ଼ଙ୍ଗୀ)**

ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ୍) ତଥା ବନ ବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ମଙ୍ଗଳବାର ଦିନିକିଆ ବଣାଇଁ ବନଖଣ୍ଡ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପିସିସିଏଫ୍ ବିଶ୍ୱାଳ ବଣାଇଁ ବନଖଣ୍ଡରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଏହାସହ ଜଙ୍ଗଲ ନିଆଁ ନିବାରଣ ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ବଣାଇଁ ବନଖଣ୍ଡରେ ଥିବା ୭ଟି ରେଞ୍ଜ୍‌ର ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ



ପିସିସିଏଫ୍ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ସହାୟକ ହେବ ବୋଲି ସେ କହିଥିଲେ। ଏହି ଅବସରରେ ତୃଣମୂଳ ସ୍ତରରୁ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବନ ସୁରକ୍ଷା ସମିତିକୁ ବନ ବିଭାଗ ପକ୍ଷରୁ ସହଯୋଗର ହାତ ବଢାଇ ବଣାଇଁ ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଏକ ଜୈବିକ କୃଷିଜାତ ଦ୍ରବ୍ୟର ବିକ୍ରି ଷ୍ଟଲକୁ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ଆଞ୍ଚଳିକ ବନ ସଂରକ୍ଷକ ରାମାସ୍ୱାମୀ ପି, ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର, ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ସୁନ୍ଦରଗଡ଼ ବନଖଣ୍ଡର ଶିକ୍ଷା ନବୀଶ ରମେଶ କୁମାର ପ୍ରମୁଖ ଉପସ୍ଥିତ ରହିଥିଲେ।

ବଡ଼ଗାଁ ବନାଞ୍ଚଳ ଅଧୀନ ପଞ୍ଚରାସ୍ଥିତ କଟଙ୍ଗଝରିଆ ସିଏସ୍ଆର ବୃକ୍ଷରୋପଣ ଅଞ୍ଚଳ ଓ କଲିଜାପଥର ବୃକ୍ଷରୋପଣ ଅଞ୍ଚଳକୁ ପିସିସିଏଫ୍ ବିଶ୍ୱାଳ ମଙ୍ଗଳବାର ପୂର୍ବାହ୍ନରେ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ କଲିଜାପଥର ବନ ସୁରକ୍ଷା ସମିତି ପରିଦର୍ଶନ କରିବା ସହିତ ବନ ସୁରକ୍ଷା ସମିତିରେ ଚାଲିଥିବା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ୨ୟ ଅନ୍ତର୍ଗତ ସମସ୍ତ କାର୍ଯ୍ୟକ୍ରମ ସମ୍ବନ୍ଧରେ ବନ ସୁରକ୍ଷା ସମିତି ସଭ୍ୟାଙ୍କ ସହିତ ଆଲୋଚନା କରିଥିଲେ। ସେ ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରସ୍ତୁତ ମହୁଲ ତିଆରି ଲଡୁ କେକ୍, କୁକିସ୍, ସଜନା ପତ୍ରରେ ତିଆରି ଲଡୁ, ଓ ଚା' ଷ୍ଟଲ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ରାମାସ୍ୱାମୀ ପି, ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ରମେଶ କୁମାର, ସହକାରୀ ବନ ସଂରକ୍ଷକ ରାଜ କୁମାର ସେଠୀ, ବନାଞ୍ଚଳ ଅଧିକାରୀ ପ୍ରଦୀପ ଭୁତିଆ, ବନାଞ୍ଚଳ କର୍ମଚାରୀ, ପ୍ରକଳ୍ପ କର୍ମକର୍ତ୍ତା ଓ ସହଯୋଗୀ ଅନୁଷ୍ଠାନ ସେବକର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ରେଳପଥ ଜିଏମ୍‌ଙ୍କ ବନ୍ଧମୁଣ୍ଡା ଗସ୍ତ



ଯାଞ୍ଚ ସମୟରେ ରେଳବାଇ ଜିଏମ୍‌ଙ୍କ ସହ ଅନ୍ୟମାନେ।

**ବନ୍ଧମୁଣ୍ଡା,୧୧।୨(ସୁବ୍ରତ ଦେ)**

ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଅନିଲ କୁମାର ମିଶ୍ରା ମଙ୍ଗଳବାର ଦିନିକିଆ ବନ୍ଧମୁଣ୍ଡା ଗସ୍ତରେ ଆସିଥିଲେ। ସେ ସକାଳ ପ୍ରାୟ ୬ଟାରେ ରାଉରକେଲା ଷ୍ଟେଶନରେ ପହଞ୍ଚିବା ପରେ ସକାଳ ପ୍ରାୟ ୯ଟା ବେଳେ ବନ୍ଧମୁଣ୍ଡା ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ସେ ପ୍ରଥମେ ଏ-କ୍ୟାବିନ ପରିଦର୍ଶନ କରିଥିଲେ। ଯେଉଁଠାରେ ସେ ସମସ୍ତ ବିଭାଗୀୟ ଅଧିକାରୀଙ୍କଠାରୁ ରେଳ ୟାର୍ଡ ସହିତ ଜଡିତ ବିଭିନ୍ନ ସୂଚନା ହାସିଲ କରିଥିଲେ। ଏ-କ୍ୟାବିନରୁ ବନ୍ଧମୁଣ୍ଡା ରେଳବାଇ ୟାର୍ଡ ମଧ୍ୟରେ ରେଳ ଟ୍ରାଫିକ ଜାମ୍ ମୁକ୍ତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସେ ବନ୍ଧମୁଣ୍ଡା ଡିପାର୍ଚର ୟାର୍ଡକୁ ଆସି ରେଳ ୟାର୍ଡ ସମେତ ରେଳଟ୍ରାକ, ପାଥ ୱେ, କ୍ୟାରେଜ୍ ଏବଂ ୱାଗନ ବିଭାଗରେ ଯାଞ୍ଚ କରିଥିଲେ। ଏହି ସମୟରେ ଚକ୍ରଧରପୁର ଡିଆରଏମ୍ ତରୁଣ ହୁରିଆ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଦେଶ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ୬୭ତମ ବାର୍ଷିକୋତ୍ସବ**

**ସୁନ୍ଦରଗଡ,୧୧।୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ୬୭ତମ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ପୌରାଧକ୍ଷା ତନୟା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଖୋଲା ଆଖିରେ ସ୍ୱପ୍ନ ଦେଖିବା ପାଇଁ କହିବା ସହ ଦେଶ ଗଠନରେ ଯୁବପିଢ଼ି ତଥା ଛାତ୍ରୀଛାତ୍ରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅବସରପ୍ରାପ୍ତ ଉପସଚିବ ଡ. ଉତ୍ତମ କୁମାର ପ୍ରଧାନ ଯୋଗଦାନ କରି ବିଭିନ୍ନ ଦାର୍ଶନିକମାନଙ୍କ ଜୀବନର ଉଦାହରଣ ପୂର୍ବକ ଛାତ୍ରୀଛାତ୍ରଙ୍କ ଉତ୍ତମ ଚରିତ୍ର ଗଠନ ଓ ଏକନିଷ୍ଠ ଉଦ୍ୟମ ଭିତରେ ଜୀବନର ସଫଳତା କିପରି ଲୁଚି ରହିଥାଏ ତାହା କହିଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ. ଆଲୋକ କୁମାର ନାଏକ ସଭାରେ ସଭପତିତ୍ୱ କରିଥିଲେ। ଛାତ୍ର ସଂସଦ ଉପସଭାପତି ଡ. କୁଳମଣି ବେହେରା ସ୍ୱାଗତ ଅଭିଭଷଣ ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ଡ. ପ୍ରଦୀପ କୁମାର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବାଣିଜ୍ୟ ବିଭାଗ ମୁଖ୍ୟ ଡ. ଆଶୁତୋଷ ଝା ଏବଂ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ନୂତନ ଖମାରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚରିତ୍ର ଗଠନ, ଶୃଙ୍ଖଳିତ ଜୀବନଶୈଳୀକୁ ଗୁରୁତ୍ୱ




ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସୁନ୍ଦରଗଡ଼ ସରକାରୀ ମହିଳା କଲେଜ ଛାତ୍ରୀ ନିବାସର ବାର୍ଷିକୋତ୍ସବ**

**ସୁନ୍ଦରଗଡ,୧୧।୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟର ୨୮ତମ ବାର୍ଷକୋସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ଇନ୍ଦିରା ଗଡନାୟକ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏଥିରେ ପୌରାଧକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥି, ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ଡ. ଇନ୍ଦିରା ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପାଠପଠା ସହ ଉତ୍ତମ ଚରିତ୍ର ଗଠନ ଓ ଶୃଙ୍ଖଳିତ ଜୀବନଶୈଳୀ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସ୍ନାତକୋତ୍ତର ସୁପରିଣ୍ଟେଣ୍ଡେଣ୍ଟ ଡ. ଭାନୁପ୍ରିୟା, ସ୍ନାତକର ସୁପରିଣ୍ଟେଣ୍ଡେଣ୍ଟ ଡ. ସରୋଜିନୀ ମିଞ୍ଜ ଓ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଦୀପାଞ୍ଜଳି ହାଁସଦା ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁକ୍ତ ୨ ଛାତ୍ରୀ ନିବାସ ସୁପରିଣ୍ଟେଣ୍ଡେଣ୍ଟ ଡ. ଅମିତା ପ୍ରିୟଦର୍ଶନୀ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଛାତ୍ରୀ ପ୍ରତିନିଧି ସ୍ନାତକୋତ୍ତରର କରିନା ପ୍ରଧାନ ଓ ସ୍ନାତକର ସ୍ମରଣିକା ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ପ୍ରତିନିଧି ଭଗବତୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ର ହିତ ପାଇଁ ଦୀନ୍‌ଦୟାଲଙ୍କ ପଥ ଅନୁସରଣୀୟ

**ସୁନ୍ଦରଗଡ/ଲହୁଣୀପଡା,୧୧।୨ (ଜୟ ନାରାୟଣ ମେଣ୍ଡୁଲି/ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ପୌରାଞ୍ଚଳ ମଣ୍ଡଳ ଭାଜପା ପକ୍ଷରୁ ମଙ୍ଗଳବାର ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିକୁ ସମର୍ପଣ ଦିବସ ଭାବେ ପାଳନ କରାଯାଇଛି। ଜିଲା ଭାଜପା କାର୍ଯ୍ୟାଳୟଠାରେ ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ପୋରାଧକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥି, ଜିଲା ଉପସଭାପତି ସୁରେନ୍ଦ୍ର ଭିତ୍ରିଆ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସଂଯୁକ୍ତା ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ଏବଂ ରାଷ୍ଟ୍ର ହିତ ପାଇଁ ତାଙ୍କ ପଥକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ସମ୍ପାଦକ ଅମୀୟ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବ ମୋର୍ଚ୍ଚା ସଭାପତି ଶ୍ରୀକାନ୍ତ ଭଞ୍ଜ, କାଉନସିଲର ରମେଶ ସୋରେଙ୍ଗ, ମମତା ଖାଲଖୋ, ଅଶୋକ ପଟେଲ, ଘନଶ୍ୟାମ ରଣା, ଦିନେଶ ନାଏକ, ଶକୁନ୍ତଳା କାଲୋଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।




ସମର୍ପଣ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ସେହିପରି ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା କାର୍ଯ୍ୟାଳୟରେ ଭାଜପା ଲହୁଣୀପଡା ମଣ୍ଡଳ ପକ୍ଷରୁ ମହାନ ରାଷ୍ଟ୍ରନାୟକ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ଏଥିରେ ବରିଷ୍ଠ ନେତା ରାହାସ ବିହାରୀ ପ୍ରଧାନ ଯୋଗଦେଇ ଦିନ୍‌ଦୟାଲଙ୍କ ଜୀବନୀ ଉପରେ ବକ୍ତବ୍ୟ ଦେଇଥିଲେ। ଲହୁଣୀପଡା ଭାଜପା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଛାତ୍ରୀଛାତ୍ରଙ୍କ ପରିବେଶ ଶୈକ୍ଷିକ ପରିଭ୍ରମଣ

**କୁତ୍ରା,୧୧।୨(ଦେବାଶିଷ ସାହୁ)**

କୁତ୍ରା ବ୍ଲକସ୍ଥିତ ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ତ୍ରିଶକ୍ତି ଧାମ, ହନୁମାନ ବାଟିକା, ଖଣ୍ଡାଧାର ପ୍ରକୃତି ନିବାସ ଆଦି ପର୍ଯ୍ୟଟନସ୍ଥଳ ଗସ୍ତ ସହ ପରିବେଶ ଶୈକ୍ଷିକ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୬୩ ଜଣ ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ, କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ପରିବେଶ ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାରର ଶିକ୍ଷାଦାନ ଉପରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂହ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ମମତା ସ୍ୱାଇଁ, କୁମାରୀ ଜୟପୁରୀଆ, ଭିକାରୀ ଦାସ, ପ୍ୟାରେଲାଲ୍ ସାହୁ, ବିଜୟ କର୍କେଟା, ଆଲିଶା ଟପ୍ପୋ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ନିତ୍ୟାନନ୍ଦ ବେହେରା ଓ ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଶିକ୍ଷା ଭ୍ରମଣରେ ଯାଇଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ।

# କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

**ରାଜଗାଙ୍ଗପୁର,୧୧।୨(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ଗୋପବନ୍ଧୁ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପନଗରପାଳ ମହମ୍ମଦ ଇରଫାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ଉଦ୍‌ଘାଟନ କରିଥିଲେ। ୧୦ଟି ବିଦ୍ୟାଳୟର ୧୦୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଶିକ୍ଷା ସମ୍ପର୍କିତ ପ୍ରକଳ୍ପ ମାନ ଉପସ୍ଥାପନ କରିଥିଲେ। ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ତଥା ଅଭିଭାବକମାନେ ଶପଥ ନେଇଥିଲେ। ସବିତା ମଲ୍ଲ ସ୍ୱାଗତ ଭାଷଣ ଓ ହେମଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଦୀପ୍ତା ସବରନ କୁଜୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୮୭ ରୋଗୀଙ୍କ ଚକ୍ଷୁ ପରୀକ୍ଷା

**ହେମଗିର,୧୧।୨(ଚୈତନ୍ୟ ପଟେଲ):** ସୁନ୍ଦରଗଡ ଜିଲା ହେମଗିର ବ୍ଲକ କନିକା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏମ୍‌ସିଏଲ ବସୁନ୍ଧରା ଓ ଏସ୍‌ଏସ୍‌ପିପିପି ଟ୍ରଷ୍ଟ ଭୁବନେଶ୍ୱର ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅଭିଜ୍ଞ ଚିକିତ୍ସକମାନଙ୍କ ଦ୍ୱାରା ୮୭ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୫ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ସୁନ୍ଦରଗଡ଼ସ୍ଥିତ ମୁଖ୍ୟ ଚିକିତ୍ସାଳୟ ଯିବାକୁ ଚିହ୍ନଟ କରାଗଲା। ଶିବିରରେ ଚକ୍ଷୁ ରୋଗୀଙ୍କୁ ଔଷଧ ଓ ଚଷମା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଏମ୍‌ସିଏଲ କର୍ମଚାରୀ ଓ ଏସ୍‌ଏସ୍‌ପିପିପି ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଆର୍ତ୍ତବନ୍ଧୁ ପାତ୍ର, ନିର୍ଦ୍ଦେଶକ ଅକ୍ଷୟ କୁମାର ହୋତା, ଚକ୍ଷୁ ପରୀକ୍ଷା ସହାୟକ ସୁଦୀପ୍ତ ପଲେଇ, ଚକ୍ଷୁ ଚିକିତ୍ସକ ଡାକ୍ତର ଭଗବାନ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଏପ୍ରିଲ ୧୫ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

# ଭଞ୍ଜପାଲି ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକୋତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

**ଟେନସା,୧୧।୨(ସମୀର କୁମାର ପାଢୀ)**

ସୁନ୍ଦରଗଡ଼ ଜିଲା କାଶିରା ଗ୍ରାମପଞ୍ଚାୟତରେ ଥିବା ଭଞ୍ଜପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବଣାଇଁର ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ ମୁଖ୍ୟ ଅତିଥି, ବ୍ଲକ୍ ଶିକ୍ଷାଧିକାରୀ ଅଭିମନ୍ୟୁ ବେହେରା, ଶ୍ରମିକ ନେତା ପ୍ରଭାତ ପଣ୍ଡା, ପୂର୍ବତନ ଉପାଧକ୍ଷ ଦିବାକର ନାଏକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଧର ମାହୁନ୍ତ, କୋଇଡା କଲେଜ ଅଧକ୍ଷ ଧନଞ୍ଜୟ ସାହୁ, ପୂର୍ବତନ ସିଆର୍‌ସିସି ସରୋଜ ନାଥ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ବୃତ୍ତି ବିବେଚିତ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ରାୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଛାତ୍ରୀଛାତ୍ରଙ୍କୁ ନିପୁଣ କରିବ ନିପୁଣ ଓଡ଼ିଶା

**ବଡ଼ଗାଁ,୧୧।୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ରାଏଡିହି ଗ୍ରାମସ୍ଥିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ପରିଚାଳିତ ଆଶ୍ରମ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବଡ଼ଗାଁ ବ୍ଲକ ଟିକିଲିପଡା କ୍ଲଷ୍ଟରସ୍ତରୀୟ ଏହି କାର୍ଯ୍ୟକ୍ରମରେ ବଡ଼ଗାଁ 'କ' ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ଭୋଇପାଲି ସରପଞ୍ଚ ମହେଶ୍ୱର ବରିହା, ରାଏଡିହି ଗ୍ରାମର ୱାର୍ଡ ମେମ୍ବର ରାଧା କିଷାନ, ସିଆରସିସି ଜ୍ୟୋତିର୍ମୟୀ ନାଏକ, ରାଏଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋଚନ ମହାନନ୍ଦିଆ ଏବଂ ଆୟୋଜକ ରାଏଡିହି ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ଗୋପାଳ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟରର ୯ଟି ବିଦ୍ୟାଳୟର ୮୧ଜଣ ଛାତ୍ରୀଛାତ୍ର, ଅଭିଭାବକ ଓ ବିଦ୍ୟାଳୟଗୁଡ଼ିକର ଏଫଏଲଏନ ଶିକ୍ଷୟତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଅତିଥିମାନେ ଶିକ୍ଷଣ ପାଇଁ ଗୋଷ୍ଠୀର ସହଭାଗିତା ଓ ସଚେତନତା ଉପରେ ଆଲୋଚନା କରିବା ସହ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ



ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅବିଭାବକ।

ପିଲାଙ୍କୁ ନିପୁଣ କରିବ ବୋଲି କହିଥିଲେ। ସମୟାନୁବର୍ତ୍ତୀ ହୋଇ ନିୟମିତ ସ୍କୁଲ ଆସିବାକୁ ମୁଖ୍ୟ ଅତିଥି ପ୍ରଧାନ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଅତିଥିମାନଙ୍କ ଦ୍ୱାରା 'ନିପୁଣ ଓଡ଼ିଶା ଷ୍ଟଲ' ଉନ୍ମୋଚିତ ହୋଇଥିଲା। ଷ୍ଟଲରେ ଶହେରୁ ଊର୍ଦ୍ଧ୍ୱ ଭାଷା, ଗଣିତ ଓ ସୃଜନାତ୍ମକ ପ୍ରକଳ୍ପ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ ପ୍ରକଳ୍ପ ଗୁଡ଼ିକ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଫ୍‌ଏଲ୍‌ଏନ୍ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଗପ, ଗୀତ, ନୃତ୍ୟ ପରିବେଷଣ କରିଥିଲେ। ସହକାରୀ ଶିକ୍ଷକ ଦୁଷ୍ମନ୍ତ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ରାସ୍ତାରେ ଗର୍ଜିଲା, ଧାରଣା ଦେଲା ଛାତ୍ର ସାମ୍ମୁଖ୍ୟ

ଝାରସୁଗୁଡ଼ା,୧୧।୨(ଆଶିଷ ରଞ୍ଜନ ଦାଶ)

**■ଆଜିଠାରୁ ଅନିର୍ଦ୍ଦିଷ୍ଟକାଳ ପାଇଁ ଅହୋରାତ୍ର ଗଣଧାରଣା**

**■ଲକ୍ଷ୍ମୀନାରାୟଣ କଲେଜକୁ ସରକାରୀ ମାନ୍ୟତା, ଜିଲାର ଉଚ୍ଚ ଶିକ୍ଷା ଉନ୍ନତି ଦାବି**

ଝାରସୁଗୁଡ଼ା ଜିଲାରେ ଉଚ୍ଚ ଶିକ୍ଷାର ସମସ୍ୟା ଆଜି କାହା ପାଖରେ ଅଛପା ନାହିଁ। ଜିଲାର ସର୍ବ ପୁରାତନ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟକୁ ସମ୍ପୂର୍ଣ୍ଣ ସରକାରୀ ମାନ୍ୟତା ତଥା ସମସ୍ତ ବିଭାଗରେ ପିଜି ଓ ବିଇଡି ପାଠ୍ୟକ୍ରମ ଖୋଲିବା କେବଳ ଛାତ୍ରୀଛାତ୍ରଙ୍କ ଦାବି ହୋଇ ରହି ନାହିଁ ବରଂ ଏହା ଜିଲାର ଜନସାଧାରଣଙ୍କ ଦାବି ହୋଇ ସାରିଛି। ଅନ୍ୟତ୍ର ଯାନ୍ତ୍ରିକ ବିଦ୍ୟାଳୟ ଯାନ୍ତ୍ରିକ ମହାବିଦ୍ୟାଳୟ ଭାବେ ଉନ୍ନତ ହେବା, ଜିଲାର ଉପାନ୍ତ ଲଖନପୁର ବ୍ଲକ ଅନ୍ତର୍ଗତ ୧୯ଖଣ୍ଡ ମୌଜା ଅଞ୍ଚଳରେ ସରକାରୀ ଡିଗ୍ରୀ କଲେଜ ସ୍ଥାପନ, କୃଷି ମହାବିଦ୍ୟାଳୟ ସ୍ଥାପନ, ଲଇକେରା, କୋଲାବିରା, କିର୍ମିରା ପରି ଅଞ୍ଚଳରେ ଥିବା କଲେଜରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ନ ଥିବା ଜିଲାର ଛାତ୍ରୀଛତ୍ରମାନଙ୍କୁ ଆଜିର ସମୟରେ ଆନ୍ଦୋଳନ ମୁହାଁ କରୁଛି ବୋଲି ଛାତ୍ର ସାମ୍ମୁଖ୍ୟ ଦାବି କରି ଆସୁଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଜିଲା ଛାତ୍ର ସାମ୍ମୁଖ୍ୟର ଆହ୍ୱାନକ୍ରମେ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଜିଲାର ପ୍ରମୁଖ ସାମାଜିକ ସଙ୍ଗଠନ ତଥା ବୁଦ୍ଧିଜୀବୀ ଓ ରାଜନୈତିକ ଦଳମତ ନିର୍ବିଶେଷରେ ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପୁରୁଣା ବସଷ୍ଟାଣ୍ଡ ଛକଠାରୁ ଏକ ରାଲି ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ଜିଲାର ପ୍ରମୁଖ ବ୍ୟକ୍ତିମାନେ ଛାତ୍ର ସାମ୍ମୁଖ୍ୟ କରି ଆସୁଥିବା ଉକ୍ତ ଦାବିଗୁଡିକ ଯଥାର୍ଥ ତଥା ଏହା ପୁରା ନ ହେବା କ୍ଷୋଭର ବିଷୟ ବୋଲି ପ୍ରକାଶ କରିଥିଲେ। ମଙ୍ଗଳବାରଠାରୁ ଛାତ୍ର ସମ୍ମୁଖ୍ୟର ଅନିର୍ଦ୍ଦିଷ୍ଟକାଳ ପାଇଁ ଅହୋରାତ୍ର ଗଣଧାରଣାରେ ବସିଛି। ସେହିପରି ଜିଲାର ସିଏସ୍ଆର୍ ଓ ଖଣିଜ ପାଣ୍ଠି ଟଙ୍କାର ଏକ ବଡ଼ ଅଂଶ ଜିଲାର ଶିକ୍ଷାର ଭିତ୍ତିଭୂମି ବିକାଶରେ ବିନିଯୋଗ ହେବା କଥା ବୋଲି ଦାବି ହୋଇଥିଲା। ଯଦି ସରକାର ଜିଲାର ଶିକ୍ଷା ବ୍ୟବସ୍ଥାରେ ସୁଧାର ପ୍ରତି ଧ୍ୟାନ ନ ଦିଅନ୍ତି ତେବେ ଛାତ୍ରୀଛାତ୍ରଙ୍କୁ ଆନ୍ଦୋଳନରୁ ବିରତ କରିବା ପ୍ରଶାସନ ପାଇଁ କାଠିକର ପାଠ ହୋଇଯିବ ବୋଲି ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଝାରସୁଗୁଡା, ମହିଳା ମହାବିଦ୍ୟାଳୟ ଝାରସୁଗୁଡା, ଯାନ୍ତ୍ରିକ ବିଦ୍ୟାଳୟ ଝାରସୁଗୁଡା, କୋଲାବିରା ମହାବିଦ୍ୟାଳୟ, ଲଇକେରା ମହାବିଦ୍ୟାଳୟ, ଶୋଭନ ମେମୋରିଆଲ କଲେଜ କିର୍ମିରା, ବ୍ରଜରାଜନଗର ମହାବିଦ୍ୟାଳୟ, ଏଚ. କଣ୍ଟାପାଲି ମହାବିଦ୍ୟାଳୟର, ବେଲପାହାଡ କଲେଜ, ବ୍ରଜରାଜନଗର କଲେଜର ଛାତ୍ରୀଛାତ୍ର ଉପସ୍ଥିତ ଥିବାବେଳେ ଛାତ୍ର ସାମ୍ମୁଖ୍ୟ କେନ୍ଦ୍ରୀୟ ସଂଯୋଜକ ଜିତେନ୍ଦ୍ରିୟ ଧୁରୁଆ, ସହ ସଂଯୋଜକ ଅସୀମ ପଟେଲ, ରବି ରୋହିଦାସ, ସମ୍ବିତ ନାଏକ, ସ୍ୱରୂପ କିଷାନ, ଅଜୟ ବିଶ୍ୱାଳ, ନନ୍ଦୁ ରୋହିଦାସ, ଲକ୍ଷ୍ମନ ଉରର୍ମା, ବାପି ନାଏକ, ପ୍ରେମସାଗର ଦେହେରିଆଙ୍କ ସହିତ ପୂର୍ବତନ ବିଧାୟିକା ଦୀପାଳି ଦାସ, ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ଆଲୁମିନୀ ତାପସ ରାଏ ଚୌଧୁରୀ, ଓକିଲ ସଂଘ ସଭାପତି ରାଧାକାନ୍ତ ସା, ପୂର୍ବତନ ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, କୋଲାବିରା ବ୍ଲକର ଯୁବ ନେତା ପ୍ରଶାନ୍ତ ମହାନନ୍ଦିଆ, ଛାତ୍ର ନେତା ପଲାସ କର୍ମକାରଙ୍କ ସହିତ ଜିଲାର ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

# ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ

ଭୁବନେଶ୍ୱର,୧୧।୨(ଅନୁରାଧା ମହାରଣା)

**୩୫ ଡିଗ୍ରୀ ସେଲସିୟସ ଉପରେ ୫ ସହର**

ଗୁରୁଚାପ ବଳୟର ଉପସ୍ଥିତି ତଥା ପଶ୍ଚିମାଝଡ଼ର ଆଗମନ ହେତୁ ଉପକୂଳ ଓଡ଼ିଶା ତଥା ପାର୍ଶ୍ୱବର୍ତ୍ତୀ କେତେକ ଜିଲାରେ ଘନକୁହୁଡ଼ି ଦୃଶ୍ୟମାନ ହୋଇଛି। ଗୁରୁଚାପ ବଳୟର ଅବସ୍ଥିତି ରାଜ୍ୟ ମଧ୍ୟକୁ ଉଷ୍ମ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବେଶ କରାଉଥିବାରୁ ରାତ୍ରି ତାପମାତ୍ରା ବୃଦ୍ଧି ସହ ଶୀତର ପ୍ରକୋପ କମିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ମଙ୍ଗଳବାର ସର୍ବୋଚ୍ଚ ତାପମାତ୍ରା ଝାରସୁଗୁଡ଼ାରେ ୩୬.୬ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ବଲାଙ୍ଗୀର ଓ ଅନୁଗୋଳରେ ୩୫.୭, ସମ୍ବଲପୁରରେ ୩୫.୩, ଭବାନୀପାଟଣାରେ ୩୫.୨, ସୁବର୍ଣ୍ଣପୁର ଓ ଭଦ୍ରକରେ ୩୫.୨ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଅନ୍ୟପଟେ ସର୍ବନିମ୍ନ ତାପମାତ୍ରା ରାଉରକେଲାରେ ୧୩.୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଆସନ୍ତା ୨ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବନାହିଁ। ତେବେ ପରବର୍ତ୍ତୀ ୩ଦିନରେ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି।



ଜାନକି ଇଂଲିଶି ମିଡିୟମ ସ୍କୁଲର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

# ଜାନକୀ ଇଂଲିଶ ମିଡିୟମ ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବ

କୋଲାବିରା,୧୧।୨(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ସମାସିଂହାସ୍ଥିତ ଜାନକୀ ଇଂଲିଶି ମିଡିୟମ ସ୍କୁଲର ପଞ୍ଚମ ବାର୍ଷିକୋତ୍ସବ ମଙ୍ଗଳବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ନୃପଲାଲ ପଶାୟତ, ବିଦ୍ୟାଳୟର ମୁଖ୍ୟ ପୁରୋଧା ସଞ୍ଜିବ କୁମାର ପଟେଲ, ସମାସିଂହା ସରପଞ୍ଚ କରୁଣାକର ସେଟ୍, ଶିକ୍ଷାବିତ୍ ମଦନ ମୋହନ ପଟେଲ, ହୃଦାନନ୍ଦ ପଟେଲ ପ୍ରମୁଖ ଯୋଗଦେଇ ଶିକ୍ଷା ସମାଜ ବିକାଶର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ଅତିଥିଗଣ ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ମୂଲ୍ୟବୋଧ, ଭାଷାପ୍ରତି ଅନୁରାଗ ତଥା ଗୁରୁଜନଙ୍କୁ ଭକ୍ତି ଓ ସମ୍ମାନ ନେଇ ମତବ୍ୟକ୍ତ କରିବା ସହିତ ଭାଷା ଜଗତରେ ଭାଷାର ସୁରକ୍ଷା ନିମନ୍ତେ ଛାତ୍ରୀଛାତ୍ରଙ୍କ କର୍ତ୍ତବ୍ୟବୋଧ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ କୋଲାବିରା ଗୋଷ୍ଠି ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ଯୋଗଦେଇ ଶିକ୍ଷାର ମୂଲ୍ୟବୋଧ, ଭାଷାପ୍ରତି ଅନୁରାଗି ତଥା ଗୁରୁଜନଙ୍କୁ ଭକ୍ତି ଓ ସମ୍ମାନ ପ୍ରଦାନ ହିଁ ମୂଳମନ୍ତ୍ର ବୋଲି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଶଚିନ୍ଦ୍ରେ କୁମାର ପଟେଲ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମନିଷା ପଟେଲ ଅତିଥି ପରିଚୟ ପ୍ରଦାନ ସହ ବିବରଣି ପାଠ କରିଥିଲେ। ବିଦ୍ୟାଳୟ ଅନ୍ୟ ସହକର୍ମୀମାନଙ୍କ ମଧ୍ୟରେ ପିଙ୍କି ପଟେଲ, ମୁକ୍ତା କୁମାରୀ ବାଗ, ବବିତା ସେଟଦ, ନମିତା ସାହୁ, ସ୍ୱାଗତିକା ସୋହେଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ କୁନିକୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ବାର୍ଷିକ କାର୍ଯ୍ୟକ୍ରମରେ ଅଭିଭାବକଙ୍କ ସମେତ ବହୁସଂଖ୍ୟକ ଗ୍ରାମବାସୀ ଯୋଗଦେଇଥିଲେ।

# ପ୍ରୟାଗରାଜ କୁମ୍ଭମେଳା ଯାତ୍ରା ପାଇଁ ବୈଠକ

**ରାଧାକୃଷ୍ଣ ଉନ୍ନୟନ ପରିଷଦ ଓ ମନ୍ଦିର ସେବା ଟ୍ରଷ୍ଟ**

ଝାରସୁଗୁଡ଼ା,୧୧।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଖଲିଆକାନୀସ୍ଥିତ ରାଧାକୃଷ୍ଣ ଉନ୍ନୟନ ପରିଷଦ ଓ ରାଧାକୃଷ୍ଣ ମନ୍ଦିର ସେବା ଟ୍ରଷ୍ଟର ମିଳିତ ଭାବେ ପ୍ରୟାଗରାଜ କୁମ୍ଭମେଳା ଯାତ୍ରା କରିବା ପାଇଁ ସଭାପତି ମହେନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ମଙ୍ଗଳବାର ପୂର୍ବାହ୍ନ ୧୨ଟାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଖଲିଆକାନୀଠାରୁ ଆସନ୍ତା ୨୪ ତାରିଖରୁ ବାହାରି ତ୍ରିବେଣୀ ସଙ୍ଗମରେ ମହାଶିବରାତ୍ରି ବୁଡ ଦେବା ପାଇଁ ପ୍ରୟାଗରାଜ ଯାତ୍ରା ସ୍ଥିର ହୋଇଛି। ଏହି ଅବସରରେ ଅଯୋଧ୍ୟାର ରାମ ମନ୍ଦିର ଦର୍ଶନ ଓ ପାରିପାର୍ଶ୍ୱିକ ତୀର୍ଥସ୍ଥାନ ମଧ୍ୟ ପରିଦର୍ଶନ ହେବ ବୋଲି ସ୍ଥିର ହୋଇଛି। ଯାତ୍ରା ଶୁଭଙ୍କର ହେବା ପାଇଁ ସ୍ଥାନୀୟ ଗଣ୍ଡଘୋରା ଗ୍ରାମର ଦେବୀ ମା' ମୂଳଗୁଡିଙ୍କଠାରେ ପୂଜା ଅର୍ଚ୍ଚନା କରି କମିଟି ପ୍ରାର୍ଥନା କରିଛି। ଏଥିରେ ସାମିଲ ହେବା ପାଇଁ ଭକ୍ତମାନେ ଧାର୍ଯ୍ୟ ଦେୟ ଦେଇ ସିଟ ବୁକିଂ କରିବା ହେବେ। ଆଧାର କାର୍ଡ ଓ ୨ଟି ଫଟୋ ସାଙ୍ଗରେ ପ୍ରଦାନ କରିବେ ବୋଲି ଟ୍ରଷ୍ଟ ସଭାପତି ମହେନ୍ଦ୍ର ନାଏକ ଜଣାଇଥାନ୍ତି। ଏହି ସଭାରେ ଖଗେଶ୍ୱର ପ୍ରଧାନ, ଚୈତନ୍ୟ ପ୍ରଧାନ, ଜଗଦିଶ ପ୍ରଧାନ, ଉମେଶଚନ୍ଦ୍ର ପ୍ରଧାନ, ଭୋଟଦେବ ବିଶି, ସୀତାରାମ ପ୍ରଧାନ, ଚୂଡ଼ାମଣି ବିଶି, ଅଚ୍ୟୁତାନନ୍ଦ ସା ପ୍ରମଖ ଉପସ୍ଥିତ ଥିଲେ।

# ଆଜି ମହାବୀର କ୍ଲବ-କେନ୍ଦୁଝର ସେମିଫାଇନାଲ ମ୍ୟାଚ୍

ଦେବଗଡ଼,୧୧।୨(ଶଶାଙ୍କ ଶେଖର ଝାଙ୍କର)

**ରାଜ୍ୟସ୍ତରୀୟ ବଜରଙ୍ଗ କପ୍ କ୍ରିକେଟ ପ୍ରତିଯୋଗିତା**

ଦେବଗଡ଼ ପୌରାଞ୍ଚଳର ନାଳ ଖେଳପଡ଼ିଆଠାରେ ସୋମବାରଠାରୁ ମହାବୀର କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ବଜରଙ୍ଗ କପ୍ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ମଙ୍ଗଳବାର ଝାରସୁଗୁଡାର ଷ୍ଟାର ଇଲେଭେନକୁ ୮ ଉଇକେଟରେ ହରାଇ କେନ୍ଦୁଝରର ମାରୁତି ଇଲେଭେନ ବିଜୟୀ ହୋଇଛି। ଫଳରେ ବୁଧବାର ଆୟୋଜକ ମହାବୀର କ୍ଲବ ଓ କେନ୍ଦୁଝରର ମାରୁତି ଇଲେଭେନ ମଧ୍ୟରେ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଝାରସୁଗୁଡ଼ାର ଷ୍ଟାର ଇଲେଭେନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୯୦ ରନ ସଂଗ୍ରହ କରିଥିଲା। ଜବାବରେ କେନ୍ଦୁଝରର ମାରୁତି ଇଲେଭେନ ବ୍ୟାଟିଂ ଆରମ୍ଭ କରି ମାତ୍ର ୨ଟି ଉଇକେଟ ହରାଇ ୯୧ ରନର ବିଜୟ ଲକ୍ଷ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଜାବର ସର୍ବାଧିକ ୪୮ ରନ ସଂଗ୍ରହ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ମ୍ୟାଚ୍‌କୁ ଅମ୍ପାୟର ଭାବେ ଓଡିଶା କ୍ରିକେଟ ଆସୋସିଏଶନ ଦ୍ୱାରା ସ୍ୱିକୃତୀ ପ୍ରାପ୍ତ ଅମ୍ପାୟର ମୁକେଶ ଦଳାଇ ଓ ଅମରେଶ ଦେବ ପରିଚାଳନା କରିଥିଲେ। ରଞ୍ଜନ ସାହୁ ଓ ଦୁଷ୍ମନ୍ତ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ଭାଷ୍ୟକାର ଭାବେ ବେଣୁଧର ଗଡନାୟକ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ନିମନ୍ତେ ମାରୁତି ଇଲେଭେନର ଜାବରଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ସଭାପତି କାର୍ତ୍ତିକ ମହାକୁଳଙ୍କ ସଭାପତିତ୍ୱ ଓ ଉପ ସଭାପତି ପ୍ରିତମ ବେହେରାଙ୍କ ପରିଚାଳନା ଆୟୋଜିତ ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ଟିକେଶ୍ୱର ଧଳ ଓ ବିକାଶ କୁମାର ପ୍ରଧାନ ଯୋଗଦେଇ ଜାବରଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସମ୍ପାଦକ ରାଜୀବ ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ସୌମ୍ୟକାନ୍ତ ପ୍ରଧାନ, ପ୍ରଶାନ୍ତ ଦେବ, ସୁକାନ୍ତ ନାଏକ, ତେମିଆ ପ୍ରଧାନ, ସୁଶୀଳ ଦେବ, ରାକେଶ ଦାଶ, ଅଶିଷ ଦଣ୍ଡିଆ, ନଲୁ ସିଂ, ସାନ ବାଘ, ତନୁ ଦାସ ଓ ତନୁ ଘୋଷଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରୁଥିବା ଜଣାପଡିଛି।




ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଖେଳାଳିଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

# ଚନ୍ଦନିମାଲଠାରେ କ୍ଲଷ୍ଟରସ୍ତରୀୟ ନିପୁଣ ମେଳା

କୋଲାବିରା,୧୧।୨(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ କ୍ଲଷ୍ଟରସ୍ତରୀୟ ନିପୁଣ ମେଳା ଚନ୍ଦନିମାଲ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଦର୍ଶନ ଖଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିପୁଣ ଓଡ଼ିଶା ଉଦ୍ଦେଶ୍ୟ ଓ ମହତ୍ୱ ବିଷୟରେ ଉପସ୍ଥିତ ଅଭିଭାବକଙ୍କୁ ସ୍ଥାନୀୟ ସିଆର୍‌ସିସି ମଧୁସୁଦନ ନାରଙ୍ଗ ଓ ବରିଷ୍ଠ ଶିକ୍ଷକ ଟଙ୍କଧର କୁଆ ଅବଗତ କରାଇଥିଲେ। ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ତୃତୀୟ ଶ୍ରେଣୀର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ହାସଲରେ ନିପୁଣତା ହାସଲରେ ଲାଭ ପାଇଁ ବିଭିନ୍ନ କାର୍ଯ୍ୟକ୍ରମଗୁଡିକ ଆୟୋଜନ କରାଯାଇଥିଲା। ଏଥିମଧ୍ୟରେ ମୌଳିକ ଭାଷାଜ୍ଞାନ, ମୌଳିକ ସଂଖ୍ୟାଜ୍ଞାନ, ସୃଜନାତ୍ମକ କାର୍ଯ୍ୟକଳାପ, ମତାମତ ଷ୍ଟଲ ଉପରେ ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭ୍ୟାସଭ୍ୟ, ୱାର୍ଡ ସଭ୍ୟାସଭ୍ୟ, କ୍ଲଷ୍ଟରର ଏଫ୍ଏଲ୍ଏନ୍ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷ ଭାଗରେ ବିଭିନ୍ନ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସରୋଜ କୁମାର ଟଣକାର ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ମୁଣ୍ଡା ସମାଜର ପ୍ରସିଦ୍ଧ ମାଘପର୍ବ ପାଳିତ

ଦେବଗଡ଼,୧୧।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ସରୁଆଳି ଗ୍ରାମପଞ୍ଚାୟତ ନୂଆଁମୁଣ୍ଡା ଗ୍ରାମରେ ଜନଜାତି ମୁଣ୍ଡା ସମାଜର ପ୍ରସିଦ୍ଧ ମାଘପର୍ବ ଦୀର୍ଘ ୫ ଦିନ ଧରି ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ନୂଆଁମୁଣ୍ଡା ଗ୍ରାମର ମୁଣ୍ଡା ସମାଜର ବରିଷ୍ଠ ବ୍ୟକ୍ତି ତଥା ଅବସରପ୍ରାପ୍ତ ଶିକ୍ଷକ ତୁରିନ୍ଦ୍ର ଗାଗରାଇ, ମାଟାଇ ମୁଣ୍ଡା, ସଞ୍ଜୟ ସଏ, ମନେ ହେମ୍ବ୍ରମ, ସଂଗ୍ରାମ ଗାଗରାଇ, ତୁରାମ ସଏ, ରାମଚନ୍ଦ୍ର ଟିଭ, ୱାର୍ଡ ସଦସ୍ୟା ସାବିତ୍ରୀ ମୁଣ୍ଡାରୀ, ପାର୍ବତୀ ସଏ, ମିଞ୍ଜାରୀ ଗାଗରାଇ, ସାଙ୍ଗେଟା ଶୁଣ୍ଡିଙ୍କ ନେତୃତ୍ୱରେ ଢୋଲ ଓ ମାଦଳରେ ତାଳେତାଳେ ପ୍ରତ୍ୟହ ସାମୁହିକ ଆଦିବାସୀ ନାଚ ଗୀତ ସହିତ ନାଟକ ପରିବେଷଣ କରାଯାଇଥିଲା। ମାଘପର୍ବ ଦେଖିବା ନିମନ୍ତେ ଆଖପାଖ ଗ୍ରାମର ଶହଶହ ଲୋକଙ୍କ ସମାଗମ ହୋଇଥିଲା।

# ବାବା ସର୍ବେଶ୍ୱର କ୍ରିକେଟ କ୍ଲବ୍ ଚାମ୍ପିୟନ

ଦେବଗଡ଼,୧୧।୨(ଶଶାଙ୍କ ଶେଖର ଝାଙ୍କର)

**ବାବା ସର୍ବେଶ୍ୱର କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ**

ଦେବଗଡ଼ ଜିଲା ବାରକୋଟ ବ୍ଲକ କାଦୋପଡା ଗ୍ରାମପଞ୍ଚାୟତ ସଦର ମହକୁମାରେ ମୋଟ ୧୬ଟି ଦଳକୁ ନେଇ ଗତ ୭ତାରିଖଠାରୁ ଚାଲିଥବା ବାବା ସର୍ବେଶ୍ୱର କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଖଜୁରୀଖମଣର ରାଧାକ୍ରିଷ୍ଣ କ୍ରିକେଟ କ୍ଲବକୁ ପରାସ୍ତ କରି ଆୟୋଜକ ବାବା ସର୍ବେଶ୍ୱର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌କୁ ଅମ୍ପାୟର ଭାବେ ସରୋଜ କୁମାର ପ୍ରଧାନ ଓ ହିତେଶ କୁମାର ପ୍ରଧାନ ପରିଚାଳନା କରିଥିଲେ। ଅପରାହ୍ନରେ ଆୟୋଜକ ବାବା ସର୍ବେଶ୍ୱର କ୍ରିକେଟ କ୍ଲବ ସଭାପତି ସରୋଜ ଗଡନାୟକଙ୍କ ସଭାପତିତ୍ୱ ଓ ଲିପୁ ସାହୁଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ କିନ୍ନର ସଂଘ ସଭାପତି ମହାମାୟୀ ମା', ଚନ୍ଦ୍ରଶେଖର ସାହୁ ଓ ହୀରାଲାଲ ସାହୁ ଯୋଗଦେଇ ଚାମ୍ପିୟନ ବାବା ସର୍ବେଶ୍ୱର କ୍ରିକେଟ କ୍ଲବ ଓ ରନର୍ ଅପ୍ ରାଧାକ୍ରିଷ୍ଣ କ୍ରିକେଟ କ୍ଲବକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ କ୍ଲବ ସମ୍ପାଦକ ପରେଶ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଲକ୍ଷ୍ମେଶ୍ୱର ସାହୁ, କୀର୍ତ୍ତନ ସାହୁ, ବିକାଶ ନାୟକ ଓ ଶ୍ରୀକାନ୍ତ ନାୟକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।



ଟ୍ରଫି ସହ ଅତିଥିଙ୍କ ଗହଣରେ ଖେଳାଳିମାନେ।

# ପୁରୁଷଙ୍କ ତୁଳନାରେ ମହିଳା କୌଣସି ଗୁଣରେ କମ୍ ନୁହନ୍ତି

ଝାରସୁଗୁଡ଼ା,୧୧।୨(ଆଶିଷ ରଞ୍ଜନ ଦାଶ)

**ନାରୀଙ୍କ ଅଧିକାର ସୁରକ୍ଷା ପାଇଁ ଆଇନଗତ ସୁବିଧା ସଚେତନତା କାର୍ଯ୍ୟକ୍ରମ**

ରାଜ୍ୟ ମହିଳା ଆୟୋଗ ଏବଂ ଜିଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ନାରୀ ନିର୍ଯାତନା, ହିଂସା, ନାରୀମାନଙ୍କ ଅଧିକାର ସୁରକ୍ଷା ପାଇଁ ଆଇନଗତ ସୁବିଧା ସମ୍ପର୍କରେ ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଏମ୍‌ସିଏଲ୍ କମ୍ୟୁନିଟି ହଲ (ନବଦାସ ପ୍ରେକ୍ଷାଳୟ)ରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅଧୁନା ମହିଳାମାନେ ଶିକ୍ଷା, ସ୍ୱାସ୍ଥ୍ୟ, ରାଜନୀତି, ଗବେଷଣା ଓ କ୍ରୀଡ଼ା ଆଦି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅବଲମ୍ବନ ପୂର୍ବକ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛନ୍ତି। ଭାରତ ରାଷ୍ଟ୍ରପତି, ଦେଶର ଅର୍ଥମନ୍ତ୍ରୀ ଓ ରାଜ୍ୟର ଉପମୁଖ୍ୟମନ୍ତ୍ରୀଙ୍କ ନାମୋଲ୍ଲେଖ ସହ ପୁରୁଷଙ୍କ ତୁଳନାରେ ମହିଳା କୌଣସି ଗୁଣରେ କମ ନୁହନ୍ତି ବୋଲି ବିଧାୟକ ତ୍ରିପାଠୀ କହିଥିଲେ। ଅତିରିକ୍ତ ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମଧୁସ୍ମିତା ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗର ସହକାରୀ ଆଇନ୍ ପରିଚାଳକ ସୋମଦତ୍ତ ପୁରୋହିତ, ଆଇନଜୀବୀ ବି.ନାଗେଶ୍ୱରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେହେତାର ନିର୍ଦ୍ଦେଶିକା ଆନନ୍ଦିନୀ ପାଢ଼ୀ ପ୍ରଶିକ୍ଷିକା ଭାବେ ଯୋଗଦେଇ ଲିଙ୍ଗଗତ ବିଭେଦ ଓ ତଦ୍-ଜନିତ ହିଂସା, ମହିଳାମାନଙ୍କ ପାଇଁ ଥିବା ଆଇନଗତ ଅଧିକାର ଏବଂ ସେମାନଙ୍କ ପାଇଁ ପ୍ରଣୟନ ହେଉଥିବା ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ବୁଝାଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ଣ୍ୟବତୀ ହେଲେନ ଖେସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖେସ୍ ସ୍ୱଗତ ଭାଷଣ ଦେଇଥିଲେ ଓ ଆକ୍ସନଏଡର ଜିଲା ସଂଯୋଜକ ବିଦ୍ୟାସାଗର ମିଶ୍ର ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପିଓ ଯାଜ୍ଞସେନୀ ମହାନନ୍ଦ, ପ୍ରୋଗ୍ରାମ ଅଫିସର ମୀନାକ୍ଷୀ ରାଜ ଓ କୃଷ୍ଣାପ୍ରିୟା ପ୍ରଧାନ, ଜିଲା ପୋଷଣ ସଂଯୋଜକ ରମାକାନ୍ତ ନାୟକ, ମିଶନ ଶକ୍ତି ଜିଲା ସଂଯୋଜକ ଲିଲେଶ୍ୱର ସାହୁ, ଜୁବଲି ପଟେଲ, ଝସକେତନ ସା, ସଞ୍ଜୟ ଭୋଇ, ଉମାଦତ୍ତ ଦାଶ ଓ ଶିଭମ ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ନାରୀଙ୍କ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ମହିଳାମାନେ।

## ସଂକ୍ଷେପରେ

### ଜଳପ୍ରପାତରେ ନିଖୋଜ ଯୁବକଙ୍କ ମୃତଦେହ ଜବତ

**କୋକସରା,୧୧।୨ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକର ଡୋକାରୀଦର ଜଳପ୍ରପାତରେ ବୁଡ଼ି ନିଖୋଜ ଥିବା ଯୁବକଙ୍କ ମୃତଦେହ ମଙ୍ଗଳବାର ଜବତ ହୋଇଛି। ସୂଚନା ଅନୁସାରେ ଗତ ରବିବାର ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଡୁମେରମୁଣ୍ଡା ଗ୍ରାମର ୨ ଜଣ ଯୁବକ ବୁଲିବାକୁ ଆସି ଡୋକାରୀଦର ଜଳପ୍ରପାତ ଉପରୁ ସେଲଫି ନେଉଥିବା ବେଳେ ଅସାବଧାନତା କାରଣରୁ ଅଭିନାଶ ପରଜା (୨୧) ଜଳପ୍ରପାତ ଗଭୀର ଜଳରେ ବୁଡି ନିଖୋଜ ହୋଇଯାଇଥିଲେ। ତାଙ୍କ ସାଙ୍ଗ ଦିଲେଶ୍ୱର ଭତରା ଓ ଅନ୍ୟମାନେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ମିଳି ନ ଥିଲା। ପରେ କୋକସରା ଦମକଳ ବାହିନୀ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ବି ସୁଫଳ ମିଳି ନ ଥିଲା। ମଙ୍ଗଳବାର ସକାଳୁ ଅଗ୍ନିଶମ କର୍ମଚାରୀ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ କରି ଗଭୀର ପାଣିରୁ ଅଭିନାଶଙ୍କ ମୃତଦେହ ଠାବ କରିଥିଲେ। ଆମପାଣି ପୋଲିସ କୋକସରା ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଆମପାଣି ଥାନାରେ ଏକ ଅପମୃତ୍ୟୁ ମାଲା (ନଂ.୧/୨୫) ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ବିଗତ ବର୍ଷରେ ମଧ୍ୟ ଏହି ଜଳପ୍ରପାତରେ ଜଣେ ଯୁବକ ସେଲଫି ନେବା ବେଳେ ଓ ଅନ୍ୟ ଜଣେ ଗାଧୋଇବା ବେଳେ ବୁଡିଯାଇ ପ୍ରାଣ ହରାଇଥିଲେ।

### ମୃତ୍ୟୁ ପରେ ଅଙ୍ଗଦାନ ପାଇଁ ନାମ ପଞ୍ଜୀକରଣ

**ରିଷିଡ଼ା,୧୧।୨ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହଲ ପଞ୍ଚାୟତ ଧଅାଁରାଖମନ ଗାଁର ଜୈବିକ ଚାଷୀ ବଳଦେବ ଭୋଇ (୪୨) ମୃତ୍ୟୁ ପରେ ଅଙ୍ଗଦାନ କରିବାକୁ ଇଚ୍ଛା ପ୍ରକାଶ କରି ନାମ ପଞ୍ଜୀକରଣ କରିଛନ୍ତି। ଏହି ମହତ ଉଦ୍ଦେଶ୍ୟ ପାଇଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ବଳଦେବ ଜଣେ ସଫଳ ଜୈବିକ ଚାଷୀ ଭାବେ ଅଞ୍ଚଳରେ ବେଶ ସୁନାମ ଅର୍ଜନ କରିଛନ୍ତି। ଏହାଛଡା ସେ ବିଭିନ୍ନ ସମୟରେ ଆବଶ୍ୟକ ଥିବା ଲୋକଙ୍କୁ ରକ୍ତଦାନ ମଧ୍ୟ କରିଥାନ୍ତି।

### ୪ ଟ୍ରାକ୍ଟରଠାରୁ ୧ଲକ୍ଷ ଜରିମାନା ଆଦାୟ

**ରିଷିଡ଼ା,୧୧।୨(ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ଦୁଇଟି ନଦୀଘାଟରେ ମଙ୍ଗଳବାର ଖଣି ଓ ରାଜସ୍ୱ ବିଭାଗର ମିଳିତ ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢାଉ କରିଛି। ଏହି ସମୟରେ ବେଆଇନ ଭାବେ ବାଲି ନେଉଥିବା ୪ ଟ୍ରାକ୍ଟରଠାରୁ ୧ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲା ଖଣି ଅଧିକାରୀ ମୁରଲୀଧର ନାୟକ ଓ ତହସିଲଦାର ଅରୁଣ ବର୍ଗେଙ୍କ ନେତୃତ୍ୱରେ ଟିମ୍ ରେଗଡାଠାରେ ଓଡି୦୮ବି-୪୧୦୧, ଓଡି୦୮ଡବ୍ଲ୍ୟୁ-୯୯୫୭, ତେରେସିଙ୍ଗାଠାରେ ଓଡି୦୮-୪୮୨୧, ଓଡି୦୮ଏସ୍-୭୬୪୮ନଂ. ବିଶିଷ୍ଟ ବାଲି ବୋଝେଇ ଟ୍ରାକ୍ଟର ଅଟକାଇ ଯାଞ୍ଚ କରିଥିଲେ। କାଜଗପତ୍ର ଠିକ୍ ନ ଥିବା ଦର୍ଶାଇ ଟିମ୍ ପ୍ରତି ଗାଡି ପିଛା ୨୫ହଜାର ଟଙ୍କା ଲେଖାଏ ଫାଇନ କାଟିଥିଲା।

### ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍‌ରେ ନୂଆପଡ଼ାର ବଲ ବଏ ପିୟୂଷ

**ନୂଆପଡ଼ା,୧୧।୨ (ମକାରୁ ବେମାଲ):** କଟକ ବାରବାଟି ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ହୋଇଥିବା ମ୍ୟାଚରେ



ନୂଆପଡ଼ା ଜିଲାରୁ ବଲ ବଏ ଭାବରେ ପିୟୂଷ ରଞ୍ଜନ ବାଗ ଦାୟିତ୍ୱ ତୁଲାଇଥିଲେ। ଜିଲା କ୍ରିକେଟ ଆସୋସିଏଶନ ତରଫରୁ ସରୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବଲ ବଏ ଭାବରେ କୋମନା ବ୍ଲକ ଟିକ୍ରାପଡା ଗାଁର ପିୟୁଷ ଚୟନ ହୋଇ ଠିକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ମ୍ୟାଚରେ ୩୦ ଜଣ ବଲ ବଏଙ୍କ ମଧ୍ୟରେ ପିୟୁଷ ଅନ୍ୟତମ ଥିଲେ। ଭାରତୀୟ ଦଳ ବୋଲିଂ ସମୟରେ ସେ ବାଉଣ୍ଡରିରେ ୪ଟି ବଲ ଧରିଥିଲେ। ଏଥିରୁ ଗୋଟିଏ ବଲ ପୂର୍ବତନ କ୍ୟାପଟେନ ବିରାଟ କୋହଲିଙ୍କ ହାତକୁ ଦେବାର ସୁଯୋଗ ପାଇଥିଲେ। ଏଥିପାଇଁ ଜିଲା କ୍ରିକେଟ ଆସୋସିଏଶନ ତରଫରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପିୟୁଷ ଟିକ୍ରାପଡା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ଛୋଟ ବୟସରୁ କ୍ରିକେଟ ଖେଳ ସହ ରୁଚି ରଖିଛନ୍ତି ।



ଜିଲାର ଏକ ମଣ୍ଡିରେ ଧାନ କିଣା ଚାଲିଛି।

# କଳାହାଣ୍ଡିରେ ସରିଲା ଖରିଫ ଧାନକିଣା

**ଭବାନୀପାଟଣା,୧୧।୨(ଉତ୍ତମ କୁମାର ଦାଶ)**

- ୬୦,୯୬,୮୦୭ କୁଇଣ୍ଟାଲ ଧାନ ସଂଗ୍ରହ
- ଗତ ବର୍ଷଠାରୁ ୯,୭୦,୮୦୭ କୁଇଣ୍ଟାଲ ଧାନ ଅଧିକ ସଂଗ୍ରହ
- ୪୮୭ କୋଟି ୭୪ ଲକ୍ଷ ୪୫ହଜାର ବୋନସ୍ ପାଇଲେ ଚାଷୀ

କଳାହାଣ୍ଡି ଜିଲାରେ ଗତ ନଭେମ୍ବର ୨୯ ତାରିଖଠାରୁ ଚାଲିଥିବା ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ସୋମବାର ଶେଷ ହୋଇଛି। ଚଳିତ ଖରିଫ୍‌ରେ ଜିଲାରେ ୬୪ଲକ୍ଷ ୬ହଜାର ୧୯୧ କୁଇଣ୍ଟାଲ ଧାନ ବିକ୍ରୟ ପାଇଁ ଟାର୍ଗେଟ ମଗାଯାଇଥିଲା। ସେଥିରୁ ୬୦ଲକ୍ଷ ୯୬ହଜାର ୮୦୭.୮୩ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଏଥିରେ ୨୨୩ଟି ମଣ୍ଡି ଜରିଆରେ ୧ ଲକ୍ଷ ୯ ହଜାର ୧୪୨ ଜଣ ଚାଷୀ ୬୦ଲକ୍ଷ ୯୬ହଜାର ୮୦୭.୮୩ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଗତବର୍ଷ ଜିଲାରେ ଖରିଫ୍ ଧାନ ସଂଗ୍ରହ ୫୧ ଲକ୍ଷ ୨୬ହଜାର ରହିଥିଲା। ଯାହାକି ଏଥର ୯ଲକ୍ଷ ୭୦ହଜାର ୮୦୭ କୁଇଣ୍ଟାଲ ଅଧିକ ରହିଛି। ଶେଷ ଦିନରେ ଅର୍ଥାତ୍ ସୋମବାର ଲାଞ୍ଜିଗଡ ମଣ୍ଡିରେ ୪ ଜଣ ଚାଷୀ ୧୬୮.୬୮ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡିଛି। ଏଥର ଜିଲାରେ ୨୨୩ଟି ମଣ୍ଡିରେ ୮୪ ମିଲର୍ସ ନିଯୁକ୍ତ ହୋଇଥିଲେ। ଏଥର ଗୁରୁତ୍ୱପୂର୍ଣ୍ଣ ବିଷୟ ରହିଥିଲା ବୋନ୍‌ସ ଟଙ୍କା। ଗତ ସାଧାରଣ ନିର୍ବାଚନରେ ରାଜ୍ୟରେ ଭାଜପା ସରକାର ଆସିଲେ ଧାନ କୁଇଣ୍ଟାଲ ପିଛା ୮ଶହ ଟଙ୍କା ବୋନସ୍ ଦେବା ପାଇଁ ଘୋଷଣା କରାଯାଇଥିଲା। ଭାଜପା ସରକାରୀ ଆସିବା ପରେ ଏହା କାର୍ଯ୍ୟକାରୀ ହୋଇଛି। ଚଳିତ ଖରିଫ୍‌ରେ କଳାହାଣ୍ଡି ଜିଲାର ୧ ଲକ୍ଷ ୯ ହଜାର ୧୪୨ ଜଣ ଚାଷୀ ୪୮୭ କୋଟି ୭୪ ଲକ୍ଷ ୪୫ହଜାର ୬ଶହ ଟଙ୍କା ଅଧିକ ବୋନ୍‌ସ ଟଙ୍କା ପାଇଛନ୍ତି। ଏହାକୁ ନେଇ ଜିଲାର ଚାଷୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ସେହିପରି ଧାନ କୁଇଣ୍ଟାଲ ୩୧ ଶହ ହେବା ପରେ ଗତ ବର୍ଷଠାରୁ ଏଥର ୯ଲକ୍ଷ ୭୦ହଜାର ୮୦୭ କୁଇଣ୍ଟାଲ ଅଧିକ ରହିଛି। ଏଥିରୁ ଜିଲାରେ ଚାଷୀମାନେ ଧାନ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଥିବା ପ୍ରମାଣିତ ହୋଇଛି। ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁଙ୍କୁ ପଚାରିବାରୁ ଜିଲାରେ ଚଳିତ ଖରିଫ୍ ଧାନ ସଂଗ୍ରହ ଗତ ବର୍ଷଠାରୁ ଅଧିକ ହୋଇଥିବାବେଳେ ଚାଷୀମାନେ ମଧ୍ୟ ବୋନସ୍ ଟଙ୍କା ପାଇ ବେଶ ଉତ୍ସାହିତ ଅଛନ୍ତି ବୋଲି ପ୍ରକାଶ କରିଥିଲେ।

## ବିକାଶରେ ଦଶମ ଛାତ୍ରୀଛାତ୍ରଙ୍କ ଆଶୀର୍ବଚନ ସମାରୋହ

**ଭବାନୀପାଟଣା,୧୧।୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ବିକାଶ ଆବାସିକ ବିଦ୍ୟାଳୟ ଉଇଜ୍‌ଡମ ପାର୍କଠାରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଆଶୀର୍ବଚନ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରେ ଅଧକ୍ଷା ଆରତୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଲକ୍ଷ୍ମୀ ବିକାଶ ବିଦ୍ୟାଳୟ ସମୂହର ନିର୍ଦ୍ଦେଶକ ଡ଼ି. ଶ୍ୟାମ, ଶିକ୍ଷା ପ୍ରଭାରୀ ଡ଼ି. ବିଜୟା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଯୁବରାଜ ନାୟକ, ଆବାସିକ ବିଦ୍ୟାଳୟ ଉପ ଅଧକ୍ଷ ନାରାୟଣ ମହାନ୍ତି ଉପସ୍ଥିତ ରହି ଆଗାମୀ ବୋର୍ଡ଼ ପରୀକ୍ଷାରେ ଭଲ ଅଙ୍କ ରଖି ସଫଳତାର ସହିତ କୃତକାର୍ଯ୍ୟ ହେବାପାଇଁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ପରୀକ୍ଷାର୍ଥୀମାନଙ୍କ ମନୋରଞ୍ଜନ ପାଇଁ ନୃତ୍ୟଗୀତ ଆୟୋଜନ କରାଯାଇଥିଲା। ଶେଷରେ ପରୀକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ପାଇଁ ଉପହାର ପ୍ରଦାନ କରାଯାଇଥିଲା।



ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସହ ବିକାଶ କର୍ତ୍ତୃପକ୍ଷ।

## ନୃତତ୍ତ୍ୱବିଜ୍ଞାନ ବିଭାଗରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

**ଭବାନୀପାଟଣା,୧୧।୨(ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱବିଜ୍ଞାନ ବିଭାଗରେ ମଙ୍ଗଳବାର 'ଆନ୍ଥ୍ରୋପୋଲୋଜି ଅଫ ହେଲ୍‌ଥ, ନ୍ୟୁଟ୍ରିଶନ ଆଣ୍ଡ ଏପିଡେମିଓଲୋଜି' ପ୍ରସଙ୍ଗରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଅଧକ୍ଷତା କରି ସ୍ୱାସ୍ଥ୍ୟ, ପୁଷ୍ଟିକର ଓ ମହାମାରୀର ନୃତାତ୍ତ୍ୱିକ ଅଧ୍ୟୟନ ସମ୍ପର୍କରେ ଅଭିମତ ରଖିଥିଲେ। ସେହିପରି କୁଳସଚିବ ପିତାମ୍ବର ଭୋଇ ନୃତତ୍ତ୍ୱ ବିଜ୍ଞାନର ଉପାଦେୟତା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ନୃତାତ୍ତ୍ୱିକ ଅଧ୍ୟୟନର ଗୁରୁତ୍ୱ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ବିଭାଗୀୟ ମୁଖ୍ୟ ଡ. ରାଜକିଶୋର ମାହାନା ପରିଚୟ ପ୍ରଦାନ କରି ଆଲୋଚ୍ୟ ବିଷୟରେ ସାରସଂକ୍ଷେପ ଉପସ୍ଥାପନ କରିଥିଲେ। ଭୁବନେଶ୍ୱର କିସ୍ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ମନୋରଞ୍ଜନ ମହାପାତ୍ର ବକ୍ତା ରୂପେ ଯୋଗଦାନ କରି ସ୍ୱାସ୍ଥ୍ୟ, ପୁଷ୍ଟିକର ଓ ମହାମାରୀର ନୃତାତ୍ତ୍ୱିକ ଅଧ୍ୟୟନ ବିଷୟରେ ଆଲୋଚନା କରିଥିଲେ। ପ୍ରଶ୍ନୋତ୍ତର ମାଧ୍ୟମରେ ବକ୍ତାମାନେ ଛାତ୍ରୀଛାତ୍ରଙ୍କ ସଂଶୟ ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ରାଜକିଶୋର ମାହାନା ପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ଡ. ମଧୁଲିକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କର୍ଲାମୁଣ୍ଡା ବ୍ଲକ୍‌ରେ ବଜରଙ୍ଗ ଦଳ ସମାବେଶ

**ରିଷିଡ଼ା,୧୧।୨ (ସୁଶାନ୍ତ ମଲ୍ଲିକ)**

**୧୨ ପଞ୍ଚାୟତର କର୍ମକର୍ତ୍ତା ଉପସ୍ଥିତ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ମା' ତାରିଣୀ ଅଷ୍ଟଚଣ୍ଡୀ ଶୈବଶକ୍ତି ପୀଠରେ ବଜରଙ୍ଗ ଦଳ ପକ୍ଷରୁ ସମାବେଶ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ଦେବଦେବୀଙ୍କ ପ୍ରତି କେତେଜଣ ଅସାମାଜିକ ଯୁବକ ଆଶୋଭନୀୟ ମନ୍ତବ୍ୟ ଦେଉଥିବାରୁ ଆଗାମୀ ଦିନରେ ବଜରଙ୍ଗ ଦଳ ଏହାର ଦୃଢ଼ ପ୍ରତିବାଦ କରିବା ପାଇଁ ସମାବେଶରେ ଉପସ୍ଥିତ ସଭ୍ୟମାନେ ମତପ୍ରକାଶ କରିଥିଲେ। ଏଥିରେ ନବନିର୍ବାଚିତ ଭାଜପା ଜିଲା ସଭାପତି ଯୁଗଳ କିଶୋର ପୋଢ଼ ମୁଖ୍ୟ ଅତିଥି ଓ ଯୋରାଡ୍ରବରା ମଣ୍ଡଳ ସଭାପତି ଜ୍ୟୋତିନ୍ଦ୍ର ସାହୁ, କର୍ଲାମୁଣ୍ଡା (କ) ଜୋନ ମଣ୍ଡଳ ସଭାପତି ଡୋଳାମଣି ଭୋଇ, ପୂର୍ବତନ ମଣ୍ଡଳ ସଭାପତି ସଞ୍ଜୟ ଜୈନ, ଚାଷୀ ନେତା ଦୟାନିଧି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ହିନ୍ଦୁ ସଂସ୍କୃତି ପରମ୍ପରାକୁ ଆଗେଇନେବା ପାଇଁ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସାମାଜିକକର୍ମୀ ସରୋଜ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଜ୍ୟୋତିରଞ୍ଜନ ପଧାନ, ହିମାଂଶୁ ରଣା, ମହେନ୍ଦ୍ର ପ୍ରଧାନୀ, ଚୁନୁ ପଟ୍ଟନାୟକ, ଗୁଣନିଧି ସାହୁ ପ୍ରମୁଖ ସହଯୋଗ କରିଥିଲେ। ସୁଧାଂଶୁ ଶେଖର ସାହୁ ଅତିଥି ପରିଚୟ ଦେବା ସହ ଶେଷରେ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୧୨ ପଞ୍ଚାୟତର ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କୁ ୨ବର୍ଷ ଜେଲଦଣ୍ଡ

**ଭବାନୀପାଟଣା,୧୧।୨(ଉତ୍ତମ କୁମାର ଦାଶ)**

**ମହିଳାଙ୍କୁ ନିର୍ଯାତନା ଘଟଣା**

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ଥାନା ଅଞ୍ଚଳରେ ୨୦୧୬ରେ ଜଣେ ବିବାହିତା ମହିଳାଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିଲା। ଏଥିରେ ସମ୍ପୃକ୍ତ ଯୁବକଙ୍କ ନାମରେ ମହିଳା ଜଣକ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର ଭବାନୀପାଟଣ ଜେଏମ୍‌ଏଫ୍‌ସି/ସିଭିଲ ଜଜ୍ (ଜୁନିୟର ଡିଭିଜନ) ସୁମିତ୍ରା ବିଶ୍ୱାଳ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଏହି ମାମଲାର ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଆନନ୍ଦ ଜୈନଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଆହୁରି ୬ମାସ ଜେଲ ଦଣ୍ଡ ଭୋଗିବେ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଏପିପି ରାଜ କୁମାର ଛତ୍ରିଆ ପରିଚାଳନା କରୁଥିଲେ।

## କଳାହାଣ୍ଡି ଏଡିଇଓ ସଂଘ ଦ୍ୱାରା ପ୍ରଭାତ ସମ୍ମାନିତ

**ବେହେରା,୧୧।୨(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଭବାନୀପାଟଣା ଜ୍ୟୋତି ଫାର୍ମଠାରେ ହିସାବ ରକ୍ଷକ ତଥା ତଥ୍ୟ ନିକ୍ଷେପଣ ପରିଚାଳକ (ଏଡିଇଓ) ସଂଘର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଜିଆର୍‌ଏସ୍ ସଂଘର ରାଜ୍ୟ ସଭାପତି ପ୍ରଭାତ ତିୱାରୀଙ୍କୁ ସମ୍ମାନିତ କରାଯାଇଥିଲା। ଧର୍ମଗଡ ବ୍ଲକ ବେହେରା ବାଙ୍କିମୁଣ୍ଡା ଗ୍ରାମର ପ୍ରଭାତ ୨୦୧୪ରେ ବେହେରା ପଞ୍ଚାୟତରେ ଓଜିଆର୍‌ଏସ୍ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ। ସେ ୨୦୦୯ରେ ସଂଘର ବ୍ଲକ ସଭାପତି ଓ ୨୦୦୧୩ରେ କଳାହାଣ୍ଡି ଜିଲା ସଭାପତି ହୋଇଥିଲେ। ତାଙ୍କ କାର୍ଯ୍ୟ ଦକ୍ଷତାକୁ ସମ୍ମାନ ଜଣାଇ ୨୦୧୮ରେ ସଂଘର ରାଜ୍ୟ ସଭାପତି ଚୟନ କରାଯାଇଥିଲା। ସେହି ଦିନରୁ ସେ ସଂଘ ପାଇଁ ଅହରହ ପରିଶ୍ରମ କରିଥିଲେ। ତାଙ୍କ ଉଦ୍ୟମରେ ଫେବୃଆରୀ ୨୦୨୪ରେ ସରକାର ଦାବି ପୂରଣ କରିଥିଲେ। ଫଳରେ ଓଜିଆରଏସମାନଙ୍କ ଭାଗ୍ୟ ପରିବର୍ତ୍ତନ ହୋଇଥିଲା। ସମ୍ବର୍ଦ୍ଧନା ସଭାରେ ରାଜ୍ୟ ସାଧାରଣ ସମ୍ପାଦକ ସଂଗ୍ରାମ ସିଂହ, କାର୍ଯ୍ୟକାରୀ ସଭାପତି ବାବାଜୀ ବେହେରା, ଉପସଭାପତି ସୁରେଶ ବେହେରା, ସହ ସମ୍ପାଦକ ସୁଶୀଲ ପାଣିଗ୍ରାହୀ, କାର୍ଯ୍ୟକାରୀ ସମ୍ପାଦକ ଅଜୟ କୁମାର ଜେନା, କୋଷାଧ୍ୟକ୍ଷ ଦେବାଶିଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ନିପୁଣ ମେଳା ଉଦ୍‌ଯାପିତ

**୮ ବିଦ୍ୟାଳୟର ୮୦୦ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ**

**କର୍ଲାମୁଣ୍ଡା,୧୧।୨(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ମଙ୍ଗଳବାର କ୍ଲଷ୍ଟରସ୍ତରୀୟ ନିପୁଣ ମେଳା ଉଦ୍‌ଯାପିତ ହୋଇଯାଇଛି। କର୍ଲାମୁଣ୍ଡା ଆଞ୍ଚଳିକ ସାଧନକେନ୍ଦ୍ର ପକ୍ଷରୁ ସୁରୁଜୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଶିକ୍ଷଣ ଉପକରଣ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲଷ୍ଟର ଅନ୍ତର୍ଗତ ୮ଗୋଟି ବିଦ୍ୟାଳୟରୁ ୮୦ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରି ସୃଜନାତ୍ମକ ଶିକ୍ଷଣ ଉପକରଣ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୋହିତ କୁମାର ରଣା, ସୁରୁଜୁଲି ଉଚ୍ଚ ପ୍ରାଥମମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗଦୀଶ ରଣା, ଅଙ୍ଗୱାଡ଼ି କର୍ମୀ ଉର୍ମିଳା କୁମାର, କିଶୋରୀ ରଣା ପ୍ରମୁଖ ଯୋଗଦାନ କରି ନିପୁଣ ଓଡ଼ିଶାର ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନଶି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସାଧୁରାମ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଆଞ୍ଚଳିକ ସାଧନ କେନ୍ଦ୍ର ସ୍‌ସଂଯୋଜକ ପ୍ରସନ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ରେଙ୍ଗାଲି କ୍ଲଷ୍ଟର ପକ୍ଷରୁ ସିଆର୍‌ସିସି ଉଜ୍ଜ୍ୱଳ କୁମାର ସାହୁଙ୍କ ନେତୃତ୍ୱରେ ଭଟାପଲା ବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ସା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜଗମୋହନ ସାହୁ ଉପସ୍ଥିତ ଥିଲେ।

## ଲାଞ୍ଜିଗଡ଼ ଗସ୍ତରେ ଜାତୀୟ ଅର୍ଥ କମିଶନ ସଦସ୍ୟ



ଜଗନ୍ନାଥପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅର୍ଥ କମିଶନ ସଦସ୍ୟ ଓ ଅନ୍ୟମାନେ।

**ଲାଞ୍ଜିଗଡ଼,୧୧।୨(ରମେଶ ଚନ୍ଦ୍ର ନାୟକ)**

**ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କଲେ**

ଦୁଇଦିନିଆ କଳାହାଣ୍ଡି ଗସ୍ତରେ ଆସିଥିବା ଷୋଡ଼ଶ ଜାତୀୟ ଅର୍ଥ କମିଶନ ସଦସ୍ୟ ମନୋଜ ପଣ୍ଡା ମଙ୍ଗଳବାର ଦ୍ୱିତୀୟ ଦିନରେ ଲାଞ୍ଜିଗଡ଼ ବ୍ଲକ ଗସ୍ତକରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରି ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଥମେ ସେ ଲାଞ୍ଜି ପଞ୍ଚାୟତର ବିକାଶନଗର ପରିଦର୍ଶନ କରି ଗ୍ରାମୀଣ ଗୃହ, ଲାଞ୍ଜିଗଡ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଦ୍ୱାରା ପରିଚାଳିତ କାଜୁ ବଗିଚା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଆମ ଗାଁ ଆମ ବିକାଶ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହାପରେ କାନକୁଟୁ ପଞ୍ଚାୟତରେ ୧୬ଗୋଟି ପରିବାରକୁ ନେଇ ନିର୍ମାଣ ହୋଇଥିବା ଆବାସ ନଗର ପରିଦର୍ଶନ କରି ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ନିୟମଗିରି ପାହାଡ ପାଦଦେଶରେ ଥିବା ତ୍ରିଲୋଚନପୁର ପଞ୍ଚାୟତର ଫୁଲଡୁମେର ଗାଁ ଗସ୍ତ କରି ପ୍ରଧାନ ମନ୍ତ୍ରୀ ଜନମନ ଯୋଜନାରେ ନିର୍ମାଣ ହୋଇଥିବା ଘର ଦେଖିବା ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସେହିପରି ଜଗନ୍ନାଥପୁରଠାରେ ନିର୍ମାଣ ହୋଇଥିବା ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରି ବ୍ଲକ ପ୍ରଶାସନକୁ ପ୍ରଶଂସା କରିଥିଲେ। ଏହି ଗସ୍ତରେ କଳାହାଣ୍ଡି ଜିଲାପାଳ ସଚିବ ପାୱାର ପ୍ରକାଶ, କଳାହାଣ୍ଡି ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅମୂଲ୍ୟ ବାହୁଲ, ଲାଞ୍ଜିଗଡ ପଞ୍ଚାୟତ ସମିତି ଅଧକ୍ଷା କମଳା ପାତ୍ର, ବିଡିଓ ଶଶାଙ୍କ ପାତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ତାପସ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ସାମିଲ ଥିଲେ।

## ସମର୍ପଣ ଦିବସ ପାଳିତ

**ଖଡ଼ିଆଳ,୧୧।୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଡୁଆଝରଠାରେ ଭାରତୀୟ ଜନତା ପାର୍ଟି ସୁନ୍ଦର ମଣ୍ଡଳର ମେହେର ଭବନଠାରେ ମହାନ ଚିନ୍ତାନାୟକ ତଥା ଏକାତ୍ମମାନବ ଦର୍ଶନର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟ ତିଥି ବା ସମର୍ପଣ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ରତ୍ନାକର ହଂସ ସଭାପତିତ୍ୱ କରିଥିଲେ। ବରିଷ୍ଠ ନେତା ରାତ୍ରନନ୍ଦ ମନହିରା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୀବନୀ ଉପରେ ମାର୍ଗଦର୍ଶନ କରିଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ମେହେର, ହୃଷୀକେଶ ଗହିର, ବରିଷ୍ଠ ନେତା ବଲ୍ଲଭସି ମାଝି, ଚିତ୍ତମନ ମାଝି, ଶ୍ରୀକାନ୍ତ ମେହେର, ସରପଞ୍ଚ ଉମେଶ କୈବର୍ତ୍ତ ଉପସ୍ଥିତ ଥିଲେ।

## ବଙ୍ଗଳାପଡ଼ାରେ ମାଘ ଝାମୁଯାତ୍ରା ସମ୍ପନ୍ନ

**ଥୁଆମୂଳ ରାମପୁର,୧୧।୨ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୁଣୁପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୋକୋଲମା ବଙ୍ଗଳା ପଡ଼ାଠାରେ ମାଘ ଶୁକ୍ଳ ପକ୍ଷ ତ୍ରୟୋଦଶୀ ତିଥିରେ ମଙ୍ଗଳବାର ମାଘ ଝାମୁଯାତ୍ରା ବା ମା' ମାଣିକେଶ୍ୱରୀ ଓ ବାବା ଅଗ୍ନି ଭୈରବ ଦେବଙ୍କ ଝାମୁଯାତ୍ରା ସମ୍ପନ୍ନ ହୋଇଯାଇଛି। ପରମ୍ପରା ଅନୁସାରେ ମନ୍ଦିର ପୂଜକ ଏହି ଯାତ୍ରାର ପ୍ରଥମ ଦିନରେ ୫ଟି ନୂଆ ଚାଙ୍ଗୁଡ଼ିରେ ବାଲି ଆଣି ବିଭିନ୍ନ ପ୍ରକାର ଶସ୍ୟ ଯଥା ଧାନ, କାନ୍ଦୁଲ, ମୁଗ, ବିରି, ମାଣ୍ଡିଆ ଆଦିକୁ ଗଜା ହେବା ପାଇଁ ଚାଙ୍ଗୁଡ଼ିରେ ଥିବା ବାଲିରେ ପକାଇଥାଆନ୍ତି ଓ ବେଲ କଣ୍ଟା ଦୋଳି ତିଆରି କରାଯାଇଥାଏ। ଗଜା ହୋଇଥିବା ଚାଙ୍ଗୁଡି ଓ କଣ୍ଟା ଦୋଳିକୁ ୯ଦିନ ବ୍ୟାପୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥାଏ। ଏହି ଦିନ ବାବା ଅଗ୍ନି ଭୈରବ ଓ ମା' ମାଣିକେଶ୍ୱରୀ କଣ୍ଟା ଢୁମା ମାଠିଆ ଗାଦିରେ ବିଜେ କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଗାଁର ରୋହିତ ନାଏକଙ୍କ ଦେହରେ ଭଗବାନ କାଳିଶି ଅବିର୍ଭାବ ହୋଇଥିଲେ। ଏହାପରେ କାଳିସୀ ମୁଖ୍ୟ ମନ୍ଦିରରୁ ବାହାରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ମାନସିକ ପୂରଣ ହୋଇଥିବା ଶ୍ରଦ୍ଧାଳୁ କୁକୁଡ଼ା, ବୋଦା, ପାରା, ନଡ଼ିଆ ଆଦି ଭୋଗ ଅର୍ପଣ କରିଥିଲେ। ପୂଜକ ରୋହିତ ନାଏକ, ଶ୍ରୀକାନ୍ତ ନାଏକ, ପ୍ରଦୀପ ନାଏକ, ଦୀପକ ନାଏକ, ରାଜନ ନାଏକ, ଗଙ୍ଗାରାମ ନାଏକ, କୁମାରୁ ନାଏକ, ବ୍ରଜ ସୁନ୍ଦର ନାଏକ ପ୍ରମୁଖଙ୍କ ସହଯୋଗରେ ଯାତ୍ରା ଶେଷ ହୋଇଥିଲା।



ଦେବୀଙ୍କୁ ଭୋଗ ଅର୍ପଣ କରାଯାଉଛି।

## ସଂକ୍ଷେପରେ

### ମନ୍ଦିରର ରତ୍ନମୁଦ ପ୍ରତିଷ୍ଠା ଉତ୍ସବ

**ପାଇକମାଳ, ୧୧।୨(ବଡ଼ ଶତପଥି):** ବରଗଡ଼ ଜିଲା ପାଇକମାଳ ବ୍ଲକ ଭେଙ୍ଗରାଜପୁର ଗ୍ରାମରେ ଶ୍ରୀ ଶ୍ରୀ ଦଧିବାବନ ମନ୍ଦିରର ରତ୍ନ ମୁଦକ ପ୍ରତିଷ୍ଠା ଉପଲକ୍ଷେ ଦୀର୍ଘ ୪ଦିନ ଧରି ହୋମ ନାମ ସଙ୍କୀର୍ତ୍ତନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥି ପାଇଁ ଗାଁରେ ଗ୍ରାମର ସମସ୍ତ ମହିଳା ପୁରୁଷ ଯୁବ ସମାଜମାନଙ୍କ ଆକୁଣ୍ଠ ସହଯୋଗ ରହିଥିଲା। ସବୁଦିନ ଅନ୍ନଛତ୍ରର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ମନ୍ଦିରର ରତ୍ନ ମଣ୍ଡପରେ ପୂଜାକର୍ତ୍ତା ଭାବେ ମହେନ୍ଦ୍ର ପ୍ରତାପ ସିଂ ବରିହା ଓ ତାଙ୍କ ସ୍ତ୍ରୀ ଅହଲ୍ୟା ସିଂ ବରିହା, ଯଜ୍ଞ ମଣ୍ଡପରେ ପୂଜାକର୍ତ୍ତା ଭାବେ ସୁରେନ୍ଦ୍ର ପ୍ରତାପ ସିଂ ବରିହା ଓ ଉର୍ମିଳା ସିଂ ବରିହା ଦାୟିତ୍ୱ ତୁଲାଇ ଥିବାବେଳେ ରାଜ ପୁରୋହିତ ପଣ୍ଡିତ ଅତ୍ରାହୀ ରଞ୍ଜନ ପାଣିଗ୍ରାହୀ ଓ ସାଥି ପୃଥିରାଜ ଯୋଶୀ ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। ଗ୍ରାମର ସଭାପତି ହୃତାସନ ପାଣ୍ଡେ ଓ ସଂପାଦକ ନିତ୍ୟାନନ୍ଦ ମୁଟକିଆ, ଯଜ୍ଞ କମିଟି ସଭାପତି ପ୍ରାଣକୃଷ୍ଣ ବେରିଆ ଓ ସଂପାଦକ ରେଶମ ରଣା ଦାୟିତ୍ୱ ଗ୍ରହଣ କରି ସମ୍ପାଦନା କରିଥିଲେ। ପାତାଳ ସାହୁ ଓ ରଶ୍ମିରଞ୍ଜନ ବରିହା ପ୍ରମୁଖ ୪ ଦିନ ପର୍ଯ୍ୟନ୍ତ ଉପସ୍ଥିତ ରହି ନାମଯଜ୍ଞ ପରିଚାଳନା କରିଥିଲେ ।

### ବ୍ଲକସ୍ତରୀୟ ନିପୁନ ଓଡ଼ିଶା ମେଳା

**ଝାରବନ୍ଧ, ୧୧।୨(ଦେବେନ୍ଦ୍ର ସାହୁ):** ଝାରବନ୍ଧ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକ ସ୍ତରୀୟ ନିପୁନ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରବନ୍ଧ କ୍ଲଷ୍ଟରର ୧୯ଟି ସ୍କୁଲରୁ ୧୪୦ ଜଣ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଭିନ୍ନ ଭିନ୍ନ ପ୍ରକାର ପ୍ରୋଜେକ୍ଟ ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ଶୁଭମ କୁମାର ପତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା, ବ୍ଲକ, ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ବେହେରା, ଏବିଇଓ ପଦ୍ମପୁର ବିସିକେଶନ ଶତପଥୀ, ଶିକ୍ଷକ ପ୍ରଶିକ୍ଷକ ବରଗଡ଼ ବେଣୁଧର ବରିହା, ଏବିଇଓ ଦୟାନିଧି କୈବର୍ତ୍ତ, ଦିବ୍ୟକିଶୋର ପଣ୍ଡା, ମଞ୍ଚାସୀନ ଥିଲେ।



ବାଉଁଶୁଣୀ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଉଛି।

# ସମ୍ବଲପୁରୀ ନୃତ୍ୟରେ ଦୁଲୁକିଲା ମଞ୍ଚ

**ବାଉଁଶୁଣୀ, ୧୧।୨(ଦେବାଶିଷ ନୈପାକ)**

ବୌଦ୍ଧ ବ୍ଲକ ବାଉଁଶୁଣୀ ସାଂସ୍କୃତିକ ପରିଷଦ ପକ୍ଷରୁ ସ୍ଥାନୀୟ ହାଇସ୍କୁଲ ଖେଳ ପଡ଼ିଆରେ ମଙ୍ଗଳବାର ବାଉଁଶୁଣୀ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ପରିଷଦର ଉପଦେଷ୍ଟା ସଭ୍ୟ ଅନିରୁଦ୍ଧ ମହାକୁଲଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ସଭାରେ ଅତିଥି ଭାବରେ ବୌଦ୍ଧର ପୂର୍ବତନ ବିଧାୟକ ପ୍ରଦିପ ଅମାତ, କଂଗ୍ରେସର ବରିଷ୍ଠ ସଭ୍ୟ ସରୋଜ ପ୍ରଧାନ, ବୟନିକା ସଭାପତି ପ୍ରକାଶ ମେହେର, ଭାଜପା ଯୁବନେତା ଓମ ପ୍ରକାଶ ମିଶ୍ର, ଗୁନ୍ଦୁଲିଆ ସରପଞ୍ଚ ଧବଳେଶ୍ୱର ସିଂ, କସୁରବନ୍ଧ ସରପଞ୍ଚ ସରୋଜ କର୍ଣ୍ଣ, ପରିଚିତ ସିଙ୍ଗର୍ ଜଳନ୍ଧର ବେହେରା, ସାମାଜିକ କର୍ମୀ ସୁଧୀର ମହାକୁଡ଼ ଯୋଗଦେଇ ଥିବାବେଳେ ଅଧ୍ୟାପକ ମଦନ ସୁନ୍ଦର୍ ଖେତି ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ଅନୁଷ୍ଠିତ ସଭାକୁ ଅଙ୍ଗୁରବାଳା ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାପରେ ମଡେଲର୍ ଯୋଗିନ୍ଦ୍ର ମେହେର, ଅଧ୍ୟାପକ ଯୋଗୀନ୍ଦ୍ର ଗାଇଗୋରିଆ, ନିର୍ଦ୍ଦେଶକ ତଥା ପରିଚିତ ସିଙ୍ଗର୍ ଜଳନ୍ଦର୍ ବେହେରାଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବାରୁ ମହୋତ୍ସବ କମିଟିକୁ ସମ୍ବର୍ଦ୍ଧନା ଦିଆଯାଇଥିଲ। ସଭାପରେ ଅନନ୍ତ କଳା ପରିଷଦ କେନ୍ଦ୍ରାପଡ଼ା, ରଙ୍ଗଫରୁଆ ସମ୍ବଲପୁର, ମୟୁରି ଲୋକନୃତ୍ୟ ଖଟାଖଟିଆ, ବାଉଁଶୁଣୀ ସାଂସ୍କୃତିକ ପରିଷଦ, ଅରୁନ ମେଜିସିଆନ ଓ ସ୍ଥାନୀୟ ବିଦ୍ୟାଳୟର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଖୁଣ୍ଟପାଲି ଶାଖା କେନାଲରେ ଘାଇ, ଚାଷଜମି ପ୍ରଭାବିତ

**ବରଗଡ଼, ୧୧।୨(ପ୍ରେମାନନ୍ଦ ଖମାରୀ)**

କେନାଲ ଉନ୍ନତିକରଣ ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ଏହାର ସୁଫଳ ମିଳୁ ନାହିଁ। ଶାଖା କେନାଲ ଗୁଡ଼ିକରୁ ଆରମ୍ଭ କରି ମୁଖ୍ୟ କେନାଲ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଘାଇ ସୃଷ୍ଟି ହେଉଛି। ଏଥିରୁ କେନାଲ ଉନ୍ନତିକରଣ ପାଇଁ ଆସୁଥିବା ସରକାରୀ ଅନୁଦାନ କିଭଳି ବିନିଯୋଗ ହେଉଛି, ତାହା ସହଜରେ ଅନୁମେୟ। ବରଗଡ଼ ମୁଖ୍ୟ କେନାଲରେ ବିଗତବର୍ଷରେ ଘାଇ ସୃଷ୍ଟି ହୋଇ ଦୀର୍ଘଦିନ ଧରି ପାଣି ଯୋଗାଣ ବନ୍ଦ ରହିଥିବାର ନଜୀର ରହିଥିବା ବେଳେ ସୋମବାର ବିଳମ୍ବିତ ରାତିରେ ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ଶାଖା କେନାଲରେ ଘାଇ ସୃଷ୍ଟି ହୋଇଛି। ଏଥିରେ ପାର୍ଶ୍ୱବର୍ତ୍ତୀ ଚାଷଜମି ପ୍ରଭାବିତ ହୋଇଥିବାବେଳେ ଏହାକୁ ନେଇ ଚାଷୀ ଅସନ୍ତୋଷ ଦେଖାଯାଇଛି।

ସୂଚନା ଅନୁଯାୟୀ, ବରଗଡ଼ ମୁଖ୍ୟ କେନାଲରୁ ବାହାରି ନୂଆଁ ସରସରା(ବଏମାନଟିକ୍ରା) ଦେଇ ଖୁଣ୍ଟପାଲି ଶାଖା କେନାଲ ଲମ୍ବିଛି। ଏହି



ଖୁଣ୍ଟପାଲି କେନାଲରେ ସୃଷ୍ଟି ହୋଇଥିବା ଘାଇ।

କେନାଲ ଦ୍ୱାରା ଖୁଣ୍ଟପାଲି, ସରସରା, କଣ୍ଟାଟିକ୍ରା, ପୁଡ଼ିଆଟିକ୍ରା, ଗଞ୍ଜିଆଟିକ୍ରା, ଡୁଙ୍ଗୁରୀଟିକ୍ରା ଆଦି ଅଞ୍ଚଳର ଚାଷୀମାନେ ନିର୍ଭର କରିଥାନ୍ତି। ଅଞ୍ଚଳର ଅନେକ

**ଅନେକ ଚାଷୀ ଧାନପହ୍ଳା ରୋଇ ସାରିଛନ୍ତି**

ଚାଷୀ ଏପର୍ଯ୍ୟନ୍ତ ଧାନପହ୍ଳା ରୋଇ ସାରି ଥିବାବେଳେ କେତେକ ଚାଷୀ ଧାନପହ୍ଳା ରୋଇବା ପାଇଁ ଜମି ହଳ କରିଛନ୍ତି। ତେବେ ଏଭଳି ସମୟରେ କେନାଲରେ ଘାଇ ସୃଷ୍ଟି ହେବାରୁ ଅଞ୍ଚଳର ଚାଷୀଙ୍କ ଚିନ୍ତା ବଢ଼ି ଯାଇଛି। ଖୁଣ୍ଟପାଲି ବ୍ରାହ୍ମଣ ଆମ୍ବବୁରେଇ ନିକଟରେ ଏହି କେନାଲରେ ଘାଇ ହୋଇଛି। ଏହାଦ୍ୱାରା ସେହି ସ୍ଥାନ ନିକଟରେ ରହିଥିବା ଜରା ବାଗ, ଭାଗିରଥି ମାଝି, ପ୍ରଭାକର ମାଝିଙ୍କ ରୁଆଧାନ ପ୍ରଭାବିତ ହୋଇଛି। ନିକଟରେ ଧାନପହ୍ଳା ରୁଆ ସେମାନେ କରିଥିବାବେଳେ କେନାଲ ଘାଇରେ ମାତ୍ରାଧିକ ପାଣି ସେହି ଚାଷଜମିକୁ ମାଡ଼ି ଯିବାରୁ ଅନେକ ଧାନପହ୍ଳା ପାଣିରେ ଭାସି ଯାଇଛି। ସେହିପରି ଚାଷଜମିର ଆଂଶିକ ବାଲିଚର ହୋଇ ପଡ଼ିଛି।

ଅନ୍ୟପଟେ କେନାଲ ଘାଇକୁ ଏପର୍ଯ୍ୟନ୍ତ ମରାମତି କରାଯାଇ ନାହିଁ। କେବଳ ପୂର୍ବାପେକ୍ଷା ଉକ୍ତ ଶାଖା କେନାଲର ପାଣିକୁ କମାଇ ଦିଆଯାଇଛି। ତେବେ ପାଣି କମ୍ ଛଡ଼ାଯାଇ ଥିବା ଯୋଗୁ ତାହା କେନାଲ ତଳମୁଣ୍ଡକୁ ମଧ୍ୟ ପହଞ୍ଚି ପାରୁ ନାହିଁ। ଫଳରେ ପାଣି ଅଭାବରୁ ନିକଟରେ ରୁଆ ହୋଇଥିବା ଧାନପହ୍ଳା କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି। ଏଥିସହିତ ହଳ ହୋଇଥିବା ଚାଷଜମି ମଧ୍ୟ ଶୁଖିଯିବାର ସମ୍ଭାବନା ରହିଛି। ଏହି ଦୃଷ୍ଟିରୁ ଘାଇ ତୁରନ୍ତ ଠିକ୍‌ଭାବେ ମରାମତି କରାଯାଇ କେନାଲରେ ଚାଷୀଙ୍କ ଆବଶ୍ୟକ ମୁତାବକ ପାଣି ଛାଡ଼ିବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ଖୁଣ୍ଟପାଲି ଗ୍ରାମର ଚାଷୀ ଦିବାକର ମାଝି କହିଛନ୍ତି, କେନାଲର ୱାଲକୁ ଦେଢ଼ଫୁଟ୍‌ରେ ସୀମିତ ରଖାଯାଉଛି। ଏହା ଅତିକମ୍‌ରେ ସାଢ଼େ ୩ଫୁଟ୍ ହେବା ଦରକାର। ସେହିପରି ଉକ୍ତ କେନାଲରେ ଏକ ନାଳା ରହିଛି। ସେଠାରେ ଏକ ବ୍ରିଜ କରାଯିବାର ଆବଶ୍ୟକତା ରହିଛି। ଏହା କରାଗଲେ ଉକ୍ତ କେନାଲରେ ପର୍ଯ୍ୟାପ୍ତ ପାଣି ଆସିବ ଏବଂ ଚାଷୀମାନେ ମଧ୍ୟ ଉପକୃତ ହେବେ। ଏହା ସହିତ କେନାଲରେ ଘାଇ ସୃଷ୍ଟିର ପୁନରାବୃତ୍ତି ଆଶଙ୍କା ମଧ୍ୟ କମ୍ ରହିବ ବୋଲି ସେ କହିଛନ୍ତି।

### ଟ୍ରେନ୍ ଧକ୍କାରେ ଟ୍ରକ୍ ଚାଳକ ମୃତ

**ଅତାବିରା, ୧୧।୨(ହୃଷୀକେଶ ଖମାରୀ)**

ଅତାବିରା ବ୍ଲକ କାଣ୍ଡପାଲି ଲେଭେଲ କ୍ରସିଂର ଅନତି ଦୂରରେ ମଙ୍ଗଳବାର ସକାଳେ ଟ୍ରେନ୍ ଧକ୍କାରେ ଝାରଖଣ୍ଡ ରାଜ୍ୟ ଗୁମଲା ଜିଲା ସିସାଇ ଗ୍ରାମର ବିକାଶ ଓରାମ(୩୦)ଙ୍କ ମୃତ୍ୟୁ ଘଟିଛି। ମୃତକ ଜଣେ ଟ୍ରକ ଚାଳକ। ଗତ କିଛିଦିନ ତଳେ ସେ ଟ୍ରକ ଚଲାଇବା ପାଇଁ ଆନ୍ଧ୍ରପ୍ରଦେଶକୁ ଯାଇଥିଲେ। ମାତ୍ର ସେଠାରେ କାମ ନ ମିଳିବାରୁ ସେ ଏକ ଟ୍ରେନ ଯୋଗେ ଘରକୁ ଫେରୁଥିଲେ। ଫେରିବା ବାଟରେ ସୋମବାର ବିଳମ୍ବିତ ରାତିରେ ସେ ଗୁଟ୍‌ଖା ଖାଇବା ପାଇଁ ଅତାବିରା ରେଳ ଷ୍ଟେଶନରେ ଓହ୍ଲାଇଥିଲେ। ଟ୍ରେନକୁ ପୁଣି ଆସିବା ବେଳକୁ ଟ୍ରେନଟି ଛାଡ଼ି ଦେଇଥିଲା। ଏ ନେଇ ସେ ପରିବାର ଲୋକଙ୍କୁ ଫୋନରେ ଜଣାଇଥିଲେ ଏବଂ ରେଳ ଲାଇନରେ ବରଗଡ଼ ଅଭିମୁଖେ ଚାଲିଚାଲି ଆସୁଥିଲେ। ରାସ୍ତାରେ କାଣ୍ଡପାଲି ନିକଟରେ ଏକ ଟ୍ରେନ ଧକ୍କା ଦେବାରୁ ତାଙ୍କ ମୃତ୍ୟୁ ହୋଇ ଯାଇଥିଲା। ଅନ୍ୟପଟେ ସକାଳ ପ୍ରାୟ ୮ଟାରେ ମୃତକଙ୍କ ସ୍ତ୍ରୀ ମଞ୍ଜୁ କୁମାରୀ ଓ ପରିବାର ଲୋକେ ଘଟଣାସ୍ଥଳକୁ ପହଞ୍ଚିଥିଲେ। ସେ ଗତ ୯ମାସତଳେ ବିବାହ କରିଥିଲେ ବୋଲି ପରିବାର ଲୋକେ କହିଛନ୍ତି।

# ୧୯୭୩ ବ୍ୟାଚ ଛାତ୍ରଙ୍କ ବନ୍ଧୁ ମିଳନ



ବନ୍ଧୁ ମିଳି କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷକ ଓ ଛାତ୍ରମାନେ।

**ବରପାଲି, ୧୧।୨(ଚିତ୍ତରଞ୍ଜନ ସାହୁ)**

ବରପାଲି ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ୧୯୭୩ ମାଟ୍ରିକ ବ୍ୟାଚ୍ ଛାତ୍ରମାନଙ୍କ ଏକ ଗୁରୁ ପୂଜନ ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ଦଧିବାମନ ଦାଶଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଚନ୍ଦ୍ରମଣି ଦାଶ ସଂଯୋଜନା କରିଥିଲେ। ତାଙ୍କ ସମୟର ଗୁରୁ ଗୋବିନ୍ଦ ଦାଶ, ବାସୁଦେବ ପତି ପ୍ରମୁଖ ପୂର୍ବତନ ଶିକ୍ଷକ ଉପସ୍ଥିତ ଥିଲେ। ଗୁରୁମାନଙ୍କ ପଦ ଧୌତ ସହ ଉପଢ୍ୌକନ ଦେଇ ସମ୍ମାନିତ କରାଯାଇଥିଲା। ରବୀନ୍ଦ୍ର କୁମାର ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଦୌଲତ ରାମ ଅଗ୍ରୱାଲ, ଆନନ୍ଦ ଦାଶ ପ୍ରମୁଖ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ। ଏହି କାର୍ଯକ୍ରମରେ ବହୁ ଦୂର ଦୁରାନ୍ତର ପୁରାତନ ଛାତ୍ର ଆସି ଯୋଗଦାନ କରିଥିଲେ।

# ଅରୁନ୍ଧତୀ ଜୁଏଲର୍ସରେ ନୂଆ ଡାଇମଣ୍ଡ କଲେକ୍ସନ ଅମୋରା

**ବରଗଡ଼, ୧୧।୨(ପ୍ରେମାନନ୍ଦ ଖମାରୀ)**

ଓଡ଼ିଶାର ସର୍ବବୃହତ୍ ଜୁଏଲେରି ବ୍ରାଣ୍ଡ୍ ଅରୁନ୍ଧତୀ ଜୁଏଲର୍ସ ସର୍ବଦା ନିଜ ଗ୍ରାହକ ବନ୍ଧୁଙ୍କ ପସନ୍ଦ ଓ ଚାହିଦା ମୁତାବକ ନିରବଚ୍ଛିନ୍ନ ସେବା ଯୋଗାଇ ଦେଇ ଆସୁଛି। ଅରୁନ୍ଧତୀ ଜୁଏଲର୍ସ, ବରଗଡ଼ ଶାଖାଠାରେ ମଙ୍ଗଳବାର ସନ୍ଧ୍ୟାରେ ନୂଆଁ ଡିଜାଇନ୍‌ଭରା ଡାଇମଣ୍ଡ୍ କଲେକ୍ସନ ଅମୋରାକୁ ଉନ୍ମୋଚିତ କରାଯାଇଛି। ଓଲିଉଡ୍ ଅଭିନେତ୍ରୀ ତଥା ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ୍ ଆମ୍ବାସାଡର ଅର୍ଚ୍ଚିତା ଏହି ଉନ୍ମୋଚନ ସମାରୋହରେ ଉପସ୍ଥିତ ରହିବା ସହିତ ଅରୁନ୍ଧତୀ ପରିବାର ଏବଂ ଶତାଧିକ ଗ୍ରାହକବନ୍ଧୁଙ୍କ ସହିତ କିଛି ସମୟ ବିତାଇଥିଲେ। ହୀରା ଖଚିତ ଏହି ସ୍ୱତନ୍ତ୍ର ଡିଜାଇନର ସୂକ୍ଷ୍ମ କାରୁକାର୍ଯ୍ୟ ଉପସ୍ଥିତ ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟକୁ ନିଜ ଅଳଙ୍କାର ଡିଜାଇନରେ ପ୍ରତିଫଳିତ କରାଇ ସର୍ବତ୍ର ଆଦୃତି ଲାଭ କରିଥିବା ଅରୁନ୍ଧତୀ ଜୁଏଲର୍ସ ନୂଆ ଅମୋରା ଡିଜାଇନକୁ ନେଇ ମଧ୍ୟ ବେଶ୍ ଉତ୍ସାହିତ ରହିଛନ୍ତି।




ଅରୁନ୍ଧତୀ ଜୁଏଲର୍ସ, ବରଗଡ଼ ଶାଖାଠାରେ ନୂଆଁ ଡିଜାଇନ୍ ଭରା ଡାଇମଣ୍ଡ୍ କଲେକ୍ସନ ଅମୋରାକୁ ଉନ୍ମୋଚିତ କରାଯାଇଛି।

ଓଡ଼ିଶାସାରା ଅରୁନ୍ଧତୀ ଜୁଏଲର୍ସର ସମସ୍ତ ୯ଟି ଶାଖାରେ ଗ୍ରାହକ ବନ୍ଧୁଙ୍କ ପାଇଁ ଏହି ଡିଜାଇନ ଉପଲବ୍ଧ ରହିଛି। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ସମସ୍ତ ଗ୍ରାହକ ବନ୍ଧୁଙ୍କୁ ନୂତନ ଅମୋରା କଲେକ୍ସନ ପ୍ରଦର୍ଶନୀ ଉତ୍ସବରେ ଯୋଗଦାନ ପାଇଁ ନିମନ୍ତ୍ରଣ କରିବା ସହିତ ଆଗାମୀ ଦିନରେ ମଧ୍ୟ ଅରୁନ୍ଧତୀ ଜୁଏଲର୍ସ ଅନେକ ନୂତନ ଡିଜାଇନ ନେଇ ଆସିବା ସହିତ ସବୁବର୍ଗର ଗ୍ରାହକ ବନ୍ଧୁଙ୍କୁ ସୁହାଇଲା ଭଳି ଅଫର ନେଇ ଆସିବେ ବୋଲି ପ୍ରକାଶ କରିଛନ୍ତି। ଚଳିତବର୍ଷର ବିବାହ ଋତୁରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଶୁଭ ବିବାହ ସ୍ପେଶାଲ ଅଫର୍ ମଧ୍ୟ ଉପଲବ୍ଧ ରହିଥିବା ବେଳେ ବେଷ୍ଟ ୱେଡିଙ୍ଗ କଲେକ୍ସନରେ ସର୍ବଶ୍ରେଷ୍ଠ ଡିସ୍‌କାଉଣ୍ଟ ପ୍ରଦାନ କରାଯିବା ସହିତ ୯ଜଣ ଭାଗ୍ୟଶାଳୀ ଦମ୍ପତିଙ୍କ ପାଇଁ ବିଦେଶରେ ଛୁଟି କଟାଇବା ଏବଂ ଜିରୋ ମେକିଙ୍ଗ୍ ଚାର୍ଜ ଭଳି ଆକର୍ଷଣୀୟ ଅଫର୍ ଅରୁନ୍ଧତୀ ଜୁଏଲର୍ସରେ ପ୍ରଦାନ କରାଯାଉଛି ବୋଲି ସୂଚନା ଦିଆଯାଇଛି।

# ବିକାଶରେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ

**ବରଗଡ଼, ୧୧।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ କ୍ରୀଷ୍ଣା ବିକାଶ ଗ୍ରୁପ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟର ଅଡ଼ିଟୋରିୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରୀକ୍ଷା ପେ ଚର୍ଚ୍ଚାର ସିଧା ପ୍ରସାରଣ ପ୍ରଦର୍ଶିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଆବାସିକ ବିଦ୍ୟାଳୟର ଦଶମ ଶ୍ରେଣୀର ୪୦୦ରୁ ଅଧିକ ଛାତ୍ରୀଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହିତ ପରୀକ୍ଷା ସମ୍ବନ୍ଧୀୟ ନୂତନ ଜ୍ଞାନ ଆହରଣ କରିଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଦାଶରୀ ମୁରଲୀ କ୍ରୀଷ୍ଣା କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମନରେ ଉଙ୍କି ମାରୁଥିବା ପରୀକ୍ଷା ସମ୍ବନ୍ଧୀୟ ପ୍ରଶ୍ନର ସମାଧାନର ସୂତ୍ର ବାହାର କରିବା ସହିତ ଆଗାମୀ ବୋର୍ଡ଼ ପରୀକ୍ଷାରେ ସଫଳତା ଅର୍ଜନ ପାଇଁ ଗୁରୁମନ୍ତ୍ର ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ବିଭିନ୍ନ ପରାମର୍ଶ ଦେଉଛନ୍ତି।

# ବୀର ଜନାର୍ଦ୍ଦନଙ୍କ ତୋରଣ ନିର୍ମାଣ ପାଇଁ ଶିଳାନ୍ୟାସ

**ସରଣ୍ଡା, ୧୧।୨(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବିଏସ୍‌ଏନ୍‌ଏଲ୍ ଛକ ସ୍ଥିତ ପାହାଡ଼ଶ୍ରୀଗୀଡ଼ା ରାସ୍ତା ପ୍ରାରମ୍ଭରେ ବୀର ଶହୀଦ ଜନାର୍ଦ୍ଦନ ସିଂହଙ୍କ ସ୍ମୃତିରେ ତୋରଣ ନିର୍ମାଣ ପାଇଁ ମଙ୍ଗଳବାର ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ପାହାଡ଼ ଶ୍ରୀଗୀଡାରୁ ଅତାବିରା ବୀର ସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତି ସ୍ଥଳ ଦେଇ ବିଏସ୍‌ଏନ୍‌ଏଲ୍ ଛକକୁ ଏକ ବିରାଟ ମଶାଲ ଶୋଭାଯାତ୍ରା ପହଞ୍ଚି ଥିଲା।

ମଧ୍ୟାହ୍ନ ସାଢେ ୧୨ରେ ବୀର ଜନାର୍ଦ୍ଦନ ମାର୍ଗ ତୋରଣ ଶୁଭ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ମହାନନ୍ଦ ଯୋଗଦେଇ ଶିଳାନ୍ୟାସ କରିଥିଲେ। ପାହାଡ଼ଶ୍ରୀଗୀଡ଼ା ଜମିଦାର ବୀର ଶହୀଦ ଜନାର୍ଦ୍ଦନ ସିଂଙ୍କ ବଂଶଧର ଅର୍ଜିତ ସିଂହ, ଅତାବିରା ତହସିଲଦାର କେ. ଚିଟି କୁମାର, ଅତାବିରା ଥାନା ଅଧିକାରୀ ସୁକୁମାର ତ୍ରିପାଠୀ, ଭାଜପା ନଗର ସଭାପତି ସତିଶ ଚୌଧୁରୀ, ପୂର୍ବତନ ନଗର ସଭାପତି ସୁରେନ୍ଦ୍ର ସ୍ୱାଇଁ, ଭାଜପା ମଣ୍ଡଳ ସଭାପତି ବିକାଶ ଗଡ଼ତିଆ, ପୁଷ୍କକ ଗାଇଗରିଆ, ନିରୋଜ ବାରିକଙ୍କ ସମେତ ବହୁ ଭାଜପା କାର୍ଯ୍ୟକର୍ତ୍ତା, ପାହାଡ଼ଶ୍ରୀଗିଡା ଗ୍ରାମବାସୀ ଉପସ୍ଥିତ ଥିଲେ। ବୀର ଜନାର୍ଦ୍ଦନ ସିଂହଙ୍କ ବୁଧବାର ବୀରତା ଦିବସ ପାଳନ କରାଯିବ। ଏହା ପୂର୍ବରୁ ତାଙ୍କର ମାର୍ଗ ତୋରଣର ଶିଳାନ୍ୟାସ କରାଯାଇଛି ବୋଲି ବିଧାୟକ କହିଥିଲେ। ପୂର୍ବାହ୍ନ ୧୦ଟାରୁ ପାହାଡ଼ଶ୍ରୀଗୀଡାରୁ ମଶାଲ ଶୋଭାଯାତ୍ରା ବୀର ସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତି ସ୍ଥଳକୁ ପହଞ୍ଚିବା ପରେ ବିଧାୟକ ମଶାଲ ଗ୍ରହଣ କରିଥିଲେ। ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ମଶାଲ ଶୋଭାଯାତ୍ରା ବିଏସଏନଏଲ ଛକକୁ ପହଞ୍ଚିଥିଲା । ଖଣ୍ଡା, ତରବାଲ, ଟାଙ୍ଗିଆ, ତୀର ଧନୁସର ଆଦି ପ୍ରଦର୍ଶନ କରାଯାଇଥିଲା।



ମଶାଲ ଶୋଭାଯାତ୍ରାରେ ଅତାବିରା ବିଧାୟକ ସାମିଲ ହୋଇଛନ୍ତି ।

# ଗ୍ରୀଷ୍ମ ଆରମ୍ଭ ହୋଇନି, ଶୁଖିଗଲାଣି ଅଙ୍ଗ ନଦୀ

**ପଦ୍ମପୁରରେ ଜଳସଙ୍କଟ**
- ଆବଶ୍ୟକ ୩୩ଲକ୍ଷ ଲିଟର
- ମିଳୁଛି ୧୮ଲକ୍ଷ ଲିଟର

**ପଦ୍ମପୁର, ୧୧।୨(ପ୍ରଦୀପ୍ତ ଦାଶ)**

ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇନାହିଁ। ବରଗଡ଼ ଜିଲା ପଦ୍ମପୁର ସହରରେ ଦେଖାଦେଲାଣୀ ଜଳ ସଙ୍କଟ। ୧୫ ଦିନ ହେବ ପଦ୍ମପୁର ନିକଟସ୍ଥ ଦେଉଲି ନାଗେନ ଦର୍ହା (ଅଙ୍ଗନଦୀ)ରୁ ହେଉଥିବା ଜଳ ଯୋଗାଣ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଏହାକୁ ନେଇ ସହରବାସୀ ଚିନ୍ତା ପ୍ରକଟ କରିଛନ୍ତି। ଗ୍ରୀଷ୍ମ ଦିନକୁ ଆହୁରି ଅନେକ ସମୟ ବାକି ଥିବା ବେଳେ ଏବେଠାରୁ ଭୂତଳ ଜଳ ମଧ୍ୟ କମିବା ଯୋଗୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପଦ୍ମପୁର ସହରର ଜନସଂଖ୍ୟା ବର୍ତ୍ତମାନ ପ୍ରାୟ ୨୫ହଜାରରେ ପହଞ୍ଚିଛି। ସେହି ଅନୁସାରେ ସହରକୁ ପ୍ରତିଦିନ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଅଙ୍ଗନଦୀ ନାଗେନ ଦର୍ହା ଅସ୍ଥାୟୀ ବ୍ୟାରେଜରୁ ୨.୨ନିୟୁତ ଲିଟର ଏବଂ ସହରରେ ଥିବା ମୋଟ ୨୨ଟି



ଅଙ୍ଗନଦୀ ନାଗେନ ଦର୍ହାର ଅସ୍ଥାୟୀ ବ୍ୟାରେଜ ଶୁଖିଲା ପଡ଼ିଛି।

ଗଭୀର ନଳକୂପରୁ ୧.୬ନିୟୁତ ଲିଟର ଜଳ ସହରକୁ ଯୋଗାଇ ଦିଆଯାଇଥାଏ ବୋଲି ଜନସ୍ୱାସ୍ଥ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ପଣ୍ଡା ସୂଚନା ଦେଇଛନ୍ତି। କିନ୍ତୁ ଅକ୍ଟୋବର ମାସରୁ ବର୍ଷା ବନ୍ଦ ହୋଇଯିବା କାରଣରୁ ନଦୀର ସ୍ରୋତ କମିଗଲା ଓ ଯେତିକି ଜଳ ଥିଲା ତାହା ମଧ୍ୟ କମିଯାଇଛି। ଫଳରେ ସହରକୁ ଅଙ୍ଗନଦୀର ଜଳ ଯୋଗାଣ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ସହରରେ ୧୧ଟି ୱାର୍ଡ ଥିବା ବେଳେ ପ୍ରାୟ ୧୦ଟି ୱାର୍ଡକୁ ସମ୍ପୂର୍ଣ୍ଣ ଭାବରେ ପାଇପ ଲାଇନ ଯୋଗେ ପାଣି ଯୋଗାଇ ଦିଆଯାଉଥିଲା। ସହରରେ ଜଳ ସଂକଟର ମୁକାବିଲା ପାଇଁ ବର୍ତ୍ତମାନ ୧୦ଟି ଟ୍ୟାଙ୍କର ଯୋଗେ ଦୈନିକ ୨ ଲକ୍ଷ ଲିଟର ପାଣି ଯୋଗାଣ ହେଉଛି। ସେହିପରି ଭୂତଳ ନଳକୂପରୁ ପାଇପ ଯୋଗେ ପ୍ରାୟ ୧୬ ଲକ୍ଷ ଲିଟର ପାଣି ଯୋଗାଣ ହେଉଛି। କିନ୍ତୁ ପାଣିର ଅପଚୟ ଓ ଅବାଧ ଭୂତଳ ଜଳ ବ୍ୟବହାର ଯୋଗୁ ଆଗାମୀ ଦିନରେ ଜଳସଙ୍କଟକୁ ଏଡାଇଦିଆଯାଇ ନପାରେ। ସେହିପରି ଜଳଯୋଗାଣରେ ବିଦ୍ୟୁତ୍ କାଟ ଏକ ପ୍ରତିବନ୍ଧକ ସାଜିଛି। ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି।

## ସଂକ୍ଷେପରେ

### ମା' ତାରିଣୀ ଶାନ୍ତି କମିଟି ବୈଠକ

**ରାଉରକେଲା,୧୧।୨(ଦିନେଶ ମିଶ୍ର):** ବାସନ୍ତୀ କଲୋନିସ୍ଥିତ ଡିଏଭି ବସ୍‌ଷ୍ଟାଣ୍ଡ ପରିସରରେ ଥିବା ମା' ତାରିଣୀ ଶାନ୍ତି କମିଟି ପକ୍ଷରୁ ଏକ ବୈଠକ ସମାଜସେବୀ କହରା ଜେନାଙ୍କ ଅଧ୍ୟକ୍ଷତାରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ମା' ତାରିଣୀଙ୍କ ପ୍ରଥମ ପ୍ରାଣ ପ୍ରତିଷ୍ଠା ଉତ୍ସବ କିଭଳି ଶାନ୍ତିଶୃଙ୍ଖଳା ସହ ପାଳନ କରାଯିବ ସେ ନେଇ ଆଲୋଚନା କରିଥିଲେ। ମା' ତାରିଣୀଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଆସନ୍ତା ଏପ୍ରିଲ ୬ରୁ ୮ ତାରିଖ ପର୍ଯ୍ୟନ୍ତ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ବାସୁଦେବ ବରାଳ, ଟୁନୁ କର, ରବି ନାରାୟଣ ପଣ୍ଡା, ଭଞ୍ଜ ସିଂ, ମାନୁ ସାମଲ, ବିଦ୍ୟାଧର ବେହେରା, ବାବୁନି ପଣ୍ଡା, ଅମୀୟ ପୋଥାଳ, ସୁବାଷ ନାୟକ, ଶୁଶାନ୍ତ ନାୟକ, ଟୁକ ଦାସ, ଅରବିନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ୧୩ରେ ଆର୍‌ଏସ୍‌ପିର ନାଟକ ସନ୍ଧ୍ୟା

**ରାଉରକେଲା,୧୧।୨(ବିପ୍ଳବ ରଞ୍ଜନ ଦାଶ):** ଆର୍‌ଏସ୍‌ପି ଲୋକସମ୍ପର୍କ ରାଜଭାଷା ବିଭାଗ ପକ୍ଷରୁ ଫେବୃଆରୀ ୧୩ ତାରିଖରେ ସିଭିକ ସେଣ୍ଟରରେ ବାର୍ଷିକ ନାଟକ ସନ୍ଧ୍ୟା ଆୟୋଜିତ ହେବ। ଏହି ନାଟକ ସନ୍ଧ୍ୟା କାର୍ଯ୍ୟକ୍ରମକୁ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉଦ୍‌ଘାଟନ କରିବେ। ଏହି ସନ୍ଧ୍ୟାରେ ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶିତ ଓଡ଼ିଆ ଗୀତିନାଟ୍ୟ 'ଚକ୍ରବ୍ୟୁହ' ଓ ପରେଶ ରଞ୍ଜନ ମାହାତୋଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ 'ଆଷାଢ କା ଏକ୍ ଦିନ୍' ପରିବେଷିତ ହେବ। ଏହି କାର୍ଯ୍ୟକ୍ରମ ସନ୍ଧ୍ୟା ୬ଟା ୩୦ମିନିଟରେ ଆରମ୍ଭ ହେବ ବୋଲି ଆରଏସ୍‌ପି ଲୋକସମ୍ପର୍କ ବିଭାଗ ପକ୍ଷରୁ ମଙ୍ଗଳବାର ସୂଚନା ପ୍ରଦାନ କରାଯାଇଛି।

### ଲହୁଣୀପଡା ଡିଗ୍ରୀ କଲେଜର ବାର୍ଷିକୋତ୍ସବ

**ଲହୁଣୀପଡ଼ା,୧୧।୨(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡା ଡିଗ୍ରୀ ମହାବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ମୁଖ୍ୟ ଅତିଥି, ଯଦୁପତି ଯୁକ୍ତ ୨ ମହାବିଦ୍ୟାଳୟର ଅଧ୍ୟକ୍ଷ ଅସୀମ କୁମାର ମଲ୍ଲିକ ମୁଖ୍ୟ ବକ୍ତା, ଲହୁଣୀପଡା ଯୁକ୍ତ ୨ ମହାବିଦ୍ୟାଳୟର ଅଧ୍ୟକ୍ଷା ଲତିକା ବେସ୍ରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଚୂଡାମଣି ସାହୁ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ସଞ୍ଜୟ କୁମାର ଦ୍ୱିବେଦୀ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଛାତ୍ରୀ ରାଣିନୀ ତ୍ରିପାଠୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ନିହାର ରଞ୍ଜନ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରସନ୍ନ କୁମାର ପ୍ରଧାନ, ମିନା ମାହାନ୍ତ, ଦୁର୍ଯ୍ୟୋଧନ ମାହାନ୍ତ, ଦୁର୍ଗା ଚରଣ ମାହାନ୍ତ, ଶରତ ମାହାନ୍ତଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଉଦାସୀନତା ଯୋଗୁ ଶ୍ରମିକ ଅସୁରକ୍ଷିତ

**ରାଉରକେଲା,୧୧।୨(ସଙ୍ଗୀତା ଜେନା)**

- ଜିଲାରେ ଚାଲିଛି ୨୦ରୁ ଉର୍ଦ୍ଧ୍ୱ ଇଣ୍ଡକ୍ସନ ଫର୍ନେସ୍
- ଜାରି ହୋଇପାରିଲାନି ସୁରକ୍ଷା ମାର୍ଗଦର୍ଶିକା

ଖଣିଖାଦାନପୂର୍ଣ୍ଣ ସୁନ୍ଦରଗଡ଼ ଜିଲାରେ ବହୁ ଇସ୍ପାତ, ସ୍ପଞ୍ଜ ତଥା ଇଣ୍ଡକ୍ସନ କାରଖାନା ରହିଛି। ଏଥିରେ କେବଳ ଜିଲା ନୁହେଁ ବରଂ ଓଡ଼ିଶାର ବିଭିନ୍ନ ଜିଲା ଏବଂ ବାହାର ରାଜ୍ୟରୁ ଶ୍ରମିକମାନେ ଆସି କାର୍ଯ୍ୟ କରୁଛନ୍ତି। ଏପରି କାରଖାନାରେ ଅଧିକ ଠିକା ଶ୍ରମିକ ନିୟୋଜିତ ହୋଇ ବିପଦସଙ୍କୁଳ ଭାବେ କାର୍ଯ୍ୟ କରୁଛନ୍ତି। ଏପରି ବିପଦସଙ୍କୁଳ ସ୍ଥାନରେ କୁଶଳୀ ଶ୍ରମିକଙ୍କୁ ନିୟୋଜିତ କରିବାକୁ ପ୍ରାଥମିକତା ଦିଆଯାଉ ନ ଥିବା କୁହାଯାଉଛି। ଫଳରେ ଫର୍ନେସ୍‌ଗୁଡ଼ିକରେ ବାରମ୍ବାର ଦୁର୍ଘଟଣା ହେଉଛି। ଅପରପକ୍ଷେ ପ୍ରଶାସନ ଓ ବିଭାଗ ପାଖରେ ଉକ୍ତ ଫର୍ନେସରେ ହେଉଥିବା ଦୁର୍ଘଟଣାର ସଠିକ୍ ତଥ୍ୟ ରହୁନାହିଁ। ସୁରକ୍ଷା ମାର୍ଗଦର୍ଶିକା ମଧ୍ୟ ଲାଗୁ କରାଯାଉନାହିଁ। କେବଳ ଯାଞ୍ଚରେ ବିଭାଗୀୟ କାର୍ଯ୍ୟ ସୀମିତ ରହୁଛି। ଜୀବନକୁ ପାଣି ଛଡ଼ାଇ ଇଣ୍ଡକ୍ସନ ଫର୍ନେସ୍‌ରେ କାମ କରୁଥିବା ହଜାର ହଜାର ଶ୍ରମିକଙ୍କ ସୁରକ୍ଷା ପାଇଁ ବିଭାଗ ଗୁଡ଼ିକ ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି।

ସୁନ୍ଦରଗଡ଼ ଜିଲାରେ ପୂର୍ବରୁ ୩୦ରୁ ଉର୍ଦ୍ଧ୍ୱ ଇଣ୍ଡକ୍ସନ ଫର୍ନେସ୍ ଚାଲୁଥିଲା ବେଳେ ସମୟ କ୍ରମେ କିଛି ବନ୍ଦ ହୋଇଯାଇଥିଲା। ବର୍ତ୍ତମାନ ଜିଲାର କଳୁଙ୍ଗା ଶିଳ୍ପାଞ୍ଚଳ, କୁଆଁରମୁଣ୍ଡା, ରାଜଗାଙ୍ଗପୁର, ବିଶ୍ରାରେ ୨୦ରୁ ଉର୍ଦ୍ଧ୍ୱ ଫର୍ନେସ ଚାଲୁ ରହିଛି। ସାଧାରଣତଃ ସ୍କ୍ରାପ୍ ଓ ଟୁକୁଡ଼ା ଲୁହାଖଣ୍ଡକୁ ଇଣ୍ଡକ୍ସନ ଫର୍ନେସରେ ତରଳାଇ ଏଥିରୁ ଇଙ୍ଗଟ୍, ଚାନେଲ, ଗାର୍ଡର, ରଡ୍ ଓ ଅନ୍ୟ ଲୁହା ସାମଗ୍ରୀ ପ୍ରସ୍ତୁତ କରାଯାଇଥାଏ। ଏପରି ଫର୍ନେସଗୁଡ଼ିକ ଚଳାଇବା ପାଇଁ ପ୍ରଶାସନ ଓ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ମାଗଦର୍ଶିକା ଅନୁପାଳନ କରିବାକୁ ପଡ଼ିଥାଏ। କଳୁଙ୍ଗା ଅଞ୍ଚଳରେ ଚାଲୁଥିବା ଅଧିକାଂଶ ଫର୍ନେସରେ ବାରମ୍ବାର ଶ୍ରମିକ ଦୁର୍ଘଟଣା ହେଉଥିବା ବେଳେ ଉକ୍ତ କମ୍ପାନୀ କର୍ତ୍ତୃପକ୍ଷ ଲୁଚାଛପାରେ ଆହତ ଶ୍ରମିକଙ୍କୁ ଘରୋଇ ହସ୍ପିଟାଲରେ ଚିକିତ୍ସିତ କରାଇ ନେଉଥିବା ଅଭିଯୋଗ ହେଉଛି। ସେହିପରି ଦୁର୍ଘଟଣା ଗୁଡ଼ିକ ସାଧାରଣ ଭାବେ ଲୋକଲୋଚନକୁ ଆସିପାରୁନାହିଁ।

ଗତ ୭ ତାରିଖରେ କଳୁଙ୍ଗା ଆଇଡିସି (ଶିଳ୍ପାଞ୍ଚଳ)ରେ ଥିବା ଏକ ଘରୋଇ କମ୍ପାନୀର ଇଣ୍ଡକ୍ସନ ଫର୍ନେସ୍‌ରେ ବିସ୍ଫୋରଣ ହେବାରୁ ୩ ଜଣ ଶ୍ରମିକ ଆହତ ହୋଇଥିଲେ। ଏଥିରେ ଜଣେ ଶ୍ରମିକ ପ୍ରାୟ ୭୦ ପ୍ରତିଶତ ପୋଡିଯାଇଥିବା ଜଣାପଡ଼ିଥିଲା। ଏହି ମାମଲାରେ ବଏଲର ଆଣ୍ଡ ଫ୍ୟାକ୍ଟ୍ରି ପକ୍ଷରୁ ଉକ୍ତ ଘରୋଇ କମ୍ପାନୀର ଦୁର୍ଘଟଣାଗ୍ରସ୍ତ ମେଶିନଗୁଡ଼ିକ ବନ୍ଦ ରଖିବା ଓ ଯାଞ୍ଚରେ ସୀମିତ ରହିଥିବା ଜଣାପଡ଼ିଛି। ଶ୍ରମିକଙ୍କ ପାଇଁ ସୁରକ୍ଷା ଉପକରଣ, ତାଲିମ୍ ତଥା କୁଶଳୀ, ଅର୍ଦ୍ଧକୁଶଳୀ ଓ ଅଶକୁଶଳୀ ଶ୍ରମିକଙ୍କୁ କାମ ଅନୁଯାୟୀ ବର୍ଗୀକରଣ କରିବା ଆଦିକୁ ଗୁରୁତ୍ୱ ଦିଆଯାଉନାହିଁ। ୨୦୨୪-୨୫ରେ ଜୋନ୍-୧ରେ ୧୫ଟି, ଜୋନ୍-୨ରେ ୧୯ଟି ଏବଂ ଜୋନ୍-୩ରେ ୧୩ଟି ଦୁର୍ଘଟଣା ମାମଲା ବଏଲର ଆଣ୍ଡ ଫ୍ୟାକ୍ଟ୍ରି ବିଭାଗ ଦୃଷ୍ଟିକୁ ଆସିଥିବା ଜଣାପଡିଛି। ଏ ସମ୍ପର୍କରେ ବ୍ରଏଲର ଆଣ୍ଡ ଫ୍ୟାକ୍ଟ୍ରି ବିଭାଗର ଡେପୁଟି ଡାଇରେକ୍ଟର ଇଂ. ବିଭୁ ପ୍ରସାଦଙ୍କ ପଚରାଯିବାରୁ ସେ କହିଲେ, ଇଣ୍ଡକ୍ସନ ଫର୍ନେସ୍ ସମେତ ବିଭିନ୍ନ କଳକାରଖାନାରେ ହେଉଥିବା ଦୁର୍ଘଟଣାଗୁଡ଼ିକ କମ୍ପାନୀ କର୍ତ୍ତୃପକ୍ଷ ଲୁଚାଇବା କଥା ନୁହେଁ। କଳୁଙ୍ଗା ଦୁର୍ଘଟଣା ମାମଲାରେ ଫର୍ନେସଗୁଡ଼ିକ ବନ୍ଦ କରାଯାଇଛି। ଜିଲାରେ ଚାଲୁଥିବା ଫର୍ନେସଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ନେଇ ଏକ ମାର୍ଗଦର୍ଶିକା ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ନିକଟ ଅତୀତରେ ଘଟିଥିବା ଦୁର୍ଘଟଣା ମାମଲାର ଯାଞ୍ଚ କରାଯାଉଛି। ଯାଞ୍ଚ ରିପୋର୍ଟ ଆଧାରରେ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଇଂ. ପ୍ରସାଦ କହିଥିଲେ।



ରାଉରକେଲା ଆର୍‌ଏମ୍‌ସି ଅଧୀନ ବିଶ୍ରାଡାହାର ଗଳିରେ ଗତ ୩ ମାସ ହେଲା ଡ୍ରେନ୍ ଖୋଳାଯାଇଥିବା ଯୋଗୁ ସ୍ଥାନୀୟ ଲୋକେ ଚଳପ୍ରଚଳ ପାଇଁ ସମସ୍ୟା ଭୋଗୁଛନ୍ତି। (ଫଟୋ: ସଙ୍ଗୀତା)

## ରାଉରକେଲାର ବିକାଶ, ସୌନ୍ଦର୍ଯ୍ୟକରଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ରାଉରକେଲା,୧୧।୨(ଦିନେଶ ମିଶ୍ର)**

ରାଉରକେଲା ହନୁମାନ ବାଟିକାର ସୌନ୍ଦର୍ଯ୍ୟକରଣ ଓ ବିକାଶ ପାଇଁ ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ରାଉରକେଲା ସହରର ହନୁମାନ ବାଟିକାକୁ ରାତି ପାହିଲେ ବହୁ ଶ୍ରଦ୍ଧାଳୁ ଆସିବା ସହ ଏହାର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ପ୍ରଭାବିତ କରୁଛି। ଏହି ଧର୍ମସ୍ଥଳ କେବଳ ଆଧ୍ୟାତ୍ମିକ ମହତ୍ୱ ରଖୁଛି ତାହା ନୁହେଁ ବରଂ ସ୍ଥାନୀୟ ଲୋକଙ୍କ ଅର୍ଥ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରୁଛି। ତେଣୁ ହନୁମାନ ବାଟିକାର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ସ୍ଥାନୀୟ ଜିଲାପାଳଙ୍କ ପକ୍ଷରୁ ପାଣ୍ଠି ଆବଣ୍ଟନ କରିବା ଜରୁରି ବୋଲି ଏହି ପ୍ରତିନିଧି ମଣ୍ଡଳୀ ଦାବି କରିଥିଲେ। ହନୁମାନ ବାଟିକା ପରିସରରେ ବୃହତ ପ୍ରବଚନ ଗୃହ, ମଲ୍ଟି ହଲ, ପାନୀୟ ଜଳ ବ୍ୟବସ୍ଥା, ସ୍ୱଚ୍ଛତା ଗୃହ, ଡିଜିଟାଲ ସୂଚନା ଭଳି ସାମୂହିକ ବିକାଶ ଲାଗି ଏହି ପ୍ରତିନିଧି ମଣ୍ଡଳୀ ସୁନ୍ଦରଗଡ ଜିଲାପାଳ ମନୋଜ ସତୱାନ ମହାଜନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ସୁରଜନ କୁମାର ସାହୁ, ସମାଜସେବୀ ହରିହର ରାଉତରାୟ, ହନୁମାନ ବାଟିକା ଚାରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ଶୁଭ ପଟ୍ଟନାୟକ, ପ୍ରମୋଦ କୁମାର ନୌତୁଲ୍ୟ ପ୍ରମୁଖ ସାମିଲ ହୋଇଥିଲେ।



ପ୍ରତିନିଧି ମଣ୍ଡଳୀ ସଦସ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଆକ୍ରମଣ ଧମକ, ଜଣେ ଗିରଫ

**ରାଜଗାଙ୍ଗପୁର,୧୧।୨(ଅଶୋକ ପାଣି)**

ରାଜଗାଙ୍ଗପୁର ଥାନା ଅଧୀନ କୁମାରକେଲା ନିକଟରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗୋଟିଏ ଗୋଷ୍ଠୀର ଆଜାଦ ନାଗ ଓ ତାଙ୍କ ୨ ସହଯୋଗୀ ବନ୍ଧୁକ, ଖଣ୍ଡା ଓ ହକି ଷ୍ଟିକ୍ ଧରି ଅପର ଗୋଷ୍ଠୀର ଲୋକଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ଖବର ପାଇ ରାଜଗାଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଜାଦଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଦେଶୀ ବନ୍ଧୁକ, ଗୁଳି, ଖଣ୍ଡା ଓ ବାଇକ ଜବତ କରିଥିଲା। ଅପରାହ୍ନରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଘଟଣାରେ ଆଉ ୨ଜଣ ଫେରାର ଅଛନ୍ତି।

## ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ରାଉରକେଲା,୧୧।୨(ବିପ୍ଳବ ରଞ୍ଜନ ଦାଶ)**

ଆରଏସ୍‌ପିର ଜ୍ଞାନାର୍ଜନ ଓ ବିକାଶ ବିଭାଗ ଦ୍ୱାରା ଶିକ୍ଷାବିତ୍‌ମାନଙ୍କ ପାଇଁ ଆୟୋଜିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସ୍ପର୍ଦ୍ଧା-୨୦୨୫ ଗତ ୯ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଟ୍ରେନି ହଷ୍ଟେଲ ଷ୍ଟାଡିୟମରେ ଆୟୋଜିତ ସମାପନୀ ଉତ୍ସବରେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ସିଜିଏମ୍ ଶ୍ରୀମନ୍ତ ପଣ୍ଡା, ଏଚ୍‌ଆର୍ ଏଲ୍ ଆଣ୍ଡ ଡି ବିଭାଗର ସିଜିଏମ୍ ପି. କେ. ସାହୁ, ମେକାନିକାଲ ବିଭାଗର ସିଜିଏମ୍ ଆର. କେ. ରାଜେନ୍ଦ୍ରନ, ପ୍ଲେଟ ମିଲ୍ ବିଭାଗର ସିଜିଏମ୍ ଆର. କେ. ବିସାରେ ଏବଂ ୟୁଟିଲିଟି ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର ଉପସ୍ଥିତ ଥିଲେ। ବିଭିନ୍ନ କ୍ରୀଡା ଇଭେଣ୍ଟରେ ବିଜେତା ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜ୍ଞାନାର୍ଜନ ଓ ବିକାଶ ବିଭାଗର ଅଧୀନରେ ଆସୁଥିବା ଆର୍‌ଏସ୍‌ପି ଏବଂ ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସର ଏକ ଶହରୁ ଉର୍ଦ୍ଧ୍ୱ ଏସ୍‌ଟିଟି, ଓସିଟିଟି ଏବଂ ଏମ୍‌ଟିଟି ଶିକ୍ଷାନବିଶ ସପ୍ତାହବ୍ୟାପୀ ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଚ୍‌ଆର ଏଲ ଏଣ୍ଡ ଡି ବିଭାଗର ବରିଷ୍ଠ ପ୍ରବନ୍ଧକ ହିମାଂଶୁ ମିଶ୍ର ଓ ଏଲ୍‌ଏଣ୍ଡଡି ବିଭାଗର ଟିମ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବେଦାନ୍ତର ବାର୍ଷିକ ଖଣି ସୁରକ୍ଷା ପକ୍ଷ

**ଭୁବନେଶ୍ୱର,୧୧।୨(ଅନୁରାଧା ମହାରଣା)**

ବେଦାନ୍ତ ପକ୍ଷରୁ ସୁନ୍ଦରଗଡ଼ ଜିଲାର ଜାମକାନି କୋଇଲା ଖଣିରେ ଏହାର ବାର୍ଷିକ ଖଣି ସୁରକ୍ଷା ପକ୍ଷ (ଏଏମ୍‌ଏସ୍‌ଏଫ୍) ଅନୁଷ୍ଠିତ ହୋଇଯାଇଛି। ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମ୍‌ଏସ୍) ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାର ସାମିଲ ହୋଇଥିଲେ। 'ଆପ୍‌କା ପରିବାର ଆପ୍‌କୋ ଇନ୍ତେଜାର କର ରହା' ବିଷୟବସ୍ତୁକୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦୁର୍ଘଟଣାକୁ ରୋକିବା ଏବଂ କର୍ମଚାରୀଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ପ୍ରୋଟୋକଲର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଭୁବନେଶ୍ୱର ସ୍ଥିତ ଡିଜିଏମ୍‌ଏସ୍‌ର ଖଣି ସୁରକ୍ଷା ନିର୍ଦ୍ଦେଶକ ପ୍ରଫୁଲ୍ଲ ରଞ୍ଜନ ଠାକୁର କହିଥିଲେ, ନିୟମିତ ସୁରକ୍ଷା ଡ୍ରିଲ୍ ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ, ସୁରକ୍ଷା ପ୍ରୋଟୋକଲକୁ କଡାକଡି ପାଳନ ଏବଂ ଭାରିଯାନ ଚଳାଇବା ଯନ୍ତ୍ରପାତି ପାଇଁ ଏକ ସୁରକ୍ଷିତ ଏକପାଖିଆ ପ୍ରବେଶ ରାସ୍ତା ପାଇଁ ଦଳର ପ୍ରତିବଦ୍ଧତା ଶିଳ୍ପ ପାଇଁ ଏକ ଉଚ୍ଚ ମାନଦଣ୍ଡ ସ୍ଥିରକରେ। ବେଦାନ୍ତ ଆଲୁମିନିୟମର ସୁରକ୍ଷା-ପ୍ରଥମ ସଂସ୍କୃତି ଉପରେ ଆଲୋକପାତ କରି, ସିଇଓ ଡେଭିଡ ଷ୍ଟୋନ କହିଛନ୍ତି, ଏକ ସଂସ୍ଥା ଭାବରେ, ସୁରକ୍ଷା ଆମର ମୂଳ ମୂଲ୍ୟବୋଧର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି ଏବଂ କାର୍ଯ୍ୟକ୍ଷେତ୍ରରେ ଶୂନ୍ୟ କ୍ଷତି ପରିବେଶ ସୁନିଶ୍ଚିତ କରିବା ଆମର ପ୍ରମୁଖ ଉଦ୍ଦେଶ୍ୟ। ଗୋଟିଏ ପକ୍ଷ ଧରି ବେଦାନ୍ତ ଆଲୁମିନିୟମର ଖଣି ଟିମ୍ ନିୟମିତ କର୍ମଶାଳା ମାଧ୍ୟମରେ ଏହାର କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସୁରକ୍ଷା ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ଏଥିରେ ପ୍ରତିରକ୍ଷା ମକ୍ ଡ୍ରିଲ୍, ଅଗ୍ନି ନିରାପତ୍ତା ଅଧିବେଶନ, ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ ଏବଂ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ରହିଥିଲା। ଏହାସହ ୧୦ ଜଣ ବିଶେଷଜ୍ଞଙ୍କ ଏକ ବାହ୍ୟ ଏଏମ୍‌ଏସ୍‌ଏଫ୍ ଦଳ ଦ୍ୱାରା କରାଯାଇଥିବା ସୁରକ୍ଷା ଯାଞ୍ଚ, ଯେଉଁଥିରେ ଜଣେ ଆଭ୍ୟନ୍ତରୀଣ ସୁରକ୍ଷା ସଙ୍ଗଠନ (ଆଇଏସଓ) ପର୍ଯ୍ୟବେକ୍ଷକ ଏବଂ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍)ର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାର।

## ୩୦ତମ ପୁସ୍ତକ ମେଳା ଉଦ୍‌ଯାପିତ

**ରାଉରକେଲା,୧୧।୨(ବିପ୍ଳବ ରଞ୍ଜନ ଦାଶ)**



ଉତ୍ସବରେ ଜଣେ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଉଛି।

ଆଦର୍ଶ ପାଠାଗାର ଆୟୋଜିତ ୩୦ତମ ରାଉରକେଲା ପୁସ୍ତକମେଳା ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପାଠାଗାର ସଭାପତି ଚନ୍ଦ୍ରଶେଖର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ପ୍ରାକ୍ତନ ନିର୍ବାହୀ ନିର୍ଦ୍ଦେଶକ ଭାରତ ଭୂଷଣ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭଞ୍ଜ ସାଂସ୍କୃତିକ ନ୍ୟାସର କାର୍ଯ୍ୟକାରୀ ସଭାପତି ତଥା ପାଠାଗାର ଉପଦେଷ୍ଟା ଅଭୟ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭାଷା, ସାହିତ୍ୟ, ସଂସ୍କୃତିର ପ୍ରତିବଦ୍ଧତା ଭାବେ ପାଠାଗାରର ଅବଦାନକୁ ଅତିଥିମାନେ ପ୍ରଶଂସା କରିଥିଲେ। ସମ୍ପ୍ରତି ଓଡ଼ିଆ ଭାଷା ସଂଘର୍ଷମୟ ସ୍ଥିତିରେ ଥିବାବେଳେ ଏଭଳି ପୁସ୍ତକ ମେଳା ଓ ସାହିତ୍ୟ ସଭା ଓଡ଼ିଆ ଭାଷାପ୍ରେମୀଙ୍କ ପାଇଁ ପ୍ରେରଣା ଯୋଗାଉଛି। ଏହି ପାଠାଗାର ୧୯୫୭ରୁ ଅଦ୍ୟାବଧି ଭାଷା ବଞ୍ଚାଇବା ପାଇଁ ନିରନ୍ତର ପ୍ରୟାସ କରି ଉଦାହରଣ ସୃଷ୍ଟି କରିଛି ବୋଲି ମତପ୍ରକାଶ ପାଇଥିଲା। ବିଶିଷ୍ଟ ଗୀତିକବି ତାରିଣୀ ଚରଣ ସାହୁଙ୍କୁ ଲକ୍ଷ୍ମୀଧର ନାୟକ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ଡ. ସନାତନ ପ୍ରଧାନ ମାନପତ୍ର ପାଠ କରିଥିଲେ। ସମ୍ପାଦକ ଅଶୋକ କୁମାର ବଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ପାଠାଗାର ତରଫରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ଉକ୍ତ ପ୍ରତିଯୋଗିତାର ବିଚାରକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପାଠାଗାରର ବାଉରୀବନ୍ଧୁ ସାହୁ, ବିଜୟ କୁମାର ପାତ୍ର, ପର୍ଶୁରାମ ପଟ୍ଟନାୟକ, କୁଞ୍ଜବିହାରୀ ରାଉତ, ଡା. ବସନ୍ତ କୁମାର ଦାସ, କରୁଣାକର ପାଇକଶାଣୀ, ଟୁକଲା ପାଢ଼ୀ, ପ୍ରଦୀପ ପଟ୍ଟନାୟକ, ଅଟମ ରଥ, ଜ୍ୟୋତିପ୍ରକାଶ ମହାପାତ୍ର, ଡ. ଜୟନ୍ତୀ ପାଢ଼ୀ, ପଞ୍ଚାନନ ପାତ୍ର, ଦୀନବନ୍ଧୁ ରଥ, ସନ୍ତୋଷ ରଥ, ପ୍ରଦୀପ ପଟ୍ଟନାୟକ, ଲୀନା ତ୍ରିପାଠୀ, କୁମାର କୁମ୍ଭାର, ସୁଶିଲ କୁମ୍ଭାର, ଯୋଗେଶ୍ୱର ବାଗ ପ୍ରମୁଖ ସହଯୋଗ କରିଥିଲେ।

**ଗୀତିକବି ତାରିଣୀ ଚରଣ ସାହୁଙ୍କୁ ଲକ୍ଷ୍ମୀଧର ସାହୁ ସାରସ୍ୱତ ସମ୍ମାନ**

## ଏସ୍‌ପିଙ୍କୁ ଫେରାଦ ହେଲା ମରଣାନ୍ତକ ଆକ୍ରମଣର ଶିକାର ପରିବାର

**ରାଉରକେଲା,୧୧।୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଟାଙ୍ଗରପାଲି ଥାନା ଅନ୍ତର୍ଗତ କନଷ୍ଟ୍ରକସନ କଲୋନିରେ ଗତ ଜାନୁଆରୀ ୩୧ ତାରିଖରେ ବୁଲା କୁକୁରଙ୍କ ଆଶ୍ରୟକୁ ନେଇ ରମେଶ ଚନ୍ଦ୍ର ମଲ୍ଲିକ ଓ ତାଙ୍କ ପରିବାର ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରିଦିଆଯାଇଥିଲା। ଏ ନେଇ ଉକ୍ତ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲାବେଳେ ପୋଲିସ ୨ଟି ପୃଥକ୍ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟମାନଙ୍କୁ ଗିରଫ କରାଯାଇନାହିଁ। ଅପରପକ୍ଷେ ଆକ୍ରମଣର ଶିକାର ହୋଇଥିବା ରମେଶଙ୍କ ନାଁରେ ପାଲଟା ମାମଲା ରୁଜୁ କରାଯାଇଛି। ଏହା ବିରୋଧରେ ରମେଶ ଓ ତାଙ୍କ ପରିବାର ଲୋକେ ମଙ୍ଗଳବାର ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଫେରାଦ ହୋଇଛନ୍ତି। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଘଟଣାର ତଦନ୍ତ ପାଇଁ ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଆକ୍ରମଣର ଶିକାର ହୋଇଥିବା ରମେଶଙ୍କ ପରିବାରବର୍ଗ।

# ୧୦ରୁ ଉର୍ଦ୍ଧ୍ୱ ପାନୀୟ ଜଳ ପ୍ରକଳ୍ପ ଅଚଳ

**ରାଉରକେଲା,୧୧।୨(ଦିନେଶ ମିଶ୍ର)**

ଖରାଦିନରେ ବାଟୋଇଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ସ୍ଥାନୀୟ ଆରଏମ୍‌ସି ପ୍ରଶାସନ ଓ ସମାଜସେବୀ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଛକରେ ପାନୀୟ ଜଳ ପ୍ରକଳ୍ପ ତିଆରି କରାଯାଇଥିଲା। ଏହି କ୍ରମରେ ସହରରେ ଉଦିତନଗର ଆମ୍ବେଡ଼କର ଛକ, ପାନପୋଷ ଛକ, ଛେଣ୍ଡ ଛକ, ବିଶ୍ରା ଛକ, ଡିଏଭି ଛକ ଭଳି ପ୍ରମୁଖ ଛକମାନଙ୍କରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପାନୀୟ ଜଳ ପ୍ରକଳ୍ପ ରହିଛି। ଏହି ସମସ୍ତ ପ୍ରକଳ୍ପର ରକ୍ଷଣାବେକ୍ଷଣ ଆରଏମ୍‌ସି ପକ୍ଷରୁ କରାଯାଉଥିବାବେଳେ ସେଥିମଧ୍ୟରୁ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ପାନୀୟ ଜଳ ପ୍ରକଳ୍ପ ବର୍ତ୍ତମାନ ବନ୍ଦ ହୋଇ ପଡିରହିଛି। ଫଳରେ ଏହି ଛକମାନଙ୍କରେ ଯାତ୍ରୀମାନେ ପାନୀୟ ଜଳ ପାଇଁ ହଇରାଣ ହେଉଛନ୍ତି। ଉଦିତନଗରସ୍ଥିତ ଆମ୍ବେଦକର ଛକ, ଡିଏଭି ଡଙ୍ଗାଛକ, ବିଶ୍ରାଛକ, ଓରାମପଡା ଛକ, ଷ୍ଟେଶନ ରୋଡ୍ ଦ୍ୱିତୀୟ ପ୍ରବେଶ ପଥ ଛକରେ ଏଭଳି ଦେଖିବାକୁ ମିଳିଛି।

ରାଉରକେଲା ସହରର ଉଦିତନଗର ଆମ୍ବେଡ଼କର ଛକ ଦେଇ ରାତି ପାହିଲେ ହଜାର ହଜାର ଲୋକ ଯାତାୟାତ କରନ୍ତି। ଏହି ଛକ ନିକଟରେ ୨୦୨୨ରେ ଆରଏମ୍‌ସି ପକ୍ଷରୁ ପାନୀୟ ଜଳ ପ୍ରକଳ୍ପ କରାଯାଇଥିଲା। ଏଥିରେ ୫ଟି ପାଣିଟ୍ୟାପ୍ ସାଙ୍ଗକୁ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। କାଳକ୍ରମେ ଆରଏମ୍‌ସି ପ୍ରଶାସନ ଏହି ପାନୀୟ ଜଳ ପ୍ରକଳ୍ପର ରକ୍ଷଣାବେକ୍ଷଣ ନ କରିବାରୁ ଏହା ଅଚଳ ହୋଇ ପଡିଥିଲା। ଏଥିରେ ଲାଗିଥିବା ୫ଟି ଟ୍ୟାପ୍ କେହି ଦୁର୍ବୃତ୍ତ ଖୋଲି ନେଇ ଯାଇଥିବାବେଳେ ଏହା ବର୍ତ୍ତମାନ ଭଗ୍ନ ଅବସ୍ଥାରେ ପଡିରହିଛି। ସେହିଭଳି ରାଉରକେଲା ଦ୍ୱିତୀୟ ପ୍ରବେଶ ପଥ ଷ୍ଟେଶନ ରୋଡ୍ ପରିସରରେ ଲାୟନ୍ସ କ୍ଲବ ପକ୍ଷରୁ ଏକ ପାନୀୟ ଜଳ ପ୍ରକଳ୍ପ ବସାଯାଇଥିଲା। ଏହି ପ୍ରକଳ୍ପ ବସିବାର ଠିକ୍ ୨ ବର୍ଷ ପରେ ଏହାର ରକ୍ଷଣାବେକ୍ଷଣ ନ ହେବାରୁ ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ପଡି ରହିଛି। ଡିଏଭି ଡଙ୍ଗା ଛକରେ ଆରଏମ୍‌ସି ପ୍ରଶାସନ ପକ୍ଷରୁ ଏକ ପାନୀୟ ଜଳ ପ୍ରକଳ୍ପ ରହିଥିବାବେଳେ ଏହାର ଟ୍ୟାପ୍‌ଗୁଡିକ ଭଗ୍ନ ଅବସ୍ଥାରେ ପଡିରହିଛି। ଏହି ପ୍ରକଳ୍ପର ପାଣିଟାଙ୍କି ଦୀର୍ଘ ବର୍ଷ ଧରି ସଫେଇ ହୋଇ ନ ଥିବାରୁ ଏଠାରେ ପ୍ରଦୂଷିତ ପାଣି ବାହାରୁଛି। ଏହା ପିଇବା ଯୋଗ୍ୟ ହୋଇ ନ ଥିବାରୁ ପାଣି ବହି ନଷ୍ଟ ହେଉଛି। ସେହିଭଳି ଏସ୍‌ଟିଆଇ ବସ୍‌ଷ୍ଟାଣ୍ଡ ଛକରେ ଆରଏମ୍‌ସି ପକ୍ଷରୁ ଅନ୍ୟ ଏକ ପାନୀୟ ଜଳ ପ୍ରକଳ୍ପ ରହିଥିବାବେଳେ ଏହାର ମଧ୍ୟ ସମାନ ଅବସ୍ଥା। ଏହି ବସ୍‌ଷ୍ଟାଣ୍ଡରେ ପ୍ରତିଦିନ ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରୁଥିବାବେଳେ ଏହି ପ୍ରକଳ୍ପରୁ ପାନୀୟ ଜଳ ବ୍ୟବହାର କରନ୍ତି। କିନ୍ତୁ ଜଳ ପ୍ରକଳ୍ପ ଗତ ଦେଢ ବର୍ଷ ଧରି ଅଚଳ ଅବସ୍ଥାରେ ପଡି ରହିଛି। ତେଣୁ ଆଗକୁ ଖରାଦିନ ଆସୁଥିବାରୁ ଏହି ପ୍ରକଳ୍ପଗୁଡିକୁ ସଚଳ କରିବା ପାଇଁ ଦାବି ହେଉଛି।

ଏ ନେଇ ଆର୍‌ଏମ୍‌ସି ଉପଆୟୁକ୍ତ ପଲ୍ଲବୀ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ସହରରେ ଅଚଳ ଅବସ୍ଥାରେ କେତେ ପାନୀୟ ଜଳ ପ୍ରକଳ୍ପ ରହିଛି ତାହାର ସୂଚନା ଆମ ପାଖରେ ନାହିଁ। ତଥାପି ଆମେ ଆସନ୍ତା ୭ ଦିନ ଭିତରେ ଏ ନେଇ ଏକ ସ୍ୱତନ୍ତ୍ର ଟିମ୍ କରି ବନ୍ଦ ପଡିଥିବା ପ୍ରକଳ୍ପ ଗୁଡିକର ତଦାରଖ କରିବା ପରେ ଖରାଦିନ ପୂର୍ବରୁ ଏହାକୁ ସର୍ବସାଧାରଣଙ୍କ ବ୍ୟବହାର ଯୋଗ୍ୟ କରିବୁ ବୋଲି ନାୟକ କହିଥିଲେ।





ଆମ୍ବେଡ଼କର ଛକରେ ଥିବା ଅଚଳ ଜଳ ପ୍ରକଳ୍ପ।

**ଖରାଦିନ ପୂର୍ବରୁ ସମସ୍ତ ଅଚଳ ପ୍ରକଳ୍ପ ସଚଳ ହେବ: ଆରଏମ୍‌ସି**

## ସଂକ୍ଷେପରେ

### ବିଶାଖାପାଟଣାରେ ଜୁହାର ପରିବାରର ପୁଷ୍‌ପୁନି ଭେଟ୍

ସମ୍ବଲପୁର,୧୧।୨(ପ୍ରମୋଦ ବହିଦାର)

ସମ୍ବଲପୁରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଜୁହାର ପରିବାର ପକ୍ଷରୁ ବିଶାଖାପାଟଣାରେ ପୁଷ୍‌ପୁନି ଭେଟ୍ ଅନୁଷ୍ଠିତ ହୋଇଯାଇଛି। ବିଶାଖାପାଟଣା ଆଶୋକା ପାର୍କ କମ୍ୟୁନିଟି ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଜୁହାର ପରିବାର ସଭାପତି ବିକ୍ରମ ସରାଫ, ଉପସଭାପତି ମନୋଜ ବେହେରା, ସମ୍ପାଦକ ସୁକାନ୍ତ ମାହାର ପୁଷପୁନିର ମହାନ ସଂସ୍କୃତି ସମ୍ପର୍କରେ କହିଥିଲେ। ସୁଶାନ୍ତ ପତିଙ୍କ ସଂଯୋଜନାରେ ସମ୍ବଲପୁରୀ ନୃତ୍ୟ ଓ ଗୀତ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ସମସ୍ତଙ୍କୁ ପାରମ୍ପରିକ ପିଠା ଏବଂ ବ୍ୟଞ୍ଜନରେ ଆପ୍ୟାୟିତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ନିର୍ମଳ ନାୟକ, ବିନୟ ବିର୍ଡିଆ, ମନୋଜ ରଣା, ପ୍ରକାଶ ସାହୁ, ସଞ୍ଜୀବ ସୁନା, କିଶୋର ସା, ସୁରେନ୍ଦ୍ର ମିସ୍ତ୍ରୀଙ୍କ ସମେତ ଜୁହାର ପରିବାରର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ସୁନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସରୁନି ରାସ୍ତା ପ୍ରଶସ୍ତୀକରଣ କାମ

ସମ୍ବଲପୁର,୧୧।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରରେ ଦ୍ରୁତ ବେଗରେ ରାସ୍ତା ପ୍ରଶସ୍ତୀକରଣ କାମ ଚାଲିଛି । ଗୋଟିଏ ପଟେ ନିୟମିତ ଜବରଦଖଲ ଉଚ୍ଛେଦ କରାଯାଉଥିବା ବେଳେ ତତ୍‌ସହିତ ଡ୍ରେନ ନିର୍ମାଣ କାମ ମଧ୍ୟ ଜାରି ରହିଛି। ତେବେ ସମ୍ବଲପୁର ୩୪ ନମ୍ବର ୱାର୍ଡ ଦେଇ ଯାଇଥିବା ସହରର ପ୍ରବେଶ ପଥ କୁହାଯାଉଥିବା ଜେଲଛକ-ଗୋବିନ୍ଦଟୋଲା ରାସ୍ତା କାମ କେବେ ସମ୍ପୂର୍ଣ୍ଣ ହେବ ତାହାକୁ ନେଇ ସାଧାରଣ ଲୋକେ ପ୍ରଶ୍ନ ଉଠାଉଛନ୍ତି। ୨ବର୍ଷ ପୂର୍ବରୁ ଏହି ରାସ୍ତା ପ୍ରଶସ୍ତୀକରଣ କାମ ଆରମ୍ଭ ହୋଇଥିଲା । ହେଲେ କଚ୍ଛପ ଗତିରେ କାମ ଚାଲିବା ପରେ ଏବେ ବନ୍ଦ ପଡ଼ିଛି। ସହରର ଅନ୍ୟ ଅଞ୍ଚଳରେ ରାସ୍ତା ଦୋହରୀକରଣ କାମ ଚାଲିଥିବା ବେଳେ ଜେଲ୍‌ଛକରୁ ଗୋବିନ୍ଦଟୋଲା ପର୍ଯ୍ୟନ୍ତ ନିର୍ମାଣ କାମ କିନ୍ତୁ ଶେଷ ହେବା ନାଁ ଧରୁନାହିଁ। ଠିକାଦାର କାମ ହେଳା କରୁଥିବା ବେଳେ ବିଭାଗୀୟ ଅଧିକାରୀ ଏଥିପ୍ରତି କୌଣସି ପଦକ୍ଷେପ ନେଉନାହାନ୍ତି।

ଗାନ୍ଧୀ ପାର୍କ ସାମନାରେ ରହିଥିବା ଜବରଦଖଲ ବାହାନା ଦେଖାଇ ଠିକାଦାର କାମ ଅଧାରେ ଅଟକାଇ ଦେଇଥିଲେ। ମହାନଗର ନିଗମ ଜବରଦଖଲ ଉଚ୍ଛେଦ ହଟାଇବା ପରେ କିଛି ଅଂଶ ଡ୍ରେନ ନିର୍ମାଣ କରାଗଲା। ହେଲେ ସେହି ଡ୍ରେନକୁ ମଧ୍ୟ ଅଧାପନ୍ତରିଆ କରି ପକାଇ ଦିଆଯାଇଛି। ଏପରିକି ଡ୍ରେନ ଖୋଳା ସମୟରେ ବାହାର କରାଯାଇଥିବା ମାଟି ସମତୁଲ କରିବାକୁ ୪ମାସ ଲାଗିଲା।


ଗାନ୍ଧୀପାର୍କ ସାମ୍‌ନାରେ ଅଧାପନ୍ତରିଆ ହୋଇ ପଡିରହିଥିବା ରାସ୍ତା ।

**ଜେଲ୍‌ଛକ-ଗୋବିନ୍ଦଟୋଲା ରାସ୍ତା**
**କାମ ଅଗ୍ରଗତିରେ ଜମି ଅଧିଗ୍ରହଣ ସମସ୍ୟା:ଏସ୍‌ଡିଓ**

ଗତ ଜାନୁଆରୀ ୨୩ ବୀର ସୁରେନ୍ଦ୍ର ସାଏ ଜୟନ୍ତୀରେ ଗାନ୍ଧୀପାର୍କରେ କାର୍ଯ୍ୟକ୍ରମ ଥିବାରୁ ତା' ପୂର୍ବ ରାତିରେ ମାଟି ସମତୁଲ କରାଗଲା। ହେଲେ ଯେଉଁଠି ଜମି ଅଧିଗ୍ରହଣ ସମସ୍ୟା ନାହିଁ, ସେହି ରାସ୍ତା ସମ୍ପୂର୍ଣ୍ଣ କରାଯିବା ନେଇ ଜନ ସାଧାରଣ ବାରମ୍ବାର ଦାବି କରି ଆସୁଛନ୍ତି। ହେଲେ ପୂର୍ତ୍ତ ବିଭାଗ ଏଥିପ୍ରତି କର୍ଣ୍ଣପାତ କରୁନାହିଁ। ଗାନ୍ଧୀପାର୍କଠାରୁ ଗୋବିନ୍ଦଟୋଲା ପର୍ଯ୍ୟନ୍ତ ଡିଭାଇଡର/ମେଡିଏନ ନିର୍ମାଣ କରାଯାଇନାହିଁ । ପୁଣି ଚାରଭାଟି ଛକରେ ଗୋଲେଇ ଛକ ମଧ୍ୟ ନିର୍ମାଣ କରାଯାଇନି। ଏବେ ରାସ୍ତା ମଝିରେ ରହିଥିବା ବିଦ୍ୟୁତ୍ ଖୁଣ୍ଟରେ ବିଭିନ୍ନ ବିଜ୍ଞାପନ ଲଗାଇବା ଦ୍ୱାରା ରାସ୍ତା ଆହୁରି ସଂକୀର୍ଣ୍ଣ ହେବାକୁ ବସିଛି। ଏହାକୁ ନେଇ ପୂର୍ତ୍ତ ବିଭାଗ ଏସ୍‌ଡିଓ ବିନିତ ଲାକ୍ରାଙ୍କୁ ପଚାରିବାରୁ ରାସ୍ତାରେ ବିଭିନ୍ନ ସ୍ଥାନରେ ଜମି ଅଧିଗ୍ରହଣ ସମସ୍ୟା ରହିଥିବାରୁ କାମ ବାଧାପ୍ରାପ୍ତ ହୋଇଥିବା କହିଛନ୍ତି । ହେଲେ ଯେଉଁଠି ଜମି ଅଧିଗ୍ରହଣ ଆବଶ୍ୟକତା ନାହିଁ ତାହା କାହିଁକି ଆଗେଇ ପାରୁନାହିଁ ପ୍ରଶ୍ନର ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ।

# ଆନ୍ଦୋଳନ ପାଇଁ ୬୬୨ ବର୍ଗ ମହାବିଦ୍ୟାଳୟ ସଂଘ ପ୍ରସ୍ତୁତ

ସମ୍ବଲପୁର,୧୧।୨(ପ୍ରମୋଦ ବହିଦାର)

ରାଜ୍ୟ ସଂଘ ଆହ୍ୱାନକ୍ରମେ ସମ୍ବଲପୁର ଜିଲା ୬୬୨ବର୍ଗ ମହାବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘ ଆସନ୍ତା ୧୪ରେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ହେବାକୁ ଥିବା ମହାସମାବେଶରେ ଯୋଗଦେବାକୁ ୬୬୨ ମହାବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସାମୂହିକ ଛୁଟିରେ ଯାଇ ଆନ୍ଦୋଳନରେ ସାମିଲ ହେବେ। ବୁଢ଼ାରଜା ରାମକଲି ଦେବୀ ଟ୍ରଷ୍ଟ କାର୍ଯ୍ୟାଳୟରେ ସଂଘର ସମ୍ବଲପୁର ଜିଲା ସଭାପତି ଅଶୋକ କୁମାର ପୁରୋହିତଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ରାଜ୍ୟ ସଭାପତି ଗୋଲକ ନାଏକ, ରାଜ୍ୟ ସମ୍ପାଦକ ସତାଉଦ୍ଦିନ ଅହମଦ ଓ ଗଗନ ବେଉରା ସାମିଲ ହୋଇଥିଲେ। ସଂଘ ପକ୍ଷରୁ ମଙ୍ଗଳବାର ପ୍ରଦତ୍ତ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ, ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱ କାଳ ହେଲା ବିନା କୌଣସି ଚାକିରି ସର୍ତ୍ତରେ ରାଜ୍ୟର ୭୦ଭାଗ ଶିକ୍ଷାର୍ଥୀଙ୍କୁ ୬୬୨ବର୍ଗର ଅଧ୍ୟାପକ ଶିକ୍ଷାଦାନ କରୁଛନ୍ତି। ମାତ୍ର ସରକାର ସେମାନଙ୍କୁ ଅବହେଳା କରୁଛି। ସେମାନଙ୍କ ଚାକିରି ସର୍ତ୍ତାବଳୀ ସହ ପେନସନ, ପଦୋନ୍ନତି ଆଦି ଦାବି ସମ୍ପର୍କରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତେଣୁ ସଂଘ ପକ୍ଷରୁ ନୂତନ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ସେମାନଙ୍କ ସମସ୍ୟା ସମାଧାନ ପାଇଁ ସରକାର କୌଣସି ପଦକ୍ଷେପ କିମ୍ବା ପ୍ରତିଶ୍ରୁତି ନ ଦେଲେ ଆଗାମୀ ଦିନରେ ପରୀକ୍ଷା ବର୍ଜନ, ପରୀକ୍ଷା ଖାତା ମୂଲ୍ୟାଙ୍କନ ବର୍ଜନ ଭଳି ନିଷ୍ପତ୍ତି ନେବାକୁ ବୈଠକରେ ପ୍ରସ୍ତାବ ଆଗତ କରାଯାଇଛି। ପ୍ରସ୍ତାବିତ ଆନ୍ଦୋଳନରେ ସମ୍ବଲପୁର ଜିଲାର ୨୬ମହାବିଦ୍ୟାଳୟରୁ ୩ ଶହ ଅଧ୍ୟାପିକା,ଅଧ୍ୟାପକ ଓ କର୍ମଚାରୀ ସମୂହ ଛୁଟି ନେଇ ଆନ୍ଦୋଳନରେ ଯୋଗଦେବେ ବୋଲି ସଭାପତି ପୁରୋହିତ ଓ ଜିଲା ଆବାହକ ବିଶ୍ୱପତି ବେହେରା ସୂଚନା ଦେଇଛନ୍ତି। ପ୍ରସ୍ତୁତି ବୈଠକରେ ଦେବେନ୍ଦ୍ର ମିଶ୍ର, ସୁଧୀର କୁମାର ସାହୁ, ମମତା ବିଶ୍ୱାଳ, ନାରାୟଣ ପ୍ରଧାନ, ରାଜେଶ ଦାଶ, କୃଷ୍ଣଚନ୍ଦ୍ର ପୂଜାରୀ, ସରୋଜ ଦାଶ, ଅରୁଣ କୁମାର ପଟେଲଙ୍କ ସହ ବିଭିନ୍ନ ମହାବିଦ୍ୟାଳୟ ଅଧ୍ୟକ୍ଷ ଓ କର୍ମଚାରୀ ଯୋଗ ଦେଇଥିଲେ।

### ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନକୁ ସିଏସ୍‌ଆର୍ ବିକଶିତ ଓଡ଼ିଶା ସମ୍ମାନ

ସମ୍ବଲପୁର,୧୧।୨(ବି.ଶଙ୍କର)

ସମ୍ବଲପୁର ଓ ଝାରସୁଗୁଡା ଜିଲାରେ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ସିଏସଆର ଜରିଆରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜାରି ରଖିଛି । ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ନିରନ୍ତର ପ୍ରୟାସର ଗୁରୁତ୍ୱପୂର୍ଣ୍ଣ ସ୍ୱକୃତୀ ସ୍ୱରୂପ ଫାଉଣ୍ଡେଶନ ସମ୍ମାନୀତ ହୋଇଛି। ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ୧୫ତମ ସିଏସଆର ସମ୍ମିଳନୀରେ ଜେଏସଡବ୍ଲୁ ଫାଉଣ୍ଡେଶନକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସିଏସଆର ବିକଶିତ ଓଡ଼ିଶା ପୁରସ୍କାର ଓଡ଼ିଶାର ଆର୍ଥିକ, ସାମାଜିକ ଏବଂ ପରିବେଶଗତ ବିକାଶରେ ଅସାଧାରଣ ଅବଦାନ ପ୍ରଦର୍ଶନ କରିଥିବା ସଙ୍ଗଠନଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିଥାଏ। ଜେଏସଡବ୍ଲ୍ୟୁ ଫାଉଣ୍ଡେଶନର ସିଏସଆର ପଦକ୍ଷେପଗୁଡ଼ିକ ସ୍ୱାସ୍ଥ୍ୟସେବା, ଶିକ୍ଷା, ଭିତ୍ତିଭୂମି, ମହିଳା ସଶକ୍ତିକରଣ ଏବଂ ସମାଜ କଲ୍ୟାଣରେ ସ୍ଥାୟୀ ବିକାଶ କାର୍ଯ୍ୟକ୍ରମ କରୁଛି । ଜେଏସଡବ୍ଲ୍ୟୁ ଉଡାନ ଛାତ୍ରବୃତ୍ତି, ମଡେଲ ଅଙ୍ଗନୱାଡି କେନ୍ଦ୍ର ଏବଂ ମୋସ୍କୁଲ ଅଭିଯାନ ଅନ୍ତର୍ଭୁକ୍ତ ରହିଛି। ଏଥିସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ, ମୋବାଇଲ ମେଡିକାଲ ୟୁନିଟ, କମ୍ୟୁନିଟି ଡିସପେନସାରି ଏବଂ ହସ୍ପିଟାଲରେ ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା ସହିତ ନିକ୍ଷୟ ମିତ୍ର ପ୍ରୟାସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ କରୁଛି।

# ଆଇନ ସଚେତନତା କାର୍ଯ୍ୟକ୍ରମ



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା କଳାକାରଙ୍କୁ ପୁରସ୍କୃତ କରାଯାଉଛି।

ସମ୍ବଲପୁର,୧୧।୨(ପ୍ରମୋଦ ବହିଦାର)

ଆଇନ୍ ସଚେତନତା ଅଭିଯାନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଲୋକେ ଆଇନ୍ ସେବାରେ ରହିଥିବା ସେମାନଙ୍କ ଅଧିକାର ଓ ସୁବିଧା ସମ୍ପର୍କରେ ଅବଗତ ହୋଇ ପାରିବେ। ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ। ଜିଲା ସାମାଜିକ କଲ୍ୟାଣ ଅଧିକାରୀ ରେଣୁବାଳା ନନ୍ଦଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ, ଜିଲାପରିଷଦ ଉନ୍ନୟନ ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରକାଶ ଜେମ୍ସ ଟୋପୋ, ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୌମ୍ୟା ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ଭୋଇ ଲୋକଙ୍କ ସହାୟତା ପାଇଁ ଉଦ୍ଦିଷ୍ଟ ଆଇନ୍ ସେବା ସମ୍ପର୍କରେ ସବୁ ବର୍ଗର ଲୋକଙ୍କୁ ଅବଗତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ସୌମ୍ୟା ପ୍ରଧାନ ସାଧାରଣ ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ ରହିଥିବା ନିଶୁଳ୍କ ଆଇନ୍ ସେବା ଜନିତ ରହିଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଅବଗତ କରିଥିଲେ। ଶେଷରେ କୁନି କଳାକାରଙ୍କ ଦ୍ୱାରା ଏକ ସଚେତନତା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରରିବେଷଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଭୋଇ ସେମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଆଇନ୍ ସେବା ସଚେତନତାକୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଥିଲା। କର୍ମଶାଳାରେ ଯୋଗଦେଇଥିବା ଅଙ୍ଗନବାଡ଼ି କର୍ମୀମାନଙ୍କୁ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନଗତ ସହାୟତା, ଲିଙ୍ଗଗତ ବୈଷମ୍ୟ ଦୂର ତଥା ନ୍ୟାୟଗତ ସୁବିଧା ଯୋଗାଇବା ପାଇଁ ତାଲିମ ଦିଆଯାଇଥିଲା। ଆଇନଜୀବୀ ପୁଷ୍ପା ମହାପାତ୍ର ଓ ଅଙ୍କିତା ଗୁରୁ ତାଲିମ ଦେଇଥିଲେ। ସେହିପରି ଆଇନ ସେବା ସଚେତନତା ପାଇଁ ଏକ ଦସ୍ତଖତ ଅଭିଯାନ ଆୟୋଜିତ ହୋଇଥିଲା।

### ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ

ଜମନକିରା,୧୧।୨(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ୫୩ନଂ. ରାଜ୍ୟ ରାଜପଥର ବଡକୁଣ୍ଢେଇସରା ନିକଟରେ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଦେବଗଡ ଜିଲା ବାରକୋଟ ଥାନା ସଇଡ଼ା ପଞ୍ଚାୟତ ଜାଲିସୁଆଁ ଗାଁର ତନ୍ମୟ କୁମାର ନାଏକ (୨୬)। ବାଇକରେ ବସିଥିବା ଆରୋହୀ ଲିଙ୍ଗରାଜ ଖୁଣ୍ଟିଆ(୨୫)ଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କୁ ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ପଦ୍ମାଳୟା ସାହୁ କହିଛନ୍ତି। ଏନେଇ ଜମନକିରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରାଯାଇନାହିଁ। ପୋଲିସ ସୂଚନା ଅନୁଯାୟୀ, ସକାଳ ପ୍ରାୟ ସାଢ଼େ ୭ ଟାରେ ତନ୍ମୟ ଓ ତାଙ୍କ ସାଙ୍ଗ ଲିଙ୍ଗରାଜ ନିଜ ଘର ଜାଲିସୁଆଁରୁ ଏକ ବାଇକରେ ସମ୍ବଲପୁର ଅଭିମୁଖେ ଯାଉଥିଲେ। ସମ୍ବଲପୁର ଜିଲା ବଡକୁଣ୍ଢେଇସରା ରାସ୍ତାରେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ଚାଳକ ତନ୍ମୟଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଓ ଅଗ୍ନିଶମ ବିଭାଗ ଅଧିକାରୀ ଲିଙ୍ଗରାଜଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ।

# ମାତ୍ରାଧିକ ଯନ୍ତ୍ରପାତି ବ୍ୟବହାର ଅନୁଚିତ


ସୁରକ୍ଷିତ ଇଣ୍ଟରନେଟ ଦିବସ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଓ ଛାତ୍ରୀମାନେ ।

ସମ୍ବଲପୁର,୧୧।୨(ବି.ଶଙ୍କର)

**ଜିଲା ପ୍ରଶାସନ ଆୟୋଜିତ ସୁରକ୍ଷିତ ଇଣ୍ଟରନେଟ୍ ଦିବସ**

ସମ୍ବଲପୁର ଜିଲା ପ୍ରଶାସନ ଆୟୋଜନରେ ସୁରକ୍ଷିତ ଇଣ୍ଟରନେଟ ଦିବସ ମଙ୍ଗଳବାର ସରକାରୀ ମହିଳା ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଚେତନତା ଓ ଆଲୋଚନାଚକ୍ରରେ ଡେପୁଟି କଲେକ୍ଟର ସଞ୍ଜୀବ ମେହେର, ଜିଲା ସୂଚନା, ପ୍ରଯୁକ୍ତିବିଦ୍ୟା, ସୂଚନା କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ରାଜା ରାମମୋହନ ମାଝି, ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ, ଜିଲା ସଂଯୋଜକ ଏସ୍‌ଆରଏମ୍‌ଏସ ସୁପ୍ରଭା ଓଝା ଯୋଗଦେଇ ଆଲୋଚନା କରିଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୁଗରେ ମାତ୍ରାଧିକ ଯନ୍ତ୍ରପାତି ବ୍ୟବହାର କରିବା ଅନୁଚିତ। କିନ୍ତୁ ଆବଶ୍ୟକତା ଅନୁଯାଇ ଯତ୍ନର ସହ ଇଣ୍ଟରନେଟ, ମୋବାଇଲ, କମ୍ପ୍ୟୁଟର ପ୍ରଭୃତି ବ୍ୟବହାର କରିବା ପାଇଁ ପିଲାଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀମାନଙ୍କୁ ମୋବାଇଲ, ସୋସିଆଲ ମିଡ଼ିଆ, ଅନଲାଇନ ସର୍ଫିଂ, ଡିଜିଟାଲ ଠକାମି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଅତିଥିମାନେ ବୁଝାଇଥିଲେ। ସେହିପରି ସୁରକ୍ଷିତ ଇଣ୍ଟେରନେଟର ବ୍ୟବହାର, ବିଭିନ୍ନ ଅନଲାଇନ ଠକାମୀ, ସାଇବର ଠକାମୀର ହେଲ୍ପଲାଇନ ବିଷୟରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଅନଲାଇନ୍ ସୁରକ୍ଷା, ଗୋପନୀୟତା ଏବଂ ସାଇବର ବିପଦ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଦାୟିତ୍ୱପୂର୍ଣ୍ଣ ଡିଜିଟାଲ ଆଚରଣକୁ ଉତ୍ସାହିତ କରିବା ପାଇଁ ସାରା ଭାରତରେ ୧୧ ଫେବୃଆରୀ ୨୦୨୫ରେ ସୁରକ୍ଷିତ ଇଣ୍ଟରନେଟ୍ ଦିବସ ପାଳନ କରାଯାଉଛି। ଏହିକ୍ରମରେ ସମ୍ବଲପୁର ସଂକାରୀ ମହିଳା ମହାବିଦ୍ୟାଳୟରେ ମଧ୍ୟ କାର୍ଯ୍ୟକ୍ରମ ହୋଇଥିଲା।

# ପ୍ରମାଣପତ୍ର ମାଗିବା ବିସ୍ଥାପିତଙ୍କ ପ୍ରତି ପ୍ରତାରଣା

ସମ୍ବଲପୁର,୧୧।୨(ଭବାନୀ ଶଙ୍କର ଭୋଇ)

ହୀରାକୁଦ ବିସ୍ଥାପିତ ପରିବାରଙ୍କୁ ଦିଆଯାଇଥିବା ଜମିର ପଟ୍ଟା ପ୍ରଦାନ ନେଇ ମଙ୍ଗଳବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ହୀରାକୁଦ ବୁଡିଅଞ୍ଚଳ ସଂଗ୍ରାମ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇଥିଲା। ପ୍ରଶାସନ ବାସଚ୍ୟୁତ ପରିବାରକୁ ଦଶ ଡିସିମିଲ ଲେଖାଏ ଘର ଡିହ ଜମି ପଟ୍ଟା ପ୍ରଦାନ, ବକେୟା କ୍ଷତିପୂରଣ, ଚାଷଜମିର ରୟତ ପଟ୍ଟା ପ୍ରଦାନ ପାଇଁ ବିସ୍ଥାପିତ ପ୍ରମାଣ ପତ୍ର ମାଗିବା ବିସ୍ଥାପିତଙ୍କ ପ୍ରତି ତାଚ୍ଛଲ୍ୟ ବୋଲି ସମିତି ଅଭିଯୋଗ କରିଛି। ସରକାରଙ୍କ ପାଖରେ ଯଦି ପ୍ରଣାମ ନାହିଁ ତେବେ ବିସ୍ଥାପିତ ପ୍ରଣାମ ପତ୍ର କେଉଁଠୁ ପାଇବ ବୋଲି ସମିତି ପ୍ରଶ୍ନ କରିଛି। ଏହା ବଦଳରେ ବିସ୍ଥାପିତ ଗାଁକୁ ଯାଇ ପ୍ରଶାସନ ତଦନ୍ତ କରୁ ବୋଲି ସମିତି ଦାବି କରିଛି । ୨୦୦୨ ମସିହାଠାରୁ ଆଜି ପର୍ଯ୍ୟନ୍ତ ଘୋଷଣା ସତ୍ତ୍ୱେ ବହୁ ବିସ୍ଥାପିତ ପରିବାରଙ୍କୁ ଦଶ ଡିସିମିଲ ଲେଖାଏ ଘର ଡିହ ଜମି ପଟ୍ଟା ପ୍ରଦାନ କରାଯାଇନାହିଁ। ଅବିଭକ୍ତ ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାର ବିଭିନ୍ନ ତହସିଲରେ ୧୬ ହଜାର ୯୩୪ଟି ଘରଡିହ ପଟ୍ଟା ଆବେଦନ ପଡ଼ି ରହିଛି । ଝାରସୁଗୁଡ଼ା ଜିଲାରେ ୮ ହଜାର ୬୬୫, ସମ୍ବଲପୁର ଜିଲାରେ ମୋଟ ୧୬୧୯ ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇନାହିଁ। ତେବେ ସୁନ୍ଦରଗଡ଼ ଜିଲାରେ ୩୧୦୦ରୁ ଊର୍ଦ୍ଧ୍ୱ ଦରଖାସ୍ତ ମଧ୍ୟରୁ କାହାରିକୁ ମଧ୍ୟ ପଟ୍ଟା ପ୍ରଦାନ କରାଯାଇନାହିଁ। ଗତବର୍ଷ ଲଖନପୁର ତହସିଲର ୧୯ ଟି ଓ ରେଙ୍ଗାଲି ତହସିଲର ୪ଟି ଅଣ ରାଜସ୍ୱ ଗ୍ରାମରେ ବଣ୍ଟନ ହୋଇଥିବା ଜମିର ପଟ୍ଟାର ନେଟରେ ରେକର୍ଡ଼ ସଂଶୋଧନ କରାଯାଇନାହିଁ। ଯାହାଦ୍ୱାରା ବିସ୍ଥାପିତ ପରିବାର ହଇରାଣ ହେଉଛନ୍ତି। ପୁଣି ଅଙ୍କୁଲି, ରମ୍ଭାଲୁଗା ଓ ଝାରୁପଡ଼ା ଅଣରାଜସ୍ୱ ଗ୍ରାମକୁ ସର୍ଭେ ଓ ବନ୍ଦୋବସ୍ତ ପ୍ରକ୍ରିୟା ଆରମ୍ଭ କରାଯାଇନାହିଁ। ୨୦୧୪ ମସିହାରେ ଅଣରାଜସ୍ୱ ଅଡାପରା ଗ୍ରାମର ଜମିର ସର୍ଭେ ଓ ବନ୍ଦୋବସ୍ତ କରାଯାଇଥିଲା। ତେବେ ୨୦୧୬ ରେ ସମ୍ପୃକ୍ତ ଜମିକୁ ସରକାରୀ ଖାତାକୁ ଚାଲି ଯିବାଦ୍ୱାରା ଜିଲାପାଳ ଜମି ବଣ୍ଟନ କରି ପାରୁନାହାନ୍ତି। ତେଣୁ ଜିଲାପାଳଙ୍କୁ ଜମି ବଣ୍ଟନ କ୍ଷମତା ପ୍ରଦାନ କରାଯିବା ପାଇଁ ସମିତି ଦାବି କରିଛି। ଏହା ବାହାରେ ୩୨୦ ଝାଙ୍କର, ଚୌକିଦାର, ନରିହା ପରିବାରଙ୍କୁ ତାଙ୍କର ବକେୟା କ୍ଷତିପୂରଣ ଅଦ୍ୟାବଧି ପ୍ରଦାନ କରାଯାଇ ନ ଥିବାରୁ ସେମାନଙ୍କୁ ମଧ୍ୟ ଜମି ପଟା ପ୍ରଦାନ କରାଯିବାକୁ ସମିତି ଦାବି କରିଛି। ଖବରଦାତା ସମ୍ମଳନୀରେ ସମିତିର ସାଧାରଣ ସମ୍ପାଦକ ଗୋପୀନାଥ ମାଝୀ, ସଂଯୋଜକ ଦୟାସାଗର ବଡାଇ, ସହ ସମ୍ପାଦକ ସୁରେନ୍ଦ୍ର ବଘାର ଉପସ୍ଥିତ ରହିଥିଲେ।


ଖବରଦାତା ସମ୍ମିଳନୀରେ ହୀରାକୁଦ ବୁଡିଅଞ୍ଚଳ ସଂଗ୍ରାମ ସମିତି କର୍ମକର୍ତ୍ତା।

**ଖବରଦାତା ସମ୍ମିଳନୀରେ ବୁଡି ଅଞ୍ଚଳ ସଂଗ୍ରାମ ସମିତିର ଅଭିଯୋଗ**

# ଉଦ୍ୟମ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ

କୁଚିଣ୍ଡା,୧୧।୨(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା କଲେଜର ୫୯ତମ ବାର୍ଷିକ ଉତ୍ସବ ମଙ୍ଗଳବାର ସନ୍ଧ୍ୟା ସାଢେ ସାଢେ ୫ଟାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟବକ୍ତା, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଲେଜ ପରିଚାଳନା ସମିତି ସଭାପତି ତଥା କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

ମୁଖ୍ୟଅତିଥି ମନ୍ତ୍ରୀ ନାଏକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଗୁଣାତ୍ମକ ଶିକ୍ଷା ନାମରେ ଆଜିର ଯୁବସମାଜ ପଥ ଭ୍ରଷ୍ଟ ହୋଇ ମାଟିର ସଂସ୍କୃତି ଓ ପରମ୍ପରାକୁ ଭୁଲିଯାଉଛନ୍ତି। ସୁସ୍ଥ ସମାଜ ଗଠନ ପାଇଁ ଅର୍ଥ ନୁହେଁ ଉଦ୍ୟମର ଆବଶ୍ୟକତା ଅଛି। ତେଣୁ ଉଦ୍ୟମ ହିଁ ସଫଳତାର ଶୀର୍ଷକୁ ପହଞ୍ଚାଇଥାଏ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ପ୍ରଫେସର ମିଶ୍ର କହିଥିଲେ, ଦେଶ ଗଠନ ପାଇଁ ଶିକ୍ଷାସହ ସ୍ୱାସ୍ଥ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷାଦାନ ପ୍ରଣାଳୀ ଉପରେ ଜଣେ ବ୍ୟକ୍ତିର ଭବିଷ୍ୟତ ଗଠନ ହୋଇଥାଏ। ତେଣୁ ଛାତ୍ରୀଛାତ୍ର ଶୋଇକି ସ୍ୱପ୍ନ ନଦେଖି ବଡ ମଣିଷ ହେବା ପାଇଁ ସ୍ୱପ୍ନ ଦେଖିବାକୁ ଆହ୍ୱାନ ଦେଇଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କ ଅଭିଭାଷଣରେ ନୂତନ ଶିକ୍ଷାନୀତିର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। କୁଚିଣ୍ଡା ହେଉଛି ଶିକ୍ଷାର ଏକ ପ୍ରାଣକେନ୍ଦ୍ର। ତେଣୁ ରାଜ୍ୟ ସରକାର କଲେଜ ଷ୍ଟାଡିୟମ ସହ ହଷ୍ଟେଲ ବ୍ୟବସ୍ଥାକୁ ପ୍ରାଥମିକତା ଦେଉଥିବା କହିଥିଲେ। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଉଦାହରଣ ଦେଇ ସେ କହିଥିଲେ ଯେ, ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ଛାତ୍ରୀଛାତ୍ରମାନେ ତମାମ ବିଧିବ୍ୟବସ୍ଥାକୁ ହୃଦୟଙ୍ଗମ କରି କଲେଜ ଶିକ୍ଷାକୁ ସଫଳତାର ଶୀର୍ଷରେ ପହଞ୍ଚାନ୍ତୁ। ଛାତ୍ର ସଂସଦ ଉପସଭାପତି ତଥା ଅଧ୍ୟାପିକା ସୁଭଦ୍ରା ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପିକା ସଞ୍ଜୁଶ୍ରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ କାହ୍ନୁଚରଣ ମୁନ୍ନା ଓ ଅଧ୍ୟାପିକା ଜାଗୃତି ବାଗ ସଭାପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପ୍ରତିନିଧି ରୂପାଲି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ରୋଷନ କୁଲୁ, ଟିକେଶ୍ୱର ଘୁଘର, ଦିବ୍ୟ ନାଗ, ସାର୍ଥକ ମିଶ୍ର, ଜୟନ୍ତି ସିଂ, ଜିତେନ୍ଦ୍ର ଦଣ୍ଡିଆ, ବିଜୟ କଉଡି ସହଯୋଗ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅପରାହ୍ନ ୩ଟାରେ କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ମ୍ୟୁଜିକ ସୋସାଇଟି ପକ୍ଷରୁ ଏକ ବାର୍ଷିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଙ୍ଗୀତ ସାଧକ ତଥା ରଚୟିତା କାଞ୍ଚନ ଜୟପୁରିଆ ମୁଖ୍ୟଅତିଥିଭାବେ ଯୋଗଦେଇ ସଙ୍ଗୀତ ସାଧନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।ସଙ୍ଗୀତ ସୋସାଇଟି ଉପସଭାପତି ମଞ୍ଜୁଶ୍ରୀ ଦାସ ଏହାକୁ ପରିଚାଳନା କରିଥିଲେ।


ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ମନ୍ତ୍ରୀ ରବିନାରାୟଣ ନାଏକ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**କୁଚିଣ୍ଡା କଲେଜ ୫୯ତମ ବାର୍ଷିକ ଉତ୍ସବ**

## ଅନୁଗୋଳ ଜିଲା ଭାଜପା ସଭାପତି ଦୌଡ଼

# ଚର୍ଚ୍ଚାରେ ନୃସିଂହ, ଚୌଧୁରୀ, ଯଯାତି

**■ମହିଳା କୋଟା ହେଲେ ପ୍ରାଧାନ୍ୟ ପାଇପାରନ୍ତି ପ୍ରତିମା**

ଅନୁଗୋଳ,୧୧।୨(ମାନସ ବିଶ୍ୱାଳ)

ରାଜ୍ୟରେ ଭାରତୀୟ ଜନତା ପାର୍ଟି (ଭାଜପା) ସରକାର ଗଠନ କରିବା ପରେ ବିଭିନ୍ନ ପଦପଦବୀରେ ରହିବା ପାଇଁ ଛାମୁଆ ନେତାଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ବିଶେଷକରି ଜିଲା ସଭାପତି ହେବାକୁ ଅନେକ ନେତା ଆଗ୍ରହ ପ୍ରକାଶ କରୁଛନ୍ତି। ୩୭ ସାଙ୍ଗଠନିକ ଜିଲା ମଧ୍ୟରୁ ଇତିମଧ୍ୟରେ ୨୩ଟିର ସଭାପତି ପଦ ଘୋଷଣା ହୋଇସାରିଛି। ଅନୁଗୋଳ ସମେତ ଆଉ କେତେକର ପଦବୀ ଖାଲିପଡ଼ିଛି। ଅନୁଗୋଳରେ ଦଳର ମଙ୍ଗ କିଏ ଧରିବେ ସେ ନେଇ ନାନା ଚର୍ଚ୍ଚା ଆରମ୍ଭ ହୋଇଛି। ଅନୁଗୋଳ ଜିଲା ଚଳିତଥର ନୂଆ ସଭାପତି ଦେଖିବ ବୋଲି କୁହାଯାଉଛି। କାରଣ ବର୍ତ୍ତମାନର ଜିଲା ସଭାପତି ଦିଲେଶ୍ୱର ପ୍ରଧାନ ୨ ଥର ଜିଲାର ମଙ୍ଗ ଧରିସାରିଥିବାରୁ ଦଳୀୟ ନିୟମ ଅନୁଯାୟୀ ତାଙ୍କ ନାମ ଏହି ତାଲିକାରୁ ବାଦ୍ ପଡ଼ିପାରେ।

ଅନୁଗୋଳ ଜିଲା ଭାଜପାର ୩୧ ମଣ୍ଡଳ ସଭାପତି ଓ ଜିଲା ପ୍ରତିନିଧିଙ୍କ ମଧ୍ୟରୁ ୨୮ଟି ମଣ୍ଡଳରେ ସଭାପତି ଓ ପ୍ରତିନିଧିଙ୍କ ନାମ ଇତିମଧ୍ୟରେ ଘୋଷଣା ହୋଇସାରିଛି। ସେମାନଙ୍କୁ ନେଇ ଜିଲା ସଭାପତି ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଥିଲେ ମଧ୍ୟ କୌଣସି କାରଣରୁ ଏହା ସ୍ଥଗିତ ରହିଛି। ତେବେ ଜିଲା ସଭାପତି ନିର୍ବାଚନ ହେଲେ ଦଳ କାହା ନାମକୁ ଅଧିକ ଗୁରୁତ୍ୱ ଦେବ, ସେ ନେଇ ବିଭିନ୍ନ ପ୍ରକାର ଆଲୋଚନା ଜାରି ରହିଛି। ଦଳର ବରିଷ୍ଠ ନେତା ନୃସିଂହ ବରାଳ, ଚୌଧୁରୀ ପ୍ରଧାନ, ଯଯାତି ପଟ୍ଟନାୟକ, ଦିଲୀପ କୁମାର ପ୍ରଧାନ, ପ୍ରତିମା ମିଶ୍ର ଏ ନେଇ ଆବେଦନପତ୍ର ଦାଖଲ କରିଛନ୍ତି। ପାଲଲହଡ଼ା ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା ବରାଳ ବର୍ତ୍ତମାନ ଜିଲା ଉପସଭାପତି ଅଛନ୍ତି। ସେ ମଧ୍ୟ ଦଳୀୟ ମହଲରେ ପରିଚିତ ମୁହଁ। ତେଣୁ ଜିଲା ସଭାପତି ପଦ ପାଇଁ ସେ ଦାବିଦାର ଥିବା ତାଙ୍କ ସମର୍ଥକମାନେ ଦାବି କରୁଛନ୍ତି। ସେହିପରି ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା ଚୌଧୁରୀ ପ୍ରଧାନ ଜିଲା ଉପସଭାପତି ଥିବାବେଳେ ସେ ତୃଣମୂଳସ୍ତରରେ ବେଶ୍ ଜଣାଶୁଣା। ୨୦୨୪ ଲୋକ ସଭା ନିର୍ବାଚନରେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ଭାଜପାକୁ ଶକ୍ତିଶାଳୀ କରିବାରେ ସେ ସକ୍ରିୟ ଭୂମିକା ନିର୍ବାହ କରିଥିଲେ। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ସେ ଏକାନ୍ତ ଅନୁଗତ। ସେହିପରି ଦଳର ଅନୁଗୋଳ ବିଧାନସଭା ନିର୍ବଚନମଣ୍ଡଳୀ ପ୍ରଭାରୀ ତଥା ତାଳଚେର ଅଞ୍ଚଳର ବରିଷ୍ଠ ନେତା ଯଯାତି ପଟ୍ଟନାୟକ ଦୀର୍ଘଦିନ ହେଲା ଦଳର ଜଣେ ଛାମୁଆ ସଦସ୍ୟ ଭାବେ କାମ କରି ଆସୁଛନ୍ତି। ସେଥିପାଇଁ ସଭାପତି ପଦ ପାଇଁ ସେ ମଧ୍ୟ ଦାବିଦାର ବୋଲି ତାଙ୍କ ସମର୍ଥକମାନେ କୁହାକୁହି ହେଉଛନ୍ତି। ସେପଟେ ଦଳ ମହିଳା କାର୍ଡ ଖେଳିଲେ ପ୍ରତିମା ମିଶ୍ରଙ୍କ ନାମ ପ୍ରାଧାନ୍ୟ ପାଇପାରେ ବୋଲି କର୍ମୀମାନେ ଆଲୋଚନା କରୁଛନ୍ତି। ଜିଲା ସଭାପତି ମନୋନୟନରେ ଦଳୀୟ ଏମ୍‌ପି, ବିଧାୟକ ଓ ପ୍ରଭାରୀଙ୍କ ପ୍ରମୁଖ ଭୂମିକା ରହିଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚୟନର ମୁଖ୍ୟ ଆଧାର ହେବେ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।



ଆପ୍‌ର ଜାତୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ସହ ଏକ ବୈଠକରେ ଯୋଗଦେଇ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବତ ମାନ୍ ଓ ଦଳୀୟ ବିଧାୟକମାନେ ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ କପୁରତାଲା ହାଉସ୍‌ରୁ ଫେରୁଛନ୍ତି।

# ଓସିଏ କର୍ମକର୍ତ୍ତା ବାରବାଟୀକୁ ପୈତୃକ ସମ୍ପତ୍ତି ଭାବନ୍ତୁ ନାହିଁ : ପ୍ରକାଶ

**କହିଲେ, ନ୍ୟାୟ ନ ମିଳିଲେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ**

କଟକ,୧୧।୨(ଶିଳ୍ପା ପ୍ରିୟଦର୍ଶିନୀ)



ପ୍ରକାଶ ବେହେରା

କଟକ ବାରବାଟୀ ଷ୍ଟାଡିୟମରେ ରବିବାର ଇଣ୍ଡିଆ-ଇଂଲଣ୍ଡ ଦିବାରାତ୍ର ଦିନିକିଆ କ୍ରିକେଟ୍ ମ୍ୟାଚ୍ ଚାଲିଥିବା ସମୟରେ ଫ୍ଲଡ୍ ଲାଇଟ୍ ଲିଭିଯିବା ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ପୂର୍ବତନ ବିଧାୟକ ପ୍ରକାଶ ବେହେରା। କଟକ ପାଲାମଣ୍ଡପସ୍ଥିତ ଏକ ହୋଟେଲରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କହିଛନ୍ତି, କଟକରେ ଟିକେଟ ବିକ୍ରି ଓ ମ୍ୟାଚ୍ ସମୟରେ ଯେଉଁଭଳି ଅବ୍ୟବସ୍ଥା ଦେଖାଦେଲା ତାହା ସମ୍ପୂର୍ଣ୍ଣ ନିନ୍ଦନୀୟ। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କଟକ ସମେତ ଓଡ଼ିଶାକୁ ବିଶ୍ୱରେ ବଦ୍‌ନାମ କରିଛି। ଏଭଳି କ୍ଷେତ୍ରରେ ଆଗାମୀ ଦିନରେ ବାରବାଟୀକୁ ଆଉ ମ୍ୟାଚ୍ ମିଳିବ କି ନାହିଁ, ତାହା ଆଶଙ୍କା ସୃଷ୍ଟି କରିଛି । ପୂର୍ବରୁ ବାରବାଟୀରେ ମ୍ୟାଚ୍ ସମୟରେ ଅଧିକ ସଂଖ୍ୟକ ପାସ୍ ବ୍ୟବସ୍ଥା କରାଯାଇ ନ ଥିଲା। ହେଲେ ଚଳିତଥର ମ୍ୟାଚ୍‌ରେ ପ୍ରାୟ ୨୬ ହଜାର ପାସ୍ ବ୍ୟବସ୍ଥା କରାଯାଇଛି। ଏତେ ସଂଖ୍ୟକ ପାସ୍ କୁଆଡେ ଗଲା ତାହାକୁ ନେଇ ଏବେ ବଡ଼ ପ୍ରଶ୍ନ ଉଠିଛି। ସେହିପରି ସରକାରଙ୍କ ବିରୋଧରେ ଆସିଥିବା ଅଭିଯୋଗ ଏବଂ ମନ୍ତ୍ରୀ ନେଇଥିବା ବହୁ ସଂଖ୍ୟକ ପାସ୍ ବିଷୟରେ ସରକାର ତୁରନ୍ତ ସ୍ପଷ୍ଟୀକରଣ ରଖନ୍ତୁ। ଓସିଏ କର୍ମକର୍ତ୍ତା କେତେଜଣ ନିର୍ଦ୍ଦିଷ୍ଟ ଲୋକଙ୍କ ମୁଣ୍ଡରେ ଅଠା ବୋଲି ନିଜ ଦୋଷ ଲୁଚେଇବାକୁ ଯାଇ ସବୁ ପାସ୍ ଦିଆଯାଇଥିବା କହି ଚୁପ୍ ବସିଛନ୍ତି। ଟିକେଟ କଳାବଜାର ପଛରେ ଓସିଏର କେତେଜଣଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି ବୋଲି ପ୍ରକାଶ ଅଭିଯୋଗ କରିଛନ୍ତି। ଓସିଏକୁ ଯୁଦ୍ଧକାଳୀନ ଭିତ୍ତିରେ ରାଜ୍ୟ ସରକାର ଓ ବିସିସିଆଇ ଭାଙ୍ଗନ୍ତୁ। ସବୁ ବ୍ୟବସ୍ଥା ସତ୍ତ୍ୱେ ଏଭଳି ଘଟଣା କାହିଁକି ଘଟିଲା ସେ ଦିଗରେ ସରକାର ଉଚ୍ଚସ୍ତରୀୟ ତଦନ୍ତ କରନ୍ତୁ ଓ ଭୁଲ କରିଥିବା ବ୍ୟକ୍ତିଙ୍କୁ ଦଣ୍ଡ ଦିଅନ୍ତୁ। ଯଦି ସରକାରୀସ୍ତରରେ ଏ ଦିଗରେ କୌଣସି ନ୍ୟାୟ ନ ମିଳେ ତେବେ ବାଧ୍ୟ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କହିଛନ୍ତି। ସେ ପୁଣି କହିଛନ୍ତି. ଓସିଏ କର୍ମକର୍ତ୍ତା ବାରବାଟୀକୁ ନିଜ ପୈତୃକ ସମ୍ପତ୍ତି ବୋଲି ନ ଭାବନ୍ତୁ। ବାରବାଟୀ ସାଧାରଣ ଲୋକଙ୍କର ଏବଂ ସେମାନଙ୍କ ଅଧିକାର କେହି ଛଡ଼ାଇ ପାରିବେ ନାହିଁ ବୋଲି ପ୍ରକାଶ କହିଛନ୍ତି। ଅଭିଯୋଗ ସମ୍ପର୍କରେ ଓସିଏ ସମ୍ପାଦକ ସଞ୍ଜୟ ବେହେରାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## କୋଟିଆ ମହିଳାଙ୍କୁ ଅଣଦେଖା କରାଯାଉଛି : କାଡ଼ାମ

ଭୁବନେଶ୍ୱର,୧୧।୨(ଅନୁରାଧା ମହାରଣା)

ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆରମ୍ଭ ହୋଇଥିବା 'ସୁଭଦ୍ରା' ଯୋଜନାର ଚତୁର୍ଥ ପର୍ଯ୍ୟାୟ ପ୍ରଥମ କିସ୍ତି ଟଙ୍କା ହିତାଧିକାରୀ ପାଇଛନ୍ତି। ମାତ୍ର କୋଟିଆ ଅଞ୍ଚଳର କୌଣସି ମହିଳା ସୁଭଦ୍ରା ଯୋଜନାର ଲାଭ ପାଇ ନ ଥିବା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ ଅଭିଯୋଗ ଆଣିଛନ୍ତି। ଏମାନେ କ'ଣ ଓଡ଼ିଶାର ଲୋକ ନୁହନ୍ତି ବୋଲି କାଡାମ୍ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଆମେ ଆଜି ଅସୁରକ୍ଷିତ ମନେ କରୁଛୁ। ରାଜ୍ୟସରକାର ଲୋକଙ୍କୁ ବାହାର ରାଜ୍ୟକୁ ଯିବା ପାଇଁ ବାଧ୍ୟ କରୁଛନ୍ତି। ରାଜ୍ୟ ସରକାରଙ୍କ ଯୋଜନା ରାଜ୍ୟବାସୀ ନ ପାଇଲେ ବାହାର ରାଜ୍ୟକୁ ଚାଲିଯିବେ ବୋଲି କାଡାମ୍ କହିଛନ୍ତି। 'ସୁଭଦ୍ରା'ଠାରୁ ଭତ୍ତା ଟଙ୍କା ଯାଏ କୋଟିଆ ଲୋକେ କିଛି ପାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ହୋଇଥିଲେ ମଧ୍ୟ ଆଦିବାସୀମାନେ ରାଜ୍ୟରେ ଅବହେଳିତ ବୋଲି କାଡ଼ାମ କହିଛନ୍ତି।

# ସରକାରୀ କଲେଜ ସ୍ୱୀକୃତି ନାଁରେ ଛାତ୍ରଙ୍କୁ ଢାଲ କରୁଛନ୍ତି ଦୀପାଳି: ଟଙ୍କଧର

ଝାରସୁଗୁଡ଼ା,୧୧।୨
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଛାତ୍ର ସାମ୍ମୁଖ୍ୟ ଜିଲାର ଏଲ୍‌ଏନ୍ କଲେଜ (ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ), ମହିଳା କଲେଜ, ୧୯ ଖଣ୍ଡ ମୌଜାରେ ଏକ ସରକାରୀ କଲେଜ ଆଦି ଦାବି ନେଇ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲା। ଏଥିରେ ପୂର୍ବତନ ବିଧାୟକ ଦୀପାଳି ଦାସ ଯୋଗଦେଇ ଭାଜପା ସରକାରକୁ ତୀବ୍ର ସମାଲୋଚନା କରିବା ସହିତ ତାଙ୍କ ପିତା ନବ ଦାସ ଏଲ୍‌ଏନ୍ କଲେଜକୁ ୫ ଏକର ଜମି ଦେବାରେ ବହୁତ ସହାୟତା କରିଛନ୍ତି ବୋଲି କହିଥିଲେ।

ଅନ୍ୟପକ୍ଷରେ ଝାରସୁଗୁଡ଼ା ଜିଲାର କଲେଜଗୁଡ଼ିକୁ ସରକାରୀ ସ୍ୱୀକୃତି ଦେବା ନାଁରେ ପୂର୍ବତନ ବିଧାୟିକା ଦୀପାଳି ଦାସ ଛାତ୍ରମାନଙ୍କୁ ଢାଲ କରୁଛନ୍ତି ବୋଲି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଭାଜପା ଜିଲା କାର୍ଯ୍ୟାଳୟଠାରେ ଏକ କାର୍ଯ୍ୟକ୍ରମରେ କହିଛନ୍ତି। ସେ କହିଛନ୍ତି ଯେ, ବିଜେଡି ଦୀର୍ଘ ୨୪ ବର୍ଷ ଶାସନରେ ଏଲ୍‌ଏନ୍ କଲେଜକୁ ସରକାରୀ କରି ପାରିଲା ନାହିଁ। ନବ ଦାସ, କିଶୋର ମହାନ୍ତିଙ୍କ ପରି ନେତା ଥାଇ ଝାରସୁଗୁଡ଼ା ଜିଲାର କଲେଜ ପାଇଁ କିଛି କରି ପାରିଲେ ନାହିଁ। ଦୀପାଳି ରାଜତନ୍ତ୍ରରେ ବିଶ୍ୱାସ କରୁଥିବା ଜଣେ ନେତ୍ରୀ । ସେ ଓ ତାଙ୍କ ପରିବାର ଝାରସୁଗୁଡ଼ାରେ ଆଶ୍ ବେପାର କରିବା ଲାଗି ରାଜନୀତି କରିଆସୁଛନ୍ତି ବୋଲି ଟଙ୍କଧର ଅଭିଯୋଗ କରିଛନ୍ତି। ଏପରି କି ସେ ସ୍ପେନ୍ ଭ୍ରମଣରୁ ଫେରି ଝାରସୁଗୁଡ଼ା ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଦୀପାଳି କେବେ ମଧ୍ୟ ଲୋକଙ୍କ ଜନମତକୁ ସ୍ୱୀକାର କରନ୍ତି ନାହିଁ ବୋଲି ଟଙ୍କଧର କହିଛନ୍ତି। ଝାରସୁଗୁଡ଼ାର ଏଲ୍‌ଏନ୍ କଲେଜକୁ ସରକାରୀ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଟିମ୍ ଆସି ସବୁ ପ୍ରକ୍ରିୟା ସାରି ଯାଇଛନ୍ତି। ଏଲ୍‌ଏନ୍ କଲେଜ ଅଧକ୍ଷ ତଥା କମିଟିକୁ ସବୁ ଜଣାଅଛି। ଏପରି କି ଝାରସୁଗୁଡ଼ା ମହିଳା କଲେଜକୁ ମଧ୍ୟ ୩ ଏକର ଜମି ଦେବା ପାଇଁ ସରକାର ସବୁ କାର୍ଯ୍ୟ ସାରିଲେଣି। ଏହା ସହିତ ୧୯ ଖଣ୍ଡ ମୌଜାରେ ମଧ୍ୟ ଏକ ସରକାରୀ କଲେଜ ଶୀଘ୍ର ହେବାର ଅଛି ବୋଲି ବିଧାୟକ କହିଛନ୍ତି। ଆଗାମୀ ଦିନରେ ଝାରସୁଗୁଡ଼ା ଜିଲାରେ ଏଲ୍‌ଏନ୍ କଲେଜ, ମହିଳା କଲେଜ ସହିତ ଆହୁରି ଅନେକ ଶିକ୍ଷାନୁଷ୍ଠାନର ସରକାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଜିଲାର ଢୁଲଢୁଲି ଉତ୍ସବରେ ଘୋଷଣା କରି ସାରିଛନ୍ତି ବୋଲି ସେ କହିଛନ୍ତି। ଛାତ୍ର ସାମ୍ମୁଖ୍ୟ କାହାରି ରାଜନୈତିକ ପ୍ରରୋଚନାରେ ନ ପଡ଼ି ରାଜ୍ୟ ସରକାର ଉପରେ ଭରସା ରଖନ୍ତୁ ବୋଲି ବିଧାୟକ କହିଛନ୍ତି।

## BUSINESS

# ନିବେଶକ ହରାଇଲେ ୧୦ ଲକ୍ଷ କୋଟି

ମୁମ୍ବାଇ,୧୧।୨



ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂରାଜନୈତିକ ଘଟଣାବଳୀର ପ୍ରଭାବ ସିଧା ଭାରତୀୟ ପୁଞ୍ଜିବଜାର ଏବଂ ଷ୍ଟକ୍ ମାର୍କେଟ କାରବାର ଉପରେ ପଡୁଛି। ଏପରିକି ଘରୋଇ ଶେୟାର ବଜାରର ନିବେଶକ ପ୍ରତିଦିନ ବହୁ ଲକ୍ଷ କୋଟି ଟଙ୍କାର ନିବେଶ ହରାଉଛନ୍ତି। ଗୋଟିଏ ପଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ନୀତି ଓ ନିଷ୍ପତ୍ତି ବୈଶ୍ୱିକ ବଜାରରେ ପ୍ରଭାବ ପକାଉଥିବାବେଳେ ବିଦେଶୀ ନିବେଶକମାନେ ଘରୋଇ ପୁଞ୍ଜିବଜାରରୁ ନିବେଶ ପ୍ରତ୍ୟାହର କରିବା ଏବଂ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଷ୍ଟକ୍ ବଜାରର କାରବାର ବିଶେଷ ଭାବେ ପ୍ରଭାବିତ ହେଉଛି ବୋଲି ବଜାର ବିଶେଷଜ୍ଞମାନେ ଆଶପ୍ରକଟ କରିଛନ୍ତି।

ସେହିଭଳି ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର କାରବାର କ୍ରମାଗତ ଭାବେ ହ୍ରାସ ଘଟୁଛି। ଫଳରେ ନିବେଶକ ନିରାଶ ଓ ଆଶଙ୍କ ମଧ୍ୟରେ ନିବେଶ କରୁଛନ୍ତି।

ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସର ଫଳାଫଳ ଶେଷ ସୁଦ୍ଧା ପୁଞ୍ଜିବଜାରର ନିବେଶକମାନେ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ଏପରିକି ପୂର୍ବ କାର୍ଯ୍ୟଦିବସର ଫଳାଫଳ ଶେଷ ସୁଦ୍ଧା ବଜାର ପୁଞ୍ଜି ୪୧୮ ଲକ୍ଷ କୋଟି ଥିଲା। ମଙ୍ଗଳବାରର ବଜାର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୧୦ (୯.୮୭ ଲକ୍ଷ କୋଟି) ଲକ୍ଷ କୋଟି କମି ୪୦୮ ( ୪୦୭.୯୫ ଲକ୍ଷ କୋଟି ) ଲକ୍ଷ କୋଟିରେ ପହଞ୍ଚିଛି।

ସେହିପରି ମଙ୍ଗଳବାର ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସର କାରବାର ୧.୩୨% ହ୍ରାସ ଘଟି ୭୬,୨୯୩.୬୦ ଅଙ୍କରେ ରହିଥିଲାବେଳେ ଏନ୍‌ଏସ୍‌ଇ ନିଫ୍ଟିର କାରବାର ୧.୩୨% କମି ୨୩,୦୭୧.୮୦ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଏପରିକି ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପରେ ୩.୪୫% ଏବଂ ସ୍ମଲକ୍ୟାପରେ ୩% କାରବାର ହ୍ରାସ ଘଟିଛି। ଅପରପକ୍ଷରେ ନିଫ୍ଟି ମିଡକ୍ୟାପର କାରବାର ୩.୦୨% କମି ୫୦,୮୮୭.୯୫ ଅଙ୍କରେ ଏବଂ ସ୍ମଲକ୍ୟାପରେ ୩.୫୦% ହ୍ରାସ ଘଟି ୭୭୪୬.୨୦ ଅଙ୍କରେ ରହିଛି। ନିଫ୍ଟି ବ୍ୟାଙ୍କର କାରବାରରେ ୫୭୭.୬୦ ପଏଣ୍ଟ ହ୍ରାସ ଘଟି ୪୯,୪୦୩.୪୦ ଅଙ୍କରେ କାରବାର ବନ୍ଦ ହୋଇଛି।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ପଞ୍ଚମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୧୮ (୧୦୧୮.୨୦) ପଏଣ୍ଟ କମି ୭୬,୨୯୪ (୭୬,୨୯୩.୬୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୧୦(୩୦୯.୮୦) ପଏଣ୍ଟ ହ୍ରାସ ଘଟି ୨୩,୦୭୨(୨୩,୦୭୧.୮୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

## ଏଲ୍‌ଆଇସିର ତ୍ରୈମାସିକ ଫଳାଫଳ

ମୁମ୍ବାଇ,୧୧।୨



ସିଦ୍ଧାର୍ଥ ମହାନ୍ତି

ଲାଇଫ ଇନସ୍ୟୁରାନ୍ସ କର୍ପୋରେଶନ ଅଫ ଇଣ୍ଡିଆ ବା ଏଲଆଇସିର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏଲଆଇସିର କାରବାର ଓ ଆଗାମୀ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା ହୋଇଥିଲା। ଏପରିକି ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଫଳାଫଳକୁ ମଧ୍ୟ ଏହି ଅବସରରେ ଘୋଷଣା କରାଯାଇଥିଲା। ସେହିଭଳି ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୯ମ ବା ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ଏଲଆଇସିର ଟିକସ ପରବର୍ତ୍ତୀ ଲାଭ ୨୯,୧୩୮ କୋଟି ହୋଇଛି। ଏପରିକି ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଏଲଆଇସିର ଏହି ରାଶି ୨୬,୯୧୩ କୋଟି ଥିଲା। ଗତ ବର୍ଷର ଆର୍ଥିକ ଫଳାଫଳ ତୁଳନାରେ ଚଳିତ ଆର୍ଥିକ ବର୍ଷର କାରବାର ୮.୨୭% ବୃଦ୍ଧି ଘଟିଛି। ସେହିଭଳି ଏଲଆଇସିର ମୋଟ ପ୍ରିମିୟମ ଆୟ ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ୩,୪୦,୫୬୩ କୋଟି ହୋଇଥିଲାବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଏଲଆଇସିର ପ୍ରିମିୟମ ଆୟ ୩,୨୨,୭୭୬ କୋଟି ଥିଲା। ଗତ ଆର୍ଥିକ ବର୍ଷ ପ୍ରିମିୟମ ଆୟ ତୁଳନାରେ ଚଳିତ ଆର୍ଥିକ ବର୍ଷର ପ୍ରିମିୟମ ଆୟ ୫.୫୧% ବୃଦ୍ଧି ହୋଇଛି।ଏଲଆଇସିର ଏମଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି କହିଥିଲେ, ଆମେ ଆମର ତ୍ରୈମାସିକ ଫଳାଫଳ ଏବଂ ୨୦୨୪ ବର୍ଷର ପ୍ରଥମ ୯ମାସ ଆର୍ଥିକ ଫଳାଫଳକୁ ଆନୁଷ୍ଠାନିକ ଭାବେ ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ।

## ନାଲ୍‌କୋର ସର୍ବକାଳୀନ ଆୟ ରେକର୍ଡ



ବ୍ରିଜେନ୍ଦ୍ର ପ୍ରତାପ ସିଂହ

ଭୁବନେଶ୍ୱର,୧୧।୨ (ଅଭୟ ଦାଶ)

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ ବା ନାଲ୍‌କୋର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନାଲକୋର କାରବାର ଓ ଆଗାମୀ କାର୍ଯ୍ୟକଳାପ ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏପରିକି ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଥିଲା। ୨୦୨୪ ଅକ୍ଟୋବରରୁ ଡିସେମ୍ବର ଶେଷ ସୁଦ୍ଧା ବା ତୃତୀୟ ତ୍ରୈମାସରେ ନାଲକୋର ନିଟ ଲାଭ ୧,୫୮୩ କୋଟି ଟଙ୍କା ହୋଇଥିବା ବେଳେ ବିଗତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ଏହି ପରିମାଣ ୪୮୮ କୋଟି ଟଙ୍କା ଥିଲା। ଉଲ୍ଲେଖଯୋଗ୍ୟ, ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଶେଷ ସୁଦ୍ଧା ଅଥବା ଏହି ଆର୍ଥିକ ବର୍ଷର ପ୍ରଥମ ୯ ମାସର କାରବାରରୁ ନାଲକୋ ସର୍ବକାଳୀନ ସର୍ବାଧିକ ଆୟ ଓ ଲାଭ ଅର୍ଜନର ରେକର୍ଡ ହାସଲ କରିଛି। ଏ ସମ୍ପର୍କରେ ନାଲକୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି, କାର୍ଯ୍ୟ ପ୍ରଣାଳୀରେ ଉନ୍ନତି, ଖର୍ଚ୍ଚ ହ୍ରାସ ଏବଂ ଉତ୍ପାଦର ଗୁଣବତ୍ତା ବୃଦ୍ଧି କମ୍ପାନୀର ସଫଳତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ତୃତୀୟ ତ୍ରୈମାସିକ ଫଳାଫଳ ମୁଖ୍ୟତଃ କଞ୍ଚାମାଲର ମୂଲ୍ୟ ହ୍ରାସ, ଆଲୁମିନା ଏବଂ ଧାତୁ ବିକ୍ରିରେ ଅଭିବୃଦ୍ଧି ଓ କ୍ୟାପ୍ଟିଭ କୋଇଲା ଖଣିର ଉପଯୋଗ ଯୋଗୁ ସମ୍ଭବ ହୋଇଛି।

## ମହାକୁମ୍ଭରେ ବୁଡ଼ ପକାଇଲେ ଅମ୍ବାନୀ ପରିବାରର ୪ ପିଢ଼ି

ମୁମ୍ବାଇ,୧୧।୨ (ଅଭୟ ଦାଶ)

ଦୀର୍ଘ ବର୍ଷ ପରେ ଉତ୍ତରପ୍ରଦେଶର ପ୍ରୟାଗରାଜରେ 'ମହାକୁମ୍ଭ' (କୁମ୍ଭ ମେଳା) ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ ଅମ୍ବାନୀ ପରିବାରର ୪ ପିଢ଼ି ତ୍ରିବେଣୀ ସଙ୍ଗମରେ ପବିତ୍ର ବୁଡ଼ ପକାଇଛନ୍ତି। ଏହି ଅବସରରେ ମୁକେଶ ଅମ୍ବାନୀ, ତାଙ୍କ ମାଆ, ପୁଅ ଏବଂ ନାତିନାତୁଣୀମାନେ ମଙ୍ଗଳବାର ବୁଡ଼ ପକାଇଛନ୍ତି।

ମୁକେଶ ଅମ୍ବାନୀଙ୍କ ସହ ମାଆ କୋକିଲାବେନ୍, ପୁଅ ଆକାଶ,ଅନନ୍ତ, ବୋହୂଶ୍ଲୋକା, ରାଧିକା ଏବଂ ନାତିନାତୁଣୀ ପୃଥ୍ୱୀ, ବେଦଙ୍କ ସମେତ ମୁକେଶଙ୍କ ଭଉଣୀ ଦୀପ୍ତି ସାଲଗାଓକର ଏବଂ ନୀନା କୋଠାରୀ ଏକାଠି ସ୍ନାନ କରିଥିଲେ।

ଏପରିକି ଅମ୍ବାନୀଙ୍କ ଶାଶୁ ପୁନମବେନ୍ ଦଲାଲ ଏବଂ ଭଉଣୀ ମମତାବେନ୍ ଦଲାଲ ମଧ୍ୟ ସାମିଲଥିଲେ।

ଗଙ୍ଗା, ଯମୁନା ଏବଂ ସରସ୍ୱତୀର ପବିତ୍ର ଜଳର ସଙ୍ଗମସ୍ଥଳରେ ଏକ ଆଧାତ୍ମିକ ତୀର୍ଥଯାତ୍ରାରେ ଅମ୍ବାନୀ ପରିବାରର ଚାରି ପିଢ଼ି ବହୁ ଲକ୍ଷ ଲୋକଙ୍କ ସହିତ ଯୋଗଦେଇ ସ୍ନାନ କରିଥିଲେ।

ସେହିଭଳି ନିରଞ୍ଜନୀ ଆଖଡ଼ାର ସ୍ୱାମୀ କୈଳାସାନନ୍ଦ ଗିରି ଗଙ୍ଗାପୂଜା କରିଥିଲେ। ଏହା ପରେ ଅମ୍ବାନୀ ପରମାର୍ଥ ନିକେତନ ଆଶ୍ରମର ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କୁ ଭେଟିଥିଲେ। ପରିଶେଷରେ ଆଶ୍ରମର ଅନ୍ତେବାସୀଙ୍କୁ ଅମ୍ବାନୀ ପରିବାର ମିଠା ଏବଂ ଲାଇଫ୍ ଜ୍ୟାକେଟ୍ ବଣ୍ଟନ କରିଥିଲେ।



ତ୍ରିବେଣୀ ସଙ୍ଗମରେ ଅମ୍ବାନୀ ପରିବାରର ଚାରି ପିଢ଼ି ବୁଡ଼ ପକାଉଛନ୍ତି। ଏହି ଅବସରରେ ମୁକେଶ ଅମ୍ବାନୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଅକ୍ଷୟ ଶକ୍ତିରେ ନିବେଶକରିବ ଏଚ୍‌ଆଇଏଫ୍

ଭୁବନେଶ୍ୱର,୧୧।୨
(ଅନୁରାଧା ମହାରଣା)

ଓଡ଼ିଶାର ଅକ୍ଷୟ ଶକ୍ତିରେ ନିବେଶ ପାଇଁ ଚିଲିର ଏଚ୍‌ଆଇଏଫ୍ ଗ୍ଲୋବାଲ ଇଣ୍ଡିଆ ଆଗ୍ରହ ପ୍ରକାଶ କରିଛନ୍ତି। ମଙ୍ଗଳବାର ସମ୍ମିଳନୀ କକ୍ଷରେ ଇ-ଫୁଏଲ ଉତ୍ପାଦନ ନେଇ ଏକ ଉପସ୍ଥାପନା ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଉପସ୍ଥିତିରେ ପ୍ରଦର୍ଶନ କରିଛନ୍ତି। ବର୍ତ୍ତମାନ ସମୟରେ ବାୟୋଫୁଏଲର ବହୁତ ଚାହିଦା ରହିଛି। ପରିବେଶ ସୁରକ୍ଷା ସହ ଜୈବମଣ୍ଡଳର ସନ୍ତୁଳନ ରକ୍ଷା ନିମନ୍ତେ ଇ-ଫୁଏଲ ର ଆବଶ୍ୟକତା ରହିଛି। ଏଚ୍‌ଆଇଏଫ୍ ଗ୍ଲୋବାଲ ଇଣ୍ଡିଆ କମ୍ପାନୀ ସମ୍ପ୍ରତି ଯୁକ୍ତରାଷ୍ଟ୍ର ଆମେରିକା, ଚିଲି, ଉରୁଗୁଏ, ଅଷ୍ଟ୍ରେଲିଆ ପ୍ରଭୃତି ଦେଶରେ ମିଥାନଲ ସିନ୍ଥେସିସ କ୍ଷେତ୍ରରେ କାର୍ଯ୍ୟ କରୁଛି। ଓଡ଼ିଶା ମଧ୍ୟ ଏହିଭଳି ଏକ ୧ ବିଲିୟନ ଆମେରିକୀୟ ଡଲାରର ମିଥାନଲ ସିନ୍ଥେସିସ୍ ପ୍ରକଳ୍ପ ଆରମ୍ଭ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଆବଶ୍ୟକ ଅନୁଯାୟୀ ୫୦ ଏକର ଜମି, ଜଳଯୋଗାଣ ଓ ବିଦ୍ୟୁତ୍ ଯୋଗାଣ ଭଳି ଆନୁଷଙ୍ଗିକ ସୁବିଧା ଯୋଗାଇଦେବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଓଡ଼ିଶା ବର୍ତ୍ତମାନ ନିବେଶ ପାଇଁ ଶତପ୍ରତିଶତ ଅନୁକୂଳ। ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ଆମେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ପ୍ରସ୍ତୁତ ଅଛୁ। ଆମର ନିବେଶ ଅନୁକୂଳ ସିଙ୍ଗଲ୍ ୱିଣ୍ଡୋ ଅନୁମୋଦନ ବ୍ୟବସ୍ଥା ଅଛି। ଏହାର ବ୍ୟବହାର ମଧ୍ୟ କମ୍ପାନୀ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରାରମ୍ଭିକ କ୍ଷେତ୍ରରେ ୨୫୦ରୁ ଊର୍ଦ୍ଧ୍ୱ ଲୋକ ଓ ପରବର୍ତ୍ତୀ ସମୟରେ ୫୦୦ରୁ ଊର୍ଦ୍ଧ୍ୱ ଲୋକ ରୋଜଗାର ପାଇବେ ବୋଲି ଆକଳନ କରାଯାଇଛି ଏବଂ ବାର୍ଷିକ ୩,୫୦,୦୦୦ ଟନର ଇ-ମିଥାନଲ ଉତ୍ପାଦନ ହେବ। ୯୫ ପ୍ରତିଶତ କାର୍ବନ ନିର୍ଗମନ ହ୍ରାସ ପାଇବ। ଏହି ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ଇପିକଲ ଏମ୍‌ଡି ଭୂପିନ୍ଦର ସିଂ ପୁନିଆ, ଟାଟା ପାୱାର ଓ ଶକ୍ତି ବିଭାଗ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

**ଅହମଦାବାଦ,୧୧।୨(ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଏଠାରେ ବୁଧବାର ଖେଳାଯିବ। ଏଥିରେ ବିଜୟ ହାସଲ ସହ ୩ମ୍ୟାଚ ବିଶିଷ୍ଟ ସିରିଜରେ କ୍ଲିନ୍ ସୁଇପ୍ ହାସଲ କରିବା ଘରୋଇ ଦଳର ଲକ୍ଷ୍ୟ ରହିବ। ଏହି ମ୍ୟାଚ ସହିତ ଚାମ୍ପିୟନ୍ସ ଟ୍ରଫି ପାଇଁ ଦୁଇଦେଶର ପ୍ରସ୍ତୁତି ପର୍ବ ଶେଷ ହେବ। ଇଂଲଣ୍ଡ ଏହି ମ୍ୟାଚ ଜିତି ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ଏହାର ମନୋବଳ ବୃଦ୍ଧି

## ଆଜି ତୃତୀୟ ଦିନିକିଆ

କରିବାକୁ ଚେଷ୍ଟା କରିବ। ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ବ୍ୟାଟ ବର୍ତ୍ତମାନ ନୀରବ ରହିଛି। ଟୁର୍ନାମେଣ୍ଟ ପୂର୍ବରୁ ଦେଶର ଖେଳପ୍ରେମୀମାନେ ଏହି ମ୍ୟାଚରେ ତାଙ୍କରଠାରୁ ଏକ ବଡ଼ ସ୍କୋର ଆଶା କରୁଛନ୍ତି। ପ୍ରଥମ ଦୁଇଟି ମ୍ୟାଚ ସମାନ ୪ ଉଇକେଟରେ ବିଜୟ ଲାଭ କରି ଭାରତ ୨-୦ରେ ଅଗ୍ରଣୀ ରହିଛି। ରୋହିତ ଶର୍ମାଙ୍କ ଦଳ ବୁଧବାର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ବିଜୟ ହାସଲ କରିବାକୁ ଆପ୍ରାଣ ଚେଷ୍ଟା କରିବ, କାରଣ ଏହି ଷ୍ଟାଡିୟମରେ ସେମାନେ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲରେ ପରାସ୍ତ ହୋଇଥିଲେ। ବିଶ୍ୱର ଶ୍ରେଷ୍ଠ ୮ଟି ଦଳକୁ ନେଇ ଚାମ୍ପିୟନ୍ସ ଟ୍ରଫି କରାଚୀଠାରେ ଫେବୃଆରୀ ୧୯ରେ ଆରମ୍ଭ ହେବ। ହାଇବ୍ରିଡ୍ ମଡେଲ ଅନୁସାରେ ଭାରତ ଏହାର ପରଦିନ ଦୁବାଇଠାରେ ବାଂଲାଦେଶ ବିପକ୍ଷରେ ଖେଳି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ଗତ ମ୍ୟାଚରେ ରୋହିତ ଫର୍ମକୁ ଫେରିଥିବାରୁ ଭାରତ ଅନେକ ପରିମାଣରେ ଆଶ୍ୱସ୍ତ ହୋଇଛି। ଦୀର୍ଘଦିନ ହେଲା ସେ ଭଲ ସ୍କୋର କରିପାରୁ ନ ଥିଲେ, ଯାହାକି ଦଳ ପାଇଁ ଚିନ୍ତାର କାରଣ ଥିଲା। ଅନ୍ୟପକ୍ଷରେ କୋହଲି ସମ୍ପୂର୍ଣ୍ଣ ବ୍ୟାଟିଂ ଟଚ୍‌ରେ ନାହାନ୍ତି ବୋଲି କହିହେବନି। ସେ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରୁନାହାନ୍ତି। ବଡ଼ ସ୍କୋର ପାଇଁ ସେ କ୍ରିଜ୍‌ରେ ଅଧିକ ସମୟ ରହିବା ଜରୁରୀ। ଯଦି ସେ କ୍ଲିକ୍ କରନ୍ତି ତେବେ କୋହଲିଙ୍କ ପାଇଁ ଆଉ ଏକ ରେକର୍ଡର ସୁଯୋଗ ରହିଛି। ଖେଳର ଇତିହାସରେ ତୃତୀୟ ବ୍ୟାଟର ଭାବେ ୧୪,୦୦୦ ରନ ପୂରଣ କରିବା ଲାଗି ସେ ଆଉ ମାତ୍ର ୮୯ରନ ପଛରେ ରହିଛନ୍ତି। ଭାରତ ଏହି ସିରିଜରେ ଏହାର ପ୍ରତିଭା ଖେଳାଳିଙ୍କର ଠିକଣା ଉପଯୋଗ କରିଛି। ସେଭଳି କୌଣସି ତ୍ରୁଟି କରିଥିବା ଭଳି ମନେ ହେଉନାହିଁ। କହିବାକୁ ଗଲେ ଘାତକ ସ୍ପିନ ବୋଲିଂ କରିପାରୁଥିବା ବରୁଣ ଚକ୍ରବର୍ତ୍ତୀ ଚାମ୍ପିୟନ୍ସ ଟ୍ରଫି ପାଇଁ ଅତିରିକ୍ତ ଅସ୍ତ୍ର ହୋଇ ଉଭା ହୋଇଛନ୍ତି। ଦୀର୍ଘଦିନ ଧରି ଆଘାତଜନିତ ସମସ୍ୟାରେ ରହିଥିବା ମହମ୍ମଦ ଶାମି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଚାମ୍ପିୟନ୍ସ ଟ୍ରଫି ପାଇଁ ଭାରତର ପ୍ରମୁଖ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଉପଲବ୍ଧ ହୋଇପାରିବେ କି ନା ସେ ନେଇ ସନ୍ଦେହ ରହିଛି। ଟୁର୍ନାମେଣ୍ଟ ପାଇଁ ଚୂଡ଼ାନ୍ତ ଖେଳାଳି ତାଲିକା ପ୍ରକାଶ କରିବାର ଶେଷ ଦିନ ବୁଧବାର ରହିଛି। ବୁମ୍‌ରାଙ୍କୁ ତୃତୀୟ ଦିନିକିଆରେ ଖେଳାଇବା ଯୋଜନା ରହିଛି। ତେଣୁ ବୁମ୍‌ରା ଚାମ୍ପିୟନ୍ସ ଟ୍ରଫି ଖେଳିବେ କି ନା ତାହା ବୁଧବାର ସ୍ପଷ୍ଟ ହୋଇଯିବ। ମଙ୍ଗଳବାର ଉଭୟ ଭାରତ ଓ ଇଂଲଣ୍ଡ ଦଳ ଅଭ୍ୟାସ ନ କରି ବିଶ୍ରାମ ନେବାକୁ ପସନ୍ଦ କରିଛନ୍ତି।



ଦୁଇ ଦଳର ଅଧିନାୟକ ରୋହିତ ଶର୍ମା ଓ ଜୋସ୍ ବଟଲର।

## ପ୍ରଥମଶ୍ରେଣୀ କ୍ରିକେଟରୁ ଶେଲଡନଙ୍କ ଅବସର

**ନୂଆଦିଲ୍ଲୀ,୧୧।୨(ପି.ଟି.)**

ସୌରାଷ୍ଟ୍ର ବ୍ୟାଟର ଶେଲଡନ ଜ୍ୟାକ୍‌ସନ ମଙ୍ଗଳବାର ପ୍ରଫେସନାଲ କ୍ରିକେଟରୁ ଅବସର ନେଇଛନ୍ତି। ଫଳରେ ତାଙ୍କ ୧୫ ବର୍ଷ କ୍ୟାରିୟରର ଅନ୍ତ ଘଟିଛି। ଏଠାରେ ରଣଜୀ ଟ୍ରଫି କ୍ୱାର୍ଟରଫାଇନାଲରେ ଗୁଜରାଟର ପରାଜୟ ତାଙ୍କର ଶେଷ ମ୍ୟାଚ ଥିଲା। ୩୮ ବର୍ଷୀୟ ଜ୍ୟାକସନ ୧୦୫ ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୭୨୦୦ ରନ ସଂଗ୍ରହ କରିଛନ୍ତି। ତାଙ୍କର ସର୍ବୋଚ୍ଚ ସ୍କୋର ୧୮୬ ରହିଥିବା ବେଳେ ସେ ୨୧ ଶତକ ଏବଂ ୩୯ ଅର୍ଦ୍ଧଶତକ ହାସଲ କରିପାରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ସେ ସ୍ଥିର ପ୍ରଦର୍ଶନ କରିଆସୁଥିଲେ। ୪୫ରୁ ଅଧିକ ଆଭରେଜ ସହ ତାଙ୍କ କ୍ୟାରିୟରର ଅବସାନ ଘଟିଛି। ସେ ତାଙ୍କ ଶେଷ ମ୍ୟାଚର ଦୁଇଟି ଇନିଂସରେ ୧୪ ଓ ୨୭ ସ୍କୋର କରିଥିଲେ, ଯେଉଁ ମ୍ୟାଚରେ କି ଗୁଜରାଟ ଏକ ଇନିଂସ ଓ ୯୮ ରନରେ ବିଜୟ ଲାଭ କରିଥିଲା। ୨୦୧୧ ଡିସେମ୍ବରରେ ସୌରାଷ୍ଟ୍ର ପାଇଁ ପଦାର୍ପଣ କରିଥିବା ଜ୍ୟାକ୍‌ସନ ଏକଦା ଆଇପିଏଲ୍ ଦଳ କୋଲକାତା ନାଇଟ ରାଇଡର୍ସର ଅଂଶବିଶେଷ ଥିଲେ।


ଶେଲଡନ ଜ୍ୟାକ୍‌ସନ

## ଦକ୍ଷିଣ ଆଫ୍ରିକା ଦଳରେ ଯୋଗ ଦେଲେ କ୍ଲାସେନ, ମହାରାଜ

**କରାଚୀ, ୧୧।୨ (ପି.ଟି.)**

ଚଳିତ ତ୍ରିରାଷ୍ଟ୍ରୀୟ ସିରିଜରେ ବୁଧବାର ଏଠାରେ ଖେଳାଯିବାକୁଥିବା ପାକିସ୍ତାନ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ପାଇଁ ହେନରିଚ କ୍ଲାସେନ, କେଶବ ମହାରାଜ, କୋର୍ବିନ ବୋସକ ଓ ଟୋନି ଡି' ଜୋର୍ଜି କରାଚୀରେ ପହଞ୍ଚିଛନ୍ତି। ଏହି ଖେଳାଳିମାନେ ନିକଟରେ ଶେଷ ହୋଇଥିବା ଦକ୍ଷିଣ ଆଫ୍ରିକା ଟି୨୦ ଲିଗ୍‌ରେ ଖେଳୁଥିଲେ। ତ୍ରିରାଷ୍ଟ୍ରୀୟ ସିରିଜରେ ଦକ୍ଷିଣ ଆଫ୍ରିକା ଏହାର ପୂର୍ବ ମ୍ୟାଚରେ ନ୍ୟୁଜିଲାଣ୍ଡ ନିକଟରୁ ହାରିଯାଇଛି। ଏହି ଖେଳାଳିମାନଙ୍କ ଆଗମନ ଦ୍ୱାରା ଦଳର ଶକ୍ତି ବୃଦ୍ଧି ପାଇଛି। ଏହି ୪ଜଣ ଖେଳାଳି ମଧ୍ୟ ଦକ୍ଷିଣ ଆଫ୍ରିକା ଚାମ୍ପିୟନ୍ସ ଟ୍ରଫି ଦଳର ସଦସ୍ୟ ରହିଛନ୍ତି।


କିଟ୍‌ରେ ଆୟୋଜିତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ କ୍ରିକେଟ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଅବସରରେ ଖେଳାଳିମାନେ।

## କିଟ୍‌ରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ କ୍ରିକେଟ ଚାମ୍ପିୟନଶିପ୍ ଆରମ୍ଭ

**ଭୁବନେଶ୍ୱର, ୧୧।୨ (ବିଜୟରଣା):** ବହୁ ପ୍ରତିକ୍ଷୀତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ କ୍ରିକେଟ ଚାମ୍ପିୟନଶିପ୍ ୨୦୨୪-୨୫ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ ଅଧୀନରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ୨୨ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ବଡ଼ ଇଭେଣ୍ଟରେ ୭୨ଟି ବିଶ୍ୱବିଦ୍ୟାଳୟର ୧,୬୦୦ ଖେଳାଳି ଓ ଅଫିସିଆଲ ଅଂଶଗ୍ରହଣ କରିଛନ୍ତି। ଏଥିରେ ଓଡ଼ିଶାର ୧୨ଟି ବିଶ୍ୱବିଦ୍ୟାଳୟ ଭାଗ ନେଉଛନ୍ତି। କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଟୁର୍ନାମେଣ୍ଟର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।


# Classified Everyday
**0674-2580101, 9692975378**




**GROOM WANTED**

Beautiful Brahmin Girl 1998, 5'4", M.A. (English) BE.d.- "Sunasansar". 9937512659. D-76237




**SALE**

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

Indivisual Re-Sale Plot sale Sundarpada, Hi-Tech Plaza @ 1400/- Nakhara- 1700/. 9776866520. D-76235




Positively Health benefited spa by expert female therapist, Bapujinagar. 8018429809. D-76194

Positively Health benefited spa by expert female therapist, Nayapalli. 7846814019. D-76195




**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2630




For Rent/Lease: Commercial space at Keshura, Puri Bypass Road, ideal for Office, Bank or Showroom. Ground Floor: 3000sqft, 1st & 2nd Floor: 4800sqft each. Contact: 9437468247/ 9437035347. D-2839

For Rent/Lease: Commercial space at Palasuni, behind Bhubaneswar Water Works, 6000sqft Godown & 1500sqft Office. Contact: 9437468247/ 9437035347. D-2838

**2Acre (87000 sqft) NH facing plot near Chandanpur, Puri for any commercial purposes Rent/Lease. 9438400633** D-76236

**ACCOMMODATION**

Free Accommodation for Senior Citizens, Mentally ill person & Drug addicted Person with all facilities. Contact: 9337160036, 7325991853, 9439928693. D-2819

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar on dated 11.02.2025, I, Arati Jena, Address- Mareigaon, P.S.- Nandipara, Dist.- Keonjhar- 758083, Odisha have changed my name from KANAKLATA MOHANTY to ARATI JENA. Henceforth, I shall be known as Arati Jena for all purposes.
ARATI JENA D-2882

By virtue of an affidavit sworn before Executive Magistrate, Bhubaneswar, dtd.30.01.2025, I, Ganesh Chandra Patra, Address: At- Sobara, P.O.-Ostapal, P.S.-Tamaka, Dist.- Jajapur, Odisha-755019 declare that I have changed my son's name from Subham Patra to Subham Kumar Patra. Henceforth, he shall be known as Subham Kumar Patra for all purposes.
(Subham Kumar Patra) D-2888

By this affidavit CF No.- 357, dt.11.02.2025 before the Executive Magistrate, Sambalpur, I, Pooja Kanwar, W/o- Prakash Kanwar, R/o. At- Larpank, P.O.- Remed, P.S.- Hirakud, Dist.- Sambalpur- 768016, Odisha declare that after marriage I have changed my surname from Pooja Mahanand to Pooja Kanwar. Henceforth, I shall be known as Pooja Kanwar for all future purposes. D-2887

It is hereby certified that I Riyaan Nayan Choudhary, S/o- Devavrat Devesh shall henceforth be called by the name Ridhaan Nayan Choudhary, S/o- Devavrat Devesh and not by the name Riyaan Nayan Choudhary. I have executed an affidavit before the Executive Magistrate, Bhubaneswar vide CF No.- 65, dated 04.02.2025 for the said purpose. D-2883

I, Amit Mohapatra, S/o- Asit Kumar Mohapatra, resident at HIG- 33, Kanan Vihar, Phase - 1, Patia, Kalarahanga, Dist.- Khordha, Odisha, PIN - 751031 declare by this affidavit 72AA 836338 dtd. 10.2.2025 that now onwards I shall be known as AMIT KUMAR MOHAPATRA for all future purposes. D-2884

By this Affidavit No.91.Dt20.01.2025, I ARAKHITA DAS, S/o- NAROTAM DAS, AT/P.O.- Sanapadar, P.S.- Begunia, Dist.- Khordha declare that my name is ARAKHITA DAS in Service BOOK, However in the AADHAAR CARD, It appears ARAKSHITA DAS. Both names are same and one Person. This Affidavit is for Aadhaar Card Correction. D-73575



# ମନେ ପଡ଼ନ୍ତି

**In Loving Memory of**



1954-2015
Our Beloved Mother
**Mrs. Meera Tripathy**
Peacefully Left for her Heavenly Abode on Tuesday 3rd February, 2015 10th Annual Sradha: Wednesday 12th February, 2025.
Fondly Remembered By: Haribandhu Tripathy and Family Members.
ଧ-୨୮୯୦

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



**ୱ ଡ଼ଃ ଦୁର୍ଗାଚରଣ ମହାନ୍ତି**
ଆବିର୍ଭାବ : ୨୬.୧୨.୧୯୪୦
ତିରୋଧାନ : ୧୯.୦୨.୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆଦର୍ଶ, କର୍ତ୍ତବ୍ୟପରାୟଣତା, ସେବା ଆମ୍ଭମାନଙ୍କ ଜୀବନର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀ ଲିଙ୍ଗରାଜଙ୍କ ଚରଣରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ଧର୍ମପତ୍ନୀ, ପୁତ୍ର, ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୨୮୮୯

**୩୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ୱ ପ୍ରଭା ରାଉତରାୟ**
ସ୍ୱାମୀ ୱ ସୁଧାଂଶୁ ମୋହନ ରାଉତରାୟ
ପ୍ଲଟ. ନଂ.: ୧୫୭, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ: ତା ୧୭.୧୨.୧୯୩୭
ତିରୋଧାନ : ତା ୧୩.୦୨.୧୯୮୭
'ତୁମ ପରି କିଏ ମାଆ ହେବ ଚାରି ସନ୍ତାନ ଜଞ୍ଜାଳ ବୋହି ନୀତିକୁ କେବଳ ଆଦର୍ଶକରି ଦୁନିଆ ଆଗରେ ଠିଆ ହେବ'
ତୁମରି ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା କରୁଛୁ।
ତୁମର ବନ୍ଧୁ ଓ ପରିବାରବର୍ଗ
ଧ-୭୬୪୩୬

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ୱଜ୍ୟୋତିଷ୍ ଚନ୍ଦ୍ର ସିହ୍ନା**
ଉପର ମାଳିସାହି, ବଡ଼ ଡାକ୍ତରଖାନା ଛକ ନିକଟ, ପୁରୀ-୨
ଚାହୁଁ ଚାହୁଁ ୪୩ବର୍ଷ ବିତିଗଲାଣି। ଆପଣ ଯେଉଁଠାରେ ଥାଆନ୍ତୁ ଭଲରେ ଥାଆନ୍ତୁ। ଆମ ପରିବାରକୁ ଶୁଭଦୃଷ୍ଟି ଆଶୀର୍ବାଦ ଦେଉଥାଆନ୍ତୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଇତି- ପୁତ୍ରଃ ନାରାୟଣ ଚନ୍ଦ୍ର ସିହ୍ନା, ପୁତ୍ରବଧୂଃ ଶୀଳାରାଣୀ ସିହ୍ନା, ନାତିଃ ସୂର୍ଯ୍ୟନାରାୟଣ ସିହ୍ନା, କିରନ-ଜ୍ୟୋତି ପରିବାରବର୍ଗ ଓ ତ୍ରୈଲୋକ୍ୟନାଥ ଭବନ, ପରିବାରବର୍ଗମାନେ।
ଧ-୨୮୮୫

**ପ୍ରଥମ ବାର୍ଷିକୀ ଶ୍ରାଦ୍ଧୋତ୍ସବ**



**ୱନୟନ ରଞ୍ଜନ ମହାନ୍ତି**
ବଡ଼ମଙ୍ଗଳପୁର, ଧର୍ମଶାଳା, ଯାଜପୁର
ଆବିର୍ଭାବ: ୦୬।୦୨।୧୯୩୨ ମସିହା
ତିରୋଧାନ: ୨୪।୦୨।୨୦୨୪ ମସିହା
ଆପଣଙ୍କ ତିରୋଧାନ ଆମ୍ଭମାନଙ୍କ ପାଇଁ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଶିକ୍ଷାଦାନରେ ଆପଣଙ୍କ ଅନୁରାଗ, କର୍ତ୍ତବ୍ୟନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ।
ଶୋକସନ୍ତପ୍ତ: ପୁଅ-ବୋହୂ: ମନୋରଞ୍ଜନ ମହାନ୍ତି-ଜ୍ୟୋତିଆଭା, ନାରାୟଣ-ଉର୍ବଶୀ, ଝିଅ-ଜ୍ୱାଇଁ: ପ୍ରଭାମୟୀ-ପ୍ରମୋଦ, ଚିନ୍ମୟୀ-ଲକ୍ଷ୍ମୀନାରାୟଣ, ନାତି-ନାତୁଣୀ: ଶାଶ୍ୱତ, ଆଶ୍ୱାସନା, ଉପାସନା, ଅରୁନ୍ଧତୀ, ଇନ୍ଦୁମତୀ, ପଦ୍ମନାଭ, ପ୍ରଭୁଦତ୍ତ, ଦେବଦତ୍ତ, ରାଣୀ, ଉଦିତନାରାୟଣ, ନମସ୍ୟା।
ଧ-୨୮୮୬

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
**classifieddharitri@gmail.com**
ରେ ଇମେଲ୍ କରନ୍ତୁ।


**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଖରାଟିଆ ଗେଣ୍ଡୁଫୁଲ



ପୂର୍ବରୁ ଖରାଟିଆ ଗେଣ୍ଡୁଫୁଲ ତଳି ପକାଇ ନ ଥିଲେ ଏବେ ତଳି ପକାନ୍ତୁ। ଅଧିକ ଅମଳକ୍ଷମ କମଳା ରଙ୍ଗ ସିରାକୋଲା କିସମ ବ୍ୟବହାର କରନ୍ତୁ। ତଳିଘରାରେ ଧାଡ଼ିକୁ ଧାଡ଼ି ୫ ସେ.ମି. ବ୍ୟବଧାନରେ ବିହନକୁ ୧ ସେ.ମି. ଗଭୀରରେ ବୁଣନ୍ତୁ। ଅତ୍ୟଧିକ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ତଳିଘରାରେ ନଡ଼ା ଘୋଡ଼ାଇ ଦିଅନ୍ତୁ। ଏକରକୁ ୩୫୦ରୁ ୪୦୦ ଗ୍ରାମ୍ ମଞ୍ଜି ଆବଶ୍ୟକ ହୋଇଥାଏ। ଆଗରୁ ତଳି ପକାଇଥିଲେ ଏବଂ ୩ରୁ ୪ ପତ୍ରର ହୋଇଗଲେ ମୁଖ୍ୟ କିଆରିରେ ଲଗାନ୍ତୁ। ଜମିକୁ ଭଲଭାବେ ଗୁଣ୍ଡକରି ଏକର ପ୍ରତି ୧୦ ଟନ୍ ଶଢ଼ା ଗୋବରଖତ ମିଶାଇ ଦିଅନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ, ୮୦ କି.ଗ୍ରା. ଫସ୍‌ଫରସ୍ ଓ ୮୦ କି.ଗ୍ରା. ପଟାସ୍ ସାର ପ୍ରୟୋଗକରନ୍ତୁ ଏବଂ ୧୬ କି.ଗ୍ରା. ଯବକ୍ଷାରଜାନ ୧ମାସ ପରେ କୋଡ଼ାଖୁସା କରି ଘାସ ବାଛି ପ୍ରୟୋଗ କରନ୍ତୁ। ତଳି ବଦଳରେ ଏକର ପ୍ରତି ୪୦,୦୦୦ କଟିଂସ ଦରକାର ହୋଇଥାଏ। ଧାଡ଼ିକୁ ଧାଡ଼ି ୩୦ ଓ ଗଛକୁ ଗଛ ୨୦-୨୦ ସେ.ମି. ବ୍ୟବଧାନରେ ରୁଅନ୍ତୁ। ତଳି ରୋଇବାର ୪୦ ଦିନ ପରେ ଅଗଡାଳଗୁଡ଼ିକୁ ଭାଙ୍ଗିଦିଅନ୍ତୁ।

# ଫସଲ ଉତ୍ପାଦନରେ ଜିଙ୍କ୍‌ର ଭୂମିକା



ପ୍ର. ସୁବୋଧ କୁମାର ସାହୁ

ପ୍ରତ୍ୟେକ ଫସଲ ମଞ୍ଜିରୁ ଗଜାହେବାଠାରୁ ଆରମ୍ଭକରି ଫୁଲଫଳ ହେବା ପର୍ଯ୍ୟନ୍ତ ୧୭ ଗୋଟି ଖାଦ୍ୟ ଉପାଦାନ ଆବଶ୍ୟକ କରିଥାଏ । ଉକ୍ତ ୧୭ ଗୋଟି ଖାଦ୍ୟ ଉପାଦାନ ମଧ୍ୟରୁ ପ୍ରଥମ ୬ଗୋଟିକୁ ମୁଖ୍ୟ, ତା'ପର ୩ ଗୋଟିକୁ ଗୌଣ ଏବଂ ଶେଷ ୮ ଗୋଟିକୁ ଅଣୁ ଖାଦ୍ୟ ଉପାଦାନ କୁହାଯାଏ । ଅଣୁ ଖାଦ୍ୟ ଉପାଦାନକୁ ଫସଲ ସ୍ୱଳ୍ପ ମାତ୍ରାରେ ଅର୍ଥାତ୍ ଏକ କିଲୋଗ୍ରାମ୍ ଫସଲ ଉତ୍ପାଦନ ହେବା ପାଇଁ ୧.୦ ମିଲିଗ୍ରାମ କିମ୍ବା ଏହାଠାରୁ କମ୍ ଖାଦ୍ୟ ଉପାଦାନ ଆବଶ୍ୟକ କରିଥାଏ । ଆଠ ଗୋଟି ଅଣୁ ଖାଦ୍ୟ ଉପାଦାନ ମଧ୍ୟରୁ ଜିଙ୍କ୍ ଅନ୍ୟତମ ।

ଜିଙ୍କ୍ ଫସଲରେ ଜୈବ ଏନ୍‌ଜାଇମ ବିଶ୍ଳେଷଣରେ ସାହାଯ୍ୟ କରେ, ଯଦ୍ୱାରା ଇଣ୍ଡୋଲ ଏସିଟିକ୍ ଏସିଡ୍ ନାମକ ଏକ ହର୍‌ମୋନ ପ୍ରସ୍ତୁତ ହୁଏ । ଉକ୍ତ ହର୍‌ମୋନ ଫସଲକୁ ଡେଙ୍ଗାରେ ବଢ଼ିବାରେ ସାହାଯ୍ୟକରି ଗଛର ନିର୍ଦ୍ଦିଷ୍ଟ ଉଚ୍ଚତାର ସ୍ଥିତାବସ୍ଥା ଆଣେ । ଏହାଛଡ଼ା ଜିଙ୍କ୍ ଫସଲରେ ଅନ୍ୟାନ୍ୟ ଅନେକ ଉପକାରୀ ଏନ୍‌ଜାଇମ୍ ପ୍ରସ୍ତୁତିକରେ, ଯାହାକି ଫସଲକୁ ହୃଷ୍ଟପୁଷ୍ଟକରି ବଢ଼ିବାରେ ଏବଂ ଫସଲରେ ପ୍ରୟୋଗ ହେଉଥିବା ଖାଦ୍ୟସାରକୁ ଠିକ୍ ଭାବରେ ଗ୍ରହଣ କରିବାରେ ସାହାଯ୍ୟ କରେ । ଜିଙ୍କ୍ ଫସଲର ଫଳ ଏବଂ ମଞ୍ଜିରେ ପ୍ରୋଟିନ୍ ସଂଶ୍ଳେଷଣ କରି ଫଳ ଏବଂ ମଞ୍ଜିରେ ପରିପକ୍ୱତା ଆଣେ । ପ୍ରୟୋଗ ହେଉଥିବା ଯବକ୍ଷାରଯାନ ଏବଂ ଫସ୍‌ଫରସ୍‌କୁ ଜିଙ୍କ୍ ଠିକ୍ ଭାବେ ଫସଲ ଦ୍ୱାରା ଗ୍ରହଣ ହେବାରେ ସାହାଯ୍ୟ କରେ ।

ମାଟିରେ ଜଙ୍କ୍ ଅଭାବରୁ ଗଛ ଉଚ୍ଚତାରେ ବଢ଼ି ନ ପାରି ବାଙ୍ଗରା ହୁଏ । ଫସଲରେ ପିଲ ବା ଶାଖା ପ୍ରଶାଖା ସଂଖ୍ୟା କମେ । ଫସଲର ଉପର ଆଡୁ ପ୍ରଥମ ଏବଂ ସମୟେ ସମୟେ ଦ୍ୱିତୀୟ ପତ୍ରକୁ ଛାଡ଼ି ତୃତୀୟ ଏବଂ ଚତୁର୍ଥ ପତ୍ର ଫିକା ହଳଦିଆ ରଙ୍ଗର ହୁଏ । ଉକ୍ତ ପତ୍ରର ମଝି ଶିରାର ଦୁଇ ପାର୍ଶ୍ୱରେ ଧଳା ମିଶା ହଳଦିଆ ରଙ୍ଗର ଛିଟ ଦାଗମାନ ଦେଖାଯାଏ । ଧାନ ରୁଆ ଏବଂ ବୁଣାର ୧୫ରୁ ୨୦ ଦିନରେ ତଳପତ୍ରରେ ପିକା ହଳଦିଆ ରଙ୍ଗର ଦାଗମାନ ବିକ୍ଷିପ୍ତ ଭାବରେ ଆସି ପରେ ଉକ୍ତ ଦାଗମାନ ମିଶିଯାଇ ବାଦାମୀ ରଙ୍ଗର ହୁଏ ଏବଂ ପରେ ସମୁଦାୟ ପତ୍ର ବାଦାମୀ ରଙ୍ଗ ହୁଏ । ଧାନକେଣ୍ଡା ବିଳମ୍ବରେ ବାହାରେ ଏବଂ ଧାନ ପାଚିବାର ୧୫ ରୁ ୨୦ ଦିନ ବିଳମ୍ବ ହୁଏ । ଗହମର ପତ୍ରର ଧାର ଏବଂ ମଝି ଶିରାରେ ଧଳା ମିଶା ହଳଦିଆ ରଙ୍ଗର ଓସାରିଆ ଦାଗମାନ ସୃଷ୍ଟି ହୁଏ ଏବଂ ପରେ ଉକ୍ତ ଦାଗମାନ ମିଶିଯାଇ ପତ୍ରର ମଝିଭାଗ ଧଳା ମିଶା ବାଦାମୀ ରଙ୍ଗର ହୁଏ । ଶେଷରେ ପତ୍ର ମଝି ଭାଗରୁ ଭାଙ୍ଗିଯାଏ । ମକାର ପତ୍ରର ତଳଆଡୁ ଧଳାମିଶା ହଳଦିଆ ରଙ୍ଗର ଓ ସୋରିଆ ଦାଗମାନ ସୃଷ୍ଟି ହୁଏ । ପତ୍ରର ମଝି ଶିରା ଏବଂ ଧାରରେ ଥିବା ଶିରାସବୁ ଲାଲରୁ ନାରଙ୍ଗୀ ରଙ୍ଗର ହୁଏ । ମକାର ପତ୍ରରେ ସବୁଜ କଣିକା ସୃଷ୍ଟିରେ ବାଧା ଘଟି ମକାର ଶ୍ୱେତସାର ଅଂଶ କମେ । ମକା ଗଛର ଅଭିବୃଦ୍ଧି କମିବା ସହ ଚଅଁର ଏବଂ ରେଶମ ବାହାରିବାରେ ଡେରି ହୋଇ ଅମଳ କମେ । ଲେମ୍ବୁଗଛର ଉପର ପତ୍ର ଛୋଟ ହୁଏ । ପତ୍ରର ଶିରାର ଦୁଇ ପାର୍ଶ୍ୱରେ ହଳଦିଆ ରଙ୍ଗର ଛିଟ ଦାଗମାନ ଦେଖାଯାଏ । ପତ୍ରର ସବୁଜ ରଙ୍ଗ ଫିକା ପଡ଼େ । ଡାଳର ଅଗ୍ରଭାଗ ବଢ଼ି ନ ପାରି ଶୁଖିଯାଏ । ଫଳ ଆସୁଥିବା ମୁକୁଳ ଛୋଟ ହୁଏ ଏବଂ ଡାଳରେ ଫଳ ଧାରଣ ଶକ୍ତି କମିଯାଏ ।

> "ମାଟିରେ ଜଙ୍କ୍ ଅଭାବରୁ ଗଛ ଉଚ୍ଚତାରେ ବଢ଼ି ନ ପାରି ବାଙ୍ଗରା ହୁଏ । ଫସଲରେ ପିଲ ବା ଶାଖା ପ୍ରଶାଖା ସଂଖ୍ୟା କମେ । ଫସଲର ଉପର ଆଡୁ ପ୍ରଥମ ଏବଂ ସମୟେ ସମୟେ ଦ୍ୱିତୀୟ ପତ୍ରକୁ ଛାଡ଼ି ତୃତୀୟ ଏବଂ ଚତୁର୍ଥ ପତ୍ର ଫିକା ହଳଦିଆ ରଙ୍ଗର ହୁଏ । ଉକ୍ତ ପତ୍ରର ମଝି ଶିରାର ଦୁଇ ପାର୍ଶ୍ୱରେ ଧଳା ମିଶା ହଳଦିଆ ରଙ୍ଗର ଛିଟ ଦାଗମାନ ଦେଖାଯାଏ । ଧାନ ରୁଆ ଏବଂ ବୁଣାର ୧୫ରୁ ୨୦ ଦିନରେ ତଳପତ୍ରରେ ପିକା ହଳଦିଆ ରଙ୍ଗର ଦାଗମାନ ବିକ୍ଷିପ୍ତ ଭାବରେ ଆସି ପରେ ଉକ୍ତ ଦାଗମାନ ମିଶିଯାଇ ବାଦାମୀ ରଙ୍ଗର ହୁଏ ଏବଂ ପରେ ସମୁଦାୟ ପତ୍ର ବାଦାମୀ ରଙ୍ଗ ହୁଏ ।"



ବାଲି ଏବଂ ଦୋରସା ବାଲିଆ କିସମ ମାଟିରେ ଅଧିକ ଥର ଜଳସେଚନ ଏବଂ ବର୍ଷା ଦ୍ୱାରା ଜିଙ୍କ୍ ଧୋଇହୋଇ ନଷ୍ଟହୁଏ । ଖାରୀ ଏବଂ ଚୂନ ଥିବା ମାଟିରେ ଜିଙ୍କ୍ ଅଣୁ ଦ୍ରବୀଭୂତ ହୋଇ ନ ପାରି କଠିନ ଥାଏ । ତେଣୁ ଉକ୍ତ ଦୁଇ ମାଟିରେ ଜିଙ୍କ୍‌ର ଅଭାବ ଦେଖାଯାଏ । ଧାନ ଗଛ ବୃଦ୍ଧି ସମୟରେ କ୍ଷେତରେ ଠିଆପାଣି ରହିଲେ ମାଟିର ପିଏଚ୍ ବଢି ଧାନ ଫସଲରେ ସୁଲଭ ଜିଙ୍କ୍ ଧାନକୁ ଗ୍ରହଣଯୋଗ୍ୟ ହୋଇ ନ ପାରି ଫସଲରେ ଜିଙ୍କ୍‌ର ଅଭାବ ଦେଖାଯାଏ । ଯେଉଁ ମାଟିର ପିଏଚ୍ ୭.୫ରୁ ଅଧିକ, ସେହି ମାଟିର ଜିଙ୍କ୍‌ର ଅଭାବ ଥାଏ । ସର୍ବୋପରି ମାଟି ପରୀକ୍ଷାରୁ ସୁଲଭ ଜିଙ୍କ୍ ହେକ୍ଟର ପ୍ରତି ୧.୨ କିଲୋଗ୍ରାମରୁ କମ୍ ଥିବା ମାଟିରେ ଜିଙ୍କ୍ ସାର ପ୍ରୟୋଗର ଆବଶ୍ୟକ ଥାଏ ।

ଆମ ରାଜ୍ୟର ବିଭିନ୍ନ ଜିଲାର ସମୁଦାୟ ଚାଷ ଜମିର କ୍ଷେତ୍ରଫଳ ଅନୁସାରେ ହାରାହାରି ଶତକଡ଼ା ୨୫ଭାଗ ଜମିରେ ଜିଙ୍କ୍‌ର ଅଭାବ ଅଛି । ଯେଉଁ ସବୁ ଜିଲାର ମାଟିର ପିଏଚ୍ ୭.୦ରୁ ଅଧିକ ଏବଂ ବହୁ ଫସଲ ଚାଷ ହେଉଛି, ସେ ଜିଲାଗୁଡ଼ିକର ମାଟିରେ ଜିଙ୍କ୍‌ର ଅଭାବ ରହିଛି । ବଲାଙ୍ଗୀର ଜିଲାର ସବୁଠାରୁ ଅଧିକ ଶତକଡ଼ା ୭୮ଭାଗ ଜମିରେ ଜିଙ୍କ୍‌ର ଅଭାବ ଅଛି । ସମ୍ବଲପୁର ଜିଲାର ଶତକଡ଼ା ୬୫ଭାଗ, ଭଦ୍ରକ ଜିଲାର ଶତକଡା ୪୩ ଭାଗ, କଳାହାଣ୍ଡିର ଶତକଡ଼ା ୪୨ଭାଗ, ଦେଓଗଡ଼ର ଶତକଡା ୩୯ଭାଗ, କେନ୍ଦୁଝରର ଶତକଡ଼ା ୩୭ଭାଗ, ବାଲେଶ୍ୱରର ଶତକଡ଼ା ୩୬ ଭାଗ, ଯାଜପୁରର ଶତକଡ଼ା ୩୩ଭାଗ, ଅନୁଗୋଳର ଶତକଡା ୩୨ଭାଗ ଏବଂ ଅନ୍ୟାନ୍ୟ ଜିଲାର ଶତକଡ଼ା ୫ରୁ ୨୨ଭାଗ ଜମିରେ ଜିଙ୍କ୍‌ର ଅଭାବ ରହିଛି ।

ବଜାରରେ ଜିଙ୍କ୍ ସାର ଭାବେ ଜିଙ୍କ୍ ସଲ୍‌ଫେଟ୍, ଜିଙ୍କ୍ ଅକ୍ସାଇଡ୍ ଏବଂ ଜିଙ୍କ୍ ଇଡିଟିଏ ରାସାୟନିକ ସାର ଦୋକାନରେ ବିକ୍ରିହୁଏ । ଉକ୍ତ ଜିଙ୍କ୍ ସାର ଜିଙ୍କ୍ ଅଭାବ ଥିବା ମାଟିରେ ବିଭିନ୍ନ ପଦ୍ଧତିରେ ଫସଲରେ ପ୍ରୟୋଗ କରାଯାଏ । ଜିଙ୍କ୍ ସଲ୍‌ଫେଟ୍ ଦୋକାନରେ ଦୁଇଟି ଗ୍ରେଡ୍‌ରେ ବିକ୍ରି ହୁଏ । ପ୍ରଥମଟିରେ ଜିଙ୍କ୍ ଶତକଡ଼ା ୨୧ଭାଗ ଥିବାବେଳେ ଦ୍ୱିତୀୟଟିରେ ଜିଙ୍କ୍ ଶତକଡା ୩୪ଭାଗ ଥାଏ । ମୁଖ୍ୟତଃ ଶତକଡ଼ା ୨୧ଭାଗ ଥିବା ଜିଙ୍କ୍ ସଲ୍‌ଫେଟ୍‌କୁ ଫସଲରେ ପ୍ରୟୋଗ ପାଇଁ ଅନୁମୋଦନ କରାଯାଉଛି । ଜିଙ୍କ୍ ସଲ୍‌ଫେଟ୍‌କୁ ମାଟିରେ କିମ୍ବା ପତ୍ର ଛିଞ୍ଚାଭାବେ ଫସଲରେ ପ୍ରୟୋଗ କରାଯାଇପାରିବ । ହେକ୍ଟର ପିଛା ୨୫କିଲୋ ଜିଙ୍କ୍ ସଲ୍‌ଫେଟ୍‌କୁ ଏହାର ୫ଗୁଣା ଖତ ସହ ମିଶାଇ ଧାଡ଼ି ବୁଣା ଫସଲରେ ମାଟିରେ ପ୍ରୟୋଗକଲେ ଫସଲରେ ଜିଙ୍କ୍‌ର ଅଭାବ ଦୂରହୁଏ । ଖତ ମିଶା ଜିଙ୍କ୍ ସଲ୍‌ଫେଟ୍‌କୁ ୨୪ଘଣ୍ଟା ଛାଇରେ ରଖି ମାଟିରେ ପ୍ରୟୋଗକଲେ ଶତକଡା ଶହେ ପ୍ରତିଶତ ଉପକାର ମିଳେ । ରୁଆ ଧାନରେ ଜମି କାଦୁଅ ସମୟରେ ଜିଙ୍କ୍ ସଲ୍‌ଫେଟ୍‌କୁ ଏହାର ୫ଗୁଣା ଖତ କିମ୍ବା ବାଲି ସହ ମିଶାଇ ବିଞ୍ଚିକରି ପ୍ରୟୋଗ କରାଯାଏ । ଠିଆ ଫସଲରେ ଜିଙ୍କ୍‌ର ଅଭାବଜନିତ ଲକ୍ଷଣ ଦେଖାଦେଲେ ଶତକଡା ୦.୫ ଭାଗ ଜିଙ୍କ୍ ସଲ୍‌ଫେଟ୍‌କୁ ହେକ୍ଟର ପିଛା ୫୦୦ ଲିଟର ପାଣିରେ ଦ୍ରବଣକରି ଫସଲର ୩୦ ରୁ ୩୫ ଦିନ ବର୍ଦ୍ଧନ ସମୟରେ ୧୦ଦିନ ବ୍ୟବଧାନରେ ୩ ଥର ପତ୍ରଛିଞ୍ଚା କଲେ ଜିଙ୍କ୍‌ର ଅଭାବ ଫସଲରୁ ଦୂର ହୁଏ । ଜିଙ୍କ୍ ଅକ୍ସାଇଡ୍‌ରେ ଶତକଡା ୮୦ଭାଗ ଜିଙ୍କ୍ ଥାଏ । ଉକ୍ତ ସାର ପାଣି କିମ୍ବା ମାଟିରେ ଶୀଘ୍ର ମିଶିପାରେ ନାହିଁ । ଏହାର ଶତକଡ଼ା ୪ଭାଗ ଦ୍ରବଣରେ ଧାନ ଏବଂ ପନିପରିବା ଚାରାର ଚେରକୁ ଭଲଭାବେ ଧୋଇ ୪ଘଣ୍ଟା ବୁଡାଇ ରଖି ତଳି ରୋଇଲେ ଫସଲରୁ ଜିଙ୍କ୍‌ର ଅଭାବ ଦୂରହୁଏ । ସ୍ଥଳ ବିଶେଷରେ ୬ କିଲୋ ଜିଙ୍କ୍ ଅକ୍ସାଇଡକୁ ୩୦ ରୁ ୩୨ କିଲୋ ଗୁଣ୍ଡ ଗୋବର ଖତରେ ମିଶାଇ ୪୮ ଘଣ୍ଟା ଛାଇରେ ରଖି ଫସଲ ପାଇଁ ମାଟିରେ ପ୍ରୟୋଗ କରାଯାଇପାରେ । ଜିଙ୍କ୍ ଇଡିଟିଏରେ ଶତକଡା ୧୪ ଭାଗ ଜିଙ୍କ୍ ଥାଏ । ଜିଙ୍କ୍ ଇଡିଟିଏକୁ ଉଭୟ ମାଟିରେ ଏବଂ ପତ୍ରଛିଞ୍ଚା ଭାବେ ପ୍ରୟୋଗ କରାଯାଇପାରେ । ଜିଙ୍କ୍ ଇଡିଟିଏରୁ ହେକ୍ଟର ପ୍ରତି ୧.୨୫କିଲୋକୁ ଏହାର ୫ଗୁଣ ଖତ କିମ୍ବା ବାଲି ସହ ମିଶାଇ ଧାଡ଼ିରେ ବୁଣା କିମ୍ବା ରୁଆ ଧାନରେ ବିଞ୍ଚିକରି ପକାଯାଇପାରିବ । ଉକ୍ତ ସାରକୁ ଶତକଡା ୦.୦୫ ଦ୍ରବଣକରି ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୦ ଦିନ ବ୍ୟବଧାନରେ ୩ଥର ପତ୍ରଛିଞ୍ଚା କରାଯାଏ । ଜିଙ୍କ୍ ଇଡିଟିଏକୁ ମାଟିରେ ପ୍ରୟୋଗ ଅପେକ୍ଷା ଫସଲରେ ପତ୍ରଛିଞ୍ଚା ଦ୍ୱାରା ଅଧିକ ଉପଯୋଗୀ ହୋଇଥାଏ ।

ଓଡ଼ିଶାର ଜଳସେଚିତ୍ ଜିଲାରେ ବିଶେଷକରି ସମ୍ବଲପୁର ଓ ବରଗଡ଼ ଜିଲାରେ ରବି ଋତୁରେ ରୁଆଧାନରେ ଜିଙ୍କ୍ ସଲ୍‌ଫେଟ୍ ପ୍ରୟୋଗ କରାଯାଇ ଅଧିକ ଧାନ ଅମଳ ମିଳିଥିବାର ପ୍ରମାଣ ମିଳିଛି । ଅନୁମୋଦିତ ଜିଙ୍କ୍ ସଲ୍‌ଫେଟ୍ ମାଟିରେ ରବି ଧାନରେ ପ୍ରୟୋଗକଲେ ପରବର୍ତ୍ତୀ ଖରିଫ ଧାନରେ ଜିଙ୍କ୍ ପ୍ରୟୋଗର ଆବଶ୍ୟକତା ନ ଥାଏ । ପରୀକ୍ଷାରୁ ଜଣାପଡ଼ିଛି ଯେ ମାଟିରେ ପ୍ରଥମ ଫସଲ ପାଇଁ ଜିଙ୍କ୍ ସଲ୍‌ଫେଟ୍ ପ୍ରୟୋଗ ହୋଇଥିଲେ ଚତୁର୍ଥ ଫସଲ ପର୍ଯ୍ୟନ୍ତ ଏହାର ଆବଶ୍ୟକତା ନ ଥାଏ । ଯଦି ଚତୁର୍ଥ ଫସଲରେ ଜିଙ୍କ୍‌ର ଅଭାବଜନିତ ଲକ୍ଷଣ ଦେଖାଯାଏ, ସେପରି ସ୍ଥଳେ ଜିଙ୍କ୍ ପତ୍ରଛିଞ୍ଚା କରାଯାଇପାରେ । ଚତୁର୍ଥ ଫସଲ ପରେ ମାଟି ପରୀକ୍ଷାକରି ଜିଙ୍କ୍ ସଲ୍‌ଫେଟ୍ ପ୍ରୟୋଗ କରିବା ଉଚିତ୍ ।

-ଶୈଳଶ୍ରୀବିହାର,
୭ମ ପର୍ଯ୍ୟାୟ, ଭୁବନେଶ୍ୱର
ମୋ:୯୫୫୬୨୬୬୦୮୫



## ସୂର୍ଯ୍ୟମୁଖୀ ଚାଷରେ ଧଳାପୋକ ନିୟନ୍ତ୍ରଣ

ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ କରିବା ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍‌ଏଲ୍) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍‌କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ । କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

## କାଜୁରେ ପୋକ ଦମନ



କାଜୁରେ କାଣ୍ଡ ଓ ଚେରବିନ୍ଧା ପୋକର ଦମନ ପାଇଁ ଆକ୍ରାନ୍ତ ଅଞ୍ଚଳରୁ ଶତକଡ଼ା ୫୦ ଭାଗ ବକଳ ଗୋଲେଇକରି ଛଡ଼ାଇ ଦିଅନ୍ତୁ। ଏଥିସହ ପ୍ରତି ଟନେଲରେ ଏକ ମି.ଲି. ମନୋକ୍ରୋଟୋଫସ୍(ଶତକଡ଼ା ୦.୦୫ ଭାଗ) ପ୍ରୟୋଗ କରନ୍ତୁ। ଉକୁଣିଆ ପୋକର ଦମନ ଲାଗି ପ୍ରତି ଲିଟର ପାଣିରେ ୨ ମି.ଲି. ମିଥାଇଲ୍ ଡିମେଟନ୍ ସିଞ୍ଚନ କରନ୍ତୁ। ଗଛମୂଳରୁ ୧ ମିଟର ବ୍ୟାସାର୍ଦ୍ଧ ପରିମିତ ଅଞ୍ଚଳରୁ ଅନାବନା ଘାସ ବାଛି ଦିଅନ୍ତୁ। ଗଛ ପ୍ରତି ୧୦-୨୦ କି.ଗ୍ରା. ଖତ, ୭୫୦ ଗ୍ରାମ୍ ଯବକ୍ଷାରଜାନ, ୧୨୫ଗ୍ରାମ୍ ଫସ୍‌ଫରସ୍ ଏବଂ ୧୨୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ପ୍ରତି ଗଛରେ ୨୦-୨୫ ଲିଟର ପାଣି ଦିଅନ୍ତୁ।

## ଚାଷୀଙ୍କ ପାଇଁ..

- ଗୋରୁଙ୍କ ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିଙ୍କ ପିପିଆର୍ ରୋଗ ଲାଗି ପିପିଆର୍ ରୋଗ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।
- କୁକୁଡ଼ାଙ୍କର ନାଳିଝାଡ଼ା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ।
- କୁକୁଡ଼ାଙ୍କ ଘୁମାରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩-୧୫ ଦିନ ଭିତରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।
- ବନରାଜ ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରିପାରନ୍ତି।
- ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡ଼ି ଓ ଡଙ୍ଗରରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ଜଳସେଚନ କରନ୍ତୁ।





## ଖରିଫ ଧାନ ସଂରକ୍ଷଣ

ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇ ଦେବା ଉଚିତ । ଧାନ ସାଇତିବା ପୂର୍ବରୁ ଅମାରଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ । ଅମାରଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହ ୫ କି.ଗ୍ରା. ନିମ୍ବ ପିଢ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଡାଲୁଅ ଧାନ ତଳି ପ୍ରସ୍ତୁତି (୧ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅକରି ଶେଷଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବରଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ୨ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ। ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ ।

## ପନିପରିବା ଚାଷରେ ରୋଗ ପରିଚାଳନା



ପନିପରିବାରେ ବୀଜାଣୁ ଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କିଡ଼ିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବାର ବହୁ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମି.ଲି. ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋଡାକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମି.ଲି. ମାଲାଥିଅନ୍ ସହ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପକରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା- ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇ ଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଡା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମି.ଲି. ଇଥିଅନ୍ ସିଞ୍ଚନ କରନ୍ତୁ। ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ନିମନ୍ତେ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦ ହଜାର ଟ୍ରାଇକୋଗାମା ପରାଶ୍ରୟୀ ଛାଡ଼ନ୍ତୁ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୨/୨୦୨୫ Bhubaneswar, Wednesday, February 12/ 2025




# ଅନିମେଶ କୁଜୁରଙ୍କୁ ତୃତୀୟ ସ୍ୱର୍ଣ୍ଣ

**ଡେରାଡୁନ୍, ୧୧।୨ (ପି.ଟି.)**

ଉତ୍ତରାଖଣ୍ଡ ରାଜଧାନୀ ଡେରାଡୁନ୍‌ରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଓଡ଼ିଶାର ଉଦୀୟମାନ ସ୍ପ୍ରିଣ୍ଟର ଅନିମେଶ କୁଜୁର ଶନିବାର ପୁରୁଷ ୨୦୦ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫଳରେ ଇଭେଣ୍ଟରେ ତାଙ୍କର ସ୍ୱର୍ଣ୍ଣ ପଦକ ସଂଖ୍ୟା ୩ରେ ପହଞ୍ଚିଛି। ଅନ୍ୟପକ୍ଷରେ ଷ୍ଟାର ହର୍ଡଲର ଜ୍ୟୋତି ୟାରାଜୀ ମହିଳା ୨୦୦ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୨୧ ବର୍ଷୀୟ ଅନିମେଶ ଏହା ପୂର୍ବରୁ ଯଥାକ୍ରମେ ଶନିବାର ଓ ରବିବାର ୧୦୦ ମିଟର ଓ ୪x୧୦୦ ମିଟର ରିଲେରେ ଟାଇଟଲ ହାସଲ କରି ସାରିଛନ୍ତି। ମଙ୍ଗଳବାର ସେ ୨୦.୫୮ ସେକେଣ୍ଡ ଟାଇମିଂରେ ଅଳ୍ପକେ ଜାତୀୟ କ୍ରୀଡ଼ା ରେକର୍ଡଠାରୁ ପଛରେ ରହିଯାଇଥିଲେ। ଗୁଜରାଟରେ ଅନୁଷ୍ଠିତ ଗେମ୍ସର ୨୦୨୨ ସଂସ୍କରଣରେ ଆସାମର



ସ୍ୱର୍ଣ୍ଣ ପଦକ ସହ ଅନିମେଶ କୁଜୁର।

ଅମ୍ଲାନ ବର୍ଗୋହେନ ୨୦.୫୫ ସେକେଣ୍ଡ ଟାଇମିଂରେ ଜାତୀୟ ରେକର୍ଡର ଅଧିକାରୀ ହୋଇଥିଲେ। ତାମିଲନାଡୁର ଦୁଇଜଣ ଜି. ରଗୁଲ କୁମାର(୨୧.୦୬) ଓ ବି. ନିଥିନ(୨୧.୦୭) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଅନ୍ୟପକ୍ଷରେ ଆନ୍ଧ୍ର ପ୍ରଦେଶରୁ ପ୍ରତିନିଧିତ୍ୱ କରୁଥିବା ୨୫ ବର୍ଷୀୟା ୟାରାଜୀ ୨୩. ୩୫

**ଜାତୀୟ କ୍ରୀଡ଼ା**

ସେକେଣ୍ଡ ଟାଇମିଂରେ ମହିଳା ୨୦୦ ମିଟର ରେସ୍ ଜିତିଛନ୍ତି। ରବିବାର ସେ ୧୦୦ ମିଟର ହର୍ଡଲ୍ସ ଜିତିଥିଲେ। ଫଳରେ ଚଳିତ ଜାତୀୟ କ୍ରୀଡ଼ାରେ ତାଙ୍କ ସ୍ୱର୍ଣ୍ଣ ସଂଖ୍ୟା ୨ରେ ପହଞ୍ଚିଛି। କର୍ନାଟକର ଉନ୍ନତି ଆୟାପ୍ପା(୨୩.୭୦ ସେକେଣ୍ଡ) ଓ ତେଲଙ୍ଗାନାର ନିଥ୍ୟା ଗାନ୍ଧେ (୨୩.୭୬ ସେକେଣ୍ଡ) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପାଇଥିଲେ।

# ୯ ଜଣ ଜାତୀୟ କ୍ରୀଡ଼ା ରେକର୍ଡ ଟପିଲେ

**ଡେରାଡୁନ୍, ୧୧।୨ (ପି.ଟି.)**

ଜାତୀୟ କ୍ରୀଡ଼ା ୧୦କି.ମି. ମହିଳା ରେସ୍ ୱାକ୍‌ରେ ସମସ୍ତ ୯ ଫିନିଶର ଜାତୀୟ ରେକର୍ଡ ଅତିକ୍ରମ କରିବାରେ ସମର୍ଥ ହୋଇଛନ୍ତି। ୨୬ ବର୍ଷ ତଳର ଜାତୀୟ କ୍ରୀଡ଼ା ରେକର୍ଡଠାରୁ ସେମାନେ ଆଗରେ ରହିଥିଲେ। ଏଠାରେ ମଙ୍ଗଳବାର ଅନୁଷ୍ଠିତ ଏହି ରେସ୍‌ରେ ୧୧ଜଣ ଆଥ୍‌ଲେଟ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ଦୁଇଜଣ ରେସ୍ ଶେଷ କରିପାରି ନ ଥିଲେ। ଜାତୀୟ କ୍ରୀଡ଼ା ରେକର୍ଡଧାରୀ ପ୍ରିୟଙ୍କା ଗୋସ୍ୱାମୀ ରେସ୍‌ରେ ଭାଗ ନେଇଥିଲେ ମଧ୍ୟ ସେ ରେସ୍ ଆରମ୍ଭ କରିପାରି ନ ଥିଲେ। ମଣିପୁରରେ ୧୯୯୯ ସଂସ୍କରଣ ପରେ ସେ ପ୍ରଥମେ ଜାତୀୟ କ୍ରୀଡ଼ାକୁ ଫେରିଥିଲେ। ଗତବର୍ଷ ଜାତୀୟ ଆନ୍ତଃରାଜ୍ୟ ଏବଂ ଜାତୀୟ ଓପନ ଚାମ୍ପିୟନଶିପ୍‌ରେ ୨୦ କିମି ଇଭେଣ୍ଟ ଜିତିଥିବା ହରିୟାଣାର ରବିନା ୪୫.୫୨ ଟାଇମିଂ ସହ ସ୍ୱର୍ଣ୍ଣ ଜିତିଥିଲେ। ଫଳରେ ସେ ଇମ୍ଫାଲରେ ୧୯୯୯ରେ ଅନୁଷ୍ଠିତ ଗେମ୍ସରେ ମଣିପୁରର ୱାଇ ବାଲା ୫୧.୫୬ ସେକେଣ୍ଡ ଟାଇମିଂ କରିଥିବା ରେକର୍ଡକୁ ଭଙ୍ଗକରି ଦେଇଥିଲେ। ରବିନାଙ୍କୁ ଅନୁସରଣ କରିବା ସହ ଫିନିଶ ଲାଇନ୍



୧୦କି.ମି. ମହିଳା ରେସ୍ ୱାକ୍‌ରେ ଭାଗନେଇଥିବା ପ୍ରତିଯୋଗୀମାନେ।

ଅତିକ୍ରମ କରିଥିବା ଅନ୍ୟ ୮ଜଣ ଆଥ୍‌ଲେଟ ମଧ୍ୟ ଗେମ୍ସ ରେକର୍ଡଠାରୁ ଆଗରେ ରେସ୍ ଶେଷ କରିଥିଲେ। ସେମାନେ ହେଲେ ଉତ୍ତରାଖଣ୍ଡର ଶାଳିନୀ (୪୬.୧୨ସେକେଣ୍ଡ), ଉତ୍ତର ପ୍ରଦେଶର ମୁନିତା ପ୍ରଜାପତି (୪୬.୨୩), ତାମିଲନାଡୁର ମୋକଭି ମୁଥୁରଥିନମ (୪୭.୨୩), ଉତ୍ତରାଖଣ୍ଡର ପାୟଲ (୪୭.୩୬), ଉତ୍ତର ପ୍ରଦେଶର ରେଶମା ପଟେଲ (୪୮.୧୬), ଉତ୍ତରାଖଣ୍ଡର ମାନସୀ ନେଗୀ (୪୮.୩୨), ମହାରାଷ୍ଟ୍ରର

**୧୦ କିମି ମହିଳା ରେସ୍ ୱାକ୍**

ସେଜଲ ସିଂ(୪୯.୩୩) ଏବଂ ହରିୟାଣାର ମୋନିକା(୫୧.୪୫)। ରେକର୍ଡ ବୁକ୍‌ରେ କେବଳ ରବିନାଙ୍କ ଟାଇମିଂ ନୂଆ ଜାତୀୟ ରେକର୍ଡ ଭାବେ ଲିପିବଦ୍ଧ ହେବ। ଅନ୍ୟପକ୍ଷରେ ପୁରୁଷ ୨୦କିମି ଇଭେଣ୍ଟରେ ୧୦ ଫିନିଶରଙ୍କ ମଧ୍ୟରୁ ୬ଜଣ ପୂର୍ବ ଗେମ୍ସ ରେକର୍ଡକୁ ଅତିକ୍ରମ କରିବାରେ ସକ୍ଷମ ହୋଇପାରିଛନ୍ତି। ୨୦୧୧ ସଂସ୍କରଣରେ ଝାଡ଼ଖଣ୍ଡର ଗୁରମିତ ସିଂ ୧ ଘଣ୍ଟା ୨୩ ମିନିଟ ଓ ୨୬ ସେକେଣ୍ଡ ଟାଇମିଂରେ ରେକର୍ଡର ଅଧିକାରୀ ହୋଇଥିଲେ। ନ୍ୟାଶନାଲ ଓପନ ଚାମ୍ପିୟନଶିପ୍ ୨୦ କିମି ରେସ୍ ୱାକ୍ ଇଭେଣ୍ଟ ଜିତିଥିବା ସର୍ଭିସେସର ସର୍ବିନ ସେବାଷ୍ଟିଆନ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ୧:୨୧:୨୩ ଟାଇମିଂରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଏହା ପୂର୍ବରୁ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ୧: ୨୧:୩୯ ରହିଥିଲା।

# ଏସ୍‌ପିଜେ କାର୍ଗୋ, ସାପିଏନ୍ସ ଦିଲ୍ଲୀ ବିଜୟୀ



ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

**ବନ୍ତ, ୧୧।୨**
**(ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକର ଟିଲୋ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ହନୁମାନଜୀଉ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ଅନ୍ତର୍ଜାତୀୟ ଟିଲୋ କପ୍‌ର ୫ଦିନ ତଥା ପୁଲ୍ ବି- 'ବି'ର ପ୍ରଥମ ଓ ଦ୍ୱିତୀୟ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ଏସ୍‌ପିଜେ କାର୍ଗୋ ଦିଲ୍ଲୀ ଓ ୨ୟ ମ୍ୟାଚ୍‌ରେ ସାପିଏନ୍ସ ଦିଲ୍ଲୀ ବିଜୟୀ ହୋଇଛି। ୱଣ୍ଡର ସିମେଣ୍ଟ ରାଜସ୍ଥାନ ଓ ଏସ୍‌ପିଜେ କାର୍ଗୋ ଦିଲ୍ଲୀ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ରାଜସ୍ଥାନ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୧୯ ରନ୍ କରିଥିଲା। ଦଳ ପକ୍ଷରୁ ତନ୍ମୟ ତିୱାରୀ ୨୭ ଓ ହିତେଶ ପଟେଲ

**ଅନ୍ତର୍ଜାତୀୟ ଟିଲୋ କପ୍**

୨୬ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ହର୍ଷିତ ସାଇନ୍ ୩ ଓ ଶିଭମ୍ ସିଂହ ୩ ଉଇକେଟ୍ ନେଇଥିଲେ। ୧୨୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଏସ୍‌ପିଜେ କାର୍ଗୋ ୧୨.୪ ଓଭରରେ ୫ ଉଇକେଟ୍ ହରାଇ ୧୨୦ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶିଭମ୍ ସିଂହ ୪୮ ଓ ୟଜାସ ଶର୍ମା ୩୯ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ରିତିକ୍ ଆଉଡିଚାୟା ୨ ଉଇକେଟ ନେଇଥିଲେ। ଏସ୍‌ପିଜେ କାର୍ଗୋର ଶିଭମ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେହିପରି ସାପିଏନ୍ସ ଦିଲ୍ଲୀ ଓ ଇଣ୍ଡିଆନ ଅଏଲ୍ ମୁମ୍ବାଇ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସାପିଏନ୍ସ ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୨୦୦ ରନ୍ କରିଥିଲା। ଦଳ ପକ୍ଷରୁ ଉଭାଇଶ ଅହମ୍ମଦ ୬୧ ଓ ମୟାଙ୍କ ରାୱତ୍ ୩୬ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର କୋହନ୍ ରାଜେ ୨ ଉଇକେଟ୍ ନେଇଥିଲେ। ମୁମ୍ବାଇ ଟିମ୍ ୧୫.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୩ ରନ୍ କରି ହାରିଥିଲା। ଦଳ ପକ୍ଷରୁ ଅରମାନ୍ ଜାଫେର ୩୪ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ମୟାଙ୍କ ରାୱତ୍ ୩ ଉଇକେଟ୍ ନେଇଥିଲେ। ଏଥିରେ ସାପିଏନ୍ସ ୬୭ ରନ୍‌ରେ ବିଜୟୀ ହୋଇଥିଲା। ସାପିଏନ୍ସ ଦିଲ୍ଲୀର ମୟାଙ୍କଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଇଥିଲା।

## ଚାମ୍ପିୟନ୍ସ ଟ୍ରଫି ପାଇଁ ପାକିସ୍ତାନ ଦଳ ଅପରିବର୍ତ୍ତିତ

**କରାଚୀ, ୧୧।୨ (ପି.ଟି.):** ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ପାଇଁ ପାକିସ୍ତାନ ଏହାର ପୂର୍ବ ଘୋଷିତ ୧୫ ଜଣିଆ ଦଳ ଅପରିବର୍ତ୍ତିତ ରଖିଛି। ଦଳରେ ତେତେଜଣ ଖେଳାଳିଙ୍କୁ ନିଆଯାଇଥିଲା ଯାହାକୁ ନେଇ ବ୍ୟାପକ ସମାଲୋଚନା କରାଯାଇଥିଲା। ତେବେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଚେୟାରମ୍ୟାନ ଓ ଚୟନକର୍ତ୍ତାମାନେ ମିଳିତ ଭାବେ ସମୀକ୍ଷା କରିବା ପରେ ଦଳକୁ ଅପରିବର୍ତ୍ତିତ ରଖାଯାଇଛି। ଖବର ଅନୁସାରେ ଖୁସ୍‌ଦିଲ ଶାହା ଓ ଅଲରାଉଣ୍ଡର ଫାହିମ ଅଶ୍ରଫଙ୍କୁ ନେଇ ସମାଲୋଚନା ହୋଇଥିଲା। ଅଧିନାୟକ ମହମ୍ମଦ ରିଜୱାନ ମଧ୍ୟ ଦଳ ମନୋନୟନ ସପକ୍ଷରେ ମତ ଦେଇଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନର ଫର୍ମରେ ଥିବା ଓପନର ସଇମ ଆୟୁବଙ୍କ ଆଣ୍ଠୁରେ ଆଘାତ ଲାଗିବାରୁ ସେ ୧୦ ସପ୍ତାହ ଧରି ଖେଳି ପାରିବେ ନାହିଁ। ଚାମ୍ପିୟନ୍ସ ଟ୍ରଫି ପାଇଁ ପାକିସ୍ତାନ ଦଳକୁ ଏହା ଶକ୍ତ ଧକ୍କା ଭଳି ହୋଇଛି।

# ଅନୀତାଙ୍କୁ 'ଅଦମ୍ୟ ସାହସ' ପୁରସ୍କାର




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଅନୀତା ସ୍ୱାଇଁ।

**ଭୁବନେଶ୍ୱର, ୧୧।୨ (ବିଜୟ ରଣା)**

ଚଣ୍ଡିଗଡ଼ରେ ଅନୁଷ୍ଠିତ ୩୧ତମ ନ୍ୟାଶନାଲ ଆଡଭେଞ୍ଚର ଫେଷ୍ଟିଭାଲରେ ବୈଧତା ସମାରୋହରେ ଅଗ୍ରଣୀ ପର୍ବତାରୋହୀ ଅନୀତା ସ୍ୱାଇଁଙ୍କୁ 'ଅଦମ୍ୟ ସାହସୀ' ପୁରସ୍କାରରେ ସମ୍ମାନିତ କରାଯାଇଛି। ଅନୀତା ହେଉଛନ୍ତି ଆଶା (ଆସୋସିଏଶନ ଅଫ୍ ଆଡଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ)ର ଜଣେ ସଭ୍ୟ। ପର୍ବତାରୋହଣ ଓ ଦୁଃସାହସିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ରଖୁଥିବା ବ୍ୟକ୍ତିବିଶେଷଙ୍କୁ 'ଅଦମ୍ୟ ସାହସ' ପୁରସ୍କାରରେ ସମ୍ମାନିତ କରାଯାଇଥାଏ। ଏହି ଉତ୍ସବରେ ଚଣ୍ଡିଗଡ଼ ରାଇଟ୍ ଟୁ ସର୍ଭିସ କମିଶନର ଚିଫ୍ କମିଶନର ମହାବୀର ସିଂ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ହରିୟାଣା

**ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲ**

ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଏନ୍‌ଏସି (ଭାରତ)ର ସଭାପତି ଏସ୍. ସି. ଚୌଧାରୀ ପ୍ରମୁଖ ଯୋଗ ଦେଇଥିଲେ। ଅନୀତା ଗତବର୍ଷ ଜୁଲାଇ ୨୩ରେ ମସ୍କୋରେ ଥିବା ୟୁରୋପର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲ୍‌ବ୍ରସକୁ ସଫଳତାର ସହ ଆରୋହଣ କରିଥିଲେ। ସେ ଆହୁରି ମଧ୍ୟ ୨୦୨୩ ଜୁଲାଇ ୧୩ରେ ଆଫ୍ରିକାର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ କିଲିମାଞ୍ଜାରୋ ଆରୋହରଣ କରିଥିଲେ। ସେହିବର୍ଷ ଅଗଷ୍ଟ ୧୧ରୁ ୨୬ ସେ ଲଦାଖର ଦ୍ୱୈତ ଶୃଙ୍ଗ ମାଉଣ୍ଟ ଡିଓ ଜୋଙ୍ଗୋ ଓ କାଙ୍ଗ୍‌ୟାଚ୍‌ସି ଆରୋହଣ କରିଥିଲେ। ଅନୀତାଙ୍କୁ ୩୧, ୦୦୦ ଟଙ୍କା ପୁରସ୍କାର ସହ ଏକ ରୌପ୍ୟ ଫଳକ ପ୍ରଦାନ କରାଯାଇଥିଲା। ଏହି ଅବସରରେ 'ଆଶା'ର ସଭାପତି ଲ୍ୟୁଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ନାରାୟଣ ମହାନ୍ତି, ଉପଦେଷ୍ଟା ଅଶୋକ ମହାନ୍ତି, ଏଭରେଷ୍ଟର ତଥା ସମ୍ପାଦକ ଗଣେଶ ଜେନା, ଯୁଗ୍ମ ସମ୍ପାଦକ ଶିବ ଶଙ୍କର ପଣ୍ଡା, କୋଷାଧ୍ୟକ୍ଷ ବିକ୍ରମ କେଶରୀ ଦାସ, ଉପସଭାପତି ଶକ୍ତି ରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟ ସଦସ୍ୟଗଣ ଅନୀତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ